
# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୬/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, August 6/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୨୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 253 | ମୂଲ୍ୟ ₹୭/-


**ମନୁ ଭାକର ଭାରତୀୟ ଦଳର ପତାକାବାହକ**

ପ୍ୟାରିସ ଅଲିମ୍ପିକ୍ସ ଉଦ୍‌ଯାପନୀ ପାଇଁ ଭାରତୀୟ ଦଳର ପତାକା ବାହକ ମନୋନୀତ ହୋଇଛନ୍ତି ଶୁଟର ମନୁ ଭାକର। **୧୫**

**୧୧** **ରାଗିଗଲେ ଅଙ୍କିତା**

ସ୍ୱାମୀ ଭିକି ଜୈନଙ୍କ ଜନ୍ମଦିନ ପାର୍ଟିରେ ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ଫିଲ୍ମ ନିର୍ମାତା ସନ୍ଦିପ ସିଂଙ୍କ ଉପରେ ରାଗିଥିବା ନେଇ ଏକ ଭିଡିଓ ଭାଇରାଲ ହେଉଛି।




# ସେନା ହାତରେ ବାଂଲାଦେଶ

## ଦେଶ ଛାଡ଼ି ପଳାଇଲେ ହାସିନା



ଶେଖ୍ ହାସିନା

ଢାକା/ନୂଆଦିଲ୍ଲୀ,୫।୮

ବାଂଲାଦେଶରେ ସଂରକ୍ଷଣ ବିରୋଧୀ ଆନ୍ଦୋଳନର ନିଆଁ ଗୃହଯୁଦ୍ଧ ସ୍ଥିତି ଉପୁଜାଇଛି। ଆନ୍ଦୋଳନରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ପରେ ସବୁକିଛି ଅଣାୟତ୍ତ ହୋଇଯାଇଛି। ଏକ ନାଟକୀୟ ଘଟଣାକ୍ରମରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ବିକ୍ଷୋଭକାରୀଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହାର କିଛି ସମୟ ପରେ ସେ ଦେଶ ଛାଡ଼ି ପଳାୟନ କରିଛନ୍ତି। ହାସିନା ନିଜ ଭଉଣୀ ଶେଖ୍ ରେହାନାଙ୍କ ସହ ବାଂଲାଦେଶର ସେନା ବିମାନ ସି-୧୩୦ଜେ'ରେ ତ୍ରିପୁରାର ଅଗରତାଲାରେ ଅବତରଣ କରିବା ପରେ ଉତ୍ତରପ୍ରଦେଶସ୍ଥିତ ଗାଜିଆବାଦର ହିଣ୍ଡନ ଏୟାରବେସ୍‌କୁ ଆସିଥିଲେ। ହାସିନା ସେଠାରେ ସ୍ୱଳ୍ପକାଳୀନ ଅବସ୍ଥାନ ପରେ ଲଣ୍ଡନ ଅଭିମୁଖେ ଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା କୂଟନୈତିକ ସୂତ୍ରରୁ ପ୍ରକାଶ। ଇତିମଧ୍ୟରେ ସେନା ଦେଶର କ୍ଷମତା ହାତକୁ ନେଇ ଅନ୍ତରୀଣ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି।



ଶେଖ୍ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ପଳାୟନ କରିବା ପରେ ଢାକାରେ ଉତ୍ସବ ମନାଉଛନ୍ତି ବିକ୍ଷୋଭକାରୀ।

ବଙ୍ଗବନ୍ଧୁ ନାମରେ ପରିଚିତ ବାଂଲାଦେଶ ପ୍ରତିଷ୍ଠାତା ଶେଖ୍ ମୁଜିବୁର ରହମାନଙ୍କ ୭୬ ବର୍ଷୀୟା ଝିଅ ଶେଖ୍ ହାସିନା ଏହି ଦକ୍ଷିଣ ଏସୀୟ ରାଷ୍ଟ୍ରକୁ ୨୦୦୯ରୁ ଶାସନ କରିଆସୁଥିଲେ। ସେ ରେକର୍ଡ ସଂଖ୍ୟକ ଲଗାତର ୪ ଥର ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଥିଲେ। ଗତ ଜାନୁଆରୀରେ ଅନୁଷ୍ଠିତ ସାଧାରଣ ନିର୍ବାଚନକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ନେତୃତ୍ୱାଧୀନ ମୁଖ୍ୟ ବିରୋଧୀ ଦଳ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ବର୍ଜନ କରିଥିବାବେଳେ ହାସିନା ପଞ୍ଚମ ଥର ପାଇଁ ବିଜୟୀ ହୋଇ କ୍ଷମତାସୀନ ହୋଇଥିଲେ। ଇତିମଧ୍ୟରେ ୧୯୭୧ ମୁକ୍ତି ଯୁଦ୍ଧ (ବାଂଲାଦେଶ ସ୍ୱାଧୀନତା ଆନ୍ଦୋଳନ) ଲଢ଼ିଥିବା ସ୍ୱାଧୀନତା ସଂଗ୍ରାମୀ (ମୁକ୍ତିଯୋଦ୍ଧା)ଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତିରେ ୩୦ ପ୍ରତିଶତ ସଂରକ୍ଷଣକୁ ବିରୋଧ କରି ଗତ ଜୁଲାଇ ୧୯ରେ ବିକ୍ଷୋଭ ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମେ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ବିକ୍ଷୋଭକାରୀଙ୍କ କହିବା ହେଲା ସଂରକ୍ଷଣ ବ୍ୟବସ୍ଥାରେ ଶାସକ ଆୱାମି ☞ପୃଷ୍ଠା-୪

# ଦିନକରେ ନିବେଶକ ହରାଇଲେ ୧୫ଲକ୍ଷ କୋଟି

ନୂଆଦିଲ୍ଲୀ,୫।୮



ସେନ୍‌ସେକ୍ସ ୨୨୨୩ ପଏଣ୍ଟ, ନିଫ୍ଟି ୬୬୨ ପଏଣ୍ଟ ଖସିଲା

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀ ଏବଂ ଦରବୃଦ୍ଧି ଯୋଗୁ ଭାରତୀୟ ଷ୍ଟକ୍ ମାର୍କେଟରେ ସୋମବାର ଏକ ବଡ଼ଧରଣର ହ୍ରାସ ଘଟିଛି। ଏପରିକି ଘରୋଇ ଶେୟାର ବଜାର କାରବାରର ପ୍ରଥମ ଦିନ ବା ଦିନକରେ ନିବେଶକ ପ୍ରାୟ ୧୫ଲକ୍ଷ କୋଟି ଟଙ୍କାର ନିବେଶ ହାରଇଛନ୍ତି। ଫଳରେ ପୁଞ୍ଜି ବଜାରର ପରିମାଣ ପ୍ରାୟ ୪୪୨.୦ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ ପୁଞ୍ଜି ବଜାରର ପରିମାଣ ବା ପୂର୍ବ କାର୍ଯ୍ୟ ଦିବସର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪୫୭.୦ ଲକ୍ଷ କୋଟି ଥିଲା। ଏପରିକି ସୋମବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୧୫ ଲକ୍ଷ କୋଟି ହ୍ରାସ ପାଇ ୪୪୨.୦ଲକ୍ଷ କୋଟିରେ ରହିଛି।

ଉଲ୍ଲେଖଯୋଗ୍ୟ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସଇ ସେନ୍‌ସେକ୍ସ ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ବା ଏନଏସଇ ନିଫ୍ଟିରେ କାରବାର ମାନ୍ଦା ସହିତ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ୟୁଏସ ଫେଡେରାଲ ପ୍ରଭାବରେ ଘରୋଇ ଶେୟାର ବଜାର ଏକ ବଡଧରଣର କ୍ଷତିର ସମ୍ମୁଖୀନ ହୋଇଛି। କାରଣ କ୍ରମାଗତ ୨ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିବା ସହିତ ନିବେଶକଙ୍କୁ ବଜାର ନିରାଶ କରିଛି।

ଅପରପକ୍ଷରେ ବିଏସଇ ସେନ୍‌ସେକ୍ସର ମିଡକ୍ୟାପ ୩.୬୦% ଏବଂ ସ୍ମଲ କ୍ୟାପ ମଧ୍ୟ ୪.୨୧%ର କାରବାର ହ୍ରାସ ହୋଇଛି। ଫଳରେ ବିଏସଇ ୩୦ ବିଶିଷ୍ଟ ସେନ୍‌ସେକ୍ସର ପ୍ରମୁଖ ନିବେଶକମାନେ ବଡଧରଣର କ୍ଷତି ସହିଥିଲାବେଳେ ନିଫ୍ଟି ମିଡକ୍ୟାପରେ ମଧ୍ୟ ବୃହତ ହ୍ରାସ ଘଟିଛି। ଏପରିକି ନିଫ୍ଟି ମିଡକ୍ୟାପରେ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ** ହାସିନା ପଳାଇଲେ







# ଭାରତ-ବାଂଲାଦେଶ ଟ୍ରେନ୍ ଚଳାଚଳ ବନ୍ଦ

ନୂଆଦିଲ୍ଲୀ,୫।୮

ଭାରତରୁ ବାଂଲାଦେଶକୁ ଯାଉଥିବା ସମସ୍ତ ଟ୍ରେନ୍ ଚଳାଚଳ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ପଡ଼ୋଶୀ ଦେଶରେ ସୃଷ୍ଟି ହୋଇଥିବା ଅଶାନ୍ତ ପରିବେଶକୁ ଦୃଷ୍ଟିରେ ରଖି ସୋମବାର ଏହି ନିଷ୍ପତ୍ତି ନିଆଯାଇଥିବା ରେଳୱେ ଅଧିକାରୀମାନେ ସୂଚନା ଦେଇଛନ୍ତି। ରେଳ ମନ୍ତ୍ରଣାଳୟରୁ ମିଳିଥିବା ସୂଚନାନୁସାରେ ମୈତ୍ରୀ ଏକ୍ସପ୍ରେସ୍, ବନ୍ଧନ ଏକ୍ସପ୍ରେସ୍ ଓ ମିତାଲି ଏକ୍ସପ୍ରେସ୍ ଜୁଲାଇ ମଧ୍ୟଭାଗରେ ଶେଷ ଥର ପାଇଁ ଚଳାଚଳ କରିଥିଲା।

## ଏୟାର ଇଣ୍ଡିଆ, ଇଣ୍ଡିଗୋ ଉଡ଼ାଣ ରଦ୍ଦ

ବାଂଲାଦେଶରେ ସଂରକ୍ଷଣ ବିରୋଧୀ ହିଂସାକୁ ଦୃଷ୍ଟିରେ ରଖି ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯାଇଛି।

ଢାକାସ୍ଥିତ ହଜରତ୍ ଶାହଜଲାଲ ଅନ୍ତର୍ଜାତୀୟ ବିମାନବନ୍ଦରକୁ ସୋମବାର ଅପରାହ୍ନ ୫ଟା ୫୪ରୁ ବନ୍ଦ କରିଦିଆଯାଇଛି। ଏଥିଯୋଗୁ ଭାରତରୁ ଢାକାକୁ ଯିବାକୁ ଥିବା ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ବିମାନଗୁଡ଼ିକର ଉଡ଼ାଣ ରଦ୍ଦ କରିଦିଆଯାଇଛି। ତେବେ ମୁମ୍ବାଇରୁ ☞ପୃଷ୍ଠା-୪

# ଭାଇରାଲ ହେଉଛି ଅସ୍ମିତା ପ୍ରସଙ୍ଗ

ଭୁବନେଶ୍ୱର,୫।୮(ଅନିଲ ଦାସ)

ଓଡ଼ିଶାର ପ୍ରଶାସନିକ ବ୍ୟବସ୍ଥାରେ ଆଶାନୁରୂପ ପରିବର୍ତ୍ତନ ଘଟୁନାହିଁ ବୋଲି ସାମାଜିକ ଗଣମାଧ୍ୟମରେ ଅନେକ ପୋଷ୍ଟ ଭାଇରାଲ ହେଉଥିବା ଲକ୍ଷ୍ୟ କରାଯାଉଛି। ଅସ୍ମିତା ଶବ୍ଦ ବ୍ୟବହାର କରି ନିର୍ବାଚନରେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଥିବା ଭାରତୀୟ ଜନତା ପାର୍ଟି(ଭାଜପା) ସେହି ଅସ୍ମିତାକୁ ଜଳାଞ୍ଜଳି ଦେଇଛି ବୋଲି ମତ ପ୍ରକାଶ ପାଉଛି।

ରାଜ୍ୟରେ ଏବେ ଅସ୍ଥାୟୀ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ଅରୁଣ ଷଡ଼ଙ୍ଗୀ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାର ଇତିମଧ୍ୟରେ ସ୍ଥାୟୀ ଡିଜିପି ନିଯୁକ୍ତି କରିବା ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏକ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୩ ଜଣ ଅଣଓଡ଼ିଆ ବରିଷ୍ଠ ଆଇପିଏସ୍ ଅଫିସର ଅରୁଣ କୁମାର ରାୟ, ଏସ୍. ଏମ୍. ନରଭାଣେ ଏବଂ ୱାଇ.ବି. ଖୁରାନିଆଙ୍କ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଗୃହ ବିଭାଗକୁ ସବିଶେଷ ତଥ୍ୟ ମାଗିଥିବା ଜଣାପଡ଼ିଛି। ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ଅରୁଣ ରାୟ ଏବେ ରାଜ୍ୟ ସରକାରଙ୍କ ପ୍ରିଣ୍ଟିଂ-ଷ୍ଟେସନେରୀ ଏବଂ ପବ୍ଲିକେଶନ ନିର୍ଦ୍ଦେଶକ ଥିବାବେଳେ ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ଏସ୍.ଏମ୍. ନରଭାଣେ ରାଜ୍ୟ ଗୃହ ବିଭାଗରେ ଓଏସ୍‌ଡି ଅଛନ୍ତି। ସେହିପରି ୧୯୯୦ ବ୍ୟାଚ୍ ୱାଇ. ବି. ଖୁରାନିଆ ନିକଟରେ କେନ୍ଦ୍ରୀୟ ଡେପୁଟେଶନରୁ ଓଡ଼ିଶା ଫେରିଛନ୍ତି। ଖୁରାନିଆଙ୍କ ପ୍ରତ୍ୟାବର୍ତ୍ତନ ପରେ ସେ ଓଡ଼ିଶାର ପରବର୍ତ୍ତୀ ଡିଜିପି ହେବା ନେଇ ଚର୍ଚ୍ଚା ହେଉଛି।

ଏଠାରେ ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀର ଓ ପାକିସ୍ତାନ ସଂଲଗ୍ନ ସମ୍ବେଦନଶୀଳ ସୀମାରେ ମୁତୟନ ଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ମହାନିର୍ଦ୍ଦେଶକ (ଡିଜି) ନିତୀନ ଅଗ୍ରୱାଲ ଏବଂ ଡେପୁଟି ସ୍ପେଶାଲ ଡିଜି ଖୁରାନିଆଙ୍କୁ ତାଙ୍କ କେନ୍ଦ୍ରୀୟ ଡେପୁଟେଶନ ଅବଧି ଶେଷ ହେବା ପୂର୍ବରୁ ତତ୍କାଳ ପ୍ରଭାବରୁ କେନ୍ଦ୍ର ☞ପୃଷ୍ଠା-୪






# ସ୍କୁଲ ଯିବାବେଳେ ଚାପିଦେଲା ଟ୍ରକ୍

- ୨ ଛାତ୍ରଙ୍କ ସମେତ ଅଭିଭାବକ ମୃତ
- ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଯୋଡ଼ା,୫।୮(ମାନସ ମହାନ୍ତି)



ମୃତଦେହ ରଖି ଲୋକେ ରାସ୍ତାରୋକୋ କରିଛନ୍ତି।

କେନ୍ଦୁଝର ଜିଲା ଯୋଡ଼ା ଦେଇ ଯାଇଥିବା ୨ନଂ. ରାଜ୍ୟ ରାଜପଥର ଫ୍ଲାଏ ଓଭର ସଂଯୋଗ ରାସ୍ତା ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ୨ ଛାତ୍ରଙ୍କ ସମେତ ଅଭିଭାବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ହେଲେ ଆଜାଦ ବସ୍ତି ଅଞ୍ଚଳର କ୍ରିଷ୍ଣା ଭୁସାଲ(୪୦), ତାଙ୍କ ୫ ବର୍ଷର ପୁଅ ନିକିତ ଭୁସାଲ ଓ ପଡ଼ୋଶୀ ସନ୍ତୋଷ ଶର୍ମାଙ୍କ ପୁଅ ଗଣେଶ ଶର୍ମା। ନିକିତ ୟୁକେଜିରେ ପଢୁଥିବା ବେଳେ ଗଣେଶ ଷ୍ଟାଣ୍ଡାର୍ଡ-୧ରେ ପଢୁଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, କ୍ରିଷ୍ଣା ତାଙ୍କ ପୁଅ ନିକିତ ଓ ପଡ଼ୋଶୀଙ୍କ ପୁଅ ଗଣେଶଙ୍କୁ ବାଇକ୍ ☞ପୃଷ୍ଠା-୪

# ଆଜି କିଶୋରଙ୍କ ଅଲିମ୍ପିକ୍ସ ପଦାର୍ପଣ

ଭୁବନେଶ୍ୱର,୫।୮(ତପନ ସ୍ୱାଇଁ)



କିଶୋର ଜେନା

ଓଡ଼ିଶାର ଜାଭେଲିନ୍ ଥ୍ରୋ ପ୍ରତିଭା କିଶୋର ଜେନା ମଙ୍ଗଳବାର ଅଲିମ୍ପିକ୍ସରେ ପଦାର୍ପଣ କରିବେ। ପ୍ୟାରିସ ଅଲିମ୍ପିକ୍ସର ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସେ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ଏଥର କିଶୋରଙ୍କ ସମେତ ହକି ଖେଳାଳି ଅମିତ ରୋହିଦାସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଛନ୍ତି। ଗ୍ରେଟ ବ୍ରିଟେନ ବିପକ୍ଷ କ୍ୱାର୍ଟର ଫାଇନାଲ ଅବସରରେ ରେଡ୍‌କାର୍ଡ ପାଇ ଗୋଟିଏ ମ୍ୟାଚରୁ ସସପେଣ୍ଡ ହୋଇଥିବା ଅମିତଙ୍କ ପାଇଁ ଏହା ଦ୍ୱିତୀୟ ଅଲିମ୍ପିକ୍ସ। ମାତ୍ର କିଶୋର ଏଥର ପ୍ରଥମଥରପାଇଁ ଅଲିମ୍ପିକ୍ସର ଅଭିଜ୍ଞତା ହାସଲ କରିବେ। ଅଲିମ୍ପିକ୍ସର ପୁରୁଷ ଜାଭେଲିନ୍ ଥ୍ରୋ 'ଏ' ଗ୍ରୁପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଅପରାହ୍ନ ୧ଟା ୫୦ରେ ଆରମ୍ଭ ହେବ। କିଶୋର ଏହି ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଦିଲୀପ ତିର୍କୀ, ଲାଜରୁସ ବାର୍ଲା, ରଚିତା ପଣ୍ଡା ମିସ୍ତ୍ରୀ, ଅନୁରାଧା ବିଶ୍ୱାଳ, ଇଗ୍ନେସ ତିର୍କୀ, ୱିଲିୟମ ଖାଲ୍‌କୋ, ବୀରେନ୍ଦ୍ର ଲାକ୍ରା, କେ. ରବିକୁମାର, ☞ପୃଷ୍ଠା-୪


ବିକ୍ଷୋଭକାରୀମାନେ ଶେଖ୍ ହାସିନାଙ୍କ ପ୍ୟାଲେସ୍ ଉପରେ ଚଢ଼ି ସ୍ଲୋଗାନ ଦେଉଛନ୍ତି।

# ୫ ଥର କ୍ଷମତାସୀନ, ନାଟକୀୟ ପଳାୟନ

ଢାକା/ନୂଆଦିଲ୍ଲୀ, ୫।୮ (ପି.ଟି.)

ବାଂଲାଦେଶ ପ୍ରଧାନମନ୍ତ୍ରୀ ତଥା ଆୱାମି ଲିଗ୍ ଦଳର ନେତ୍ରୀ ଶେଖ୍ ହାସିନା କ୍ରମାଗତ ଚତୁର୍ଥ ଥର ପାଇଁ ନିର୍ବାଚିତ ହୋଇଥିବାବେଳେ ସେ ମୋଟ ୫ ଥର ସରକାର ଗଢ଼ିଥିଲେ। ଲୌହ ମାନବୀ କୁହାଯାଉଥିବା ହାସିନାଙ୍କୁ ସୋମବାର ନାଟକୀୟ ଭାବେ ନିଜ ପଦବୀରୁ ଇସ୍ତଫା ଦେଇ ଦେଶ ଛାଡ଼ି ପଳାଇଯିବାକୁ ପଡ଼ିଛି।

ଏକଦା ସାମରିକ ଶାସନାଧୀନ ଥିବା ବାଂଲାଦେଶକୁ ହାସିନା ସ୍ଥିର ସରକାର ଦେଇଥିଲେ। ସେ ବିଶ୍ୱରେ ସର୍ବାଧିକ ସମୟ ଏକ ସରକାରର ମହିଳା ମୁଖ୍ୟ ରହିବାରେ ରେକର୍ଡ କରିଛନ୍ତି। ତେବେ ବିରୋଧୀମାନେ ତାଙ୍କୁ ଏକଛତ୍ରବାଦୀ କହି ସମାଲୋଚନା କରିଥାନ୍ତି। ବାଂଲାଦେଶର ପ୍ରତିଷ୍ଠାତା ଶେଖ୍ ମୁଜିବୁର ରହମାନଙ୍କ ୭୬ ବର୍ଷୀୟା ଝିଅ ହାସିନା ୨୦୦୯ରୁ ବାଂଲାଦେଶକୁ ଶାସନ କରି ଆସୁଥିଲେ। ଗତ ଜାନୁଆରୀରେ ସେ କ୍ରମାଗତ ଚତୁର୍ଥ ଥର ପାଇଁ ବିଜୟୀ ହୋଇ ରେକର୍ଡ କରିଥିଲେ। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ନେତୃତ୍ୱାଧୀନ ମୁଖ୍ୟ ବିରୋଧୀ ଦଳ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) ଏହି ନିର୍ବାଚନକୁ ବର୍ଜନ କରିଥିଲା।

୧୯୪୭ ସେପ୍ଟେମ୍ବରରେ ପୂର୍ବ ପାକିସ୍ତାନ (ବର୍ତ୍ତମାନର ବାଂଲାଦେଶ)ରେ ଜନ୍ମିତ ହାସିନା ୬୦ ଦଶକର ଶେଷ ଭାଗରେ ଢାକା ୟୁନିଭର୍ସିଟିରେ ପଢ଼ୁଥିବାବେଳେ ରାଜନୀତିରେ ସକ୍ରିୟ ଭାବେ ଭାଗ ନେଇଥିଲେ। ପାକିସ୍ତାନୀ ସରକାର ରହମାନଙ୍କୁ ଜେଲରେ ରଖିବାରୁ ଝିଅ ହାସିନା ତାଙ୍କ ରାଜନୈତିକ ଲିଆଇସନ ଭାବେ କାର୍ଯ୍ୟ କରିଥିଲେ। ୧୯୭୧ରେ ପାକିସ୍ତାନଠାରୁ ବାଂଲାଦେଶ ସ୍ୱାଧୀନ ହେବା ପରେ ରହମାନ ରାଷ୍ଟ୍ରପତି ଓ ପରେ ପ୍ରଧାନମନ୍ତ୍ରୀ ହୋଇଥିଲେ। ତେବେ ୧୯୭୫ ଅଗଷ୍ଟରେ ତତ୍କାଳୀନ ସେନା ଅଧିକାରୀମାନେ ରହମାନ, ତାଙ୍କ ସ୍ତ୍ରୀ ଏବଂ ୩ ପୁଅଙ୍କୁ ସେମାନଙ୍କ ବାସଭବନରେ ହତ୍ୟା କରିଥିଲେ। ହାସିନା ଏବଂ ତାଙ୍କ ସାନ ଭଉଣୀ ରେହନା ବିଦେଶରେ ଥିବାରୁ ବଞ୍ଚିଯାଇଥିଲେ। ଭାରତରେ ୬ ବର୍ଷ ନିର୍ବାସନରେ ରହିବା ପରେ ହାସିନା ତାଙ୍କ ବାପାଙ୍କ ପ୍ରତିଷ୍ଠିତ ଦଳ ଆୱାମୀ ଲିଗ୍‌ର ନେତ୍ରୀ ନିର୍ବାଚିତ ହୋଇଥିଲେ।

୧୯୮୧ରେ ହାସିନା ସ୍ୱଦେଶ ଫେରି ସାମରିକ ଶାସନରୁ ଦେଶକୁ ମୁକ୍ତ କରିବା ପାଇଁ ଜୋର୍‌ଦାର ଉଦ୍ୟମ ଆରମ୍ଭ କରିଥିଲେ। ଫଳରେ ତାଙ୍କୁ ବାରମ୍ବାର ଗୃହବନ୍ଦୀ ରଖାଯାଇଥିଲା। ୧୯୯୧ ସାଧାରଣ ନିର୍ବାଚନରେ ହାସିନାଙ୍କ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହେବାରୁ ବିଏନ୍‌ପି ନେତ୍ରୀ ଖାଲେଦା ଜିଆ ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହାର ୫ ବର୍ଷ ପରେ ୧୯୯୬ ସାଧାରଣ ନିର୍ବାଚନରେ ହାସିନାଙ୍କ ଆୱାମି ଲିଗ୍ ବିଜୟୀ ହୋଇଥିଲା ଓ ସେ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଥିଲେ। ସେ ୨୦୦୧ରେ କ୍ଷମତାରୁ ଯିବା ପରେ ୨୦୦୮ରେ ପୁନର୍ବାର ବିଜୟୀ ହୋଇଥିଲେ। ୨୦୦୪ରେ ତାଙ୍କର ଏକ ରାଲିରେ ଗ୍ରେନେଡ୍ ବିସ୍ଫୋରଣ ହୋଇଥିବାବେଳେ ସେ ହତ୍ୟା ଉଦ୍ୟମରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ୨୦୦୯ରେ କ୍ଷମତାକୁ ଆସିବା ପରେ ହାସିନା ୧୯୭୧ର ଯୁଦ୍ଧ ଅପରାଧୀମାନଙ୍କ ବିଚାର ପାଇଁ ଏକ ଟ୍ରିବ୍ୟୁନାଲ ଗଢ଼ିଥିଲେ। ଉକ୍ତ ଟ୍ରିବ୍ୟୁନାଲ କେତେଜଣ ହାଇପ୍ରୋଫାଇଲ ବିରୋଧୀ ନେତାଙ୍କୁ ଦୋଷୀସାବ୍ୟସ୍ତ କରିବାରୁ ଦେଶରେ ହିଂସାତ୍ମକ ଆନ୍ଦୋଳନ ହୋଇଥିଲା। ବିଏନ୍‌ଏସ୍‌ର ସହଯୋଗୀ ଦଳ ଜମାତ୍-ଇ-ଇସ୍‌ଲାମୀକୁ ୨୦୧୩ ନିର୍ବାଚନ ଲଢ଼ିବାରୁ ବ୍ୟାନ୍ କରାଯାଇଥିଲା। ଦୁର୍ନୀତି ଅଭିଯୋଗରେ ବିଏନ୍‌ପି ନେତ୍ରୀ ଖାଲେଦାଙ୍କୁ ୧୭ ବର୍ଷ ଜେଲଦଣ୍ଡ ହୋଇଥିଲା। ୨୦୨୪ ସାଧାରଣ ନିର୍ବାଚନ ଏକ ଅଣରାଜନୈତିକ କାମଚଳା ସରକାରଙ୍କ ତତ୍ତ୍ୱାବଧାନରେ କରାଯିବାକୁ ଦାବି କରି ବିଏନ୍‌ଏସ୍ ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ଭୋଟ ବର୍ଜନ କରିଥିଲେ। ନିର୍ବାଚନରେ ବିଜୟୀ ହୋଇ ହାସିନା କ୍ରମାଗତ ୪ର୍ଥ ଥର ସରକାର ଗଢ଼ିବାର ୬ ମାସ ପରେ ବିବାଦୀୟ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଜୋର୍‌ଦାର ବିରୋଧର ସମ୍ମୁଖୀନ ହୋଇଥିଲେ। ୧୯୭୧ ବାଂଲା ମୁକ୍ତି ଯୁଦ୍ଧର ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ସରକାରୀ ଚାକିରିରେ ୩୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରି ଦେଶବ୍ୟାପୀ ହିଂସାତ୍ମକ ଆନ୍ଦୋଳନରେ ୩୦୦ରୁ ଅଧିକ ଲୋକଙ୍କ ଜୀବନ ଯିବା ପରେ ହାସିନା ପ୍ରଧାନମନ୍ତ୍ରୀ ପଦ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି।


ବାଂଲାଦେଶର ପ୍ରତିଷ୍ଠାତା ଶେଖ୍ ମୁଜିବୁର ରହମାନଙ୍କ ପ୍ରତିମୂର୍ତ୍ତିକୁ ହାତୁଡ଼ିରେ ଭାଙ୍ଗୁଛନ୍ତି ଜଣେ ବିକ୍ଷୋଭକାରୀ।

## ନିଆଁରେ ଘିଅ ଢାଳିଥିଲେ ହାସିନା

ଏକଦା ବାଂଲାଦେଶକୁ ସାମରିକ ଶାସନରୁ ରକ୍ଷା କରିଥିବା ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଗୋଟିଏ ମନ୍ତବ୍ୟ ସେନା ହାତକୁ କ୍ଷମତା ବଢ଼ାଇଦେଇଛି। ଦେଶରେ ସଂରକ୍ଷଣ ବିରୋଧୀ ହିଂସା ଥମି ଆସୁଥିବାବେଳେ ହାସିନା କହିଥିଲେ, ଯଦି ସ୍ୱାଧୀନତା ସଂଗ୍ରାମୀଙ୍କ ନାତୁଣୀନାତି ସଂରକ୍ଷଣ ସୁବିଧା ନ ପାଇବେ ତେବେ କିଏ ପାଇବ? ରଜକରଙ୍କ ବଂଶଧର ପାଇବେ କି ବୋଲି ସେ ଦେଶବାସୀଙ୍କୁ ପ୍ରଶ୍ନ କରିଥିଲେ। ବିକ୍ଷୋଭକାରୀମାନେ ନ ମାନିଲେ ମୁଁ କିଛି କରିପାରିବି ନାହିଁ। ସେମାନେ ବିକ୍ଷୋଭ ଜାରି ରଖିପାରନ୍ତି। ବିକ୍ଷୋଭକାରୀ ଯଦି ସମ୍ପତ୍ତି ନଷ୍ଟ କିମ୍ବା ପୋଲିସକୁ ଆକ୍ରମଣ କରନ୍ତି, ତେବେ ଆଇନ ତା' କାମ କରିବ। ଆମେ କିଛି ସାହାଯ୍ୟ କରିପାରିବୁ ନାହିଁ। ହାସିନାଙ୍କ ଏହି 'ରଜକର' ମନ୍ତବ୍ୟ ଆନ୍ଦୋଳନର ନିଆଁରେ ଘିଅ ଢାଳିବା ସଦୃଶ ଥିଲା। ୧୯୭୧ ମୁକ୍ତିଯୁଦ୍ଧ ବେଳେ ପାକିସ୍ତାନ ସେନା ପକ୍ଷରୁ ନିଯୁକ୍ତ ଅର୍ଦ୍ଧସାମରିକ ବଳ 'ରଜକର' ଗଣହତ୍ୟା, ଗଣବଳାତ୍କାର ଓ ନିର୍ଯାତନା ପାଇଁ କୁଖ୍ୟାତ ଥିଲେ।



## ଆନ୍ଦୋଳନକାରୀଙ୍କ ୧୫ ଦଫା ଦାବି

**ଆଣ୍ଟି-ଡିସ୍‌କ୍ରିମିନେଶନ ଷ୍ଟୁଡେଣ୍ଟ ମୁଭ୍‌ମେଣ୍ଟର ଆୟୋଜକମାନଙ୍କ ପକ୍ଷରୁ ସୋମବାର ୧୫ ଦଫା ଦାବି ନେଇ ଅସହଯୋଗ ଆନ୍ଦୋଳନକୁ ଜୋର୍‌ଦାର କରାଯାଇଛି। ରବିବାର ସେମାନେ କେବଳ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଇସ୍ତଫା ଦାବିରେ ରାସ୍ତାକୁ ଓହ୍ଲାଇଥିଲେ। ସୋମବାର ଆଣିଥିବା ୧୫ ଦଫା ଦାବିଗୁଡ଼ିକ ହେଲା:**

୧. କେହି କିଛି ଟିକସ ଦେବେ ନାହିଁ।
୨. କୌଣସି ପ୍ରକାର ବ୍ୟବହାର୍ଯ୍ୟ ବିଲ୍ ପୈଠ କରିବେ ନାହିଁ।
୩. ସମସ୍ତ ସରକାରୀ ଓ ଘରୋଇ ଅନୁଷ୍ଠାନ, କାର୍ଯ୍ୟାଳୟ, କୋର୍ଟ, କଳକାରଖାନା ବନ୍ଦ ରହିବ। କର୍ମଚାରୀମାନେ ଅଫିସ ନ ଯାଇ ମାସ ଶେଷରେ ସେମାନଙ୍କ ଦରମା ନେବେ।
୪. ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିବ।
୫. ପ୍ରବାସୀମାନେ ବ୍ୟାଙ୍କିଙ୍ଗ୍ ଚ୍ୟାନେଲଗୁଡ଼ିକ ଦେଇ ଅର୍ଥରାଶି ପଠାଇବେ ନାହିଁ।
୬. ସମସ୍ତ ସରକାରୀ ସଭା, ସେମିନାର ଓ କାର୍ଯ୍ୟକ୍ରମକୁ ବର୍ଜନ କରାଯିବ।
୭. ବନ୍ଦର କର୍ମଚାରୀମାନେ କାର୍ଯ୍ୟ ବନ୍ଦ ରଖିବା ସହ ପଣ୍ୟଦ୍ରବ୍ୟ ଲୋଡ୍ ଅନ୍‌ଲୋଡ କରିବେ ନାହିଁ।
୮. ମିଲ୍ ଓ ଫ୍ୟାକ୍ଟ୍ରିଗୁଡ଼ିକ ବନ୍ଦ ରହିବ। ଆର୍‌ଏମ୍‌ଜି କର୍ମଚାରୀମାନେ କାମକୁ ଯିବେ ନାହିଁ।
୯. ସାଧାରଣ ପରିବହନ ଶୋ ବନ୍ଦ ରହିବ।
୧୦. ଜରୁରୀ ନେଣଦେଣ ପାଇଁ ବ୍ୟାଙ୍କଗୁଡ଼ିକ କେବଳ ରବିବାର ଖୋଲା ରହିବ।
୧୧. ପୋଲିସ କେବଳ ଥାନାରେ ନିଜର ନିୟମିତ ଡ୍ୟୁଟି କରିବ। ସେମାନେ କୌଣସି ପ୍ରୋଟୋକଲ, ଦଙ୍ଗା କିମ୍ବା ବିକ୍ଷୋଭ ଡ୍ୟୁଟି କରିବେ ନାହିଁ।
୧୨. ଦେଶରୁ ଗୋଟିଏ ବି ଟାକା ବାହାରକୁ ଯିବ ନାହିଁ କିମ୍ବା ବିଦେଶୀ କାରବାର ହେବ ନାହିଁ।
୧୩. ବିଜିବି ଏବଂ ନୌସେନାକୁ ବାଦ୍ ଦେଲେ ଅନ୍ୟ ବଳଗୁଡ଼ିକ କ୍ୟାଣ୍ଟନମେଣ୍ଟ ବାହାରେ ଡ୍ୟୁଟି କରିବେ ନାହିଁ। ବିଜିବି ଏବଂ ନୌସେନା ଯବାନମାନେ ସେମାନଙ୍କ ବାରାକ ଓ ଉପକୂଳ ଅଞ୍ଚଳରେ ରହିବେ।
୧୪. ଅମଲାମାନେ ସଚିବାଳୟ, ଡିସି କିମ୍ବା ଉପଜିଲା କାର୍ଯ୍ୟାଳୟକୁ ଯିବେ ନାହିଁ।
୧୫. ବିଳାସପୂର୍ଣ୍ଣ ସାମଗ୍ରୀ ଦୋକାନ, ଶୋ'ରୁମ୍, ଦୋକାନ, ହୋଟେଲ, ମୋଟେଲ, ରେଷ୍ଟୁରାଣ୍ଟ ବନ୍ଦ ରହିବ। ତେବେ ହସ୍ପିଟାଲ, ଔଷଧ ଶିଳ୍ପ, ଜରୁରୀ ପରିବହନ ସେବା, ଆମ୍ବୁଲାନ୍ସ ସେବା, ଅଗ୍ନିଶମ, ଗଣମାଧ୍ୟମ, ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ, ଜରୁରୀ ଇଣ୍ଟରନେଟ୍ ସେବା, ଜରୁରୀ ରିଲିଫ୍ ସହାୟତା ଏବଂ ଡ୍ୟୁଟିରେ ଥିବା ଅଫିସର ଓ କର୍ମଚାରୀଙ୍କ ପରିବହନକୁ ଉପରୋକ୍ତ ନିର୍ଦ୍ଦେଶାବଳୀରୁ ବାଦ୍ ଦିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନଗୁଡ଼ିକ ସକାଳ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିବ।

## ହତ୍ୟାକାରୀଙ୍କୁ ଆଇନର କାଠଗଡ଼ାକୁ ନିଆଯିବ :ସେନା ମୁଖ୍ୟ

ଶେଖ୍ ହାସିନାଙ୍କ ଇସ୍ତଫା ପରେ ଦେଶରେ କୌଣସି ପ୍ରକାର ଜରୁରୀ ସ୍ଥିତି ଉପୁଜି ନ ଥିବା ସେନା ମୁଖ୍ୟ ଜେନେରାଲ ୱାକର-ଉଜ୍-ଜମାନ କହିଛନ୍ତି। ସ୍ଥିତି ଶାନ୍ତ ରହିଲେ ଏମର୍ଜେନ୍ସି ଜାରିର ଆବଶ୍ୟକ ପଡ଼ିବ ନାହିଁ। ସୈନ୍ୟବାହିନୀ ଅନ୍ତରୀଣ ସରକାର ଗଢ଼ି ଦେଶକୁ ପରିଚାଳନା କରିବ। ସମସ୍ତ ହତ୍ୟାକାରୀ ଏବଂ ଅପରାଧୀଙ୍କୁ ଆଇନର କାଠଗଡ଼ାକୁ ନିଆଯିବ ବୋଲି ସେନାମୁଖ୍ୟ କହିଛନ୍ତି। ଦେଶବାସୀ ବିଶୃଙ୍ଖଳିତ ନ ହେବା ଏବଂ ସୈନ୍ୟବାହିନୀ ଉପରେ ଆସ୍ଥା ରଖିବାକୁ ସେ ନିବେଦନ କରିଛନ୍ତି। ସେନା କିମ୍ବା ପୋଲିସ ଗୁଳି ଚଳାଇବେ ନାହିଁ। ଜନସାଧାରଣଙ୍କ ସବୁ ଦାବିକୁ ଗ୍ରହଣ କରି ତା'ର କାର୍ଯ୍ୟକାରିତା ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସେନାମୁଖ୍ୟ ପ୍ରତିଶ୍ରୁତି ଦେଇଛନ୍ତି।


ସେନା ମୁଖ୍ୟ ଜେନେରାଲ ୱାକର-ଉଜ୍-ଜମାନ

## ଆନ୍ଦୋଳନରେ ଗଲାଣି ୩୦୦ରୁ ଉର୍ଦ୍ଧ୍ୱ ଜୀବନ

ବାଂଲାଦେଶ ମୁକ୍ତି ଯୁଦ୍ଧର ସଂଗ୍ରାମୀମାନଙ୍କ ପରିବାର ସଦସ୍ୟଙ୍କୁ ସରକାରୀ ନିଯୁକ୍ତିରେ ୩୦ ପ୍ରତିଶତ ସଂରକ୍ଷଣ ଦେବା ଶେଖ୍ ହାସିନା ସରକାରଙ୍କ ପାଇଁ ମହଙ୍ଗା ପଡ଼ିଲା। ଏହି କୋଟା ବ୍ୟବସ୍ଥାକୁ ବିରୋଧ କରି ଦେଶବ୍ୟାପୀ ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କ ସମେତ କର୍ମଚାରୀ, ଶ୍ରମିକ ଓ ଅନ୍ୟମାନେ ରାସ୍ତାକୁ ଓହ୍ଲାଇଥିଲେ। ୨ ପର୍ଯ୍ୟାୟରେ ହୋଇଥିବା ଏହି ଆନ୍ଦୋଳନରେ ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ଜୁଲାଇରେ ହୋଇଥିବା ହିଂସାତ୍ମକ ଆନ୍ଦୋଳନରେ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏତେ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ପାଇଁ ଆନ୍ଦୋଳନକାରୀମାନେ ହାସିନାଙ୍କୁ ଦାୟୀ କରିବା ସହ ତାଙ୍କ ଇସ୍ତଫା ଦାବିରେ ରବିବାର ରାସ୍ତାକୁ ଓହ୍ଲାଇଥିଲେ। ଫଳରେ ଆନ୍ଦୋଳନକାରୀ ଓ ଶାସକ ଆୱାମୀ ଲିଗ୍‌ର କର୍ମୀମାନଙ୍କ ମଧ୍ୟରେ ସଂଘର୍ଷ ଘଟି ୧୦୧ ଜଣ ଓ ସୋମବାର ୬ ଜଣ ଏପରି ୨ ଦିନରେ ୧୦୭ ଜଣ ପ୍ରାଣ ହରାଇଛନ୍ତି। ହାସିନା ୨୦ ବର୍ଷର ଶାସନ କାଳ ମଧ୍ୟରେ କେବେ ଏଭଳି ବିରୋଧର ସମ୍ମୁଖୀନ ହୋଇ ନ ଥିଲେ। ଏହାକୁ ବାଂଲାଦେଶରେ ନିକଟ ଅତୀତ ଜନ ଅଶାନ୍ତିର ସବୁଠୁ ଭୟାନକ ଦିନ କୁହାଯାଉଛି। ଲକ୍ଷ ଲକ୍ଷ ବିକ୍ଷୋଭକାରୀ ତାଙ୍କ ବାସଭବନ ଅଭିମୁଖେ ମାଡ଼ିଆସିବାରୁ ୭୬ ବର୍ଷୀୟା ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଦେଶ ଛାଡ଼ି ପଳାଇଯାଇଛନ୍ତି। ବିକ୍ଷୋଭକାରୀମାନେ ତାଙ୍କ ବାସଭବନରେ ଧସେଇ ପଶିବା ସହ ଲୁଟ୍‌ପାଟ ଓ ଭଙ୍ଗାରୁଜା କରିଛନ୍ତି। ଦେଶର ସୈନ୍ୟବାହିନୀ କ୍ଷମତା ହାତକୁ ନେଇଛି।


ଢାକାରେ ହିଂସା ପରେ କର୍ଫ୍ୟୁ ଜାରି: ଜଣେ ପୋଲିସ କର୍ମଚାରୀ ବନ୍ଧୁକ ଧରି ପ୍ରହରା ଦେଉଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରୀ ବାସଭବନରେ ସୋମବାର ସନ୍ଧ୍ୟାରେ ବାଂଲାଦେଶ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି। ଉକ୍ତ ବୈଠକରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବାଂଲାଦେଶ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏହା ପୂର୍ବରୁ ଶେଖ୍ ହାସିନା ଗାଜିଆବାଦର ହିଣ୍ଡନ ଏୟାରଫୋର୍ସ ବେସ୍‌ରେ ଅବତରଣ କରିଥିଲେ। ତାଙ୍କୁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଭେଟି ଆଲୋଚନା କରିଥିଲେ।

## ଭାରତୀୟ ସାଂସ୍କୃତିକ କେନ୍ଦ୍ର, ୪ ମନ୍ଦିର ଭଙ୍ଗାରୁଜା

ଢାକାସ୍ଥିତ ଭାରତୀୟ ସାଂସ୍କୃତିକ କେନ୍ଦ୍ରରେ ବିକ୍ଷୋଭକାରୀ ଭଙ୍ଗାରୁଜା କରିଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ଥିବା ୪ଟି ହିନ୍ଦୁ ମନ୍ଦିରରେ ମଧ୍ୟ ସେମାନେ ଭଙ୍ଗାରୁଜା କରିଥିବା ହିନ୍ଦୁ ବୁଦ୍ଧିଷ୍ଟ ଖ୍ରୀଷ୍ଟିଆନ୍ ୟୁନିଟ୍ କାଉନ୍‌ସିଲ ନେତା କାଜୋଲ ଦେବନାଥ କହିଛନ୍ତି। ଉତ୍ତେଜନାକୁ ନେଇ ହିନ୍ଦୁ ସମ୍ପ୍ରଦାୟର ନେତାମାନେ ଭୟଭୀତ। ଢାକାର ଧାନମୋଣ୍ଡିଠାରେ ଥିବା ଇନ୍ଦିରା ଗାନ୍ଧୀ କଲ୍‌ଚରାଲ ସେଣ୍ଟରରେ ବିଶୃଙ୍ଖଳିତ ଲୋକମାନେ ପ୍ରବେଶ କରି ଭଙ୍ଗାରୁଜା କରିଛନ୍ତି।


କୋଲକାତାରେ ବାଂଲାଦେଶୀ ପର୍ଯ୍ୟଟକମାନେ ଖୁସିରେ ପରସ୍ପରକୁ ମିଷ୍ଟାନ୍ନ ଖୁଆଇ ଉତ୍ସବ ମନାଉଛନ୍ତି।

## ବାଂଲା ସୀମାରେ ବିଏସ୍‌ଏଫ୍ ସଜାଗ

ବାଂଲାଦେଶରେ ହିଂସାତ୍ମକ ଆନ୍ଦୋଳନ ଜାରି ରହିଥିବାବେଳେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଇସ୍ତଫା ଦେବା ପରେ ଦେଶ ଛାଡ଼ି ଚାଲିଯାଇଛନ୍ତି। ବାଂଲାଦେଶୀଙ୍କ ଅନୁପ୍ରବେଶକୁ ଦୃଷ୍ଟିରେ ରଖି ଭାରତ-ବାଂଲାଦେଶ ମଧ୍ୟରେ ରହିଥିବା ୪,୦୯୬ କିଲୋମିଟର ସୀମାରେ ସୋମବାର ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)କୁ ହାଇଆଲର୍ଟରେ ରଖାଯାଇଛି। ସମସ୍ତ ବିଏସ୍‌ଏଫ୍ ଯବାନଙ୍କୁ ତୁରନ୍ତ ସୀମାକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୀମାରେ ନିୟୋଜିତ ଥିବା ସବୁ ଯବାନଙ୍କ ଛୁଟି ବାତିଲ ହୋଇଛି। ବିଏସ୍‌ଏଫ୍ ମହାନିର୍ଦ୍ଦେଶକ (କାମଚଳା) ଦଲଜିତ ସିଂ ଚୌଧୁରୀ ଓ ଅନ୍ୟ ବରିଷ୍ଠ କମାଣ୍ଡମାନେ କୋଲକାତାରେ ପହଞ୍ଚି ସୁରକ୍ଷା ସ୍ଥିତି ସମୀକ୍ଷା କରୁଛନ୍ତି। ସମସ୍ତ ଫିଲ୍ଡ କମାଣ୍ଡଙ୍କୁ ସୀମାକୁ ଯିବା ପାଇଁ କୁହାଯାଇଛି। ବାଂଲାଦେଶକୁ ଲାଗି ପଶ୍ଚିମବଙ୍ଗର ୨,୨୧୭ କିଲୋମିଟର ସୀମା ରହିଥିବାବେଳେ ତ୍ରିପୁରାରେ ୮୫୬ କି.ମି., ମେଘାଳୟରେ ୪୪୩ କି.ମି., ଆସାମରେ ୨୬୨ କି.ମି. ଏବଂ ମିଜୋରାମର ୩୧୮ କିଲୋମିଟର ସୀମା ରହିଛି।




# ୨୬ ଓଏଏସ୍ ଅଧିକାରୀଙ୍କୁ ମିଳିଲା ନୂଆ ଦାୟିତ୍ୱ

ଭୁବନେଶ୍ୱର, ୫।୮ (ସୁନିତ୍ ମିଶ୍ର)

■ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାମ କରୁଥିବା ଓଏଏସ୍‌ଙ୍କୁ ମିଳିଲା ନୂଆ ଦାୟିତ୍ୱ

■ ପୂର୍ବତନ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବମାନଙ୍କୁ ବି ନୂଆ ନିଯୁକ୍ତି

ରାଜ୍ୟ ସରକାର ସୋମବାର ୨୬ ଜଣ ଓଏଏସ୍ ଅଫିସରଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ବିଜେଡି ସରକାର ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ଥିବା ବରିଷ୍ଠ ଓଏଏସ୍ ଲାଲା ମନୋଜ କୁମାର ରାୟ, ଶୁଭ୍ରାଂଶୁ ମିଶ୍ର, ମନୋଜ କୁମାର ସ୍ୱାଇଁ ଏବଂ ରବୀନ୍ଦ୍ର କୁମାର ସେଠୀଙ୍କ ସମେତ ପୂର୍ବ ସରକାରର ବିଭିନ୍ନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ନୂଆ ନିଯୁକ୍ତି ମିଳିଛି। ରାଜ୍ୟରେ ଭାଜପା ସରକାର ଆସିବା ପରେ ଏହି ଅଫିସରମାନଙ୍କୁ ରାଜ୍ୟ ସଂସଦୀୟ ବ୍ୟାପାର ଓ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରିଦେଇଥିଲା। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ମୋଟ ୨୬ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି। କୃଷି ଓ କୃଷକ କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ବରିଷ୍ଠ ଓଏଏସ୍ ଗଙ୍ଗାଧର ନାୟକଙ୍କ ଗତ ଫେବୃୟାରୀ ୧୩ ତାରିଖରେ ଓଡ଼ିଶା ମାନବାଧିକାର କମିଶନଙ୍କ ସଚିବ ଭାବେ ବଦଳିକୁ ବାତିଲ କରିଦିଆଯାଇଛି।

ଲାଲା ମନୋଜ କୁମାର ରାୟଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଡେପୁଟି ଡିଜି ଦାୟିତ୍ୱ ମିଳିଛି। ଶୁଭ୍ରାଂଶୁ ମିଶ୍ରଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗରେ ଅତିରିକ୍ତ ସଚିବ, ରବୀନ୍ଦ୍ର କୁମାର ସେଠୀଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମର ଜେନେରାଲ ମ୍ୟାନେଜର, ମନୋଜ କୁମାର ସ୍ୱାଇଁଙ୍କୁ ବିଡିଏର ଯୁଗ୍ମ କମିଶନର, ପ୍ରତାପ ଚନ୍ଦ୍ର ହୋତାଙ୍କୁ ସଂସଦୀୟ ବ୍ୟାପାର ବିଭାଗର ସ୍ୱତନ୍ତ୍ର ସଚିବ, ପ୍ରଶାନ୍ତ କିଶୋର ମହାପାତ୍ରଙ୍କୁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ, ଏସ୍‌କେ ଜମିରୁଦ୍ଦିନଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅତିରିକ୍ତ ସଚିବ, ମାନସ ରଞ୍ଜନ ପାଢ଼ୀଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ, ସୁରଞ୍ଜନ ପ୍ରଧାନଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅତିରିକ୍ତ ସଚିବ, ସରୋଜ କୁମାର ରାଉତଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ, ଅରୂପ କୁମାର ସାହୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ, ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ଅତିରିକ୍ତ ସଚିବ, ବିଜୟ କୁମାର ସ୍ୱାଇଁଙ୍କୁ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ଅତିରିକ୍ତ ସଚିବ, ସୁକାନ୍ତ କୁମାର ପ୍ରଧାନଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ, କୈଳାସ ଚନ୍ଦ୍ର ଦାସଙ୍କୁ ଭୁବନେଶ୍ୱର ମହାନଗର ନିଗମର ଯୁଗ୍ମ କମିଶନର, ରଶ୍ମୀରଞ୍ଜନ ସାହୁ ଓସ୍‌ଡମା ମୁଖ୍ୟ, ଜେନେରାଲ ମ୍ୟାନେଜର, ଅଞ୍ଜନ କୁମାର ଦାସଙ୍କୁ ସାଧାରଣ ପ୍ରଶାସନ ବିଭାଗର ଯୁଗ୍ମ ସଚିବ, ଅରୁଣ କୁମାର ମଲ୍ଲିକଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଯୁଗ୍ମ ସଚିବ, ଦୀନକୃଷ୍ଣ କରଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଯୁଗ୍ମ ସଚିବ,ପ୍ରତାପ କୁମାର ମିଶ୍ରଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ସ୍ୱତନ୍ତ୍ର ସଚିବ, ସୁକାନ୍ତ କୁମାର ବେହେରାଙ୍କୁ ଓଡ଼ିଶା ମାନବାଧିକାର କମିଶନର ସଚିବ, କୃତ୍ତିବାସ ରାଉତଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ, ବିବେକାନନ୍ଦ ସାହୁଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ, ବିଥିକା ସ୍ୱାଇଁଙ୍କୁ ଚକବନ୍ଦୀ ଓ ବନ୍ଦୋବସ୍ତ ବାଲେଶ୍ୱରର ଅତିରିକ୍ତ କମିଶନର, ସବ୍ୟସାଚୀ ହୋତାଙ୍କୁ ଓକାକ୍, ଭୁବନେଶ୍ୱରର ଜେନେରାଲ ମ୍ୟାନେଜର ଏବଂ ଚିନ୍ମୟ କୁମାର ଆଚାର୍ଯ୍ୟଙ୍କୁ ସଂସଦୀୟ ବ୍ୟାପାର ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

## ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା

**୭ରୁ ୧୦ ନାମଲେଖା**

ଭୁବନେଶ୍ୱର, ୫।୮ (ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୨ ପ୍ରଥମ ବର୍ଷରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ସୋମବାର ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ନାମଲେଖା ପାଇଁ ମୋଟ ୬୦,୫୧୬ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଏଥିରେ ୩୦,୧୫୦ ଛାତ୍ରୀ ଓ ୩୦,୩୬୬ ଛାତ୍ର ରହିଛନ୍ତି। ତେବେ ମନୋନୀତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସ୍ଲାଇଡ୍‌ଅପ୍ ଅନୁରୋଧକ୍ରମେ ୩୧,୧୨୧ଜଣ ଚୟନ ହୋଇଛନ୍ତି। ମୋଟ ୬୦,୫୧୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କଳା ବିଭାଗରେ, ୪୬,୦୮୮, ବାଣିଜ୍ୟରେ ୩,୦୧୦, ବିଜ୍ଞାନରେ ୧୦,୬୪୨, ସଂସ୍କୃତରେ ୩୩୬ ଓ ଧନ୍ଦାମୂଳକରେ ୪୪୦ଜଣ ଚୟନ ହୋଇଛନ୍ତି। ଏହି ଛାତ୍ରୀଛାତ୍ର ୭ରୁ ୧୦ ତାରିଖ ସନ୍ଧ୍ୟା ୬ଟା ମଧ୍ୟରେ ନାମଲେଖାଇ ପାରିବେ। ଏହାପରେ ୧୨ରୁ ୧୪ ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ପାଇଁ ଚଏସ୍ ଲକିଂ କରିପାରିବେ ଛାତ୍ରୀଛାତ୍ର। ୨୦ ତାରିଖ ପୂର୍ବାହ୍ନ ୧୧ଟାରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୨୨ରୁ ୨୮ ତାରିଖ ଭିତରେ ନାମ ଲେଖାଇବେ। ତେବେ ଏହି ପର୍ଯ୍ୟାୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସର୍ବାଧିକ କଟ୍ ଅଫ୍ ଯଥାକ୍ରମେ ୭୩%, ୮୮% ଏବଂ ୭୪.୧୭% ଯାଇଛି। ସେହିଭଳି କଳାରେ ଦ୍ୱିତୀୟରେ ୭୦.୮୩% ସହିତ ରାଉରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ୭୦% ସହ ଉର୍ଲିଙ୍ଗିତ କାମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟରେ ରହିଛି। ବିଜ୍ଞାନରେ ୮୧.୧୭% ସହ ସୋରସ୍ଥିତ ଉପେନ୍ଦ୍ର ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ଏବଂ ୮୦.୧୭% ସହ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟରେ ରହିଛି।

# ମହାତ୍ମା ଗାନ୍ଧୀ ମାର୍ଗରେ ହେବ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ

ଭୁବନେଶ୍ୱର,୫।୮ (ଅନିଲଦାସ)

■ ୪୦ କଣ୍ଟିଜେଣ୍ଟ ପରେଡରେ ଭାଗନେବେ

■ ଜିଲାସ୍ତରକୁ ସ୍ୱାଧୀନତା ଦିବସ ପାଇ ଅଧିକ ଅର୍ଥ ବରାଦ କରାଯିବ

ଚଳିତବର୍ଷର ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ମହାତ୍ମା ଗାନ୍ଧୀ ମାର୍ଗରେ ପାଳନ କରାଯିବ। ରାଜ୍ୟ ଗୃହ ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ସହିତ ସୋମବାର ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି।ବୈଠକର ଆଲୋଚନାରୁ ଜଣାଯାଇଛି, ଚଳିତବର୍ଷ ପରେଡରେ ସ୍କୁଲ-କଲେଜ ଓ ପୋଲିସ ବାହିନୀର କଣ୍ଟିଜେଣ୍ଟକୁ ମିଶାଇ ପ୍ରାୟ ୪୦ଟି କଣ୍ଟିଜେଣ୍ଟ ଅଂଶଗ୍ରହଣ କରିବେ। ମୁଖ୍ୟମନ୍ତ୍ରୀ ସକାଳ ୯ଟା ସମୟରେ ପତାକା ଉତ୍ତୋଳନ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏହାପରେ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ।

ଏହି ଅବସରରେ ଜିଲାସ୍ତରର ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମ ପାଇଁ ଅଧିକ ଅର୍ଥର ବରାଦ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ଦିବସ ଏକ ଜାତୀୟ କାର୍ଯ୍ୟକ୍ରମ। ସାରା ଦେଶବାସୀଙ୍କ ପାଇଁ ଖୁସି ଓ ଉତ୍ସବର ଦିବସ। ଏହାକୁ ମହାସମାରୋହରେ ପାଳନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ବୈଠକରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ଓ କଟକ-ଭୁବନେଶ୍ୱରର ପୋଲିସ କମିଶନର ସଞ୍ଜୀବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଏକକ ପିଜି ପ୍ରବେଶିକା ପରୀକ୍ଷାଫଳ ପ୍ରକାଶ

ଭୁବନେଶ୍ୱର, ୫।୮ (ଅସମାପିକା ସାହୁ)

**୫୪,୯୦୪ଜଣଙ୍କୁ ର୍‍ୟାଙ୍କ, ୨୦ରେ ପ୍ରଥମ ମେଧା ତାଲିକା**

୨୦୨୪-୨୫ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ହୋଇଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା(ସିପିଇଟି-୨୦୨୪) ଫଳ ସୋମବାର ପ୍ରକାଶ ପାଇଛି। ମୋଟ ୬୫,୦୫୬ଜଣ ପରୀକ୍ଷା ଦେଇଥିବାବେଳେ ୫୪,୯୦୪ଜଣଙ୍କୁ ର୍‍ୟାଙ୍କ ପ୍ରଦାନ କରାଯାଇଛି। ପରୀକ୍ଷାର୍ଥୀମାନେ ସାମ୍ସ ୱେବ୍‌ସାଇଟ୍‌ରେ ପରୀକ୍ଷା ରୋଲ୍ ନମ୍ବର ଦେଇ ମାର୍କ ଓ ର୍‍ୟାଙ୍କ୍ ଜାଣିପାରିବେ। ପ୍ରବେଶିକା ପରୀକ୍ଷାରେ ରଖିଥିବା ମାର୍କ ଓ କ୍ୟାରିୟର ମାର୍କକୁ ମିଶାଇ ମୋଟ ମାର୍କ ଦିଆଯାଇଛି। ସେହିପରି ସଂରକ୍ଷିତ ବର୍ଗ ୱାରୀ ରାଜ୍ୟସ୍ତରୀୟ ର୍‍ୟାଙ୍କ୍ ମଧ୍ୟ ପ୍ରଦାନ କରାଯାଇଛି। ମଙ୍ଗଳବାରଠାରୁ ୧୨ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ଚଏସ୍ ଫିଲିଙ୍ଗ କରିବେ। ଏହାପରେ ୨୦ ତାରିଖ ଅପରାହ୍ନ ୪ଟାରେ ପିଜି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ବା ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୨୧ତାରିଖ ପୂର୍ବାହ୍ନ ୧୦ଟାରୁ ୨୪ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ। ୩୧ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ସେପ୍ଟେମ୍ବର ୨ ପୂର୍ବାହ୍ନ ୧୦ଟାରୁ ୪ ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇବାକୁ ପଡ଼ିବ। ସେପ୍ଟେମ୍ବର ୧୦ ଅପରାହ୍ନ ୪ଟାରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୧୧ତାରିଖ ପୂର୍ବାହ୍ନ ୧୦ଟାରୁ ୧୩ ତାରିଖ ଅପରାହ୍ନ ୫ଟାରେ ନାମ ଲେଖାଇବେ। ସେପ୍ଟେମ୍ବର ୨୪ ଅପରାହ୍ନ ୨ଟାରେ ବଳକା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମେଧା ତାଲିକା ଶିକ୍ଷାନୁଷ୍ଠାନଗୁଡ଼ିକର ଇ-ସ୍ପେସ୍‌ରେ ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରଙ୍କ ନାମ ନିଜ ଶିକ୍ଷାନୁଷ୍ଠାନର ନୋଟିସ ବୋର୍ଡ, ୱେବ୍‌ସାଇଟ୍‌ରେ ପ୍ରକାଶ କରିବେ। ଏଥିସହିତ ସେହି ଛାତ୍ରୀଛାତ୍ରଙ୍କୁ ଫୋନ୍ କଲ୍/ଏସ୍‌ଏମ୍‌ଏସ୍/ହ୍ୱାଟ୍ସ ଆପ୍ ଜରିଆରେ ମଧ୍ୟ ଜଣାଇ ଦିଆଯିବ। ମନୋନୀତ ଛାତ୍ରୀଛାତ୍ର ସେପ୍ଟେମ୍ବର ୨୬ ପୂର୍ବାହ୍ନ ୧୦ଟାରୁ ୨୮ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇବେ। ତେବେ ଏହା ପୂର୍ବରୁ ଅର୍ଥାତ୍ ସେପ୍ଟେମ୍ବର ୧୮ରେ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ଚଳିତ ଶିକ୍ଷାବର୍ଷ ୨୦୨୪-୨୫ରେ ପିଜି ନାମଲେଖା ପାଇଁ ମୋଟ ୧୧୪ଟି ଶିକ୍ଷାନୁଷ୍ଠାନ ଥିବା ବେଳେ ୨୮,୯୮୪ଟି ସିଟ୍ ରହିଛି।

# ଲୋକଙ୍କ ସମସ୍ୟା ସମାଧାନ ଆମ ସରକାରର ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୮ (ବନ୍ଦନା ସେଠୀ)

**୫ ହଜାରରୁ ଅଧିକ ଲୋକଙ୍କ ଅଭିଯୋଗ ଶୁଣିଲେ**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କିଛିଦିନର ବିରତି ପରେ ଲୋକଙ୍କଠାରୁ ପୁଣି ସିଧାସଳଖ ଅଭିଯୋଗ ଶୁଣିବା ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ରାଜ୍ୟ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ସାଧାରଣ ଜନତାଙ୍କ ସମସ୍ୟା ଶୁଣିବା ସହ ସମାଧାନର ଆଶ୍ୱାସନା ଦେଇ ଧୈର୍ଯ୍ୟ ଧରିବା ପାଇଁ ପରାମର୍ଶ ଦେଇଥିଲେ। ଲୋକଙ୍କ ସହିତ ମିଶିବା ଓ ସେମାନଙ୍କ ସମସ୍ୟା ସମାଧାନ କରିବା ଆମ ସରକାରର ପ୍ରାଥମିକତା ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ।

ଜୁଲାଇ ୧ରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ସୋମବାର ତୃତୀୟ ଥରରେ ପହଞ୍ଚିଥିଲା। ସକାଳ ୧୦ଟାରୁ ଶୁଣାଣି ଆରମ୍ଭ ହୋଇ ଅପରାହ୍ନ ପ୍ରାୟ ୫ଟା ପର୍ଯ୍ୟନ୍ତ ଶୁଣାଣି ଜାରି ରହିଥିଲା। ମୋଟ ୨୪୦୩ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ପ୍ରାୟ ୫ହଜାରରୁ ଅଧିକ ଲୋକ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। କିଏ ଚାକିରି, ଭତ୍ତା, ପୁଣି କିଏ ଜମିବାଡ଼ି ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ନିଜର ସମସ୍ୟା ଜଣାଇଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କଠାରୁ ଆଶ୍ୱାସନା ପାଇ ଆଶା ଓ ଭରସାର ସହିତ ଖୁସି ମନରେ ଫେରିଥିବା ଦେଖାଯାଇଥିଲା।


ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୃଷ୍ଣଚନ୍ଦ୍ର ମହାପାତ୍ର, ବିଭୂତି ଭୂଷଣ ଜେନା, ଗଣେଶରାମ ସିଂ ଖୁଣ୍ଟିଆ, ଡ. ମୁକେଶ ମହାଲିଙ୍ଗ, କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କ ସହ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୁଃଖ ଜଣାଇଲେ, ପ୍ରତିଶ୍ରୁତି ପାଇ ଖୁସିରେ ଫେରିଲେ

ଖୋର୍ଦ୍ଧା ଟାଙ୍ଗୀରୁ ଆସିଥିଲେ ଦିବ୍ୟାଙ୍ଗ ସନ୍ତୋଷ ସାହୁ। ଉପଯୁକ୍ତ ପ୍ରକ୍ରିୟାରେ ନିଯୁକ୍ତି ପାଇଥିଲେ ମଧ୍ୟ ତାଙ୍କ ଚାକିରି ଛଡ଼େଇ ନିଆଯାଇଥିବାରୁ ସେନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦୁଃଖ ଜଣାଇଥିଲେ। ୮ ବର୍ଷ ହେବ ୫ ପ୍ରାଣୀ କୁଟୁମ୍ବ ପୋଷିବା ପାଇଁ ସେ ବହୁତ ଦୁଃଖ କଷ୍ଟ ସହୁଛନ୍ତି। ତେଣୁ ତାଙ୍କୁ ନ୍ୟାୟ ଦିଆଯାଉ ବୋଲି ସନ୍ତୋଷ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଥିଲେ। ସମସ୍ତ କଥା ଶୁଣିବା ପରେ ଉପଯୁକ୍ତ ଅନୁସନ୍ଧାନ କରାଯାଇ ନ୍ୟାୟ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ସେ ଆଶ୍ୱସ୍ତ ହୋଇ ଫେରିଥିଲେ। ସେହିପରି ଗଞ୍ଜାମ ଜିଲାରୁ ଆସିଥିଲେ ବୁଲୁ ବିଶ୍ୱାଳ। ଦିବ୍ୟାଙ୍ଗ ହୋଇଥିବାରୁ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ସହିତ ପରିବାର ଚଳାଇବା ପାଇଁ ସରକାର ତାଙ୍କୁ ଏକ ସ୍କୁଟି ଦେବାକୁ ସେ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କୁ ସ୍କୁଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭୁବନେଶ୍ୱର ଶିରିପୁର ଅଞ୍ଚଳରୁ ଆସିଥିଲେ ୮୨ ବର୍ଷୀୟା ସୁଭାଷିନୀ ଦେଈ। ପରିଣତ ବୟସରେ ନିଜର ଦୁଃଖ ଜଣାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଧାଇଁ ଆସିବା ସହ ପ୍ରତିଶ୍ରୁତି ପାଇ ଖୁସି ମନରେ ଫେରିଥିଲେ। ସୁଭାଷିନୀ ବେଗୁନିଆ ବ୍ଲକରେ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ତେବେ ଭତ୍ତା ଆଣିବାକୁ ପ୍ରତି ମାସରେ ବେଗୁନିଆ ବ୍ଲକ୍‌କୁ ଯିବା କଷ୍ଟକର ହେଉଥିବାରୁ ତାଙ୍କୁ ଭୁବନେଶ୍ୱରରେ ଭତ୍ତା ପ୍ରଦାନ କରିବା ପାଇଁ ସେ ନିବେଦନ କରିଥିଲେ। ସବୁ ଶୁଣିବା ପରେ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଲୋକଙ୍କ ଉତ୍ସାହ ବଢ଼ୁଛି

ସାଧାରଣ ଲୋକଟିଏ ଜଣେ ଉଚ୍ଚ ପଦାଧିକାରୀଙ୍କୁ ଭେଟିବା କଷ୍ଟକର ହୋଇଥାଏ। ମାତ୍ର ନୂଆ ସରକାର ଆସିବା ପରେ ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହ ସିଧାସଳଖ ଅଭିଯୋଗ ଶୁଣିବାକୁ ବସୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିଜର ଦୁଃଖ ଜଣାଇବାକୁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ପ୍ରତିଟି ଅଭିଯୋଗ ଶୁଣାଣିରେ ଦେଖିବାକୁ ମିଳୁଛି। ଏଥର ସୋମବାର ମଧ୍ୟ ସେଭଳି ଉତ୍ସାହ ଲାଗି ରହିଥିଲା। ଦିନ ୧୧ଟାରୁ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଥିବାବେଳେ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିଥିଲା। ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଲୋକଙ୍କ ପ୍ରବଳ ଭିଡ଼ ହେବା ସହ କିଛି ମାତ୍ରାରେ ଠେଲାପେଲା ମଧ୍ୟ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ଲୋକମାନେ ଖୁସିରେ ଆତ୍ମହରା ହେବା ସହ ତାଙ୍କ ଆଦରପୂର୍ଣ୍ଣ କଥାରେ ମନ ପୂରିଯାଉଥିବା କହୁଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ଭାଷାର ବ୍ୟବହାର ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବାଲେଶ୍ୱର ଗସ୍ତ, ଜନଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ସର୍କିଟ ହାଉସ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଜଉ କଣ୍ଢେଇ ବାହାଘର ଉତ୍ସବ ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୪୫।
- ୧୪ତମ ଜଉ କଣ୍ଢେଇ ବାହାଘର ଉତ୍ସବ ୨୦୨୪ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ, ସ୍ଥାନ: ଅପର୍ତ୍ତିବିନ୍ଧାରୁ ବନ୍ତଛକ, ଭଦ୍ରକ, ସମୟ: ସକାଳ ୮ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ମା' ବୁଢ଼ୀପୁରାଙ୍କ ନିକଟରେ ପୂଜାର୍ଚ୍ଚନା, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ସକାଳ ୭ ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ମଙ୍ଗଳ ଚଣ୍ଡୀ ପାଠ ଏବଂ ହୋମ, ସ୍ଥାନ: ଭୂଇଁପୁର, ହାଟଡିହୀ, ସମୟ: ସକାଳ ୭ ଟା।
- ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା ଓ ନୀତି ଭୋଗ ଅର୍ପଣ, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ସକାଳ ୭ ଟା।
- ମା' ବିଶ ତାରିଣୀଙ୍କ ନିକଟରେ ପୂଜାର୍ଚ୍ଚନା ଓ ନୀତିଯଜ୍ଞ ସ୍ଥାନ: ମଛାଳ, ଘସିପୁରା, ସମୟ: ସକାଳ ୮ ଟା।
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସେଣ୍ଟ ମେରିଜ ସ୍କୁଲ, ବଡବିଲ, କେନ୍ଦୁଝର, ସମୟ: ସକାଳ ୯ଟା।
- ଗ୍ରାମବାସୀଙ୍କ ତରଫରୁ ଚାରାରୋପଣ, ସ୍ଥାନ: ସରଳା, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।
- ଗୋପୀନାଥ ଜୀଉ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ, ସ୍ଥାନ: ଆମ୍ପୋ, ହାଟଡିହୀ,ସମୟ: ପୂର୍ବାହ୍ନ ୧୧ ଟା।
- ଭାଗବତ ପ୍ରେମୀଙ୍କ ବୈଠକ, ସ୍ଥାନ: ଜଳସୁଆଁ, ବଡପଡ଼ିଆ ପାବନ ଶ୍ରୀକ୍ଷେତ୍ର ଶାନ୍ତି ଧାମ, ଜଗନ୍ନାଥଙ୍କ ମନ୍ଦିର ପରିସର, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ମା' ତାରିଣୀ ମନ୍ଦିରରେ ଭଜନ କୀର୍ତ୍ତନ, ସ୍ଥାନ: ମରୈଗାଁ, ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ସଡ଼କ ସୁରକ୍ଷା ନିମନ୍ତେ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମିଡିଆ ସେନସିଟାଇଜେସନ ପ୍ରୋଗ୍ରାମ, ସ୍ଥାନ:ଆର୍‌ବିଏସ୍‌କେ ଅଫିସ, ଟିବି ହସ୍ପିଟାଲ, ବାରିପଦା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜେନା ସାହି, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଗୋସାଣୀ ନୂଆଗାଁ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ସାଗରମିତ୍ର, ମତ୍ସ୍ୟଜୀବୀ, ବୋଟ୍ ମାଲିକ ଓ ମତ୍ସ୍ୟ ବିଭାଗ କର୍ମଚାରୀମାନଙ୍କୁ ନେଇ ସିଫନେଟ ପକ୍ଷରୁ ଦିନିକିଆ କର୍ମଶାଳା, ସ୍ଥାନ: ମାଛଧରା ବନ୍ଦର ପରିସର, ନେହେରୁବଙ୍ଗଳା, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା
- ଇକୋ ସେନସେଟିଭ ଯୋନର ଚିହ୍ନଟ ବିରୋଧରେ ବିଜେଡିର ଗଣବିକ୍ଷୋଭ, ସ୍ଥାନ: ଡିଏଫ୍‌ଓ କାର୍ଯ୍ୟାଳୟ ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ବନ ମହୋତ୍ସବ, ସ୍ଥାନ: ପାଣ୍ଡିରି, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।
- ଲୋକାୟୁକ୍ତ ଅନୁଧ୍ୟାନ ଟିମ୍‌ର ତନଖି ଆରମ୍ଭ, ସ୍ଥାନ: ଗରଦପୁର ପଞ୍ଚାୟତ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଶରୀର ଓ ଅଙ୍ଗଦାନ ମହୋତ୍ସବ, ସ୍ଥାନ:ଧର୍ମଶାଳା ବ୍ଲକ ମର୍ଜିତାପୁର କଲ୍ୟାଣ ମଣ୍ଡପ,ସମୟ: ସକାଳ ୯ଟା।

## ନୟାଗଡ଼
- ୱାର୍ଡ ସଭ୍ୟଙ୍କର ପ୍ରଶିକ୍ଷଣ ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବଂଶୀଧର ଇଣ୍ଟର ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ୫ମ ବାର୍ଷିକ ବୃକ୍ଷରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଆଙ୍କୁଲାଇପାଟଣା ହାଇସ୍କୁଲ, ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଖଣ୍ଡପଡା, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ଆଦିରଥ ଦ୍ୱାରା ବିଶ୍ୱ ଆଦିବାସୀ ଦିବସର ସଚେତନତା, ସ୍ଥାନ: ସାନ୍ଧୁବାଡ଼ି ଗ୍ରାମ, ରାୟଗଡ଼ା, ସମୟ: ସକାଳ ୭ଟା।

## ନବରଙ୍ଗପୁର
- ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝିଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ଗ୍ରାମ୍ୟ ନିର୍ମାଣ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମବାୟ ଉନ୍ନୟନ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- କୃଷି ବିଭାଗର ଡିଜିଟାଲ କ୍ରପ୍ ସର୍ଭେ ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

## କୋରାପୁଟ
- ଶହୀଦ ଲକ୍ଷ୍ମଣ ନାୟକ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ମ୍ୟାଚ, ସ୍ଥାନ: ଓଏସ୍‌ଏପି ପଡ଼ିଆ, କୋରାପୁଟ, ସମୟ: ଅପରାହ୍ନ ୨ଟା ୩୦।
- ୧୧ତମ କୃଷି ସର୍ବେକ୍ଷଣ ନେଇ ଡିଏଲ୍‌ସିସି ବୈଠକ, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର
- ଡାକ୍ତର ସନାତନ ସ୍ମାରକୀ ଫୁଟବଲ ମ୍ୟାଚ– ହିନ୍ଦ କ୍ଲବ ବନାମ ହୀରାକୁଦ କ୍ରୀଡା ସଂଘ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୧ ଟା ୪୫।
- ଡାକ୍ତର ସନାତନ ସ୍ମାରକୀ ଫୁଟବଲ ମ୍ୟାଚ ଜିଲା ଜିମ୍ନାଷ୍ଟିକ ସଂଘ ବନାମ ବ୍ଲୁ ଡାଇମଣ୍ଡ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ ଟା ୩୦।

## ବଲାଙ୍ଗୀର
- ଲୋଇସିଂହା ବ୍ଲକସ୍ତରୀୟ ଦୁଇଦିନିଆ ରାଷ୍ଟ୍ରୀୟ ଆବିଷ୍କାର କାର୍ଯ୍ୟକ୍ରମ, ସ୍ଥାନ: ହରେକୃଷ୍ଣ ମହତାବ ହାଇସ୍କୁଲ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା
- ଓଡିଆ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପତିତପାବନ ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା୩୦।
- ସ୍ୱାଧୀନତା ସଂଗ୍ରାମୀ ବେଶ ପ୍ରତିଯୋଗିତା, ସ୍ଥାନ: କିସ୍ ରେସିଡେନସିଆଲ ସ୍କୁଲ, ବଲାଙ୍ଗୀର, ସମୟ ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ରୋଟାରୀ କ୍ଲବ ଅଫ୍ ରାଉରକେଲା ଭାଇବ୍ରାଣ୍ଟର ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର–୨୦, ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୭ଟା।
- ସତ୍ୟନାରାୟଣ କ୍ଲବ ପକ୍ଷରୁ ଗଣେଶପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।
- ଗାରିମା ପରିବାର ପକ୍ଷରୁ ଓଡିଆ ସଂସ୍କୃତି ଓ ପରମ୍ପରା ସୁରକ୍ଷା ନେଇ ବୈଠକ, ସ୍ଥାନ: ସହାନାଇ ମଣ୍ଡପ, ସେକ୍ଟର–୨, ସମୟ: ସନ୍ଧ୍ୟା ୬ଟା ୩୦।
- ପାଣି ସମସ୍ୟାକୁ ନେଇ ୱାଟକୋ ଅଧିକାରୀଙ୍କୁ ଦାବିପତ୍ର, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ସାହିତ୍ୟ ସଭା, ସ୍ଥାନ: ସଂସଦ ଭବନ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ୨ୟ ବ୍ଲକସ୍ତରୀୟ ଫାଇଲେରିଆ ନିରାକରଣ କୋଅର୍ଡିନେଶନ ମିଟିଂ,ସ୍ଥାନ: କୁଆଁରମୁଣ୍ଡା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଆଇନ ସେବା ପ୍ରାଧିକରଣଙ୍କ ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ଆଇନ ସଚେତନତା ଶିବିର, ସ୍ଥାନ: କିରେଇ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ,ସମୟ: ଅପରାହ୍ନ ୩ଟା୩୦।

## ବରଗଡ଼
- ସ୍ୱାଧୀନତା ଦିବସ ଅବସରରେ ପ୍ରତିଯୋଗିତା, ସ୍ଥାନ: ଗଙ୍ଗାଧର କଲ୍ୟାଣ ମଣ୍ଡପ, ବରପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ସାଧାରଣଜ୍ଞାନ ପ୍ରତିଯୋଗିତା, ସ୍ଥାନ: ନୂଆଁଗଡ଼ ଉଚ୍ଚ ବିଦ୍ୟାଳୟ, ଭଟଲି, ସମୟ: ପୂର୍ବାହ୍ନ ୧୧ଟା।
- ମାସ୍ ଡ୍ରଗ୍ସ ଆଡ୍‌ମିନିଷ୍ଟ୍ରେଶନ (ଏମଡ଼ିଏ) ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡିଷ୍ଟ୍ରିକ୍ଟ ଟ୍ରେନିଂ ୟୁନିଟ୍ କନଫେରେନ୍ସ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ପାଇକମାଳ ପଞ୍ଚାୟତ ସମିତି ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଜିଲାସ୍ତରୀୟ ଆଦର୍ଶ ପରିବେଶ ପ୍ରଦର୍ଶନୀ, ସ୍ଥାନ: ବୁଟୁପାଲି ଜାନକୀ ଭିକାରୀ ଉଚ୍ଚବିଦ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ତପସ୍ୱିନୀ ପରିବାର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ,ସ୍ଥାନ: ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- କୌତୁକ ପୋଷାକ ପ୍ରତିଯୋଗିତା, ସବ୍ ଜୁନିୟର, ଜୁନିୟର, ସିନିୟର୍, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା
- ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ମଧ୍ୟ ଇଂରାଜୀ ଓ ଉଚ୍ଚ ବିଦ୍ୟାଳୟସ୍ତର, ସ୍ଥାନ: ସୂଚନାକେନ୍ଦ୍ର ଓ ପାଠାଗାର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା
- କୃଷି ବିଭାଗ ତରଫରୁ କୃଷି ରଣନୀତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ମହାବିଦ୍ୟାଳୟସ୍ତର, ସ୍ଥାନ: ସୂଚନାକେନ୍ଦ୍ର ଓ ପାଠାଗାର, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା ଏନ୍‌ଏସି ସଭାଗୃହ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଭାରତୀୟ ଜନତା ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା୫।
- ସ୍ମାର୍ଟ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ନୂଆପଡା, ସମୟ: ପୂର୍ବାହ୍ନ ୯ଟା ୩୦।
- ସଦର ଏନ୍‌ଏସି ସମୀକ୍ଷା ବୈଠକ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୧୫।
- ଖରିଆର ରୋଡ ଏନ୍‌ଏସି ସମୀକ୍ଷା ବୈଠକ, ସ୍ଥାନ: ଖରିଆର ରୋଡ ଏନ୍‌ଏସି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।

## ଝାରସୁଗୁଡ଼ା
- ତାରିଣୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଝାରସୁଗୁଡ଼ା ସହର ବେହେରାମାଲସ୍ଥିତ ତାରିଣୀ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କୋଣଭାବରେ ତିନୋଟି ଗ୍ରହ ହେତୁ ଆପଣଙ୍କ ବିଚାରଧାରାକୁ ପ୍ରଭାବିତ କରିବା ଫଳରେ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି। ଅର୍ଥନୈତିକ ଅଭିବୃଦ୍ଧିଜନିତ ବୈଷୟିକ ସୁଖ, ସମୃଦ୍ଧି ପାଇପାରିବେ। କୌଣସି ବ୍ୟକ୍ତିଙ୍କୁ ଗଭୀର ବିଶ୍ୱାସକରି ପ୍ରତାରିତ ହେବା ସମ୍ଭାବନା ରହିଛି। ପରିସ୍ଥିତିବିଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟହେବେ।

**ବୃଷ** – ପରିବାର ସ୍ଥାନରେ ଏକାଧିକ ଗ୍ରହ ପାରିବାରିକ କ୍ଷେତ୍ରର ଅସ୍ଥିରତା ସୃଷ୍ଟି କରିବ। ବ୍ୟସ୍ତତା ଓ ବ୍ୟଗ୍ରତାକୁ ପ୍ରତିରୋଧକରି କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ। ଈର୍ଷାପରାୟଣ ବ୍ୟକ୍ତି ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ସମାଲୋଚନା କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟାଜନିତ ଅସ୍ଥିରତାରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ।

**ମିଥୁନ** – ଗ୍ରହ ସ୍ଥିତି ମଧ୍ୟମ ପ୍ରକାର ରହିଥିବାରୁ ଅସ୍ୱାଭାବିକ ପରିସ୍ଥିତିକୁ ସଜାଡ଼ି ନେବାରେ ସମର୍ଥ ହେବେ। ପ୍ରତୀକ୍ଷା କରିଥିବା ବନ୍ଧୁଙ୍କୁ ଖୋଜି ନ ପାଇ ବ୍ୟସ୍ତ ହୋଇପାରନ୍ତି। ଯେକୌଣସି କ୍ଷେତ୍ର ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହୋଇପାରନ୍ତି। ରୋଗ, ଋଣ ଓ ଶତ୍ରୁତା ଦୁଶ୍ଚିନ୍ତାର ମୁଖ୍ୟ କାରଣ ହୋଇପାରେ।

**କର୍କଟ** – କର୍ମାଧିପ ଏକାଦଶସ୍ଥ ହେତୁ ପ୍ରତିବନ୍ଧକକୁ ପ୍ରତିହତ କରି ଯୋଜନାଗୁଡ଼ିକ ଠିକ୍ କାର୍ଯ୍ୟକାରୀ କରିପାରିବେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପୂର୍ବ ପରିକଳ୍ପିତ ଦର୍ଶନୀୟ ସ୍ଥାନକୁ ସାଙ୍ଗସାଥୀଙ୍କ ସହ ଭ୍ରମଣ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସମସ୍ତ କଥା ଜାଣିଶୁଣି ମଧ୍ୟ ନୀରବତାକୁ ଶ୍ରେୟ ମନେକରିପାରନ୍ତି।

**ସିଂହ** – ଆପଣଙ୍କ କାର୍ଯ୍ୟକଳାପ ବନ୍ଧୁଙ୍କ ଜରିଆରେ ବାହାରେ ଆଲୋଚନାକୁ ସରଗରମ କରିବ। ନୀଚାରୋହୀ ତୃତୀୟେଶ ଯୋଗୁ କୌଣସି ଲୋକଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହେବେ। ଦ୍ରବ୍ୟନଷ୍ଟ କିମ୍ବା ଧନହାନି ଘଟିପାରେ। ଦୀର୍ଘଦିନରୁ ମନ ଭିତରେ ଲୁଚି ରହିଥିବା ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**କନ୍ୟା** – ସ୍ୱଗୃହାଭିମୁଖୀ ବୁଧ ହେତୁ ସ୍ୱାସ୍ଥ୍ୟ ଠିକ୍ ରହିବା ସହ କର୍ମକ୍ଷେତ୍ରରେ ସୁନାମ ଅର୍ଜନ କରିବେ। ତଥାପି ହସ୍ତା ନକ୍ଷତ୍ର କାର୍ଯ୍ୟ ସାଧନ ପାଇଁ ଅନୁକୂଳ ପରିବେଶ ଅଭାବରୁ ଚିନ୍ତା ପ୍ରକଟ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ବିଶିଷ୍ଟ ବ୍ୟକ୍ତିଙ୍କ ଆହ୍ୱାନରେ ଉତ୍ସବ ଅନୁଷ୍ଠାନରେ ଯୋଗଦେଲେ ସମ୍ମାନିତ ହେବେ।

**ତୁଳା** – ଶନି ଦୃଷ୍ଟ ଶୁକ୍ରଜନିତ ଟେନ୍‌ସନ ସବୁ ସମୟରେ ଲାଗି ରହିଥିବା କାରଣରୁ ମନ ଭଲ ରହି ନ ପାରେ। ଚିତ୍ରା ନକ୍ଷତ୍ର ଯେତେ ପାଇଲେ ମଧ୍ୟ ଅଭାବବୋଧ ଅନୁଭବ କରିବେ। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ମିଳିପାରେ। ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଘରକାମ କରିବାକୁ ବାଧ୍ୟ ହୋଇପାରନ୍ତି।

**ବିଛା** – ଶନିଙ୍କ କୁପ୍ରଭାବରୁ ନିଜର ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମନସ୍କ ରହିପାରନ୍ତି। ଅନୁରାଧା ନକ୍ଷତ୍ର ପରିସ୍ଥିତି ପ୍ରତି ଲକ୍ଷ୍ୟ ରଖି କାମ ନ କଲେ ଅସୁବିଧାରେ ପଡ଼ିବେ। ସହକର୍ମୀଙ୍କ ସହ ବହୁଦିନର ମତାନ୍ତର ଓ ମନାନ୍ତର ସମାଧାନ ହେବ। ପାରିବାରିକ ଜୀବନରେ ବୁଝାମଣା ହେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**ଧନୁ** – ବୃହସ୍ପତିଙ୍କ ଯୋଗୁ କାର୍ଯ୍ୟ ସାଧନ ପରିପେକ୍ଷୀରେ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ଅସାବଧାନତାରୁ ଧନହାନି ଘଟିବାର ପୂର୍ଣ୍ଣ ସମ୍ଭାବନା ରହିଛି। ଉପରିସ୍ଥଙ୍କ ବାହୁଛାୟା ତଳେ ଆଶ୍ରୟ ନେଇଥିବା କାରଣରୁ ବର୍ତ୍ତମାନ ସକାଶେ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ।

**ମକର** – ବକ୍ରି ଶନିଜନିତ ପାରିବାରିକ ଦୃଷ୍ଟିକୋଣରୁ ଖୁସିରେ ରହିଲେ ମଧ୍ୟ ମାନସିକ ସ୍ଥିରତା ରହି ନ ପାରେ। ପ୍ରିୟ ବନ୍ଧୁଙ୍କ ସମ୍ପର୍କରେ କୌଣସି ଖବର ମନକୁ ବିଚଳିତ କରିପାରେ। ନିର୍ମାଣାଧୀନ ଗୃହ, ଯାନବାହନକୁ ଶେଷ ସ୍ପର୍ଶ ଦେଇ ଖୁସି ମନାଇବେ। ଅନ୍ୟମାନଙ୍କ ଦୂରଭିସନ୍ଧିକୁ ଠିକ୍ ଭାବେ ବୁଝିପାରି ସମ୍ଭାବ୍ୟ ବିପଦକୁ ଦୂରେଇଦେବେ।

**କୁମ୍ଭ** – ଚେଷ୍ଟା କରୁଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବାରେ ବନ୍ଧୁମାନେ ସାହାଯ୍ୟ କରିପାରନ୍ତି। ଚତୁର୍ଥସ୍ଥ ଗ୍ରହଜନିତ ପୂର୍ବର ସମସ୍ୟାକୁ କେନ୍ଦ୍ରକରି ଗୃହ,ଭୂମି,ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ଆକସ୍ମିକ ଭାବରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିବ। ବନ୍ଧୁଙ୍କ କଥାର ପ୍ରଗଳ୍‌ଭତାରେ ପ୍ରଭାବିତହୋଇ ତୀର୍ଥାଟନ କଥା ଚିନ୍ତାକରିପାରନ୍ତି।

**ମୀନ** – ବୁଧଙ୍କ ପ୍ରଭାବରେ ପରିବାରରୁ ଆଶାନୁରୂପ, ସ୍ନେହ, ଶ୍ରଦ୍ଧା ଓ ସହାନୁଭୂତି ପାଇବା କମି ଯାଇପାରେ। ଦେହରେ କୌଣସି ବଡ଼ ଧରଣର ରୋଗ ନ ଥାଇ ମଧ୍ୟ ଦୁର୍ବଳତା ଅନୁଭବ କରିବେ। ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ସାୟାହ୍ନେ ଟେନ୍‌ସନ ବଢ଼ିଯିବ।

ଆଜି ଅଗଷ୍ଟ ୬ ତାରିଖ, ହିରୋସୀମା ଦିବସ, ଶ୍ରାବଣ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର। ରାଶି ନକ୍ଷତ୍ର–ମଘା/ସିଂହ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୪୦ ଗତେ, ଘ.୧୦।୩୫ ମଧ୍ୟେ, ଘ.୦୧।୦୯ ଗତେ, ଘ.୦୧।୨୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୩।୦୪ ଗତେ, ଘ.୦୪।୪୦ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ସେନା ହାତରେ...

ଲିଗ୍ ସମର୍ଥକମାନେ ଉପକୃତ ହେବେ। ତେଣୁ ଏହାକୁ ହଟାଇ ଏକ ଯୋଗ୍ୟତାଭିତ୍ତିକ ବ୍ୟବସ୍ଥା କରାଯାଉ। ଆନ୍ଦୋଳନ ତେଜିବାରେ ଲାଗିଥିବାବେଳେ ଆୱାମି ଲିଗ୍ ନେତାମାନେ ବଳ ପ୍ରୟୋଗ ଜରିଆରେ ଏହାକୁ ଚପାଇଦେବାକୁ ଉଦ୍ୟମ କରିଥିଲେ।

ବିବାଦୀୟ ସଂରକ୍ଷଣ ବିରୋଧୀ ଆନ୍ଦୋଳନରେ ଅଦ୍ୟାବଧି ୩୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଲାଣି। କେବଳ ରବିବାର ଓ ସୋମବାର ପୋଲିସ ସହ ସଂଘର୍ଷ ଘଟି ଶତାଧିକ ଲୋକଙ୍କ ଜୀବନ ଯାଇଛି। ଆନ୍ଦୋଳନର ନିଆଁ ସାରା ଦେଶକୁ ବ୍ୟାପିବା ପରେ ବିକ୍ଷୋଭକାରୀଙ୍କୁ ଗୁଳି ନ କରିବାକୁ ସେନାମୁଖ୍ୟ ଜେନେରାଲ ୱାକର–ଉଜ୍–ଜମାନ ଉଭୟ ସେନା ଓ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିକ୍ଷୋଭକାରୀମାନଙ୍କୁ ହିଂସାତ୍ମକ ଉପାୟ ଛାଡ଼ି ଆନ୍ଦୋଳନ ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ସମସ୍ତ ଦେଶବାସୀଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେନାମୁଖ୍ୟଙ୍କ ଏହି ଘୋଷଣା ପରେ ବହୁସଂଖ୍ୟକ ଲୋକ ରାସ୍ତାକୁ ଓହ୍ଲାଇ ହାସିନାଙ୍କ ବିଦାୟର ଉତ୍ସବ ପାଳନ କରିଛନ୍ତି। ଏହା ପୂର୍ବରୁ ଶତାଧିକ ଲୋକ ହାସିନାଙ୍କ ସରକାରୀ ବାସଭବନ 'ଗଣଭବନ'କୁ ଧସେଇ ପଶିଥିଲେ। ବିକ୍ଷୋଭକାରୀମାନେ ସେଠାରୁ ଚେୟାର, ସୋଫା ଆଦି ବହୁ ଆସବାବପତ୍ର ଲୁଟି ନେଇଯିବା ବେଳର ଭିଡିଓ ଫୁଟେଜ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ଢାକାର ୩/ଏ ଧାନମଣ୍ଡିସ୍ଥିତ ହାସିନାଙ୍କ ପାର୍ଟି ଅଫିସରେ ବିକ୍ଷୋଭକାରୀମାନେ ନିଆଁ ଲଗାଇଦେଇଛନ୍ତି। ଉତ୍ୟକ୍ତ ବିକ୍ଷୋଭକାରୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଅସାଦୁଜ୍ଜାମନ୍ ଖାନ୍‌ଙ୍କ ଘରକୁ ପଶି ଭଙ୍ଗାରୁଜା ମଧ୍ୟ କରିଛନ୍ତି। ଏପରି କି ହାସିନାଙ୍କ ବାପା ମୁଜିବୁର ରହମାନଙ୍କ ପ୍ରତିମୂର୍ତ୍ତିକୁ ମଧ୍ୟ ହାତୁଡ଼ିରେ ଭାଙ୍ଗିଦେଇଛନ୍ତି।

ଏହା ପୂର୍ବରୁ ବିକ୍ଷୋଭକାରୀମାନେ ହାସିନାଙ୍କ ଇସ୍ତଫା ଦାବିରେ 'ଲଙ୍ଗ୍ ମାର୍ଚ୍ଚ ଟୁ ଢାକା' ଶୋଭାଯାତ୍ରା କରିବାବେଳେ ସରକାର ଇଣ୍ଟରନେଟ୍ ସେବାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଏହି ବିକ୍ଷୋଭ ଶୋଭାଯାତ୍ରା ବେଳେ ୪ ଲକ୍ଷରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀ ଏକତ୍ରିତ ହୋଇଥିଲେ। ଯାତ୍ରାବାରି ଏବଂ ଢାକା ମେଡିକାଲ କଲେଜ ଅଞ୍ଚଳରେ ପୋଲିସ ଓ ସେନା ସହ ସଂଘର୍ଷ ବେଳେ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ରାଜଧାନୀ ଢାକାର ରାଜରାସ୍ତାରେ ଏବେ ମଧ୍ୟ ପୋଲିସ ସହ ସୈନ୍ୟମାନେ ପହରା ଦେଉଛନ୍ତି। ରବିବାର ଆନ୍ଦୋଳନକାରୀମାନେ ହାସିନାଙ୍କ ଇସ୍ତଫା ଦାବିରେ ବିକ୍ଷୋଭ କରିଥିଲେ। ଏହି ବିକ୍ଷୋଭ ବେଳେ ୧୪ ପୋଲିସ କର୍ମଚାରୀଙ୍କ ସମେତ ଅନ୍ୟୁନ ୧୦୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଆନ୍ଦୋଳନ ଆରମ୍ଭ ହେବା ପରଠୁ ଅଦ୍ୟାବଧି ୧୧,୦୦୦ ଜଣଙ୍କୁ ଗିରଫ କରାଯାଇଛି। ବାଂଲାଦେଶ ପ୍ରତିଷ୍ଠା ହେବାର ୫ ଦଶନ୍ଧି ଇତିହାସରେ ଏହା ହେଉଛି ସବୁଠୁ ଘାତକ ଆନ୍ଦୋଳନ। ଏହି ଆନ୍ଦୋଳନ ଅଣାୟତ୍ତ ହେବା ପରେ ବାଂଲାଦେଶ ସେନା କ୍ଷମତା ନିଜ ନିୟନ୍ତ୍ରଣକୁ ନେଇ ପ୍ରଧାନମନ୍ତ୍ରୀ ହାସିନାଙ୍କୁ ଇସ୍ତଫା ଦେବା ପାଇଁ ୪୫ ମିନିଟ ମହଲତ ଦେଇଥିଲା ବୋଲି ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀ ପଦରୁ ହାସିନାଙ୍କ ଇସ୍ତଫା ଓ ପଳାୟନ ପରେ ବାଂଲାଦେଶରେ ଏକ ଅନ୍ତରୀଣ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସେନା ମୁଖ୍ୟ ଜେନେରାଲ ଏକ ଟେଲିଭିଜନ୍ ବାର୍ତ୍ତାରେ ବାଂଲାଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ଦେଶରେ ସଙ୍କଟ ସୃଷ୍ଟି ହୋଇଛି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ମୁଁ ଦେଶର ସମସ୍ତ ଉତ୍ତରଦାୟିତ୍ୱ ହାତକୁ ନେଉଛି। ଦେଶର ରାଜନେତାମାନଙ୍କ ସହ ଆଲୋଚନା ହୋଇଛି। ଦେଶ ଚଳାଇବା ପାଇଁ ଆମେ ଏକ ଅନ୍ତରୀଣ ସରକାର ଗଠନ କରିବାକୁ ନିଷ୍ପତ୍ତି ନେଇଛୁ। ଲୋକଙ୍କ ଧନ ଜୀବନ ରକ୍ଷା ପାଇଁ ପ୍ରତିଶ୍ରୁତି ଦେଉଛୁ। ଆପଣମାନଙ୍କ ଦାବି ପୂରଣ ହେବ। ଦୟାକରି ହିଂସା ବନ୍ଦକରି ସହଯୋଗ କରନ୍ତୁ। ହିଂସା ଜରିଆରେ କିଛି ହାସଲ କରାଯାଇପାରିବ ନାହିଁ। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସେନା ଦାୟିତ୍ୱ ନେଉ ବୋଲି ରାଜନେତାମାନେ ପରାମର୍ଶ ଦେଇଛନ୍ତି। ତେବେ ହାସିନାଙ୍କ ଆୱାମି ଲିଗ୍ ପାର୍ଟିର କୌଣସି ନେତା ଉକ୍ତ ବୈଠକରେ ସାମିଲ ହୋଇ ନ ଥିଲେ। ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ଭୋଲକେର ଟୁର୍କ ବାଂଲାଦେଶର ରାଜନେତାଙ୍କ ସହ ସୁରକ୍ଷା ବଳକୁ ନିଜ ଉତ୍ତରଦାୟିତ୍ୱ ତୁଲାଇ ଲୋକଙ୍କ ଜୀବନ ଧାରଣ ଅଧିକାର ଓ ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦେଇଛନ୍ତି।

## ଭାରତ-ବାଂଲାଦେଶ ଟ୍ରେନ୍...

ଢାକାକୁ ଭିସ୍ତାରା ବିମାନ ଚଳାଚଳ କରିଥିବା ଏହାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମଙ୍ଗଳବାର ସ୍ଥିତି ଅନୁଧ୍ୟାନ କରି ବିମାନ ଚଳାଚଳ ନେଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଦିନକୁ ଏୟାର ଇଣ୍ଡିଆର ୨ଟି ବିମାନ ଦିଲ୍ଲୀରୁ ଢାକାକୁ ଉଡ଼ାଣ କରୁଥିବାବେଳେ ଭିସ୍ତାରା ବିମାନ ମୁମ୍ବାଇରୁ ଥରେ ଉଡ଼ାଣ କରିଥାଏ। ସେହିପରି ଭିସ୍ତାରା ବିମାନ ସପ୍ତାହକୁ ୩ ଥର ଦିଲ୍ଲୀରୁ ଢାକାକୁ ଉଡ଼ାଣ କରିଥାଏ। ଇଣ୍ଡିଗୋ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଓ କୋଲକାତାରୁ ଢାକାକୁ ଯାଇଥାଏ।

## ସ୍କୁଲ ଯିବାବେଳେ...

ଯୋଗେ ସକାଳ ୭ଟାରେ ଟାଟା ଡିଏଭି ସ୍କୁଲକୁ ଛାଡ଼ିବାକୁ ଯାଉଥିଲେ। ସ୍କୁଲର ଅନତି ଦୂର ରାଜ୍ୟ ରାଜପଥ ନଂ.୨ର ଫ୍ଲାଏ ଓଭର ସଂଯୋଗୀ ରାସ୍ତା ନିକଟରେ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ବାଇକ୍ ପ୍ରାୟ ୫୦ମିଟର ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କ୍ରିଷ୍ଣାଙ୍କ ହେଲମେଟ, କୋମଳମତି ଛାତ୍ରଦ୍ୱୟଙ୍କ ପାଣି ବୋତଲ, ସ୍କୁଲ୍ ବ୍ୟାଗ୍ ଓ ଶରୀରର ଖଣ୍ଡ ବିଖଣ୍ଡିତ ଅଂଶ ରାସ୍ତାର ଅଧ କି.ମି. ପର୍ଯ୍ୟନ୍ତ ବିକ୍ଷିପ୍ତ ଭାବେ ପଡ଼ିଥିଲା। ଦୁର୍ଘଟଣା ପରେ ଉତ୍ୟକ୍ତ ମହିଳା ଓ ପୁରୁଷ ରାସ୍ତାରୋକୋ କରିଥିଲେ। ସ୍କୁଲକୁ ସଂଯୋଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ ବାରିକେଡ୍, ସ୍କୁଲ ପିଲାଙ୍କ ପାଇଁ ସର୍ଭିସ୍ ରୋଡ୍, ସ୍କୁଲ ସମୟରେ ଫ୍ଲାଏ ଓଭରଠାରୁ ସ୍କୁଲ ପର୍ଯ୍ୟନ୍ତ ସୁରକ୍ଷାକର୍ମୀ ନିୟୋଜନ, ସକାଳ ୬ଟାରୁ ୯ଟା, ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ, ମୃତକଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ ପ୍ରଦାନ ଦାବି କରିଥିଲେ। ଉପରୋକ୍ତ ସମସ୍ୟା ନେଇ ପୂର୍ବରୁ ବାରମ୍ବାର ଦାବି ହୋଇଆସୁଥିଲେ ସୁଦ୍ଧା ପ୍ରଶାସନ ଓ ଫ୍ଲାଏ ଓଭର ନିର୍ମାଣ କରିଥିବା ଓଡ଼ିଶା ବ୍ରିଜ କନଷ୍ଟ୍ରକ୍‌ଶନ କର୍ପୋରେଶନ ଲିମିଟେଡ୍(ଓବିସିସିଏଲ)ଦୃଷ୍ଟି ଦେଉ ନ ଥିଲେ। ବଡ଼ବିଲ ତହସିଲଦାର ଡିଏସ୍‌ଏସ୍ ଯୋଶୀ, କେନ୍ଦୁଝର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ ନାୟକ, ବଡ଼ବିଲ ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟ, ଯୋଡ଼ା ଥାନା ଅଧିକାରୀ ଲୋକେଶ ସାହୁ, ବାମେବାରୀ ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରର ଅନ୍ୟ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଡିଏଭି, ସେଣ୍ଟ ଟେରେସା ସ୍କୁଲରେ ନିଃଶୁଳ୍କ ପାଠପଢ଼ା ଏବଂ କ୍ରିଷ୍ଣା ଭୁଷାଲ କାର୍ଯ୍ୟ କରୁଥିବା ତ୍ରିବେଣୀ ଆର୍ଥ ମୁଭର୍ କମ୍ପାନୀ ଏବଂ ଯୋଡ଼ା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନ ୧ଟା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଥିଲା। ଯୋଡ଼ା ଥାନା ଅଧିକାରୀ କହିଛନ୍ତି, ଏକ ମାମଲା(ନଂ.୨୩୨/୨୪) ରୁଜୁ ହୋଇ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୋଜାଯାଉଛି। ସ୍ଥାନୀୟ କାଉନ୍‌ସିଲର ସୌଦାମିନୀ ନାଏକ, ଉପ ନଗରପାଳ ସନ୍ଧ୍ୟା ପାତ୍ର କହିଛନ୍ତି, କାଉନ୍‌ସିଲ ମିଟିଂରେ ବାରମ୍ବାର ସ୍ପିଡ୍ ବ୍ରେକର, ଅଙ୍କାବଙ୍କା ରାସ୍ତା ପାଇଁ କନଭେକ୍ସ ମିରର, ଗତି ନିୟନ୍ତ୍ରକ ରାଡାର ମେଶିନ, ସିସିଟିଭି କ୍ୟାମେରା ଲଗାଇବାକୁ ଅଭିଯୋଗ ହେଉଥିଲେ ମଧ୍ୟ ଲଗାଯାଉନାହିଁ।

### ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ମୃତବ୍ୟକ୍ତିଙ୍କ ପାଇଁ ତୁରନ୍ତ ୩୦ ହଜାର ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହିତ ହିଟ୍ ଆଣ୍ଡ ରନ୍ କେସ୍ ସୋଲାସିୟମ ସ୍କିମ୍‌ରେ ପ୍ରତ୍ୟେକ ମୃତବ୍ୟକ୍ତିଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ବ୍ୟବସ୍ଥା କରାଯାଇଛି। ମୃତ କ୍ରିଷ୍ଣା ଭୁଷାଲଙ୍କ ଅନ୍ୟତମ ପୁଅ ନିସାଲ ଭୁଷାଲଙ୍କୁ ଟାଟା ଡିଏଭି ସ୍କୁଲରେ ମାଗଣା ପାଠ ପଢ଼ାଇବା ବ୍ୟବସ୍ଥା କରାଯାଇଛି। ଏଥିସହିତ ମୃତ ଗଣେଶ ଶର୍ମାଙ୍କ ଭାଇ ଆଦିତ୍ୟ ଶର୍ମାଙ୍କୁ ଟାଟା ଡିଏଭିରେ ମଧ୍ୟ ମାଗଣା ପାଠ ପଢ଼ାଇବାର ବ୍ୟବସ୍ଥା କରାଯାଇଛି।

## ଭାଇରାଲ ହେଉଛି...

ସରକାର ଆଗୁଆ ଫେରାଇ ଦେଇଛନ୍ତି। ଗୃହ ମନ୍ତ୍ରଣାଳୟ ଜୁଲାଇ ୨୬ରେ ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟିକୁ ସୁପାରିସ କରିଥିଲା। ଖୁରାନିଆ ଓ ନିତୀନ ଅଗ୍ରୱାଲ (ବିଏସ୍‌ଏଫ୍ ଡିଜି)ଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଏହା କାର୍ଯ୍ୟାନୁଷ୍ଠାନ ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ତତ୍କାଳୀନ ବିଜେଡି ସରକାର ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ଅରୁଣ ଷଡ଼ଙ୍ଗୀଙ୍କୁ ୨୦୨୩ ଡିସେମ୍ବର ୩୧ରେ ଅସ୍ଥାୟୀ ଭାବେ ଡିଜିପି ଦାୟିତ୍ୱ ନ୍ୟସ୍ତ କରିଥିଲେ। ସେବେଠୁ ସେ ରାଜ୍ୟରେ ଏହି ଦାୟିତ୍ୱ ତୁଲାଉଛନ୍ତି। ସେହି ସମୟରୁ ସେ ରାଜ୍ୟ ପୋଲିସ ଭାର ସଫଳତାର ସହ ସମ୍ଭାଳି ଆସୁଛନ୍ତି। ଏହି ସମୟ ମଧ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଥିବା ସତ୍ତ୍ୱେ ଓଡ଼ିଶାରେ କୌଣସି ବଡ଼ ଧରଣର ହିଂସା କିମ୍ବା ଭୋଟ ସମ୍ପର୍କିତ ଗଣ୍ଡଗୋଳ ଘଟିଥିବାର ନଜିର ନାହିଁ। ଅରୁଣଙ୍କୁ ରାଜ୍ୟର ସ୍ଥାୟୀ ଡିଜି କରିବା ପରିବର୍ତ୍ତେ ଜଣେ ଅଣଓଡ଼ିଆଙ୍କୁ ଏହି ପଦବୀରେ ବସାଇବାକୁ ନେଇ ବିଭିନ୍ନ ମହଲରେ ନାପସନ୍ଦ କରାଯାଉଛି।

ଓଡ଼ିଆ ଅସ୍ମିତା କଥା କହି ରାଜ୍ୟରେ କ୍ଷମତାକୁ ଆସିଥିବା ଭାଜପା ସରକାର ମୁଖ୍ୟ ଶାସନ ସଚିବ ପଦବୀରେ ଜଣେ ଅଣଓଡ଼ିଆ ଆଇଏଏସ୍ ଅଫିସରଙ୍କୁ ନିଯୁକ୍ତ କରିଥିବା ବେଳେ ଏବେ ରାଜ୍ୟ ପୋଲିସର ସର୍ବୋଚ୍ଚ ପଦବୀରେ ଆଉ ଜଣେ ଅଣଓଡ଼ିଆ ଅଫିସରଙ୍କୁ ନିଯୁକ୍ତି ଦେବା ନେଇ ସାମାଜିକ ଗଣମାଧ୍ୟମରେ ଜୋରଦାର ସମାଲୋଚନା ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ଦୀର୍ଘ ୪୬ ବର୍ଷ ଧରି କୌଣସି ଅଣଓଡ଼ିଆ ଆଇଏଏସ୍ ଅଫିସର ମୁଖ୍ୟ ଶାସନ ସଚିବ ପଦବୀରେ ନ ଥିଲେ। ଏପରି କି ଏହି ଉଭୟ ପଦବୀରେ ଅଣଓଡ଼ିଆ ଅଫିସର ଏକାସଙ୍ଗେ ନିଯୁକ୍ତି ପାଇଥିବାର ନଜିର ଓଡ଼ିଶାରେ କାହାରି ମନେ ନ ଥିବ।

ପୂର୍ବରୁ ବିଜେଡି ସରକାର ଅଣଓଡ଼ିଆ ଅଫିସରଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଦେଇ ଆସିଥିବା ବେଳେ ପୁନର୍ବାର ଭାଜପା ସରକାର ସେଇ ରାସ୍ତା ଆପଣାଇଥିବା ଭାଇରାଲ ହେଉଛି। ଏଥିରୁ ବୁଝିବାକୁ ହେବ, ଓଡ଼ିଶାରେ ନେତା ଏବଂ ରାଜନୈତିକ ଦଳ ନିର୍ବାଚନରେ ବଦଳିଥିବା ସତ୍ତ୍ୱେ ପ୍ରଶାସନିକ ପଦ୍ଧତିରେ ବ୍ୟବସ୍ଥା ବଦଳିପାରୁ ନାହିଁ।

## ଦିନକରେ ନିବେଶକ...

୨୦୫୬.୪୦ ପଏଣ୍ଟ କମି ୫୫,୮୫୬.୨୫ ଅଙ୍କ ଏବଂ ନିଫ୍ଟି ସ୍ମଲକ୍ୟାପରେ ୩୮୩.୪୫ ପଏଣ୍ଟ ହ୍ରାସ ଘଟି ୮୩୯୧.୫୦ ପଏଣ୍ଟରେ କାରବାର ଶେଷ କରିଛି। ସେହିଭଳି ନିଫ୍ଟି ବ୍ୟାଙ୍କ (ନିଫ୍ଟି ବ୍ୟାଙ୍କିଙ୍ଗ)ରେ ୧୨୫୮.୦୫ ପଏଣ୍ଟ ହ୍ରାସ ଘଟି ୫୧,୦୯୨.୧୦ ଅଙ୍କରେ ରହିଛି।

ସେହିପରି ସେକ୍ଟୋରାଲ କ୍ଷେତ୍ରରେ ଟାଟା ମୋଟର୍ସ ସର୍ବାଧିକ ୭.୯୦% କ୍ଷତି ସହିଥିଲାବେଳେ ହିନ୍ଦୁସ୍ଥାନ ୟୁନି ଲିଭର ୧.୦୨% ଶେୟାର ବଢାଇବାରେ ହୋଇଛି। ଏପରିକି ଘରୋଇ ବ୍ୟାଙ୍କ, ମେଟାଲ, ଅଟୋ, ଏଫଏମ୍‌ସିଜି, ଉତ୍ପାଦ ୟୁନିଟ ଓ ଫାର୍ମା ନିବେଶକମାନେ ବଡ ଧରଣର କ୍ଷତି ସହିଛନ୍ତି।

## ଆଜି କିଶୋରଙ୍କ...

ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଦୀପ୍ ଗ୍ରେସ୍ ଏକ୍କା, ସୁନୀତା ଲାକ୍ରା, ଲିଲିମା ମିଞ୍ଜ, ନମିତା ଟପ୍ପୋ, ଅମିତ ରୋହିଦାସଙ୍କ ପରେ ଓଡ଼ିଶାର ୧୬ଶ କ୍ରୀଡ଼ାବିତ୍‌ଭାବେ କିଶୋର ଅଲିମ୍ପିକ୍ସରେ ପଦାର୍ପଣ କରିବାକୁ ଯାଉଛନ୍ତି।

# ବିନା ଜନଶୁଣାଣିରେ ଚାଲିଛି ରାମ୍‌କୋ ସିମେଣ୍ଟ କାରଖାନା

ଯାଜପୁର,୫।୮
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାସପୁରଠାରେ ପ୍ରତିଷ୍ଠିତ ରାମ୍‌କୋ ସିମେଣ୍ଟ କମ୍ପାନୀ ନାଁରେ ସ୍ଥାନୀୟ ପ୍ରଭାବିତ ଓ କ୍ଷତିଗ୍ରସ୍ତ ଲୋକମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। ରେଳପଥରେ କଞ୍ଚାମାଲ ଓ ଉତ୍ପାଦିତ ସାମଗ୍ରୀର ପରିବହନ କରାଯିବ ବୋଲି ଦର୍ଶାଇ ରାମ୍‌କୋ ଅସାଧୁ ଉପାୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଜନଶୁଣାଣିକୁ ବାଦ୍ ଦେଇଛି। ବିନା ଜନଶୁଣାଣିରେ କମ୍ପାନୀ ପ୍ରାୟ ୫ ବର୍ଷ ହେଲା ଉତ୍ପାଦନ ଚଳାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିରେ ରାଜ୍ୟ ସରକାର ସମସ୍ତ ପ୍ରକାର ଅନୁମତି ପ୍ରଦାନ କରିଛନ୍ତି। ଏବେ ରାଜ୍ୟରେ ନୂଆ ସରକାର ଆସିଥିବାରୁ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କୁ ନ୍ୟାୟ ଦେବେ ବୋଲି କମ୍ପାନୀ ଦ୍ୱାରା ପ୍ରଭାବିତ ଓ କ୍ଷତିଗ୍ରସ୍ତ ଲୋକମାନେ ଆଶା ରଖିଛନ୍ତି। ଏନେଇ ସେମାନେ ନବନିର୍ବାଚିତ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଛନ୍ତି।

ରାମ୍‌କୋ ସିମେଣ୍ଟ ଲିଃ ୨୫।୬।୨୦୧୮ରେ ଗୋ ସୁଇଫ୍ଟ ପୋର୍ଟାଲ ଜରିଆରେ କାରଖାନା ପ୍ରତିଷ୍ଠା ପାଇଁ ଆବେଦନ କରିଥିଲା। ଏହି କମ୍ପାନୀ ବାର୍ଷିକ ୦.୯ ମିଲିୟନ ଟନ ପୋର୍ଟଲାଣ୍ଡ ସ୍ଲାଗ୍ ସିମେଣ୍ଟ, ପୋର୍ଟଲାଣ୍ଡ ପୋଜୋଲାନା ସିମେଣ୍ଟ ଓ ଅର୍ଡିନାରି ପୋର୍ଟଲାଣ୍ଡ ସିମେଣ୍ଟ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଥିଲା। କମ୍ପାନୀ ୧୦।୫।୨୦୧୭ରେ ଫେରୋ ଆଲୋଏଜ କର୍ପୋରେଶନଠାରୁ ଜମି କିଣି ପ୍ରଥମ ନିବେଶ କରିଥିଲା। ଏଥିରେ ସିଧାସଳଖ ୬୩ ଜଣ ଓ ପରୋକ୍ଷ ଭାବେ ୩୦୦ ଜଣ ନିଯୁକ୍ତି ପାଇବେ ବୋଲି କମ୍ପାନୀ ରିପୋର୍ଟରେ ଦର୍ଶାଯାଇଥିଲା। କିନ୍ତୁ ଜନଶୁଣାଣି ନ କରି କନ୍‌ସେଣ୍ଟ ଟୁ ଏଷ୍ଟାବ୍ଲିଶ(ସିଟିଇ), ପରିବେଶଗତ ଅନୁମତି(ଇସି), ଭୂତଳ ଜଳ ବ୍ୟବହାର ଅନୁମତି, ନେସ୍କୋରୁ ବିଦ୍ୟୁତ ସଂଯୋଗ, ଶ୍ରମିକ ପଞ୍ଜୀକରଣ ଆଦି ଚଞ୍ଚକତା କରି କମ୍ପାନୀ ହାତେଇ ନେଇଥିବା ଅଭିଯୋଗ ହୋଇଛି। ପ୍ରଥମେ ଜନଶୁଣାଣିରେ ଲୋକଙ୍କ ସମର୍ଥନ ପରେ ପରିବେଶଗତ ଅନୁମତି ମିଳିବା କଥା। କିନ୍ତୁ କେଉଁ ଆଧାରରେ ପରିବେଶଗତ ଅନୁମତି ମିଳିଛି ତାହା ତଦନ୍ତ ସାପେକ୍ଷ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇମାମି(ନୁଭୋକୋ), ଜେଏସ୍‌ଡବ୍ଲ୍ୟୁ ଓ ସାଗର ସିମେଣ୍ଟ ଜନଶୁଣାଣିରେ ଲୋକଙ୍କ ସମର୍ଥନ ମିଳିବା ପରେ କାରଖାନା ପ୍ରତିଷ୍ଠା କରିଛନ୍ତି। କିନ୍ତୁ ଜଣେ ପ୍ରଭାବଶାଳୀଙ୍କ ଯୋଗୁ ଅଣଓଡ଼ିଆ ସଂସ୍ଥା ରାମ୍‌କୋ ଜନଶୁଣାଣି ଛାଡ଼ ପାଇଥିଲା ବୋଲି ଚର୍ଚ୍ଚା ହେଉଛି। ଏଥିପାଇଁ ବାଟିଜଙ୍ଗା, ଟେଲର, ଥାନୁଆଳ, ଜୋଗଡ଼ା, ମୁରାରୀପୁର, ନାନପୁର, ହରିଦାସପୁର, ଉଡ଼ଙ୍ଗା, ବାଜବାଟି, ଭାତୁରୁପୋଷି, ନେଉଳପୁର ଓ ରଥିଆ ଗ୍ରାମବାସୀ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେଉଛନ୍ତି। ରାମ୍‌କୋ କାରଖାନାର କଞ୍ଚାମାଲ ଓ ଉତ୍ପାଦିତ ସାମଗ୍ରୀ ଏହିସବୁ ଗ୍ରାମ ଦେଇ ପରିବହନ ହେଉଥିବାରୁ ଲୋକେ ପ୍ରଦୂଷଣ ଯାତନାରେ ଅତିଷ୍ଠ ହୋଇ ପଡ଼ିଛନ୍ତି। ଏପରିକି ଆଖପାଖରେ ଥିବା ଚାଷ ଜମିର ଉର୍ବରତା ମଧ୍ୟ ନଷ୍ଟ ହେଉଥିବା କେତେଜଣ ଚାଷୀ ଅଭିଯୋଗ ଆଣିଛନ୍ତି। ଏହିସବୁ ଦୃଷ୍ଟିରୁ ଜନଶୁଣାଣିର ଆବଶ୍ୟକତା ନିହାତି ରହିଥିଲା ବୋଲି ପ୍ରଭାବିତ ଲୋକେ ମତପ୍ରକାଶ କରିଛନ୍ତି।

ଏହାବାଦ୍ ୨୦୧୯ ଫେବୃଆରୀରେ ଧର୍ମଶାଳା ଥାନାରେ ତତ୍କାଳୀନ ଥାନୁଆଳ ଓ ଆରୁହା ସରପଞ୍ଚ କରିଥିବା ଅଭିଯୋଗ ଅନୁଯାୟୀ ଧର୍ମଶାଳା ତହସିଲ ଅନ୍ତର୍ଗତ ବାଟିଜଙ୍ଗା, ନାନପୁର ଓ ଜୋଗରଡ଼ା ମୌଜାର ପ୍ରାୟ ୨ ଏକର ଗୋଚର ଜମିକୁ ରାମ୍‌କୋ କବ୍‌ଜା କରି ରଖିଥିଲା। ତାହାକୁ ଅଣଗୋଚର ଜମି ଭାବେ ପରିବର୍ତ୍ତନ କରାଯାଇ ଇଡ୍‌କୋକୁ ହସ୍ତାନ୍ତର କରିବାକୁ ଉଦ୍ୟମ ହୋଇଥିଲା। ଏଥିପାଇଁ ଜାରି ହୋଇଥିବା ସର୍ବସାଧାରଣ ନୋଟିସରେ ୨୦ଜଣ ସ୍ଥାନୀୟ ଲୋକ ଏବଂ ଥାନୁଆଳ ଓ ଆରୁହା ସରପଞ୍ଚଙ୍କ ଦସ୍ତଖତକୁ ଜାଲିଆତି କରାଯାଇଥିଲା ବୋଲି ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ତତ୍କାଳୀନ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ପ୍ରୋସେସ୍ ସର୍ଭର ହେମନ୍ତ କୁମାର ନନ୍ଦଙ୍କ ସମେତ ଥାନୁଆଳ ଓ ଆରୁହା ସରପଞ୍ଚଙ୍କୁ ନେଇ ତଦନ୍ତ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଜାଲିଆତିକୁ ଚପାଇ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ରାମ୍‌କୋ କମ୍ପାନୀ ତା'ର ଅଧିକାଂଶ ମାଲ ପରିବହନ ଟ୍ରେନ ଯୋଗେ କରିବ ବୋଲି ଦର୍ଶାଇ ଜନଶୁଣାଣିକୁ ବାଦ୍ ଦେଇଥିଲା। ଯଦି ଏହାର ଉଲ୍ଲଂଘନ କରି ସଡ଼କ ପଥରେ ମାଲ ପରିବହନ କରୁଛି, ତେବେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକଙ୍କ ଅଭିଯୋଗ ସଂକ୍ରାନ୍ତରେ ରାମ୍‌କୋ ଜିଏମ୍ ଅଜିତ୍ ପଲଙ୍କୁ ତାଙ୍କ ମୋବାଇଲ ଫୋନରେ ଯୋଗାଯୋଗ କରାଯିବାରୁ ସେ ବ୍ୟସ୍ତ ଅଛନ୍ତି, ପରେ କଥା ହେବି ବୋଲି କହିଥିଲେ।

# ଭିଜିଲାନ୍ସ ଜାଲରେ ଆଉ ଜଣେ କୋଟିପତି ଯନ୍ତ୍ରୀ

**ଖୋର୍ଦ୍ଧା, ଭୁବନେଶ୍ୱର, ଯାଜପୁର, ଭଦ୍ରକ, କଟକର ୧୨ ସ୍ଥାନରେ ଚଢ଼ାଉ**

- ୪୨ ପ୍ଲଟ୍ ଠାବ, ଯାଜପୁରରେ କେବଳ ୨୯
- କେଜିଏ ସୁନା, ବ୍ୟାଙ୍କ ଓ ପୋଷ୍ଟାଲ ଜମା ୮୮ ଲକ୍ଷ


ପ୍ରଦୀପ କୁମାର ରଥ


ଠାବ ହୋଇଥିବା ଅଳଙ୍କାର

ଭୁବନେଶ୍ୱର/କଟକ,୫।୮
(ସତ୍ୟଜିତ୍ ରାଉତ/କାର୍ତ୍ତିକ ସାହୁ)

ରାଜ୍ୟର ଆଉ ଜଣେ କୋଟିପତି ସରକାରୀ ବାବୁ ସୋମବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ କରିବା ପରେ ତାଙ୍କ ସମ୍ପତ୍ତିର ସାମ୍ରାଜ୍ୟ ପଦାକୁ ଆସିଛି। ବାବୁ ଜଣଙ୍କ ହେଲେ କଟକ ସର୍କଲ୍ ମୁଖ୍ୟ ନିର୍ମାଣ ଯନ୍ତ୍ରୀ (ରାସ୍ତା ଓ ଗୃହ)ଙ୍କ କାର୍ଯ୍ୟାଳୟସ୍ଥିତ ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନଷ୍ଟ୍ରକ୍ସନ୍ କର୍ପୋରେଶନ (ଓବିସିସି)ର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଦୀପ କୁମାର ରଥ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ପ୍ରଦୀପଙ୍କ ଘର ସମେତ ଭୁବନେଶ୍ୱର, କଟକ, ଭଦ୍ରକ, ଯାଜପୁର ଓ ଖୋର୍ଦ୍ଧାର ୧୨ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚବେଳେ ଭିଜିଲାନ୍ସ ପ୍ରଦୀପଙ୍କ ୪୨ଟି ପ୍ଲଟ୍, ବହୁତଳ ବିଶିଷ୍ଟ ଏକାଧିକ କୋଠା, ବିପୁଳ ସୁନା ଅଳଙ୍କାର ସମେତ ବହୁ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ ଭଦ୍ରକ ଜିଲା ଅଗରପଡା ଥାନା ଅନ୍ତର୍ଗତ ପୁରୁଷଣ୍ଡି ଗ୍ରାମସ୍ଥିତ ପୈତୃକ ଘର, ଭଦ୍ରକ ସଦର ଥାନା ଅଧୀନ ରାନ୍ଦିଆଶାସନ ଗ୍ରାମସ୍ଥିତ ଆଉ ଏକ ପୈତୃକ ଘର, ଯାଜପୁର ଟାଉନସ୍ଥିତ ବାସଭବନ, ଭୁବନେଶ୍ୱର ଶାସ୍ତ୍ରୀନଗରସ୍ଥିତ ଜଣେ ସହଯୋଗୀଙ୍କ ବାସଭବନ, ନୟାପଲ୍ଲୀ ଇନ୍ଦ୍ରଧନୁ ମାର୍କେଟସ୍ଥିତ ପୁଅଙ୍କ ଔଷଧ ଦୋକାନ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀ (ରାସ୍ତା ଓ ଗୃହ) ବାରବାଟୀ ଷ୍ଟାଡିୟମ ନିକଟ ଅଫିସସ୍ଥିତ ପ୍ରଦୀପଙ୍କ ଚାମ୍ବର ଆଦି ରହିଛି।

ଭିଜିଲାନ୍ସ ଦେଇଥିବା ରିପୋର୍ଟ ଅନୁଯାୟୀ, ସୋମବାର ସନ୍ଧ୍ୟା ସୁଦ୍ଧା ଠାବ ହୋଇଥିବା ପ୍ରଦୀପଙ୍କ ୪୨ଟି ପ୍ଲଟ୍ ମଧ୍ୟରୁ କେବଳ ଯାଜପୁରରେ ୨୯ଟି ରହିଛି। ବାକି ପ୍ଲଟ୍ ମଧ୍ୟରୁ ଭୁବନେଶ୍ୱରରେ ୬, କଟକରେ ୧, ଭଦ୍ରକରେ ୪ ଓ ଢେଙ୍କାନାଳରେ ୨ଟି ରହିଛି। ପଞ୍ଜୀକୃତ ସେଲ୍ ଡିଡ୍ ଅନୁଯାୟୀ ମୋଟ୍ ପ୍ଲଟଗୁଡ଼ିକର ମୂଲ୍ୟ ୧.୩୬ କୋଟି ରହିଥିବାବେଳେ ଏସବୁର ବଜାର ମୂଲ୍ୟ ବହୁ ଅଧିକ ହେବ। ସେହିପରି ଭୁବନେଶ୍ୱର ପାଣ୍ଡରାସ୍ଥିତ ସତ୍ୟବିହାରରେ ୬ ହଜାର ୬୬୦ ବର୍ଗଫୁଟରେ ୩ ମହଲା କୋଠା, ଚନ୍ଦ୍ରଶେଖରପୁରସ୍ଥିତ ଏକ ଆପାର୍ଟମେଣ୍ଟରେ ଗୋଟିଏ ଫ୍ଲାଟ, ପାତ୍ରପଡ଼ା ଭଗବାନପୁରରେ ଆଉ ଏକ ଫ୍ଲାଟ୍, ଭଦ୍ରକରେ ୭ ହଜାର ୭୬ ବର୍ଗଫୁଟରେ ଆଉ ଏକ ୩ ମହଲା କୋଠା, ଢେଙ୍କାନାଳ ଜିଲା ଘଟିପିରିରେ ଗୋଟିଏ କ୍ରଶର୍ ୟୁନିଟ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି କେଜିଏ ସୁନା ଅଳଙ୍କାର, ୩୦୦ ଗ୍ରାମର ରୁପା ଅଳଙ୍କାର, ବ୍ୟାଙ୍କ ଓ ପୋଷ୍ଟାଲ ଜମା ୮୮ ଲକ୍ଷ, ୨ଟି ଚାରିଚକିଆ ଯାନ, ୨ଟି ଜେସିବି, ଗୋଟିଏ ଏକ୍‌ଜାଭେଟର, ଗୋଟିଏ ରକ୍ ବ୍ରେକର୍ ଓ ୨ଟି ଦୁଇ ଚକିଆ ଯାନ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ପ୍ରଦୀପଙ୍କୁ ଏହି ବିପୁଳ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଚାଲିଥିବା ଯାଞ୍ଚରେ ଭିଜିଲାନ୍ସର ୨ଜଣ ଜଣ ଡିଏସ୍‌ପି, ୧୧ଜଣ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି।

## ଦୁର୍ଘଟଣାରେ ଆହତ ବ୍ୟଙ୍ଗ ଚିତ୍ରକର ଜ୍ଞାନ ରଥଙ୍କ ମୃତ୍ୟୁ

ଡେରାବିଶ, ୫।୮
(ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ୍ କେନ୍ଦ୍ରାପଡ଼ା ସଦର ଥାନା ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ବ୍ୟଙ୍ଗ ଚିତ୍ରକର ଓ କବି ଜ୍ଞାନ ରଥ (୬୨)ଙ୍କ ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ଜୁଲାଇ ୨୮ରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲର ଟ୍ରମା ଆଇସିୟୁରେ ଚିକିତ୍ସିତ ହେଉଥିଲେ। ରାତିରେ ତାଙ୍କର ମୃତ୍ୟୁ ହେବା ପରେ ସୋମବାର ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ରଥଙ୍କ ମୃତଦେହକୁ ଜନ୍ମସ୍ଥାନ କେଶରପୁରକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ରଥ ଦୈନିକ ଧରିତ୍ରୀ, ସମାଜ, ଅନୁପମ ଭାରତ ଭଳି ଖବରକାଗଜରେ ବ୍ୟଙ୍ଗ ଚିତ୍ରକର ଭାବେ କାର୍ଯ୍ୟ କରିଥିଲେ। ବିଭିନ୍ନ ରାଜନେତା, କବି ଓ ଗାଳ୍ପିକଙ୍କ ବ୍ୟଙ୍ଗଚିତ୍ର ସହ ସେମାନଙ୍କ ବିଷୟରେ ବ୍ୟଙ୍ଗାତ୍ମକ କବିତା ଲେଖିବା, ବିଭିନ୍ନ ସାମାଜିକ ସଚେତନତା ବାର୍ତ୍ତାକୁ ବ୍ୟଙ୍ଗଚିତ୍ର ମାଧ୍ୟମରେ ସମାଜକୁ ଦିଶା ଦେଖାଇବା ତାଙ୍କର ସଦାସର୍ବଦା ଲକ୍ଷ୍ୟ ରହିଥିଲା। ତାଙ୍କର ବ୍ୟଙ୍ଗାତ୍ମକ ଚିତ୍ର ସହ କବିତାର ଏକ ପୁସ୍ତକ ରହିଛି। ତାଙ୍କ ମୃତ୍ୟୁରେ ଡେରାବିଶ ପ୍ରେସ୍ କ୍ଲବ୍, ଦୋହଳୀ ମଡେଲ ହାଇସ୍କୁଲର ପୁରାତନ ଛାତ୍ର ସଂସଦ, କଳିଙ୍ଗ ଆବାସିକ ବିଦ୍ୟାଳୟ ଓ ପୁନର୍ବାସ ସାହିତ୍ୟ ସଂସଦ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।

## ସାପ କାମୁଡ଼ାରେ କାଉଡ଼ିଆ ମୃତ

ଭଦ୍ରକ,୫।୮(ସନାତନ ରାଉତ)

ଶ୍ରାବଣ ତୃତୀୟ ସୋମବାରରେ ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣିଙ୍କୁ ଜଳାଭିଷେକ ପାଇଁ ଯାଉଥିବା ଜଣେ କାଉଡ଼ିଆଙ୍କର ସର୍ପାଘାତରେ ମୃତ୍ୟୁ ଘଟିଛି। ଆଉ ଅଳ୍ପ ବାଟରେ ଆରଡ଼ି ପୀଠରେ ପହଞ୍ଚି ଜଳାଭିଷେକ କରିଥାନ୍ତେ। ମାତ୍ର ଅଧାରେ ରହିଗଲା ତାଙ୍କର ବୋଲବମ୍ ଯାତ୍ରା। ଧାମନଗର ଥାନା ପାଟୁଳି ଅଞ୍ଚଳର ୩ ଯୁବକ ବେତାଳିଙ୍ଗା ଗାନ୍ଧୀଘାଟରୁ ରବିବାର ଅପରାହ୍ନରେ ପାଣିଭାର ଉଠାଇ ଆରଡ଼ି ଯାଉଥିଲେ। ରାତି ପ୍ରାୟ ୧୦ଟାରେ ଆରଡ଼ି ଫାଣ୍ଡି ସାମ୍ନାରେ ହିମାଂଶୁ ମାଝୀ(୩୦)ଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିଥିଲା। ହିମାଂଶୁଙ୍କ ମୁଣ୍ଡ ଘୁରାଇବା ସହ ତଳେ ପଡ଼ିଯାଇଥିଲେ।

# ଅତ୍ୟାଧୁନିକ ଜ୍ଞାନକୌଶଳରେ ହେବ ରତ୍ନଭଣ୍ଡାର ଯାଞ୍ଚ

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**

- ଜମିଜମା କିଣାବିକା ସଂକ୍ରାନ୍ତ ନିୟମର ଚିଠା ପ୍ରସ୍ତାବକୁ ଅନୁମୋଦନ
- ଇ-ବସ୍ ଚଳାଚଳ, ଅର୍ପଣ ଚାଉଳ ବିନିଯୋଗ ନେଇ ଆଲୋଚନା

ପୁରୀ,୫।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ଜରୁରୀ ବୈଠକରେ ରତ୍ନଭଣ୍ଡାର ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବା ସହ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ଯାଞ୍ଚ ପାଇଁ ନୂଆ ଏସ୍‌ଓପିକୁ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦନ କରିଛି। ରାଜ୍ୟ ସରକାରଙ୍କ ଅନୁମତି ପରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରାଯାଇ ରତ୍ନଭଣ୍ଡାର ଯାଞ୍ଚ କରାଯିବ। ସେହିପରି ଶ୍ରୀମନ୍ଦିର ଅଧୀନରେ ଥିବା ଜମିର କିଣାବିକା ନେଇ ଶ୍ରୀମନ୍ଦିର ଜମି ପରିଚାଳନା ନିୟମ-୨୦୨୪ର ସ୍ୱତନ୍ତ୍ର ଚିଠା ପ୍ରସ୍ତାବ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବାକୁ ଆଲୋଚନା ହୋଇଥିବାବେଳେ ଖୁବଶୀଘ୍ର ମହାପ୍ରଭୁଙ୍କ ଜମିରେ ଭୋଗ ଦଖଲରେ ଥିବା ବ୍ୟକ୍ତି ଏନ୍‌ଓସି ପାଇବେ ବୋଲି ସୂଚନା ଦିଆଯାଇଛି। ଖଣି ଖାଦାନ ଉତ୍ତୋଳନ ଓ ନିଲାମ ଏବଂ ସୁରକ୍ଷା ଲାଗି ସରକାରୀ ମାଇନିଂ ଅଧିକାରୀ ନିୟୋଜିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଅର୍ପଣ ଚାଉଳ ବିନିଯୋଗ ଏବଂ ଇ-ବସ୍ ଚଳାଚଳ ନେଇ ମଧ୍ୟ ଆଲୋଚନା କରାଯାଇଛି। ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଭର୍ଚୁଆଲରେ ଯୋଗଦେଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ, ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ସେବାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଖବରଦାତା କ୍ଷୀରୋଦ ବେହେରାଙ୍କ ପରଲୋକ



ମାଲକାନଗିରି,୫।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ଧରିତ୍ରୀ ଖବରଦାତା କ୍ଷୀରୋଦ ବେହେରା(୪୫)ଙ୍କର ସୋମବାର ମୃତ୍ୟୁ ଘଟିଛି। ସେ ଗତ ୨ ବର୍ଷ ହେଲା କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିଲେ। ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିଲେ। ସୋମବାର ମଧ୍ୟ ସେ ଡାଏଲିସିସ୍ ଓ ପରୀକ୍ଷା ପାଇଁ ଆସି ଚିକିତ୍ସା ସାରି ବସ୍ ଯୋଗେ ଚିତ୍ରକୋଣ୍ଡା ଫେରୁଥିବା ସମୟରେ କୋରୁକୋଣ୍ଡା ନିକଟରେ ହଠାତ୍ ସେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ହଠାତ୍ ତାଙ୍କର ମୃତ୍ୟୁ ହେବାରୁ ଚିତ୍ରକୋଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏଥିସହ ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ସହ ଅନ୍ୟାନ୍ୟ ସଂଘର ପକ୍ଷରୁ ମଧ୍ୟ ଶୋକ ପ୍ରକାଶ ପାଇଛି। ସେ ସାମ୍ବାଦିକତା କରୁଥିବା ସମୟରେ ବିଭିନ୍ନ ସଙ୍ଗଠନ ଓ ଲୋକଙ୍କୁ ସାହାଯ୍ୟ ସହଯୋଗକରି ଚିତ୍ରକୋଣ୍ଡା ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ମଙ୍ଗଳବାର ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହେବ।

# ପଞ୍ଜାବରୁ ଆଳୁ ଆସିବ: ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର

ଭୁବନେଶ୍ୱର, ୫।୮(ସୁନିତ୍ ମିଶ୍ର)

ପଶ୍ଚିମବଙ୍ଗରୁ ଆଳୁ ଅଣାଯିବା ବନ୍ଦ କରାଯିବା ସହିତ ଉତ୍ତରପ୍ରଦେଶରୁ ଆଳୁ ଟ୍ରକ ଆସୁଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ। ଆଗକୁ ପଞ୍ଜାବରୁ ଆଳୁ ଅଣାଯିବ ବୋଲି ମନ୍ତ୍ରୀ ସୋମବାର କହିଛନ୍ତି। ବର୍ତ୍ତମାନ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣରେ ଆଳୁ ଅଛି ବୋଲି ମଧ୍ୟ ସେ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଉତ୍ତରପ୍ରଦେଶ ଆଳୁ ଶୀଘ୍ର ପଚିବା କଥା ସମ୍ପୂର୍ଣ୍ଣ ମିଛ। ୟୁପି ଆଳୁର କ୍ୱାଲିଟି ବହୁତ ଭଲ। ପଶ୍ଚିମବଙ୍ଗର ବ୍ଲାକମେଲ ଶିକାର ନ ହୋଇ ଆମେ ଆମ ସ୍ୱାଭିମାନକୁ ଦେଖିଲୁ ଏବଂ ଖାଉଟିଙ୍କ ପାଖରେ ଆଳୁ ପହଞ୍ଚାଇଲୁ ବୋଲି ମନ୍ତ୍ରୀ କହିଛନ୍ତି। ଆଳୁ ଦର ବଢ଼ିବା ନେଇ ମନ୍ତ୍ରୀ କହିଛନ୍ତି, କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଦେଶରେ ଆଳୁ ଦର ଅଧିକା ରହିଛି। ପଶ୍ଚିମବଙ୍ଗ ଆଳୁ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ଆଳୁ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅନୁରୋଧ କରିଥିଲେ। ଏହା ସତ୍ତ୍ୱେ ବିବାଦ ସମାଧାନ ହେଲାନାହିଁ। ପଶ୍ଚିମବଙ୍ଗ ପୋଲିସ ଆଳୁ ଟ୍ରକ ଅଟକାଇ ୨୦ରୁ ୪୦ ହଜାର ଟଙ୍କା ଲେଖାଏ ଚାନ୍ଦା ଆଦାୟ କରୁଛି। ଯେଉଁଥିପାଇଁ ପଶ୍ଚିମବଙ୍ଗରୁ ଆସୁଥିବା ଆଳୁ ଓଡ଼ିଶାରେ ଅଧିକ ପଡୁଛି ବୋଲି ମନ୍ତ୍ରୀ କହିଛନ୍ତି।

# ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଜିଏସ୍‌ଟି କାଉନସିଲ୍ ସଦସ୍ୟ

ଭୁବନେଶ୍ୱର, ୫।୮(ସୁନିତ୍ ମିଶ୍ର)

ଭାରତ ସରକାରଙ୍କ ଅଧୀନରେ ଜିଏସ୍‌ଟି କାଉନ୍‌ସିଲ ଗଠନ କରାଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟର ମନ୍ତ୍ରୀମାନଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଛି। ଓଡ଼ିଶାରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ପରିଷଦର ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି। ଅନ୍ୟ ରାଜ୍ୟର ଅର୍ଥମନ୍ତ୍ରୀମାନେ ଏହି ପରିଷଦର ସଦସ୍ୟ ହୋଇଥିବାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପଦ ଲାଗି ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓଙ୍କ ନାମକୁ ଏହି ପରିଷଦ ସଦସ୍ୟ ନିମନ୍ତେ ମନୋନୀତ କରିଛନ୍ତି। ଅନୁରୂପ ଭାବେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏହି ପରିଷଦର ଆବାହକ ଥିବାବେଳେ ହରିୟାଣାର ଅର୍ଥମନ୍ତ୍ରୀ ଜୟ ପ୍ରକାଶ, ଛତିଶଗଡ଼ ଅର୍ଥମନ୍ତ୍ରୀ ଓ. ପି. ଚୌଧୁରୀ, ଦିଲ୍ଲୀ ଅର୍ଥମନ୍ତ୍ରୀ ଅତିଶୀ ମାରଲେନା, ଆସାମ ଅର୍ଥମନ୍ତ୍ରୀ ଅଜନ୍ତା ନିୟୋଗ, ଆନ୍ଧ୍ରପ୍ରଦେଶ ଅର୍ଥମନ୍ତ୍ରୀ ପି. କେଶବ ଓ ତାମିଲନାଡୁ ଅର୍ଥମନ୍ତ୍ରୀ ଥଙ୍ଗମ ଥେନରାସୁ ଏହାର ସଦସ୍ୟ ରହିଛନ୍ତି। ଏହି ମନ୍ତ୍ରୀ ପରିଷଦ ସୂଚନା-ପ୍ରଯୁକ୍ତି କାର୍ଯ୍ୟପ୍ରଣାଳୀର ସମୀକ୍ଷା କରିବା ସହିତ ବ୍ୟବସାୟିକ ଧାରାରେ ପରିବର୍ତ୍ତନ ସହିତ ଟିକସ ବ୍ୟବସ୍ଥାକୁ ଫଳପ୍ରଦ କରିବା ସକାଶେ ପଦକ୍ଷେପ ଗ୍ରହଣ କରିବ। ଟିକସ ଫାଙ୍କିର ମୁଖ୍ୟ ଉତ୍ସଗୁଡ଼ିକ ବାବଦରେ ଅନୁଧ୍ୟାନ କରି ଏସବୁର ଦୂରୀକରଣ ନିମନ୍ତେ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ନେଇ ସଦସ୍ୟମାନେ ମତାମତ ଦେବେ। ତଥ୍ୟ ବିଶ୍ଳେଷଣକୁ ଗୁରୁତ୍ୱ ଦେଇ ରାଜସ୍ୱ ବୃଦ୍ଧି ଦିଗରେ ପରିଷଦ କାର୍ଯ୍ୟ କରିବ। କେନ୍ଦ୍ର ଓ ରାଜ୍ୟ ତଥା ବିଭିନ୍ନ ରାଜ୍ୟରେ ପ୍ରଚଳିତ ଟିକସ ପ୍ରଶାସନର କାର୍ଯ୍ୟପ୍ରଣାଳୀ ଚିହ୍ନଟ କରି ଯଥାର୍ଥ ସମନ୍ୱୟ ସ୍ଥାପନ ପାଇଁ କାର୍ଯ୍ୟ କରିବ। ଜିଏସ୍‌ଟି ବ୍ୟବସ୍ଥାରେ ବିଭିନ୍ନ ପରିବର୍ତ୍ତନର ସଫଳ ରୂପାୟନ ନିମନ୍ତେ ସମୟସୀମା ପ୍ରସ୍ତାବ ଦିଆଯିବ। ଉଲ୍ଲେଖନୀୟ ଯେ, ୨୦୨୧ ସେପ୍ଟେମ୍ବରରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ଜିଏସ୍‌ଟି କାଉନ୍‌ସିଲର ୪୫ତମ ବୈଠକରେ ପ୍ରଥମ ମନ୍ତ୍ରୀସ୍ତରୀୟ ପରିଷଦ ଗଠିତ ହୋଇଥିଲା। ସେହି ମନ୍ତ୍ରୀ ପରିଷଦ ଚଳିତ ମାସରେ ପୁନର୍ଗଠିତ ହୋଇଛି।

# ଆହୁରି ତିନିଦିନ ବର୍ଷିବ

ଭୁବନେଶ୍ୱର, ୫।୮(ଅସମାପିକା ସାହୁ)

ରାଜ୍ୟରେ ୮ ତାରିଖ ପର୍ଯ୍ୟନ୍ତ ପ୍ରବଳ ହେବ। ୭ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ୭୦ରୁ ୨୦୦ରୁ ମି.ମି. ବର୍ଷା ହେବା ଆଶଙ୍କା ରହିଛି। ସେପଟେ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଭୁବନେଶ୍ୱରରେ ସର୍ବାଧିକ ୪୩.୯ମି.ମି. ବର୍ଷା ରେକର୍ଡ କରାଯାଇଥିଲା। ଅପରାହ୍ନ ପ୍ରାୟ ୨ଟା ପରେ ରାଜଧାନୀରେ ପ୍ରବଳ ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ମାରିଥିଲା। ପ୍ରାୟ ଏକଘଣ୍ଟା ଜୋରରେ ବର୍ଷା ଲାଗି ରହିବାରୁ ରାଜଧାନୀର ବିଭିନ୍ନ ସ୍ଥାନରେ ପାଣି ଜମିବା ସହିତ ଯାତାୟାତ ଠପ୍ ହୋଇଯାଇଥିଲା। ସୋମବାର କଟକରେ ୨୯.୪, ତାଳଚେର ୨୧, ନୟାଗଡ଼ ୧୯, ଢେଙ୍କାନାଳ ୧୧.୨, ଖୋର୍ଦ୍ଧାରେ ୮ମି.ମି. ବର୍ଷା ରେକର୍ଡ କରାଯାଇଛି। ଏଥିସହିତ ପାରାଦୀପ, ପୁରୀ, ମାଲକାନଗିରି, ଭବାନୀପାଟଣା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ସୋନପୁରରେ ବି ବର୍ଷା ରେକର୍ଡ କରାଯାଇଛି।

# ବିଡିଓ, ତହସିଲଦାରଙ୍କୁ କାଦୁଅ ରାସ୍ତାରେ ଚଲାଇଲେ ଛାତ୍ରୀଛାତ୍ର

- ୫-ଟି ବିଦ୍ୟାଳୟକୁ ରାସ୍ତା ନ ଥିବା ପ୍ରତିବାଦରେ ବିଦ୍ୟାଳୟରେ ତାଲା
- ତ୍ରିଶୂଳିଆ-ବାରଙ୍ଗ ମୁଖ୍ୟରାସ୍ତା ଅବରୋଧ

ବାରଙ୍ଗ,୫।୮(ଲିଙ୍ଗରାଜ ରାଉତ)



ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ସରକାର ୫-ଟି ଯୋଜନା ମାଧ୍ୟମରେ ରୂପାନ୍ତରିତ କରିଥିଲେ ମଧ୍ୟ ଯିବାପାଇଁ ସ୍ଥାୟୀ ପକ୍କା ରାସ୍ତା ନାହିଁ। ଫଳରେ ଛାତ୍ରୀଛାତ୍ର ପାଣି କାଦୁଅରେ ପଶି ବିଦ୍ୟାଳୟକୁ ଯାଉଛନ୍ତି। ଏନେଇ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ଓ ଶିକ୍ଷା ବିଭାଗର ଅଧିକାରୀଙ୍କୁ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏହାର ପ୍ରତିବାଦରେ ଛାତ୍ରୀଛାତ୍ର ସୋମବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ପ୍ଲାକାର୍ଡ ଧରି ବିକ୍ଷୋଭ କରିଥିଲେ। ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ ମଧ୍ୟ କେହି ଅଧିକାରୀ ନ ଆସିବାରୁ ଛାତ୍ରୀଛାତ୍ର ତ୍ରିଶୂଳିଆ-ବାରଙ୍ଗ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଏହି ଘଟଣା ବାରଙ୍ଗ ବ୍ଲକ ଶ୍ରୀବନ୍ତପୁର ପଞ୍ଚାୟତ ଫୁଲପୋଖରୀ ଗ୍ରାମରେ ଦେଖିବାକୁ ମିଳିଛି। ରାସ୍ତା ଅବରୋଧର ୨ ଘଣ୍ଟା ପରେ ବିଡିଓ ଧର୍ମରାଜ ପଣ୍ଡା ଓ ତହସିଲଦାର ତୁଷାର ଜ୍ୟୋତିରଞ୍ଜନ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାଦୁଅଭର୍ତ୍ତି ରାସ୍ତାରେ ଚାଲିକି ଯିବାକୁ ଛାତ୍ରୀଛାତ୍ର ଜିଦ୍ ଧରିବାରୁ ନିରୁପାୟ ହୋଇ ବିଡିଓ ଓ ତହସିଲଦାର କାଦୁଅରେ ପଶି ବିଦ୍ୟାଳୟକୁ ଯାଇ ସ୍ଥିତି ପରଖିଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା। ଏହି ଘଟଣା ବାବଦରେ ତହସିଲଦାର ତୁଷାର ଏବଂ ବିଡିଓ ପଣ୍ଡାଙ୍କୁ ପଚାରିବାରେ, ଆମେ ଯାଇ ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ କରିଛୁ। ସେଠାରେ କିଛି ଅଂଶ ବାହାର ଲୋକଙ୍କର ରହିଛି। ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରିବାକୁ ଆମେ ଚେଷ୍ଟା କରୁଛୁ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍ : crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ଚୁକ୍ତି ଭିତ୍ତିରେ ନିମ୍ନୋକ୍ତ ସ୍ପେଶିଆଲିଷ୍ଟ କ୍ୟାଡର ପଦ ଗୁଡିକ ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଆବେଦନ ଆମନ୍ତ୍ରଣ କରାଯାଉଛି ।

| କ୍ରମିକ ସଂଖ୍ୟା | ବିଜ୍ଞାପନ ସଂ. | ପୋଷ୍ଟ ନାମ | ଖାଲି ପଦବୀ |
|---|---|---|---|
| 1 | CRPD/SCO/2024-25/12 | ପ୍ରତିରକ୍ଷା ବ୍ୟାଙ୍କ ପରାମର୍ଶଦାତା - ସେନା | 1 |
| 2 | CRPD/SCO/2024-25/13 | ଅର୍ଥନୀତିଜ୍ଞ | 2 |

ଆବେଦନ ଏବଂ ଫିସ୍ ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ସୁନିଶ୍ଚିତ କରିବା ପାଇଁ ବ୍ୟାଙ୍କର କ୍ୟାରିୟର ୱେବସାଇଟ୍‌ରେ ଥିବା ବିସ୍ତୃତ ବିଜ୍ଞାପନ ଗୁଡିକ ଅନୁସରଣ କରନ୍ତୁ । ଆବେଦନ କରିବା ପାଇଁ, ଆମର କ୍ୟାରିୟର ପେଜ୍ ଭିଜିଟ୍ କରନ୍ତୁ **(https://bank.sbi/careers/current-openings)** ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 17.07.2024 ରୁ 06.08.2024 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 17.07.2024
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

**ବୈଦ୍ୟନାଥ**
ପ୍ରାକୃତିକ
ପ୍ରତିକାର ପାଇଁ ମାର୍ଗଦର୍ଶିକା

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆର୍ଥ୍ରାଇଟିସ୍ | ରୁମା ଅଏଲ୍, ଆର୍ଥ ଅଏଲ୍ ଓ ଆର୍ଥ ପ୍ଲସ୍ କ୍ୟାପ୍‌ସୁଲ୍ |
| କୋଷ୍ଠକାଠିନ୍ୟ | କବ୍ଜ-ହର୍, ବୈଦ୍ୟନାଥ ତ୍ରିଫଳା ଚୂର୍ଣ୍ଣ |
| ଗ୍ୟାସ ଓ ପେଟ ଫାମ୍ପିବା | ଗ୍ୟାସାନ୍ତକ୍ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍, ସ୍ପିରୁଲିନା ପ୍ଲସ୍ |
| କେଶର ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଆର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳାଙ୍କ ସମସ୍ୟା | ସୁନ୍ଦରୀ ସଖୀ, ମେନୋ ଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଦାଙ୍ଗାଦି ଲୌହ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରର ସମସ୍ୟା | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଦି ଗୁଗ୍ଗୁଲୁ |

ଆୟୁର୍ବେଦିକ ସୋରୁମ୍ ସହିତ ଡାକ୍ତର ପରାମର୍ଶ :
CUTTACK: 9437511462 BHUBANESWAR: 9437301302 PURI: 9861068109 GANJAM/BERHAMPUR: 9437646389 JAJPUR: 9853909674 ANGUL: 8658021555 BOLANGIR: 9437126153 BARIPADA: 7325940817 BALASORE: 9438725025 SAMBALPUR: 7008508066, 9437256336 BARGARH: 9861246674 KORAPUT: 7008421308 RAYAGADA: 9937649097 GAJAPATI: 9437513129 SONEPUR: 9777776468 ROURKELA: 9337400604 JHARSUGUDA: 8260211300 KEONJHAR: 9438153708 MALKANGIRI: 9556935213

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। -ଶ୍ରୀମା



# ହାସିନା ପଳାଇଲେ

ଭାରତର ପଡ଼ୋଶୀ ଏବଂ ଏକମାତ୍ର ଦେଶ ଯିଏ କି ଭାରତ ସହ ଭଲ ସମ୍ପର୍କ ରଖିଆସିଛି, ବାଂଲାଦେଶ ଏବେ ଅଶାନ୍ତ। ସଂରକ୍ଷଣକୁ ନେଇ ତେଜିଉଠିଥିବା ହିଂସାତ୍ମକ ଛାତ୍ର ଅନ୍ଦୋଳନ ଯୋଗୁ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଦେଶ ଛାଡ଼ି ପଳାଇଛନ୍ତି। ଏହା ଘଟିଲା ଯେତେବେଳେ ଅନେକ ହଜାର ଲୋକ ସ୍ୱତଃସ୍ଫୂର୍ତ୍ତ ଭାବେ ଦେଶର ରାଜଧାନୀ ଢାକାସ୍ଥିତ 'ଗଣଭବନ' ଯେଉଁଠାରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଅବସ୍ଥାପିତ, ତା' ଉପରେ ଚଢ଼ାଉ କରି ପ୍ରବେଶ କଲେ। ତେବେ ବାଂଲାଦେଶର ସଂରକ୍ଷଣ ବିରୋଧୀ ହିଂସାରେ ଏଯାବତ ୩୦୦ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ସ୍ତରରେ କୁହାଯାଇଛି। ସଂରକ୍ଷଣକୁ ନେଇ ଆନ୍ଦୋଳନ ହେବା କିମ୍ବା ଧନ ଜୀବନ କ୍ଷତି ହେବା ବିଷୟ କିଛି ନୂଆ କଥା ନୁହେଁ। ଅତୀତରେ ଭାରତରେ ମଧ୍ୟ ଏହାର ଭୟାବହତା ଦେଖିବାକୁ ମିଳିଛି। ଏଇ ନିକଟରେ ସଂରକ୍ଷଣକୁ ନେଇ ମଣିପୁରର ଜାତିଗତ ହିଂସା ସମସ୍ତଙ୍କର ମନେ ଅଛି। ସଂରକ୍ଷଣକୁ କେନ୍ଦ୍ରକରି କର୍ଣ୍ଣାଟକ, ହରିୟାଣା, ମହାରାଷ୍ଟ୍ର ଆଦି ରାଜ୍ୟଗୁଡ଼ିକରେ ମଧ୍ୟ ହିଂସା ସୃଷ୍ଟି ହୋଇଥିଲା। ଏହା ବ୍ୟତୀତ ସଂରକ୍ଷଣକୁ ନେଇ ୯୦ ଦଶକରେ ଭାରତ ଏକ ବଡ଼ଧରଣର ଆନ୍ଦୋଳନ ଦେଖିଥିଲା। କିନ୍ତୁ ଭାରତ ଭଳି ବାଂଲାଦେଶରେ ସଂରକ୍ଷଣ ବ୍ୟବସ୍ଥା ଏତେ ଅଧିକ ନ ଥିଲେ ମଧ୍ୟ ତାହାକୁ ନେଇ ସୃଷ୍ଟି ହୋଇଥିବା ବ୍ୟାପକ ହିଂସା ଯୋଗୁ ହାସିନା ଦେଶ ଛାଡ଼ି ପଳାଇବାକୁ ବାଧ୍ୟ ହୋଇଛନ୍ତି। ଉଲ୍ଲେଖନୀୟ ଯେ, ଗତ ମାସରେ ବାଂଲାଦେଶର ହାଇକୋର୍ଟ ବାଂଲାଦେଶ ସ୍ୱାଧୀନତା ସଂଗ୍ରାମୀ(ମୁକ୍ତି ଯୋଦ୍ଧା)ଙ୍କ ଦାୟାଦଙ୍କ ପାଇଁ ସରକାରୀ ଚାକିରିରେ ୩୦% ସଂରକ୍ଷଣ ରଖିବାକୁ କହିବା ପରେ ଛାତ୍ର ଆନ୍ଦୋଳନ ଦେଖାଯାଇଥିଲା। ପ୍ରାରମ୍ଭିକ ସ୍ତରରେ ହାସିନା ଆନ୍ଦୋଳନକାରୀଙ୍କୁ 'ରାଜାକର' ବୋଲି ମନ୍ତବ୍ୟ ଦେବା ପରେ ଆନ୍ଦୋଳନ ବଢ଼ିଥିଲା। ରାଜାକର କହିଲେ ବାଂଲାଦେଶ ସ୍ୱାଧୀନତା ସଂଗ୍ରାମରେ ପାକିସ୍ତାନ ସପକ୍ଷରେ ଥିବା ବ୍ୟକ୍ତିଙ୍କୁ ସୂଚିତ କରେ। ତେବେ ଆନ୍ଦୋଳନର ଭୟାବହତାକୁ ଲକ୍ଷ୍ୟକରି ଜୁଲାଇ ଶେଷ ସପ୍ତାହରେ ବାଂଲାଦେଶ ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ, ଯୋଗ୍ୟତା ଆଧାରରେ ୯୩ ପ୍ରତିଶତ ଚାକିରି ଦିଆଯିବା ସହ ବାଂଲାଦେଶ ସ୍ୱାଧୀନତା ସଂଗ୍ରମୀଙ୍କ ଦାୟାଦଙ୍କ ପାଇଁ ୫% ଓ ଅନ୍ୟ ବର୍ଗ ପାଇଁ ୨%(ମୋଟ ୭ ପ୍ରତିଶତ) ରଖାଯିବ। ତଥାପି ଆନ୍ଦୋଳନ ଶାନ୍ତ ପଡ଼ି ନ ଥିଲା।

ଉଲ୍ଲେଖନୀୟ ଯେ, ପାକିସ୍ତାନଠାରୁ ଅଲଗା ହୋଇ ୧୯୭୧ରେ ବାଂଲାଦେଶ ଗଠନ ହୋଇଥିଲା। ଏହି ସ୍ୱାଧୀନତା ପାଇଁ ହୋଇଥିବା ଲଢ଼େଇକୁ ମୁକ୍ତିଯୁଦ୍ଧ କୁହାଯାଏ ଓ ଏଥିରେ ଭାଗ ନେଇଥିବା ସଂଗ୍ରାମୀମାନଙ୍କ ଦାୟାଦଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଅଣାଯିବା ପରେ ବାଂଲାଦେଶ ସଙ୍କଟକୁ ଚାଲିଯାଇଛି। ଏହା ମଧ୍ୟ ଉଲ୍ଲେଖନୀୟ ଯେ, ହାସିନାଙ୍କ ନେତୃତ୍ୱାଧୀନ ଆୱାମି ଲିଗ୍ ଦଳରେ ମୁଖ୍ୟତଃ ଏହି ସ୍ୱାଧୀନତା ସଂଗ୍ରମୀମାନଙ୍କର ଦାୟାଦମାନେ ନେତୃସ୍ଥାନୀୟ ପଦବୀରେ ଅଛନ୍ତି। ଏହି ଦଳର ନିର୍ମାତା ଏବଂ ହାସିନାଙ୍କ ପିତା ଶେଖ୍ ମୁଜିବୁର ରହମନ ଥିଲେ ବାଂଲାଦେଶର 'ଜାତିର ପିତା'। ସ୍ୱାଧୀନତା ପରେ ମୁଜିବୁର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ବାଂଲାଦେଶ ସେନାର ସକ୍ରିୟ ସହଯୋଗରେ ହତ୍ୟା କରାଯାଇଥିଲା।

୨୦୧୮ରେ ସୁପ୍ରିମକୋର୍ଟଙ୍କ ଏକ ଖଣ୍ଡପୀଠ ୧୯୭୦ ଦଶକର ପ୍ରାରମ୍ଭରୁ ରହିଆସିଥିବା କୋଟା ସିଷ୍ଟମକୁ ଉଚ୍ଛେଦ କରିଥିଲେ। ଏହାକୁ ଲକ୍ଷ୍ୟକରି ହାସିନା ସ୍ୱାଧୀନତା ସଂଗ୍ରମୀମାନଙ୍କ ଦାୟାଦଙ୍କ ପାଇଁ କୋଟା ବ୍ୟବସ୍ଥା କରିବାକୁ କହିଥିଲେ। ତେବେ ଜୁନ୍ ୨୦୨୪ରେ ବାଂଲାଦେଶ ସୁପ୍ରିମକୋର୍ଟ ପୁନର୍ବାର ଏହା ଉପରେ ବିଚାରକରି ୩୦% ସଂରକ୍ଷଣ ପୁନଃସ୍ଥାପିତ କରିବା ଛାତ୍ର ଆନ୍ଦୋଳନର ମୁଖ୍ୟ କାରଣ ହୋଇଛି। ଉଲ୍ଲେଖନୀୟ ଯେ, ଶେଖ୍ ହାସିନା ୧୯୯୬ରେ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ଓ ୨୦୦୯ ରୁ ୨୦୨୪ ଯାଏ ରହିଥିଲେ। ହେଲେ ୨୦୨୪ ସାଧାରଣ ନିର୍ବାଚନ ବେଳେ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି( ବିଏନ୍‌ପି) ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆ ଦୁର୍ନୀତି ଅଭିଯୋଗରେ ଜେଲରେ ଥିବା ସମୟରେ ନିର୍ବାଚନ କରାଯାଇଥିଲା। ଏଥିରେ ବିଏନ୍‌ପି ଭାଗ ନେଇ ନ ଥିଲା। ପରେ ନିର୍ବାଚନରେ ଅନିୟମିତତା ଅଭିଯୋଗ ଆସିଥିଲେ ବି ତାହାର କୌଣସି ଫଳ ମିଳି ନ ଥିଲା। ଏହା ସ୍ପଷ୍ଟ ଯେ, ବାଂଲାଦେଶରେ ଥିବା ଚାପା ଉତ୍ତେଜନାକୁ ସଂରକ୍ଷଣ ବ୍ୟବସ୍ଥା ଏକ ସୁଯୋଗ ହୋଇଥିବା କୁହାଯାଇପାରେ। ୧୭ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଦେଶରେ ପାଖାପାଖି ୩.୨ କୋଟି ଯୁବକଙ୍କ ହାତରେ ଏବେ କାମ ନାହିଁ। ଏଭଳି ସ୍ଥିତିରେ ସଂରକ୍ଷଣ ଲାଗୁ କରିବା ଅସନ୍ତୋଷର କାରଣ ହେବା ସ୍ୱାଭାବିକ। ଯୁଦ୍ଧରୁ ସୃଷ୍ଟି ହୋଇଥିବା ବାଂଲାଦେଶର ୫ ଦଶନ୍ଧି ଇତିହାସ ମଧ୍ୟରେ ଲଗାତର ଭାବେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଶତ୍ରୁତା ପରିଲକ୍ଷିତ ହୋଇ ଆସିଛି। ବାସ୍ତବରେ ହାସିନାଙ୍କ ସମୟରେ ବାଂଲାଦେଶର ଅର୍ଥନୈତିକ ଉନ୍ନତି ଘଟିଥିଲେ ମଧ୍ୟ ରାଜନୈତିକ ଏବଂ ସାମାଜିକ ଅସ୍ଥିରତା ବୃଦ୍ଧି ପାଇଥିଲା।

ଏଠାରେ ଉଲ୍ଲେଖନୀୟ ଯେ, ଭାରତର ସୀମାନ୍ତ ଅଞ୍ଚଳରେ ଥିବା ସବୁ ଦେଶ ତୁଳନାରେ ବାଂଲାଦେଶ ଥିଲା ଅନ୍ୟତମ। ସେଠାକାର ଆୱାମି ଲିଗ୍ ସରକାରର ଭାରତ ସହ ବନ୍ଧୁତ୍ୱ ସମ୍ପର୍କରେ ସମଗ୍ର ପୃଥିବୀ ଜାଣିଥିଲା। ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଯେଉଁ ସରକାର ବାଂଲାଦେଶକୁ ଶାସନ କରିବ ତାହା ହାସିନାଙ୍କ ନୀତିରେ ଆମୂଳଚୂଳ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହେବ। ବିଭିନ୍ନ ନୀତି ମଧ୍ୟରୁ ବହିର୍ବ୍ୟାପାର ନୀତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଭାରତ ସହ ବନ୍ଧୁତ୍ୱ ପରିବର୍ତ୍ତେ ଶତ୍ରୁତା ଆରମ୍ଭ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଯିବ। ତିସ୍ତା ନଦୀ ଜଳବିବାଦରୁ ଆରମ୍ଭକରି ଅନେକ ଏଭଳି ପ୍ରସଙ୍ଗ ଯେଉଁଗୁଡ଼ିକୁ ବ୍ୟବହାର କରି ଭାରତକୁ ବିରୋଧୀ ରାଷ୍ଟ୍ର ଭାବେ ରଙ୍ଗ କରିଦେବା ସହଜ ହେବ। ହାସିନାଙ୍କ ସମୟରେ ବାଂଲାଦେଶ ଅନେକ ପରିମାଣରେ ଧର୍ମନିରପେକ୍ଷତା ଅବଲମ୍ବନ କରି ଆସୁଥଲା। ଏବେ ସେଥିରେ ବଡ଼ଧରଣର ପରିବର୍ତ୍ତନ ଆସିବାର ସବୁ ସମ୍ଭାବନା ରହିଛି, କାରଣ ମୁଖ୍ୟ ଦୁଇ ବିରୋଧୀ ଦଳ- ବାଂଲାଦେଶ ନ୍ୟାଶାଲିଷ୍ଟ ପାର୍ଟି ଏବଂ ଜମାତ ଇ ଇସ୍‌ଲାମୀ-ଉଭୟେ ଇସ୍‌ଲାମୀୟ ଜଗତ ସାଙ୍ଗରେ ବନ୍ଧୁତ୍ୱ ଗଢ଼ିବା ପାଇଁ ଅଧିକ ମନ ବଳାଇବେ। ତତ୍‌ସହିତ ବାଂଲାଦେଶରେ ଚାଇନାର ପ୍ରଭାବ ବୃଦ୍ଧି ପାଇବାର ସମ୍ଭାବନା ବଢ଼ିବ। ଏହି ଦୃଷ୍ଟିକୋଣରୁ ବାଂଲାଦେଶରେ ଘଟୁଥିବା ଅଶାନ୍ତ ପରିସ୍ଥିତିକୁ ନୂଆଦିଲ୍ଲୀ ଗୁରୁତ୍ୱର ସହିତ ଦେଖିବା ଦରକାର।



# ଜିଡିପି ବୃଦ୍ଧି ପରିବାରକୁ ସଙ୍କୁଚିତ କରେ

ସହଦେବ ସାହୁ

ଆମ ଦେଶର ଜିଡିପି(ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ, ସ୍ଥୂଳ ଆଭ୍ୟନ୍ତରୀଣ ଉତ୍ପାଦନ) ପୃଥିବୀରେ ୫ମ ସ୍ଥାନକୁ ଆସିଯାଇଛି। ଆମକୁ ଦିନେ ଶାସନ କରୁଥିବା ଦେଶ ବିଲାତକୁ ଆମେ ପଛରେ ପକାଇଦେଲୁଣି ବୋଲି ଆମେ ଗର୍ବ କରୁଛୁ। ୟୁଏସ୍‌ଏ, ଚାଇନା, ଜର୍ମାନୀ ଓ ଜାପାନ ତଳକୁ ଆମେ। ଆଉ ୫ ବର୍ଷରେ ତୃତୀୟ ସ୍ଥାନକୁ ଆସିଯିବୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାବି କରୁଛନ୍ତି। ଦେଶମାନେ ନିଜର ଜିଡିପି ବଢାଇବାରେ ପ୍ରତିଯୋଗିତା କଲାବେଳେ ଭୁଲିଯାଉଛନ୍ତି କିପରି ଜିଡିପି ବଢାଇବାର ପ୍ରଚେଷ୍ଟା ପରିବାରକୁ ନଷ୍ଟ କରୁଛି। ଯେଉଁ ଦେଶର ଜିଡିପି ଯେତେ ବେଶି ବଢୁଛି ସେ ଦେଶରେ ପରିବାର ଆକାର କ୍ଷୁଦ୍ରତର ହେବାରେ ଲାଗିଛି। ରୋଜଗାରକୁ ଏତେ ପ୍ରାଧାନ୍ୟ ଦିଆଯାଉଛି ଯେ ଯୁବତୀ ଯୁବକମାନେ ଗାଡି ଆଉ କୋଠା କିଣିବାର ଅର୍ଥ ଯୋଗାଡ ନ କରିବା ଯାଏ ସନ୍ତାନସନ୍ତତି ଚାହୁଁନାହାନ୍ତି। ରୋଜଗାର ମୁଖ୍ୟ, ପରିବାର ଗଢିବା ଗୌଣ। ଯେଉଁ ବିକଶିତ ଓ ବିକାଶଶୀଳ ଦେଶରେ ଯେତେ ବେଶି ଶତାଂଶ ପରିବାର ନିଃସନ୍ତାନ ଅଛନ୍ତି ସେ ଦେଶର ଜିଡିପି ସେତେ ବେଶି ଦିଶୁଛି; ମୁଣ୍ଡପିଛା ଆୟ ତ ସହଜେ ବେଶି ବୋଲି ଜଳ ଜଳ ଦିଶୁଛି। କ୍ଷୁଦ୍ର ପରିବାର ଓ ମୁଣ୍ଡପିଛା ଆୟ ଭିତରେ ଦୃଢ ସମ୍ପର୍କ! ଏକୁଟିଆ ରହୁଥିବା ବ୍ୟକ୍ତିର ଆୟ ତା'ର ଜୀବନଧାରଣ ଢାଞ୍ଚାକୁ କୁବେରସ୍ତରୀୟ କରିପାରେ-ଗାଡିଘୋଡା ଓ କୋଠାବାଡିରେ ଅନ୍ୟମାନଙ୍କ ସମ୍ମାନର ପାତ୍ର ହୋଇଯାଏ, ବିଭିନ୍ନ ସାମାଜିକ ଓ ଧର୍ମାନୁଷ୍ଠାନରେ ମୁଖ୍ୟ ଅତିଥି ହେବାର ନିମନ୍ତ୍ରଣ ପାଏ। ଉଚ୍ଚ ଜିଡିପିର ଦେଶ ଓ ଉଚ୍ଚ ଆୟର ବ୍ୟକ୍ତିଙ୍କ ବିଷୟରେ ଅନୁଶୀଳନ କଲେ ଆମେ ଡେନ୍‌ମାର୍କ ଓ ଫିନ୍‌ଲାଣ୍ଡର ଉଦାହରଣ ନେଉ, ଯେଉଁଠି ଏକ ପଞ୍ଚମାଂଶ ଲୋକ ଏକୁଟିଆ ଅଛନ୍ତି। ଲାଟିନ୍ ଆମେରିକା ଓ ଆଫ୍ରିକାର ଦେଶମାନଙ୍କରେ ଯେଉଁଠି ଦୁଇ ତିନି ପିଢିର ଲୋକ ଏକାଠି ପରିବାରରେ ରହନ୍ତି, ସେଠାରେ ଗରିବ ବେଶି। ଯେଉଁ ଦେଶରେ ଜିଡିପି ଦ୍ରୁତ ଗତିରେ ବଢିପାରୁନାହିଁ ସେଠାରେ ବହୁ ସଂଖ୍ୟାରେ ବୃହଦାକାୟ ପରିବାର ଅଛି, ଜଣେ ଦୁଇ ଜଣ ରୋଜଗାରିଙ୍କ ଉପରେ ପାଞ୍ଚ ସାତ ବେରୋଜଗାରି କୁଟୁମ୍ବ ନିର୍ଭର କରନ୍ତି। ବର୍ତ୍ତମାନ ତୃତୀୟ ବୃହତ୍ତମ ଜିଡିପି ରାଷ୍ଟ୍ର ଜର୍ମାନୀରେ ପରିବାରରେ କୁଟୁମ୍ବ ସଂଖ୍ୟା ହାରାହାରି ୩ରୁ କମ୍। ଗରିବ ଆଫ୍ରିକୀୟ ଦେଶ ଜାମ୍ବିଆରେ ପରିବାରରେ ହାରାହାରି କୁଟୁମ୍ବ ସଂଖ୍ୟା ୧୪।

ଏଥିରୁ ଦୁଇଟି କଥା ଆମେ ଦେଖୁଛୁ ଓ ବଜାର ବି ତାହା ଚାହୁଁଛି। ରୋଜଗାରକ୍ଷମ ବ୍ୟକ୍ତି ଏକୁଟିଆ ରହିଲେ, ବିବାହିତ ହୋଇଥିଲେ ଦୁହେଁ ରୋଜଗାରିଆ ହୋଇଥିଲେ ବେଶ୍ ଚଳଚଞ୍ଚଳ ହୋଇପାରିବେ, ରୋଜଗାରର ଉଦ୍ଦେଶ୍ୟରେ ସପ୍ତାହକୁ ସାତଦିନ ଦିନକୁ ଚବିଶ ଘଣ୍ଟା (ଟ୍ୱେଣ୍ଟିଫୋର୍



ବାଇ ସେଭେନ୍) ଖଟିପାରିବେ, ବେଶି ରୋଜଗାର କରିବା ଇଚ୍ଛା ପୂରଣ ହୋଇପାରିବ। ତା' ଛଡା ବିକଶିତ ଦେଶମାନଙ୍କରେ ରହିଥିବା ଲୋକଙ୍କ ପରି ତାଙ୍କର ପ୍ରାଇଭେସି ରହିବ: ଗୁମର, ଏକାନ୍ତତା ଓ ଗୋପନୀୟତା ସବୁ କିଛି। ସେ ଚାକିରିଆ ରଖିପାରିବ, ଯାହା ବଡ ବଡ ଫାମିଲି କରୁଥିଲା ସେ ତାହା ଏକୁଟିଆ କରିପାରିବ। ଦିନ ଆସିବ ମା'ବାପା ଅଲଗା ଅଲଗା ଜାଗାରେ କାମ କରୁଥିବାରୁ ଅଲଗା ଅଲଗା ରହିବେ। କେତେକ ଦେଶରେ ଏପରି ଘଟିଲାଣି ଗୋଟିଏ ପିଲା ଥିଲେ ବି ବାପା କିମ୍ବା ମା' ସାଙ୍ଗରେ ରହୁନାହିଁ - ଏ ତ ଆଗକାଳର ୧୯୨୭ରୁ ୧୯୩୩ ଯାଏ ସୋଭିଏଟ୍ ରୁଷିଆରେ ଚାଲିଥିବା କଲେକ୍ଟିଭ୍ ଫାର୍ମ '(KOLKHOZY)ର ପିଲାମାନେ ସରକାରଙ୍କ କେଆରରେ ରହୁଥିଲା ଭଳି ଏମାନେ କମ୍ପାନୀମାନଙ୍କ ପରିଚାଳିତ ଶିଶୁ ଓ କିଶୋର କେଆର ସେଣ୍ଟରରେ ରହିବେ। ପରିବାର ସଂଜ୍ଞା ଲୁପ୍ତ ହେବା ଭଳି ଅବସ୍ଥା ଆସି ନାହିଁ। କିନ୍ତୁ ଏହାକୁ ଲୋକେ ହାଇପର୍ ଇଣ୍ଡିଭିଜୁଆଲିଜମ୍, ବ୍ୟକ୍ତି ସ୍ୱତନ୍ତ୍ରତାର ଆଧିକ୍ୟ କହୁଛନ୍ତି। ଏବେ ଦେଶର ଜିଡିପି ବଢିବା କଥା କହିଲେ ନେତାମାନେ ପରିବାର କଥା କହୁନାହାନ୍ତି। ପରିବାର ସମ୍ପର୍କରେ ରାଜନୀତି କରୁଥିବା ଦେଶଗୁଡିକ ତାଙ୍କ ଦଳର ଅନୁଗାମୀ ପରିବାରକୁ ମାଗଣା ଜିନିଷ ଯୋଗାନ୍ତି, ପରିବାରକୁ ଏକାଠି କରି ରଖିବା ଚିନ୍ତା କରନ୍ତି ନାହିଁ, ବରଂ ସ୍ୱାମୀ ଗୋଟିଏ ଦଳର ହୋଇଥିଲେ ସ୍ତ୍ରୀକୁ ଆଉ ଗୋଟିଏ ଦଳ ଟାଣିନିଏ। ଏଠି ପରିବାର ଭାଙ୍ଗିବା ରାଜନୀତିର ଖେଳ, ଜିଡିପି ବଢିବାର ପରୋକ୍ଷ ପ୍ରଭାବ। ଜିଡିପି ବେଶି ବଢୁ ବୋଲି ଚାହୁଁଥିବା ଦେଶମାନେ ଧନୀମାନଙ୍କ ଉପରେ ଟିକସ କମାନ୍ତି, ଫଳରେ ସେଠାରେ ଧନୀ ଗରିବ ବ୍ୟବଧାନ ବଢେ, ବେଳେ ବେଳେ ଏତେ ବଢେ ଯେ ବିଦ୍ରୋହର ଆଶଙ୍କା ଆସିଯାଏ।

ମାର୍କିନ୍ ଢାଞ୍ଚାର ଜିଡିପି ଯେତେ ବଢିବ ରୋଜଗାରି ପରିବାରର ଆକାର ସେତେ ଛୋଟ ହେଉଥିବ। ଦିନେ ପରିବାର ଗୋଟିଏ ପୁରୁଷର ବା ଗୋଟିଏ ନାରୀର ହେବ। ଏ ପ୍ରକାରର ଟ୍ରେଣ୍ଡ ବା ଗତି ଥମିବାର ଦିଶୁନାହିଁ। ନିଃସନ୍ତାନ ସ୍ୱାମୀ ସ୍ତ୍ରୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଦକ୍ଷିଣ କୋରିଆରେ ପ୍ରତି ନାରୀଙ୍କ ହାରାହାରି ପିଲା ସଂଖ୍ୟା ୦.୭୨ ହେଲାଣି, ମାନେ ୧୦୦ ନାରୀ ୭୨ ପିଲା ଜନ୍ମ କରୁଛନ୍ତି, ପ୍ରତି ଶହେ ପରିବାରରେ ମାତ୍ର ୭୨ ପିଲା। ଅର୍ଥାତ୍ ଉପସ୍ଥିତ ପିଢିର ୨୦୦ ଲୋକ ଭବିଷ୍ୟତ ପିଢିକୁ ୭୨ ଜଣ ଛାଡୁଛନ୍ତି। ଲୋକସଂଖ୍ୟା ସମାନ ରହିବା ଲାଗି ପ୍ରତି ନାରୀ ୨.୧ 'ଜୀବିତ' ପିଲା ଜନ୍ମ କରିବା ଦରକାର ବୋଲି ଜନସଂଖ୍ୟା ବିଶେଷଜ୍ଞମାନେ କହନ୍ତି। ଶହେ ନାରୀ ଅର୍ଥାତ୍ ୨୦୦ ଲୋକଙ୍କଠାରୁ ୨୧୦ ଜୀବିତ ପିଲା ମିଳିବା ଦରକାର, ତାହାଠାରୁ କମ୍ ହେଲେ ଦେଶର ଜନସଂଖ୍ୟା ହ୍ରାସ ପାଇବ। ଦକ୍ଷିଣ କୋରିଆରେ ଏ ହ୍ରାସ ହାର ଓଲଟିବାର ସମ୍ଭାବନା ଦିଶୁ ନାହିଁ।

ପରିବାରର ଆକାର କେତେ ବଡ ହେବ ତାହା କହିବା ଅସୁନ୍ଦର ଲାଗେ। ସରକାର ବି ନିୟନ୍ତ୍ରଣ କରିବାକୁ ଚାହାନ୍ତି ନାହିଁ। ଯଦି ପରିବାର ନିୟୋଜନ ଯୋଜନା ଚଳାନ୍ତି, ଦୁଇଟି ପିଲା ପରେ ବନ୍ଧ୍ୟାକରଣ ବା ମୁଷ୍କଚ୍ଛେଦନର ଆୟୋଜନ କରନ୍ତି। କିନ୍ତୁ ଯାହାର ପିଲା ହେଉ ନାହିଁ ତା'ର ଅନ୍ତତଃ ଗୋଟିଏ ପିଲା ହେବା ଦରକାର ବୋଲି ନିୟମ କରିହେବ ନାହିଁ। ଲୋକେ ବ୍ୟକ୍ତିଗତ ନିଷ୍ପତ୍ତି ନେବେ ସେମାନେ ପିଲା ଚାହୁଁଛନ୍ତି କି ନାହିଁ, ଛୁଆ ନ ଚାହୁଁଥିବା ପୁରୁଷ ଜୀବନସାଥୀ ଚାହିଁବା ଉଚିତ ନୁହେଁ ବୋଲି ନିୟମ କରିହେବ ନାହିଁ, ତାହା ବ୍ୟକ୍ତିଗତ ଇଚ୍ଛା। ଜନସଂଖ୍ୟା ବୃଦ୍ଧି ଦିନେ ପୃଥିବୀକୁ ଧ୍ୱଂସ କରିବ ଓ ଜନସଂଖ୍ୟା ଭାରରେ ପୃଥିବୀ(ଆମ ପରିବେଶ)ବାସ-ଅଯୋଗ୍ୟ ହୋଇଯିବ ଏବଂ ଗରିବ ଲୋକେ ଆପେ ଆପେ ନିପାତ ହୋଇଯିବେ ବୋଲି ଗତ ୩୦ ବର୍ଷ ଧରି ପ୍ରଚାର କରୁଥିବା ବୈଜ୍ଞାନିକମାନେ ଏବେ କହିଲେଣି ଜନ୍ମ ହାର ହ୍ରାସ ପାଉଥିବା ବା ଶୂନ ଥିବା ଧନୀ ଦେଶମାନଙ୍କୁ ମାଇଗ୍ରାଣ୍ଟ ବଞ୍ଚିବ ନ ହେଲେ ଧନୀମାନେ ସେମାନଙ୍କ ଜୀବନର ସ୍ୱାଦ ପାଇବେ ନାହିଁ। ଆଫ୍ରିକୀୟ ଲୋକେ ତ ୟୁରୋପ ସାରା ବ୍ୟାପିଲେଣି। ଦକ୍ଷିଣପନ୍ଥୀମାନେ କେତେଦିନ ଦେଶର ଅସ୍ମିତା, ଗରିମା ରକ୍ଷା କରିପାରିବେ। ଦିନେ ଯେଉଁମାନେ କହୁଥିଲେ ଗୁଡାଏ ପିଲାଛୁଆ କଲେ ଦୁନିଆ ଭାସିଯିବ - ଏବେ କହୁଛନ୍ତି ପିଲା ସଂଖ୍ୟା କମିଲେ ଦୁନିଆ ଅକାଳରେ ଜନଶୂନ୍ୟ ହୋଇଯିବ। ଯୁବାମାନେ ବୁଢାମାନଙ୍କୁ ସମ୍ଭାଳିବା ପାଇଁ ବହୁତ ଖଟିଲେ ବୁଢାମାନେ ଜଲଦି ମରନ୍ତୁ ବୋଲି ମନେମନେ ପ୍ରାର୍ଥନା କରିବେ - ଭଲ ପିଲା ପରିବାରକୁ ଆସୁ ବୋଲି ପ୍ରାର୍ଥନା କରୁଥିବା ପରିବାରରେ ବେରୋଜଗାରି ମା'ବାପା ଜଲଦି ମରନ୍ତୁ ବୋଲି ଭାବିଲେଣି। ଏବେ ଚାଇନାରେ ଚେତା ପଶିଲା, '୧୯୮୦ରୁ ୨୦୧୬' ଯାଏ 'ଆମେ ଦୁଇ ଆମର ଏକ' ନିୟମ ଚଳାଇଥିବା ନେତାମାନେ ୨୦୧୬ରୁ ଆମେ ଦୁଇ ଆମର ଦୁଇ କଲାଣି। ଦେଶର ଜିଡିପି ଅତୁଟ ରଖିବା ପାଇଁ ଚାଇନା କହିଲାଣି ଦୁଇରୁ ଅଧିକ ପିଲା କଲେ ସରକାରୀ ସୁବିଧା ମିଳିବ। ସମୟ ବଡ ବଳବାନ!

sahadevas@yahoo.com



# ଭାରତୀୟଙ୍କ ବିବାହ ଖର୍ଚ୍ଚ

ଅଭିମନ୍ୟୁ ଧଳ

ବିବାହ ପରି ଏକ ପବିତ୍ର ବନ୍ଧନ, ସାମାଜିକ ଶୃଙ୍ଖଳା ଆଣିବା ପାଇଁ ପ୍ରାୟ ଆଠଲକ୍ଷ ବର୍ଷ ହେବ ଆମ ସମାଜରେ ପ୍ରଚଳିତ। ଆମ ହିନ୍ଦୁ ପରମ୍ପରା ଅନୁସାରେ ଯେଉଁ ଝିଅ ଯାହା ହାଣ୍ଡିରେ ଚାଉଳ ପକାଇଥିବ ସେ ଘରର ବୋହୂ ହୋଇ ସେ ଯିବ। ପତ୍ନୀପତିଙ୍କ ସମ୍ପର୍କ ସ୍ୱକୀୟ, ଜନ୍ମଜନ୍ମାନ୍ତର ପର୍ଯ୍ୟନ୍ତ ଅତୁଟ ରହିଥାଏ। ବିଭିନ୍ନ ଧର୍ମରେ ବିବାହ ପଦ୍ଧତି ଭିନ୍ନ ରହିଥିଲେ ମଧ୍ୟ ପତ୍ନୀପତି ଯେ ଏକ ମନ ଏକ ପ୍ରାଣ ହୋଇ ସଂସାର ସାଗରକୁ ନୌକାରେ ନିର୍ବିଘ୍ନରେ ପାର ହେବା ପାଇଁ ସ୍ନେହ, ମମତା ରୂପକ ଆହୁଲା ଧରିଥାନ୍ତି। ସମାଜକୁ ଉତ୍ତମ ସନ୍ତାନସନ୍ତତି ପ୍ରଦାନ କରି ମଣିଷ ସମାଜକୁ ଆଗକୁ ବଢ଼ାଇବା ନୈତିକ କର୍ତ୍ତବ୍ୟ। ବିଂଶ ଶତାବ୍ଦୀରେ ଇଂଲଣ୍ଡର ରାଜକୁମାର ଚାର୍ଲସ ଓ ଡାଏନାଙ୍କ ବ୍ୟୟବହୁଳ ବିବାହ ସେତେବେଳେ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲା। ଲୋକଦେଖାଣିଆ ହେଉ, ନିଜର ସାମର୍ଥ୍ୟ ପ୍ରଦର୍ଶନ କରିବା ହେଉ ଅବା ଯିଏ ଧନର ପ୍ରାଚୁର୍ଯ୍ୟ ମଧ୍ୟରେ ଜୀବନ ବିତାଉଛନ୍ତି ସେମାନେ ବିବାହରେ ଶହ ଶହ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସମ୍ବାଦପତ୍ର, ଇଲେକ୍ଟ୍ରୋନିକ୍ସ ମିଡିଆରେ ସ୍ଥାନ ନେବାକୁ ଚାହାନ୍ତି। ଏହି ବିବାହ ଚର୍ଚ୍ଚା ବେଶ୍ କିଛି ଦିନ ଚାଲେ। ଏହିପରି ଏକ ଆଡ଼ମ୍ବର ଓ ବ୍ୟୟବହୁଳ ବିବାହ ବିଷୟରେ ବେଶ୍ ଚର୍ଚ୍ଚା ଚାଲିଛି। ତାହା ହେଉଛି ବିଶ୍ୱର ଶ୍ରେଷ୍ଠ ଦଶଜଣ ଧନୀଙ୍କ ମଧ୍ୟରେ ସ୍ଥାନ ପାଇଥିବା ଓ ଏସିଆର ଏକ ନମ୍ବର ଧନୀ ଓ ଚର୍ଚ୍ଚିତ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀଙ୍କ ବିବାହରେ ୫୦୦୦ କୋଟି ଟଙ୍କା ଖର୍ଚ୍ଚ ହେବା। ଅନନ୍ତ ଅମ୍ବାନୀଙ୍କ ସହିତ ରାଧିକା ମର୍ଚ୍ଚାଣ୍ଟଙ୍କର ବାହାଘର ସମ୍ପନ୍ନ ହୋଇଛି। ଏହି ବିବାହରେ ଦେଶ ବିଦେଶର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମାଗମ ହୋଇଛି। ଅନ୍ୟ ଦେଶ ତୁଳନାରେ ଭାରତୀୟଙ୍କ ବିବାହ ଖର୍ଚ୍ଚ ସବୁଠାରୁ ଅଧିକ। ଭାରତୀୟ ବିବାହ ବଜାର ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ହେବ। ଖାଦ୍ୟ ଓ ତେଜରାତି ସାମଗ୍ରୀ ପରେ ଭାରତୀୟ ବିବାହରେ ସର୍ବାଧିକ ଖର୍ଚ୍ଚ କରିଥାନ୍ତି। ଏଠାରେ ପାଠ ପଢ଼ାଇବାରେ ଯେତିକି ଖର୍ଚ୍ଚ କରାଯାଏ, ତାହାର ଦୁଇଗୁଣ ବିବାହରେ ଖର୍ଚ୍ଚ ହୋଇଥାଏ। ଏକ ହିସାବରୁ ଜଣାପଡ଼ିଛି ଯେଉଁମାନଙ୍କ ସମ୍ପତ୍ତିର ମୂଲ୍ୟ ୫୦ ଲକ୍ଷରୁ ୧ କୋଟି, ସେମାନେ ବିବାହରେ ୧୫ ଲକ୍ଷ ଖର୍ଚ୍ଚ କରିଥାନ୍ତି। ମୁକେଶ ଅମ୍ବାନୀ ତାଙ୍କ ସାନପୁଅ ବିବାହରେ ଖର୍ଚ୍ଚ କରୁଥିବା ୫୦୦୦ କୋଟି ଟଙ୍କା ତାଙ୍କ ସମ୍ପତ୍ତିର ୦.୦୫ ପ୍ରତିଶତ। କେତେକ ଏହାକୁ ସମର୍ଥନ କରୁଥିବା ବେଳେ ଅନେକ ଭାରତୀୟ ଏହାକୁ ସମାଲୋଚନା କରୁଛନ୍ତି। ଭାରତ ପରି ବିକାଶଶୀଳ ରାଷ୍ଟ୍ରରେ କୋଟି କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। କେତେକ ଅର୍ଦ୍ଧାହାରରେ ବଞ୍ଚୁଛନ୍ତି। ଏହି ଅର୍ଥରେ ୧୫ଟି ଡାକ୍ତରଖାନା ଖୋଲି ପାରିଥାନ୍ତା, ଯେଉଁଠି ଲୋକଙ୍କ ପାଖରେ ଉତ୍ତମ ସ୍ୱାସ୍ଥ୍ୟସେବା ପହଞ୍ଚି ପାରୁନାହିଁ, ପ୍ରି ୱେଡିଂରେ ଖର୍ଚ୍ଚ ହୋଇଛି ୨୫୦୦ କୋଟି। ଭାରତରେ ବର୍ଷକୁ ୮୦ଲକ୍ଷରୁ ୧ କୋଟି ବିବାହ ହୋଇଥାଏ। ଚାଇନାରେ ବାର୍ଷିକ ୭୦ରୁ ୮୦ ଲକ୍ଷ, ଆମେରିକାରେ ୨୦ରୁ ୨୫ ଲକ୍ଷ ବିବାହ ହୋଇଥାଏ। ଆମେରିକା ବିବାହ ବଜାର ୭ କୋଟି ଡଲାର। ପରନ୍ତୁ ଭାରତୀୟଙ୍କର ଏହାଠାରୁ ଦୁଇଗୁଣରୁ ଅଧିକ।



ଚାଇନାର ବିବାହ ବଜାର ୧୭୦୦ କୋଟି ଡଲାର।

ଭାରତରେ ବିବାହ ଏକ ଉତ୍ସବ ଭଳି ଅନୁଷ୍ଠିତ ହୋଇଥାଏ। ଯେଉଁଥିରେ ବିଶେଷ ଭାବରେ ଅଳଂକାର, ପୋଷାକ ଉପରେ ଅଧିକ ଖର୍ଚ୍ଚ ହୋଇଥାଏ। ଏହା ଉପରେ ଅଙ୍କୁଶ ଲଗାଇବାକୁ ରାଜନୈତିକ ଉଦ୍ୟମ ସତ୍ତ୍ୱେ ଦେଶ ତଥା ବିଦେଶରେ ଅନୁଷ୍ଠିତ ହେଉଥିବା ବ୍ୟୟବହୁଳ ବିବାହ ଭାରତୀୟ ବୈଭବକୁ ପ୍ରଦର୍ଶିତ କରୁଛି। ଏଠାରେ ପ୍ରକାଶଯୋଗ୍ୟ, ଯେଉଁ ନେତାମାନେ ଏହାକୁ କଥାରେ ବିରୋଧ କରିଥାନ୍ତି ପ୍ରକାରାନ୍ତେ ସେମାନଙ୍କ ବିବାହ, ଭାଇ, ଭଉଣୀ, ପୁଅ, ଝିଅଙ୍କ ବିବାହରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବାହାଦୁରି ନେଇଥାନ୍ତି। ଖବରକାଗଜର ପୃଷ୍ଠା ମଣ୍ଡନ ସହିତ ଟେଲିଭିଜନରେ ପ୍ରଦର୍ଶିତ ହୋଇଥାଏ। ବିଶ୍ୱରେ ଭାରତ ହେଉଛି ସର୍ବବୃହତ୍ ବିବାହସ୍ଥଳ। ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ, ବିବାହ କେବଳ ବିଶିଷ୍ଟ ସ୍ଥାନରେ ଶୁଭ ଦିନରେ ହୋଇଥାଏ, ଯାହା ପ୍ରତିବର୍ଷ ବଦଳିଥାଏ। ବିବାହ ପୂର୍ବରୁ ବରଦେଖା, କନ୍ୟାଦେଖା ପର୍ବ ଓ ରିଂଗ ସେଲିବ୍ରେଶନରେ କୋଟି କୋଟି ଖର୍ଚ୍ଚ ହୋଇଥାଏ। ଭାରତୀୟମାନେ ବିବାହରେ ଖର୍ଚ୍ଚ କରିବାକୁ ଭଲପାଆନ୍ତି। ପଡ଼ୋଶୀ ଘର ବାହାଘରଠାରୁ ଅଧିକ ଖର୍ଚ୍ଚ କରି ବାହାଦୁରି ନେବା, ବାଣ, ରୋଶଣି, ଅଧିକ ବରଯାତ୍ରୀ ନେଇ ମଦର ବନ୍ୟା ସୃଷ୍ଟି କରିବାକୁ ଭଲପାଆନ୍ତି। ଭାରତରେ ଯେତିକି ପରିମାଣରେ ଅଳଙ୍କାର କିଣାଯାଏ, ତାହାର ଅଧା ବିବାହ ପାଇଁ କିଣାଯାଏ। ତେଣୁ ବିଶ୍ୱସ୍ତରରେ ଭାରତୀୟ ବ୍ୟାଙ୍କ ଓ ଲୋକଙ୍କ ପାଖରେ ୪୦ ପ୍ରତିଶତ ସୁନା ଗଚ୍ଛିତ ଥାଏ। ଭାରତୀୟ ବଜାର ସୁନାର ଗନ୍ତାଘର। ବିବାହରେ ଯିଏ ଯେତେ ସୁନା କାରବାର କଲା, ଯିଏ ଯେତେ ପିନ୍ଧି ପାରିଲା, ସେତେ ଆତ୍ମସନ୍ତୋଷ ପାଆନ୍ତି। ଭାରତରେ ବିବାହରେ ଯେତିକି ଖର୍ଚ୍ଚ ହୁଏ ପାଠପଢ଼ାରେ ଅଧା। ପରନ୍ତୁ ଆମେରିକାରେ ପାଠପଢ଼ାରେ ଯେତିକି ଖର୍ଚ୍ଚ ହୁଏ, ବିବାହରେ ତାର ଅଧାରୁ କମ୍ ଖର୍ଚ୍ଚ ହୁଏ। ବିବାହରେ ଅଧିକ ଖର୍ଚ୍ଚ କରି ବାଣଫୁଟାଇ ପରିବେଶ ପ୍ରଦୂଷଣ କରିବା ଗର୍ହିତ ଅପରାଧ। ୬୦ରୁ ୭୦ ପ୍ରକାର ବ୍ୟଞ୍ଜନ କ'ଣ ଜଣେ ଲୋକ ଖାଇପାରବ? ଲକ୍ଷ ଲକ୍ଷ ଟଙ୍କାର ଖାଦ୍ୟ ନଷ୍ଟ ହେବା ବେଳେ, ଦେଶରେ କୋଟି କୋଟି ସଂଖ୍ୟାରେ ଲୋକ ଅର୍ଦ୍ଧାହାରରେ ବଞ୍ଚି ରହିଛନ୍ତି। ବ୍ୟୟବହୁଳ ବିବାହ, ମୋଟାଅଙ୍କର ଯୌତୁକ, ସୁନା ଅଳଂକାର ପାଇଁ ଲୋକେ ରୁନ୍ଧି ହେଉଛନ୍ତି। କେତେକ ଜମିବାଡ଼ି ବିକୁଛନ୍ତି, କେତେକ ନବବିହାହିତ ଦମ୍ପତି ଭୟରେ ପୁଅ ହେଉ ଅବା ଝିଅ ଘରେ ଅଟକି ଯାଉଛନ୍ତି। ବିବାହରେ ମଧ୍ୟବିତ୍ତମାନେ ନିମ୍ନମଧ୍ୟବିତ୍ତକୁ ଖସି ଆସିବା ଓ ନିମ୍ନବିତ୍ତମାନେ ଦାରିଦ୍ର୍ୟ ସୀମାରେଖା ତଳକୁ ଖସିଯିବାରୁ ଭାରତର ଦାରିଦ୍ର୍ୟ ବଢ଼ିବାର ମୁଖ୍ୟ କାରଣ। ବ୍ୟୟବହୁଳ ବିବାହ କେବେହେଲେ ଶ୍ରେଷ୍ଠ ହୋଇ ପାରିବ ନାହିଁ। ଯେଉଁ ବିବାହ ବିନା ଯୌତୁକ, ବିନା ଖର୍ଚ୍ଚରେ ହୁଏ ତାହାହିଁ ଶ୍ରେଷ୍ଠ ପଦବାଚ୍ୟ। ଏମାନଙ୍କୁ ସରକାର ଓ ବିଭିନ୍ନ ଅନୁଷ୍ଠାନ ପୁରସ୍କୃତ କଲେ ହୁଏତ ଏହିଧାରା ଚାଲୁରୁହନ୍ତା।

**ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ମୋ:୯୮୬୧୦୪୮୦୫୨**

## ଏଇ ଭାରତରେ

ଆଳୁ ଚାଷରେ ବିପୁଳ କ୍ଷତି ସହିବା ପରେ ତାଙ୍କ ଜୀବନକୁ ପୁନର୍ବାର ଗଢ଼ିବାରେ ସକ୍ଷମ ହୋଇଛନ୍ତି ବଚ୍ଛାତର ସିଂ। ସେ ରହନ୍ତି ସଂଗ୍ରୁର୍ ଜିଲା ଦେହ୍ କଲାନ୍ ଗାଁରେ। ଏବେ ସେ ସୋୟାବିନ ଚାଷ ସହ ଏକ ପ୍ରୋସେସିଂ ୟୁନିଟ୍ କରି ସେଥିରୁ ସୋୟାଜାତ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ସେ ଏଥିରୁ ବର୍ଷକୁ ୧୨ ଲକ୍ଷ ଟଙ୍କା ଲାଭ କରିଛନ୍ତି। ଏଥିରେ ତାଙ୍କୁ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ କୃଷି ବିଜ୍ଞାନୀଙ୍କ ତରଫରୁ ସହଯୋଗ ବି ମିଳିଛି। ଏପରିକି ସବୁଜ ବିପ୍ଳବର ଜନକ ଡ. ସ୍ୱାମୀନାଥନ ତାଙ୍କ ଦ୍ୱାରା ପ୍ରସ୍ତୁତ ସୋୟା ପନିର ଖାଇବା ପରେ ତାହା ଉତ୍ତମ ବୋଲି କହିଥିଲେ। ତା' ପରଠାରୁ ବଚ୍ଛତର ସିଂ ତାହାକୁ ମାର୍କେଟିଂ କରି ସେଥିରୁ ଲାଭବାନ୍ ହେଉଛନ୍ତି। ୧୯୯୮ରୁ ୨୦୦୧ ମଧ୍ୟରେ ସେ ଆଳୁ ଚାଷରେ ପାଖାପାଖି ୨ କୋଟି ଟଙ୍କା କ୍ଷତି ସହିବା ପରେ ୧୫ ଏକର ଜମି ବିକିବାକୁ ବାଧ୍ୟ ହୋଇଥିଲେ। ପରେ ସେ ଏହି କ୍ଷତି ଭରଣା କରିବାକୁ ସୋୟାବିନ ଚାଷ କରିଥିଲେ। ଏବେ ସୋୟା ପ୍ରୋସେସିଂ ୟୁନିଟରୁ ପ୍ରତିଦିନ ୭୦୦ ଲିଟର ସୋୟା ମିଲ୍କ ଓ ୪ କୁଇଣ୍ଟାଲ ପନିର ତିଆରି କରୁଛନ୍ତି ଓ ବର୍ଷକୁ ଏଥିରୁ ୧୦-୧୨ ଲକ୍ଷ ଟଙ୍କା ଲାଭ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୬ ଅଗଷ୍ଟ ୧୯୭୫**

- ସୁପ୍ରିମ୍‌କୋର୍ଟରେ ପ୍ରଧାନବିଚାରପତି ଏ.ଏନ୍. ରାୟଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ସୁପ୍ରିମ୍‌କୋର୍ଟର ଓକିଲଙ୍କ ସମେତ ୩ ଜଣ ଆନନ୍ଦମାର୍ଗୀଙ୍କୁ ଗିରଫ କରାଯାଇଛି।
- ଲୋକପ୍ରତିନିଧି ନିର୍ବାଚନ (ସଂଶୋଧନ) ବିଲ୍ ଲୋକସଭାରେ ଆଲୋଚନା ପରେ ଗୃହୀତ ହୋଇଯାଇଛି।
- ସେନାବାହିନୀ ମୁଖ୍ୟ ଜେନେରାଲ ଟି.ଏନ୍. ରାଇନା 'ବ୍ରିଗେ ଅଫ୍ ଗାର୍ଡସ'ର ନୂଆ କର୍ଣ୍ଣେଲ ପଦ ଗ୍ରହଣ କରିଛନ୍ତି।
- ଜାପାନ ଲାଲ୍ ସୈନ୍ୟବାହିନୀ ସନ୍ତ୍ରାସବାଦୀ ଦଳର ଦାବିକୁ ଜାପାନ ସରକାର ଗ୍ରହଣ କରିଥିବା ଘୋଷଣା କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | 7 | 6 | | |
| 5 | 6 | | | | 2 | | | 9 |
| | | 1 | | | 4 | | | 7 |
| 3 | | 5 | | | | 1 | | |
| | | | 9 | | | | 2 | |
| 4 | 2 | | | 6 | | | | |
| | | | | 2 | 6 | | | |
| | 4 | 8 | | | 5 | 2 | | |
| | | | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 3 | 6 | 2 | 4 | 7 | 9 | 8 |
| 9 | 2 | 8 | 5 | 7 | 3 | 4 | 1 | 6 |
| 6 | 4 | 7 | 9 | 1 | 8 | 2 | 3 | 5 |
| 7 | 1 | 9 | 8 | 5 | 6 | 3 | 2 | 4 |
| 8 | 3 | 2 | 7 | 4 | 9 | 6 | 5 | 1 |
| 4 | 6 | 5 | 1 | 3 | 2 | 8 | 7 | 9 |
| 3 | 7 | 6 | 4 | 9 | 1 | 5 | 8 | 2 |
| 2 | 9 | 4 | 3 | 8 | 5 | 1 | 6 | 7 |
| 5 | 8 | 1 | 2 | 6 | 7 | 9 | 4 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତରେ ଜନ ବିସ୍ଫୋରଣ

ମହାଶୟ,

ମିଳିତ ଜାତି ସଂଘ ଦ୍ୱାରା ପ୍ରକାଶିତ ସଦ୍ୟତମ ରିପୋର୍ଟ ଅନୁସାରେ ଏବେ ଭାରତରେ ଜନସଂଖ୍ୟା ୧୪୮ କୋଟିରେ ପହଞ୍ଚିଛି। ଗତ ବର୍ଷ ଏହି ସଂଖ୍ୟା ୧୪୫ କୋଟି ଥିଲା। ଏହି ରିପୋର୍ଟ ପ୍ରକାଶ କରିଛି ଯେ ୨୦୮୫ ସୁଦ୍ଧା ଭାରତରେ ଜନସଂଖ୍ୟା ଚାଇନାର ୨ ଗୁଣ ହୋଇଯିବ। ଏହି ତଥ୍ୟରୁ ସୂଚିତ ହେଉଛି ଯେ ଭାରତରେ ଜନ ବିସ୍ଫୋରଣ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଦାୟୀ। ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ସେମାନଙ୍କର ଆଦୌ ଆନ୍ତରିକତା ନାହିଁ। କହିବା ନିଷ୍ପ୍ରୟୋଜନ ଯେ ଜନସଂଖ୍ୟା ବୃଦ୍ଧିକୁ ରୋକା ନ ଗଲେ ଦେଶର କୃଷି, ଶିଳ୍ପ, ଶିକ୍ଷା ଓ ସ୍ୱାସ୍ଥ୍ୟ ଗୁରୁତର ଭାବେ ପ୍ରଭାବିତ ହେବ। ଉତ୍କଟ ଖାଦ୍ୟାଭାବ ଓ ଜଳାଭାବ ପରି ମହାସଙ୍କଟ ସୃଷ୍ଟି ହେବ। ଦରଦାମ ବୃଦ୍ଧି ହେବ, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବ। ବେକାରି ଓ ବେରୋଜଗାରି ବୃଦ୍ଧି ପାଇବ। ଦେଶର ପ୍ରଗତି ଗୁରୁତର ଭାବେ ପ୍ରଭାବିତ ହେବ। ଏଣୁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଜନ୍ମ ନିୟନ୍ତ୍ରଣ ପାଇଁ ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦେବା ଆବଶ୍ୟକ।

**-ଅକ୍ଷୟ କୁମାର ମହାନ୍ତ, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କଲି ତାକୁ ଉପହାସ ବିଚାରିଲି ଛଳନା
ସ୍ୱର୍ଗର ନୁହେ ତାହା ମର୍ତ୍ତ୍ୟର ବାସନା
ଅଙ୍ଗେ ନିଭାଇଥିଲି ଇଙ୍ଗିତ ଯେତେ ମୁଁ
ଚାଖିଥିଲା ଯେତେ ରସ ପୀରତିର ରସନା।
-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ସଂସଦ ଭବନ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୋମବାର ଭେଟିଛନ୍ତି ଓଡ଼ିଶାର ଭାଜପା ଏମ୍‌ପି। ବାମରୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ନବରଙ୍ଗପୁରର ବଳଭଦ୍ର ମାଝୀ, କେନ୍ଦୁଝରର ଅନନ୍ତ ନାଏକ, ବଲାଙ୍ଗୀରର ସଙ୍ଗୀତା କୁମାରୀ ସିଂଦେଓ, ଆସିକାର ଅନିତା ଶୁଭଦର୍ଶିନୀ, ଭୁବନେଶ୍ୱରର ଅପରାଜିତା ଷଡ଼ଙ୍ଗୀ, ବାଲେଶ୍ୱରର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କନ୍ଧମାଳର ସୁକାନ୍ତ ପାଣିଗ୍ରାହୀ, ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ, ସମ୍ବଲପୁର ଲୋକ ସଭା ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ, ବରଗଡ଼ର ପ୍ରଦୀପ ପୁରୋହିତ, ବ୍ରହ୍ମପୁରର ପ୍ରଦୀପ ପାଣିଗ୍ରାହୀ, ଢେଙ୍କାନାଳର ରୁଦ୍ର ନାରାୟଣ ପାଣି, ସୁନ୍ଦରଗଡ଼ର ଜୁଏଲ ଓରାମ, ପୁରୀର ସମ୍ବିତ ପାତ୍ର, ଜଗତ୍‌ସିଂହପୁରର ବିଭୁପ୍ରସାଦ ତରାଇ, ଯାଜପୁରର ରବୀନ୍ଦ୍ର ନାରାୟଣ ବେହେରା, ମୟୂରଭଞ୍ଜର ନବଚରଣ ମାଝୀ, କେନ୍ଦ୍ରାପଡ଼ାର ବୈଜୟନ୍ତ ପଣ୍ଡା, କଳାହାଣ୍ଡିର ମାଳବିକା କେଶରୀ ଦେଓ ଏବଂ ଭଦ୍ରକର ଅଭିମନ୍ୟୁ ସେଠୀ।

# ଓଡ଼ିଶାର ଭାଜପା ଏମ୍‌ପିଙ୍କ ସହ ଭେଟି ପରିଚିତ ହେଲେ ପ୍ରଧାନମନ୍ତ୍ରୀ

## ସାମାଜିକ ଗଣମାଧ୍ୟମ ଉପରେ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଲେ

ଭୁବନେଶ୍ୱର, ୫।୮ (ସୁନିତ୍ ମିଶ୍ର)

ସଂସଦ ଭବନ ସମ୍ମିଳନୀ କକ୍ଷରେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଓଡ଼ିଶାର ସମସ୍ତ ୨୦ ଭାଜପା ଲୋକ ସଭା ଏମ୍‌ପି ଓ ଜଣେ ରାଜ୍ୟ ସଭା ଏମ୍‌ପି ଭେଟିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଏମ୍‌ପିମାନଙ୍କ ସହ ଆଲୋଚନା କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ପରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ସହିତ ଯୋଗାଯୋଗ କରିଥିଲୁ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଓଡ଼ିଶା କିମ୍ବା ଦେଶର ରାଜନୈତିକ ପ୍ରସଙ୍ଗରେ କୌଣସି ଆଲୋଚନା କରିନାହାନ୍ତି। ପ୍ରଥମେ ସମସ୍ତଙ୍କ ସହିତ ପରିଚିତ ହେଲେ। ୭ ଥର କିଏ ଜିତିଛନ୍ତି, ତା'ପରେ ଆଉ ଅଧିକ ଥର କେଉଁମାନେ ଜିତିଛନ୍ତି, ପ୍ରଥମ ଥର କେଉଁମାନେ ପାର୍ଲାମେଣ୍ଟକୁ ଆସିଛନ୍ତି ସବୁ କଥା ପଚାରି ବୁଝିଲେ। ମୁଖ୍ୟତଃ ସାମାଜିକ ଗଣମାଧ୍ୟମ ଉପରେ ଅଧିକ ଗୁରୁତ୍ୱ ଦେବା ଲାଗି କହିଲେ। କିପରି ଛୋଟ ଛୋଟ ବୈଠକ କରାଯିବ ସେନେଇ ମଧ୍ୟ ଜଣାଇଲେ। ଲୋକଙ୍କ ସହିତ କିପରି ସମ୍ପର୍କ ଯୋଡ଼ାଯିବ ଏବଂ ଲୋକମାନେ କିପରି ଅନୁଭବ ନ କରିବେ ତାଙ୍କ ଏମ୍‌ପିଙ୍କ ସହିତ ଦେଖା ହୋଇପାରୁ ନାହିଁ, ସେସବୁ ଉପରେ ଧ୍ୟାନ ଦେବାକୁ ମୋଦି କହିଛନ୍ତି। ଏହାସହ ଜଣେ ଏମ୍‌ପିଙ୍କ ଦାୟିତ୍ୱ କ'ଣ ସେ ବିଷୟରେ ମଧ୍ୟ ପରାମର୍ଶ ଦେଇଥିବା କଥା ପ୍ରଦୀପ କହିଛନ୍ତି।

ସେହିପରି ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନାକୁ ନେଇ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ତାଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି ଯେ, ସଂସଦ ଭବନରେ ପ୍ରଧାନମନ୍ତ୍ରୀଙ୍କୁ ଆମେ ଭେଟି ଆଲୋଚନା କଲା ବେଳେ ତାଙ୍କର ମାର୍ଗଦର୍ଶନ ପ୍ରାପ୍ତ କଲୁ। ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ଉଲ୍ଲେଖ କରିଛନ୍ତି।

# ବିଜେଡି ନେତାଙ୍କ ଭିତରେ ରହୁନି ତାଳମେଳ

## ମୟୂରଭଞ୍ଜ ରାଜନୀତି

ବାରିପଦା,୫।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବୈଠକ।

ମୟୂରଭଞ୍ଜ ଜିଲା ବିଜେଡି ସଂଗଠନରେ ରୋଚକ ସ୍ଥିତି ଦେଖିବାକୁ ମିଳିଛି। ଆଗଧାଡ଼ିର ନେତାଙ୍କ ମଧ୍ୟରେ ତାଳମେଳ ରହୁ ନ ଥିବା ବେଳେ କର୍ମୀ ହତାଶ ହେବାରେ ଲାଗିଛନ୍ତି। କେହି ଦଳ ଛାଡ଼ି ଭାଜପା ଶିବିରକୁ ଲମ୍ଫ ଦେଇଥିବା ବେଳେ ଆଉ କେହି ବିଜେଡି ହାତ ଛାଡ଼ିବା ପାଇଁ ସଜବାଜ ହେଉଛନ୍ତି। ଏହାରି ମଧ୍ୟରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସଭାପତି ନିର୍ଦ୍ଦେଶ ଦେଇଛନ୍ତି। ଆଲୋଚନା ଓ ବୈଠକ ମାଧ୍ୟମରେ କେତେଜଣ ନେତା ଏକାଠି ହେଉଥିବା ବେଳେ ଛାମୁଆ ନେତା ଅନୁପସ୍ଥିତ ରହୁଛନ୍ତି। ପୁଣି ଛାମୁଆ ନେତା ଡାକିଥିବା ବୈଠକକୁ ଜିଲାର ଆଉ କେତେକ ନେତା ଯାଉନାହାନ୍ତି। ଏହାଦ୍ୱାରା ଦଳୀୟ କନ୍ଦଳ ସ୍ପଷ୍ଟ ହେବାରେ ଲାଗିଛି।

୨୦୨୪ ନିର୍ବାଚନରେ ଜିଲାରେ ବିଜେଡି ଧରାଶାୟୀ ହେବା ପରେ ଏବେ ସମସ୍ତଙ୍କୁ ସଙ୍ଗଠନ ସଜାଡ଼ିବା ଚିନ୍ତା ଘାରିଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲା ବିଜେଡି କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ତାଙ୍କ ଅନୁଗତମାନଙ୍କୁ ଦେଖିବାକୁ ମିଳି ନ ଥିଲା। ଏ ସମ୍ପର୍କରେ ଦଳର ନେତା ମୁହଁ ଖୋଲୁ ନ ଥିବା ବେଳେ କର୍ମୀ ମହଲରେ ଜୋରଦାର ଆଲୋଚନା ହେଉଛି।

ଜିଲାର ୯ ବିଧାନସଭା ଓ ଗୋଟିଏ ଲୋକ ସଭା ଆସନ ଭାଜପା ହାତେଇବାର ୪୦ ଦିନ ପରେ ବିଜେଡି ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ ଦଳ ଓ ପଦରୁ ଇସ୍ତଫା ଦେଇଥିଲେ। ଏହି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ସେ ଭାଜପା ଶିବିରରେ ଯୋଗଦେବା ପରେ ବିଜେଡି ଅନ୍ତଃକନ୍ଦଳ ପଦାକୁ ଆସିଛି। ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଗଷ୍ଟ ୨ରେ ଭୁବନେଶ୍ୱର ଡାକି ଜିଲାର ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ମମତାଙ୍କ ଇସ୍ତଫା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଜିଲାର ନେତାମାନେ ସଭାପତିଙ୍କୁ ଜଣାଇଥିଲେ। ତେବେ ସୋମବାର ଜିଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ରାଜକିଶୋର ଦାସ, ଶ୍ରୀନାଥ ସୋରେନ, ବିଧାୟକ ପ୍ରାର୍ଥୀ ରାଇସେନ ମୁର୍ମୁ, ଅନସୂୟା ପାତ୍ର, ପ୍ରୀତିନନ୍ଦା କାନୁନ୍‌ଗୋ, ଡା.ଦେବାଶିଷ ମାରାଣ୍ଡି ପ୍ରମୁଖ ଜିଲାସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ରହି ଆଲୋଚନା କରିଥିଲେ। ହେଲେ ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ଜିଲା ସଭାପତି ସୁଦାମ ମାର୍ଣ୍ଡି, ବିଧାୟିକା ପ୍ରାର୍ଥିନୀ ରଞ୍ଜିତା ମାର୍ଣ୍ଡି, ଯଶିପୁର ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମ ଓ କରଞ୍ଜିଆ ବିଧାୟିକା ପ୍ରାର୍ଥିନୀ ତଥା ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ସମେତ ଅନୁଗତମାନେ ଯୋଗଦେଇ ନ ଥିଲେ। ଉଲ୍ଲେଖଯୋଗ୍ୟ, ଜୁଲାଇ ୩୦ ତାରିଖରେ ସୁଦାମ ଏକ ବୈଠକ ଡାକିଥିବା ବେଳେ ମୟୂରଭଞ୍ଜ ସାଂଗଠନିକ ଜିଲା-୧ର ମାତ୍ର ୨/୩ ଜଣଙ୍କ ବ୍ୟତୀତ ଅନ୍ୟ ଜିଲା ନେତୃବୃନ୍ଦଙ୍କୁ ସେଠାରେ ଦେଖିବାକୁ ମିଳି ନ ଥିଲା। ଏହାର ଠିକ୍ ୩ ଦିନ ପରେ ନବୀନ ନିବାସକୁ ଜିଲା ବିଜେଡି ନେତୃବୃନ୍ଦ ଯାଇଥିବା ବେଳେ ସେଠାରେ ମଧ୍ୟ ସୁଦାମଙ୍କ ଦେଖା ନ ଥିଲା। ସୋମବାର ଅନୁଷ୍ଠିତ ବିଜେଡି ବୈଠକକୁ ସୁଦାମ ଆସି ନ ଥିଲେ। ଏଥିରୁ ଦଳୀୟ ଗୋଷ୍ଠୀ କନ୍ଦଳ ସ୍ପଷ୍ଟ ହେବାରେ ଲାଗିଛି। ଆଗାମୀ ଦିନରେ ମୟୂରଭଞ୍ଜ ଜିଲାରେ ଦଳର ମଙ୍ଗ କିଏ ଧରିବେ ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଗଲାଣି।

# ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି କଲେ ୩ ମନ୍ତ୍ରୀ

## ସମସ୍ୟାର ସମାଧାନ ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୫।୮ (ସୁନିତ୍ ମିଶ୍ର)

ଭାଜପା ଓଡ଼ିଶାରେ ସରକାର ଗଠନ କରିବା ପରେ ଲୋକଙ୍କ ଦୁଃଖସୁଖରେ ଭାଗୀ ହେବା ସହ ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ଅଭିଯୋଗ ଶୁଣାଣି ଆରମ୍ଭ କରିଛି। ଗତ ସରକାର ସମୟରେ ଲୋକଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବନ୍ଦ ହୋଇଯାଇଥିବା ବେଳେ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ପୁନର୍ବାର ଏହା ଆରମ୍ଭ କରାଯାଇଛି। ସେହି ଅନୁଯାୟୀ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ୩ ଜଣ ମନ୍ତ୍ରୀ ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗ ଶୁଣିଛନ୍ତି। ଏଥିରେ ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଅଭିଯୋଗର ତ୍ୱରିତ ସମାଧନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସମ୍ପର୍କରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ କହିଛନ୍ତି, ଲୋକଙ୍କ ଅଭିଯୋଗଗୁଡ଼ିକୁ ଶୁଣିବା ପରେ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଭଳି ସୂରଜ ଓ ସ୍ୱାଇଁ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଗୁଡ଼ିକ ମଧ୍ୟରେ ଅନେକ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଭିଯୋଗ ରହିଥିଲା।


ଭାରତ ସରକାର/GOVERNMENT OF INDIA
ମହାକାଶ ବିଭାଗ/DEPARTMENT OF SPACE
ଭାରତୀୟ ମହାକାଶ ଗବେଷଣା ସଂଗଠନ/INDIAN SPACE RESEARCH ORGANISATION
ରାଷ୍ଟ୍ରୀୟ ସୁଦୂର ସମ୍ବେଦନ କେନ୍ଦ୍ର/NATIONAL REMOTE SENSING CENTRE
ବାଲାନଗର, ହାଇଦ୍ରାବାଦ/BALANAGAR, HYDERABAD

ବିଜ୍ଞାପନ ସଂଖ୍ୟା: ଏନ୍‌ଆର୍‌ଏସ୍‌ସି/ଆର୍‌ଏମ୍‌ଟି/୪/୨୦୨୪ ତାରିଖ: ୦୬।୦୮।୨୦୨୪

ଚୁକ୍ତିଭିତ୍ତିକ କର୍ମନିଯୁକ୍ତି ପାଇଁ ଅଧିସୂଚନା

ଏନ୍‌ଆର୍‌ଏସ୍‌ସି ଚୁକ୍ତି ଭିତ୍ତିରେ ନିମ୍ନଲିଖିତ ପଦବୀ(ଗୁଡ଼ିକ) ପାଇଁ ଦରଖାସ୍ତ ଆହ୍ୱାନ କରୁଛି:

| ପଦବୀ କୋଡ୍ | ପଦବୀର ନାମ | ପଦବୀଗୁଡ଼ିକର ସଂଖ୍ୟା | ପାରିଶ୍ରମିକ |
|---|---|---|---|
| ୧ | ନିରନ୍ତର ଉଡ଼ାଣ-ଯୋଗ୍ୟତା ପ୍ରବନ୍ଧକ | ୦୧ | ଏକତ୍ରୀକୃତ ବେତନ ମାସିକ ଟ.୯୬,୦୦୦/- |

ବିସ୍ତୃତ ବିଜ୍ଞାପନ ପାଇଁ ପ୍ରାର୍ଥୀମାନଙ୍କୁ ଏନ୍‌ଆର୍‌ଏସ୍‌ସି ୱେବ୍‌ସାଇଟ୍ www.nrsc.gov.in ଦେଖିବାକୁ ପରାମର୍ଶ ଦିଆଯାଉଛି।

ମନେ ରଖିବା ପାଇଁ ମହତ୍ତ୍ୱପୂର୍ଣ୍ଣ ତାରିଖ(ଗୁଡ଼ିକ):

| | |
|---|---|
| ଆବେଦନର ପ୍ରାରମ୍ଭିକ ତାରିଖ | ୦୬।୦୮।୨୦୨୪ |
| ଆବେଦନର ଶେଷ ତାରିଖ | ୨୬।୦୮।୨୦୨୪ |

"ସରକାର ଲିଙ୍ଗ ସନ୍ତୁଳନକୁ ଦର୍ଶାଉଥିବା ଏକ ଶ୍ରମଶକ୍ତି ଗଢ଼ିବା ପାଇଁ ପ୍ରୟାସରତ ଏବଂ ମହିଳା ପ୍ରାର୍ଥୀମାନଙ୍କୁ ଆବେଦନ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି।" CBC 49112/11/0002/2425


# ୪ ବିଧାୟକଙ୍କୁ ହାଇକୋର୍ଟ ନୋଟିସ

## ନିର୍ବାଚନୀ ଅନିୟମିତତା ମାମଲା

କଟକ, ୫।୮ (କାର୍ତ୍ତିକ ସାହୁ)

୨୦୨୪ ନିର୍ବାଚନରେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟରେ କେତେକ ମାମଲା ଦାଏର ହୋଇଛି। ବିଜୟୀ ପ୍ରାର୍ଥୀମାନେ ପ୍ରାର୍ଥିପତ୍ର ଦାଖଲବେଳେ ତଥ୍ୟ ଲୁଚାଇଥିବା ଅଭିଯୋଗ ଅଣାଯିବା ସହ ସେମାନଙ୍କ ବିଜୟକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ପ୍ରାର୍ଥୀ ଓ ସ୍ଥଳବିଶେଷରେ ଭୋଟର ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ହାଇକୋର୍ଟ ପର୍ଯ୍ୟାୟକ୍ରମେ ମାମଲାଗୁଡ଼ିକର ଶୁଣାଣି କରି ପ୍ରତିପକ୍ଷଙ୍କୁ ନୋଟିସ ଜାରି କରୁଛନ୍ତି। ସେଥିମଧ୍ୟରୁ ୪ଟି ମାମଲାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ସୋମବାର ୪ ଜଣ ବିଧାୟକଙ୍କୁ ନୋଟିସ୍ ଜାରି କରିଛନ୍ତି।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ହରାଇଥିବା ଭାଜପାର କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ଗିରିରାଜ ସିଂ ମାଝୀ ନାମକ ଜଣେ ଭୋଟର ବିଜୟୀ ଭାଜପା ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କ ବିରୋଧରେ ନିର୍ବାଚନୀ ଅନିୟମିତତା ମାମଲା ହାଇକୋର୍ଟରେ ଦାଏର କରିଥିଲେ। ହାଇକୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ଶୁଣାଣି ଆରମ୍ଭ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୨୭ରେ ହେବ। ଲକ୍ଷ୍ମଣ ପ୍ରାର୍ଥିପତ୍ର ଦାଖଲବେଳେ ଦେଇଥିବା ସତ୍ୟପାଠରେ ଭୁଲ୍ ତଥ୍ୟ ଦେଇଥିବା ଯୋଗୁ ତାଙ୍କ ବିଧାୟକ ପଦକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନକାରୀ ଆବେଦନରେ ଦର୍ଶାଇଛନ୍ତି। ସେହିପରି ଝାରସୁଗୁଡ଼ାର ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ମଧ୍ୟ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୩ରେ ଜବାବ ଦେବା ସହ ହାଇକୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ଟଙ୍କଧର ସତ୍ୟପାଠରେ ଆପରାଧିକ ମାମଲା ଲୁଚାଇଥିବା ନେଇ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ଅଭିଯୋଗ କରିଥିଲେ। ଏଥିସହ ଆଉ ୨ଟି ନିର୍ବାଚନୀ ଅନିୟମିତତା ମାମଲାରେ ଜଳେଶ୍ୱରର ଭାଜପାର ପରାଜିତ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନଙ୍କ ମାମଲା କ୍ରମେ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର ଏବଂ ଚାନ୍ଦବାଲି ଭୋଟର କିଶୋର କୁମାର ନାୟକଙ୍କ ମାମଲା କ୍ରମେ ବିଜେଡି ବିଧାୟକ ବ୍ୟୋମକେଶ ରାୟଙ୍କୁ ମଧ୍ୟ ହାଇକୋର୍ଟ ନୋଟିସ୍ କରିଥିବା ଜଣାଯାଇଛି।


ଖଡ଼ଗପୁର ଡିଭିଜନରେ କ୍ୟାଟରିଂ ୟୁନିଟ୍ ପାଇଁ ଇ-ଟେଣ୍ଡର ଏବଂ ଇ-ନିଲାମ ବିଜ୍ଞପ୍ତି

ଇ-ଟେଣ୍ଡର ଏବଂ ଇ-ନିଲାମ ବିଜ୍ଞପ୍ତି ନଂ.: କେଜିପି/ସିଏଟିଜି/୨୦୨୪/୨ ତାରିଖ: ୦୨।୦୮।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ନିମ୍ନଲିଖିତ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି: (i) ଖଡ଼ଗପୁର (୮ ଗୋଟି), ବାଲେଶ୍ୱର (୩ ଗୋଟି) ଏବଂ ସାନ୍ତ୍ରାଗାଛି (୭ ଗୋଟି) ରେଳ ଷ୍ଟେଶନଠାରେ ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ ଜେନେରାଲ ମାଇନର ୟୁନିଟ୍‌ରେ କ୍ୟାଟରିଂ ସେବାର ବ୍ୟବସ୍ଥା ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଉପରୋକ୍ତ ୧୮ ଗୋଟି କ୍ୟାଟରିଂ ୟୁନିଟ୍ ନିମନ୍ତେ ଆଇଆର୍‌ଇପିଏସ୍ ପୋର୍ଟାଲରେ ବିଡ୍ ଦାଖଲର ସମାପ୍ତି ତାରିଖ ହେଉଛି ଯଥାକ୍ରମେ ତା୨୯।୦୮।୨୦୨୪ରିଖ, ୧୫.୦୦ ଘଟିକା। (ii) ଶାଲିମାର (୨ ଗୋଟି), ବାଲେଶ୍ୱର (୨ ଗୋଟି) ଏବଂ ସାନ୍ତ୍ରାଗାଛି (୨ ଗୋଟି) ରେଳ ଷ୍ଟେଶନଠାରେ ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ ସ୍ପେଶାଲ ମାଇନର୍ ୟୁନିଟ୍‌ରେ କ୍ୟାଟରିଂ ସେବାର ବ୍ୟବସ୍ଥା ପାଇଁ ଇ-ନିଲାମ କାଟାଲଗ୍ ପ୍ରକାଶିତ ହୋଇଛି। ଦ୍ରଷ୍ଟବ୍ୟ- କାଟାଲଗ୍ ନଂ.: ସିଏଟିଜି-କେଜିପି-୨୪-୦୩, ନିଲାମ ତାରିଖ: ତା୧୪।୦୮।୨୦୨୪ରିଖ, ନିଲାମ ଆରମ୍ଭ/ବନ୍ଦ ହେବାର ସମୟ: ଯଥାକ୍ରମେ ୧୧.୦୦ ଓ ୧୨.୦୦ ଘଟିକା। ଏହା https://www.ireps.gov.in/websiteରେ ଅଧିସୂଚିତ ହୋଇଛି। ଏଜେନ୍ସି/କ୍ୟାଟରିଂ କଣ୍ଟ୍ରାକ୍ଟର ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତିର ବିବରଣୀ ଓ ସମ୍ପର୍କିତ ସୂଚନା ପାଇଁ ଦର୍ଶିତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-448) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



कार्यपालक अभियंता का कार्यालय
ग्रामीण विकास विशेष प्रमंडल, राँची

ई-निविदा आमंत्रण सूचना

ई- निविदा सूचना संख्या – RDD/SD/RANCHI/04/2024-25 E-tender

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | राँची जिला के नामकुम प्रखण्ड अंतर्गत गरूड़पीड़ी से बारेडण्डा के बीच टुण्डी नदी पर पुल निर्माण। | 329.90 | 6,59,800 | 10,000 | 18 माह |

2. वेबसाइट में निविदा प्रकाशन की तिथि – 16.08.2024
3. ई-निविदा प्राप्ति की तिथि एवं समय – दिनांक 20.08.2024 से दिनांक 27.08.2024 को अपराह्न 5:00 बजे तक
4. ई-निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, राँची।
5. ई-निविदा खोलने की तिथि एवं समय – 29.08.2024 अपराह्न 2:00 बजे
6. ई-निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल, राँची।
7. ई-निविदा प्रकोष्ठ का दूरभाष सं० – 9122180770
8. परिमाण विपत्र की राशि घट-बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है, तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, राँची

PR 331908 Rural Development (24-25)_D


# ନୀଳଗିରି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ନୀଳଗିରି, ୫।୮ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସିରେ ରାଜନୀତି ନୂଆ ମୋଡ଼ ନେଇଛି। ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଏବଂ ନୀଳଗିରି ଏନ୍‌ଏସିର ୯ଜଣ କାଉନସିଲର ବାଲେଶ୍ୱର ଜିଲାପାଳ ଆଶିଷ ଠାକରେଙ୍କୁ ସୋମବାର ଭେଟି ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଅଧ୍ୟକ୍ଷା ଦାସ ପଦବୀ ଗ୍ରହଣ କରିବାର ୨ ବର୍ଷରୁ ଅଧିକ ସମୟ ହୋଇଥିଲେ ହେଁ ସେ ନିଜ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରିବା ସହ ବିଭିନ୍ନ ୱାର୍ଡ ପ୍ରତି ପକ୍ଷପାତିତା ମନୋଭାବ ପୋଷଣ କରିଥିବା ଉକ୍ତ ଅନାସ୍ଥା ପ୍ରସ୍ତାବରେ ଦର୍ଶାଯାଇଛି। ଏହି ଅନାସ୍ଥା ପ୍ରସ୍ତାବରେ ୧୧ଜଣ କାଉନସିଲରଙ୍କ ଦସ୍ତଖତ ରହିଛି। ଏହାକୁ ନେଇ ଭାଜପା ଶିବିରରେ ରାଜନୈତିକ ତତ୍ପରତା ଦେଖିବାକୁ ମିଳିଛି।

ଏନଏସିର ୧୩ଟି କାଉନସିଲର ପଦବୀ ମଧ୍ୟରୁ ବିଜେଡି ୮ଟି ହାତେଇ ଏକାକୀ ସଂଖ୍ୟାଗରିଷ୍ଠ ଦଳ ହୋଇଥିବା ବେଳେ ବିଜେଡିର ଅମ୍ବିକା ଦାସ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମାତ୍ର ୨୦୨୪ ନିର୍ବାଚନରେ ଦଳ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। କିଛି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଏନ୍‌ଏସିର ୬ଜଣ ବିଜେଡି କାଉନସିଲର ଏବଂ ଜଣେ ସ୍ୱାଧୀନ କାଉନସିଲର ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଦଳରେ ସାମିଲ ହୋଇଥିଲେ। ରବିବାର ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନ ଏବଂ ନୀଳଗିରି ବିଧାୟକଙ୍କ ଉପସ୍ଥିତିରେ ନୀଳଗିରି ଏନ୍‌ଏସି ୧୦ନଂ. ୱାର୍ଡର କାଉନସିଲର ଗୌରାଙ୍ଗ ବିଦ୍ଧାଣି ଏମ୍‌ପିଙ୍କ ବାସଭବନ ଗୋପୀନାଥପୁରଠାରେ ବିଧିବଦ୍ଧ ଭାବେ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ।


JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO Bhawan, Kutchary Road,
Ranchi-834001, Jharkhand. Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com

NIT No: JUIDCO/PMAY/V-III/Kangoi/Mihijam/627
e-procurement (Tender Notice)

| | | |
|---|---|---|
| 1. | (a) Name of the work | Construction of 64 Dwelling units in 8 number of G+1 blocks (including structural design) under Pradhan Mantri Awas Yojana (Urban) at Kangoi, Mihijam. |
| | (b) Scope of Work | Scope of work include Architectural Planning & Design, Engineering Procurement, preparation of detailed structural design & drawing project execution & Construction, after obtaining approval from municipal bodies including water supply and sanitation, sewer network, electrification work, storm water drainage, Rain water harvesting, landscaping, boundary wall street lighting, construction of internal roads and parking area of Pradhan Mantri Awas Yojana at Kangoi, Mihijam on EPC basis. |
| 2. | Mode of Bid Submission | e-tendering (http://jharkhandtenders.gov.in) |
| 3. | Estimated Cost (Rs.) | Rs 7,56,74,196/- |
| 4. | Tender Fee and Bid Security to be submitted online | Tender document fee: Rs. 25,000/-(Rupees Twenty-Five Thousand) only Non-Refundable. Bid Security: Rs. 7,57,000/-(Rupees Seven Lakh Fifty Seven Thousand) only. |
| 5. | Date/ Time of Publication of Tender on Website | 05.08.2024 17:00 Hrs |
| 6. | Last Date /Time of Bid Submission | 19.08.2024 17:00 Hrs |
| 7. | Date of Bid Opening | 20.08.2024 17:30 Hrs |
| 8. | Bid Submission Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Road Ranchi – 834001 |
| 9. | Helpline No. of e-Procurement Cell | +91 651 2225878 |

Sd/- Project Director (Technical)
JUIDCO Limited, Ranchi

PR.NO.331842 Urban Development and Housing(24-25):D



ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉପକ୍ରମ A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍ ୧୪, ହାଉସିଂବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର - ୭୫୧୦୦୩

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସାଲେପୁର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ସାଲେପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀମତୀ ଶଂଘମିତ୍ରା ପରିଡ଼ା, ସା: ଚନ୍ଦ୍ରଦେଇପୁର, ପୋ.: ସାଲେପୁର, ଜିଲ୍ଲା: କଟକ - ୭୫୪୨୦୭/ ଜାମିନ୍‌ଦାରମାନେ: ୧) ଶ୍ରୀ ରାମକୃଷ୍ଣ ଭୂୟାଁ, ପିତା: ୰ ଦୋଳଗୋବିନ୍ଦ ଭୂୟାଁ, ୨) ଶ୍ରୀ ବିଜ୍ଞାନନ୍ଦ ଭୂୟାଁ, ପିତା: ଶ୍ରୀ ରାମକୃଷ୍ଣ ଭୂୟାଁ, ଉଭୟଙ୍କ ଠିକଣା ସା: ଲୁଣାହର, ପୋ.: ସାଲେପୁର, ଜିଲ୍ଲା: କଟକ - ୭୫୪୨୦୨, ଓଡ଼ିଶା | ୩୦.୦୪.୨୦୨୪ ସୁଦ୍ଧା ଟ.୧୨,୮୯,୭୬୩.୦୭ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | ୦୧.୦୫.୨୦୨୪ / ୦୨.୦୮.୨୦୨୪ | ଶ୍ରୀ ରାମକୃଷ୍ଣ ଭୂୟାଁ, ପିତା: ୰ ଦୋଳଗୋବିନ୍ଦ ଭୂୟାଁ ଏବଂ ଶ୍ରୀ ବିଜ୍ଞାନନ୍ଦ ଭୂୟାଁ, ପିତା: ଶ୍ରୀ ରାମକୃଷ୍ଣ ଭୂୟାଁଙ୍କ ନାମରେ ଥିବା ଜି+୨ ନିର୍ମାଣଧିନ ବ୍ୟବସାୟିକ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୮୪/୨୨୩, ପ୍ଲଟ୍ ନଂ.: ୧୯୯୮/୨୨୫୪ (୪୦ ଡିସିମିଲି) ଏବଂ ଖାତା ନଂ.: ୬୮୪/୨୨୨, ପ୍ଲଟ୍ ନଂ.: ୧୯୯୮/୨୩୪୮ (୪୦ ଡିସିମିଲି), ଗ୍ରାମ/ମୌଜା: ଚନ୍ଦ୍ରଦେଇପୁର, ୱାର୍ଡ ନଂ.: ୧୨୮, ତହସିଲ: ସାଲେପୁର, ଜିଲ୍ଲା: କଟକ - ୭୫୪୨୦୨, ପ୍ଲଟ୍ ନଂ.: ୧୯୯୮/୨୩୪୮ର ଚଉହଦ୍ଦି - |
| ଋଣଗ୍ରହୀତା: ଶ୍ରୀ ବିଜ୍ଞାନନ୍ଦ ଭୂୟାଁ, ପିତା: ଶ୍ରୀ ରାମକୃଷ୍ଣ ଭୂୟାଁ, ସା: ଲୁଣାହର, ପୋ.: ସାଲେପୁର, ଜିଲ୍ଲା: କଟକ - ୭୫୪୨୦୨/ ଜାମିନ୍‌ଦାର: ଶ୍ରୀ ରାମକୃଷ୍ଣ ଭୂୟାଁ, ପିତା: ୰ ଦୋଳଗୋବିନ୍ଦ ଭୂୟାଁ, ସା: ଲୁଣାହର, ପୋ.: ସାଲେପୁର, ଜିଲ୍ଲା: କଟକ - ୭୫୪୨୦୨, ଓଡ଼ିଶା | ୩୦.୦୪.୨୦୨୪ ସୁଦ୍ଧା ଟ.୩୦,୩୩,୬୧୨/- + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | ୦୧.୦୫.୨୦୨୪ / ୦୨.୦୮.୨୦୨୪ | |

ଉତ୍ତର: ନୟନଜୋଡ଼ି, ଦକ୍ଷିଣ: ଶସାଙ୍କ ଶେଖର ଭୂୟାଁ ଏବଂ ଅନ୍ୟମାନେ, ପୂର୍ବ: କ୍ରେତା, ପଶ୍ଚିମ: କାଶିନାଥ ଷଡ଼ଙ୍ଗୀ, ପ୍ଲଟ୍ ନଂ.: ୧୯୯୮/୨୨୫୪ର ଚଉହଦ୍ଦି - ଉତ୍ତର: ନୟନଜୋଡ଼ି, ଦକ୍ଷିଣ: ଶସାଙ୍କ ଶେଖର ଭୂୟାଁ ଏବଂ ଅନ୍ୟମାନେ, ପୂର୍ବ: ବିବେକାନନ୍ଦ ଭୂୟାଁ ଏବଂ ଅନ୍ୟମାନେ, ପଶ୍ଚିମ: କାଶିନାଥ ଷଡ଼ଙ୍ଗୀ

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୫.୦୮.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଡିଭାଇଡରରେ ପିଟିହୋଇ କାର ଚାଳକ ମୃତ

ପୁରୁଷୋତ୍ତମପୁର,୫।୮(ସିମାଞ୍ଚଳ ମିଶ୍ର): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର-ପୁରୁଷୋତ୍ତମପୁର ମୁଖ୍ୟରାସ୍ତାର କେଶପୁର ପେଟ୍ରୋଲ ପମ୍ପ ନିକଟରେ ସୋମବାର ଦୁର୍ଘଟଣାରେ ଜଣେ କାର ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଣଝାଲିର ଅତୁଲ୍ୟ ଭୋଳ (୫୧) । କାର (ନଂ ଓଡି ୦୨ ସିଏ ୯୧୬୧)ଟି ଦକ୍ଷିଣେଶ୍ୱରକାଳୀ ନାମକ ବସ (ନଂ. ଓଡି ୦୭ ଏଡି ୫୧୪୧)କୁ ଓଭରଟେକ କରିବାବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଡିଭାଇଡରରେ ପିଟିହେବା ସହ ବସରେ ମଧ୍ୟ ଧକ୍କା ହୋଇଥିଲା। ଫଳରେ କାର ଚାଳକ ଅତୁଲ୍ୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ବଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁରୁଷୋତ୍ତମପୁର ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ ୨ଟିକୁ ଜବତ କରି ତଦନ୍ତ ଚଳାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୃଷକ ମୋର୍ଚ୍ଚା ସଂଯୋଜକ

କବିସୂର୍ଯ୍ୟନଗର,୫।୮(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ଭାଜପା ଯୁବନେତା ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଶ୍ୱେତ ଦୋରା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସାକ୍ଷାତ କରିବା ସହ କୃଷିଭିତ୍ତିକ ଯୋଜନା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ରବିବାର ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ରାଜ୍ୟର ଚାଷୀ ପଦାଧିକାରୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମ୍ବର୍ଦ୍ଧନା ଦେଇଛନ୍ତି। ଧାନ କୁଇଣ୍ଟାଲ ପିଛା ୩୧୦୦ଟଙ୍କା, ୫୮ ସବଡ଼ିଭିଜନରେ ଶୀତଳ ଭଣ୍ଡାର, ରାଜ୍ୟର ୬ଲକ୍ଷ ଚାଷୀଙ୍କୁ ପିଏମ କିଷାନରେ ସାମିଲ, ଉଠାଜଳସେଚନ ବ୍ୟବସ୍ଥା ଆଦି କରାଯାଇଥିବାରୁ ଧନ୍ୟବାଦ ଜଣାଇଥିଲେ। ଏହାଦ୍ୱାରା ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଚାଷୀ ଉପକୃତ ହୋଇପାଇବେ।

### କଳିଙ୍ଗ ବୈଶ୍ୟ ମହିଳା ସଂଘ ପକ୍ଷରୁ ଚାରାରୋପଣ

ଧରାକୋଟ,୫।୮ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ମୁଣ୍ଡମରାଇ କଳିଙ୍ଗ ବୈଶ୍ୟ ମହିଳା ସଂଘ ପକ୍ଷରୁ ଚାରାରୋପଣ କରାଯାଇଛି। ପ୍ରଥମେ ଏକ ସଚେତନତା ଶୋଭାଯାତ୍ରା କଳିଙ୍ଗ ବୈଶ୍ୟ ଭବନ ଠାରୁ ବାହାରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇଥିଲା। ଉକ୍ତ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଧରାକୋଟ ବନପାଳ ଅକ୍ଷୟ ତ୍ରିପାଠୀ ଏବଂ କଳିଙ୍ଗ ବୈଶ ଭବନ ସଭାପତି ସିଏଚ ଅନିଲ କୁମାର ପାତ୍ର,ସମ୍ପାଦକ ପି. ଭେଙ୍କେଟେଶ୍ୱର ପାତ୍ର, ମହିଳା ସଂଗଠନର ସଭାପତି ଟି. ରୋଜା ସୁବୁଦ୍ଧି, ସମ୍ପାଦକ ସିଏଚ୍ ଭାଗ୍ୟଶ୍ରୀ ପାତ୍ର ଏବଂ ମହିଳା ସଂଘର ସଭ୍ୟା ସିଏଚ୍ ସଂଯୁକ୍ତା ସୁବୁଦ୍ଧିଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରକାର ଗଛ ଲଗାଯାଇଥିଲା। କାର୍ଯ୍ୟକ୍ରମକୁ ସମାଜିକ କର୍ମୀ ଦୀନବନ୍ଧୁ ମହାରଣା ସଂଯୋଜନା କରିଥିଲେ।

# ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ସମୀକ୍ଷା କଲେ ଶିଳ୍ପ ମନ୍ତ୍ରୀ

## ୪୬୫୪୫ ଆବେଦନ, ୧୧୦୭୮ ଯାଞ୍ଚ ଶେଷ



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଛତ୍ରପୁର,୫।୮(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ପ୍ରଧାନମନ୍ତ୍ରୀଙ୍କ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ବିଶ୍ୱକର୍ମା ଯୋଜନାର ସଫଳତାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରାଗଲେ ଭାରତ ବର୍ଷରେ ସାଧାରଣ ଲୋକ ମାନଙ୍କର ମୌଳିକ ବୃତ୍ତି ସୁଦୃଢ ହୋଇପାରିବ। ଗ୍ରାମ୍ୟ ପରମ୍ପରା ମୌଳିକ ବୃତ୍ତି ଚିରସ୍ଥାୟୀ ହେବା ସଙ୍ଗେ ସଙ୍ଗେ ବୃତ୍ତିଗତ ଧନ୍ଦା ନିମନ୍ତେ ଗ୍ରାମାଞ୍ଚଳରୁ ଯାଉଥିବା ଲୋକେ ସହରାଞ୍ଚଳ ଗସ୍ତ ନ କରି ନିଜଘର ପାଖରେ କର୍ମସଂସ୍ଥାନ ପାଇ ଜୀବୀକା ନିର୍ବାହ କରିପାରିବେ। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲାପାଳଙ୍କ ଓସ୍ୱାନ ହଲରେ ଆଭାସୀ ବୈଠକରେ ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରରେ ଆଭାସୀ ମାଧ୍ୟମରେ ଯୋଗଦେଇ ମନ୍ତ୍ରୀ ମଲ୍ଲିକ ପୁଣି ଅବଗତ କରାଇଥିଲେ ଯେ, ଗ୍ରାମାଞ୍ଚଳ ମୌଳିକ ବୃତ୍ତିକୁ ପ୍ରୋତ୍ସାହନ ଦିଆଯାଇ ଯୋଗ୍ୟ ହିତାଧିକାରୀଗଣ ଏଥିରେ ଅନ୍ତର୍ଭୁକ୍ତ ହୋଇପାରିଲେ ଆମର ପାରମ୍ପରିକ ବୃତ୍ତି ଚିରସ୍ଥାୟୀ ହୋଇପାରିବ। ଗ୍ରାମାଞ୍ଚଳରେ ଅର୍ଥନୈତିକ ବିକାଶ ହେବ, ଭାରତ ବିକଶିତ ରାଷ୍ଟ୍ର ହୋଇପାରିବ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଜଣାଇଥିଲେ ଯେ, ଜିଲାର ଗ୍ରାମାଞ୍ଚଳରେ କୌଣସି ମୌଳିକ ବୃତ୍ତିଧାରୀ ଯେପରି ବଞ୍ଚିତ ହେବେ ନାହିଁ ତାହାକୁ ଲକ୍ଷ୍ୟ କରି ଚଳିତ ସପ୍ତାହକ ମଧ୍ୟରେ ଆବେଦନ ପତ୍ରର ଯାଞ୍ଚ କରି ପ୍ରଦତ୍ତ ଲକ୍ଷ୍ୟ ଧାର୍ଯ୍ୟ ଚଳିତ ଏକମାସ ମଧ୍ୟରେ ଯେପରି ନିଶ୍ଚିତ ପୂରଣ ହେବ ସେଥି ସକାଶେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତାଙ୍କୁ କାର୍ଯ୍ୟଖସଡା ପ୍ରସ୍ତୁତ କରି ବୈଠକ ମାଧ୍ୟମରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ୧୮ଟି ପାରମ୍ପରିକ ବୃତ୍ତି ଅନ୍ତର୍ଭୁକ୍ତ ରହିଛି। ଏହି ଯୋଜନାରେ ଶିଳ୍ପକାର ଏବଂ କାରିଗରମାନଙ୍କୁ ପ୍ରମାଣ ପତ୍ର ଏବଂ ଆଇଡି କାର୍ଡ ଦ୍ୱାରା ବିଶ୍ୱକର୍ମା ପରିଚୟ ପତ୍ର ମିଳିବ। ପ୍ରତ୍ୟେକଙ୍କୁ ପ୍ରଥମ ସୋପାନରେ ଏକଲକ୍ଷ ଏବଂ ଦ୍ୱିତୀୟ ସୋପାନରେ ଦୁଇ ଲକ୍ଷ ପର୍ଯ୍ୟନ୍ତ ଋଣ ସହାୟତା ବାର୍ଷିକ ପାଞ୍ଚ ପ୍ରତିଶତ ସୁଧ ହାରରେ ମିଳିବ। ଯୋଜନା ମାଧ୍ୟମରେ କୌଶଳ ବିକାଶ ପ୍ରଶିକ୍ଷଣ, ଟୁଲକିଟ ସୁବିଧା (୧୫୦୦୦ ଟଙ୍କା ବିନିମୟରେ ଅନୁଦାନ), ଡିଜିଟାଲ ପେମେଣ୍ଟରେ ପ୍ରୋତ୍ସାହନ ମୂଳକ ରାଶି ଏବଂ ମାର୍କେଟିଂ ସହାୟତା ପ୍ରଦାନ କରାଯିବ। ଟେଲର, ରାଜମିସ୍ତ୍ରୀ, ବଢେଇ, ବାରିକ, ଝାଡୁ ନିର୍ମାତା/ ଝାଡୁ ବୁଣାଳି, ସଉପ ନିର୍ମାତା, କତା ବୁଣାଳୀ, ମାଳାକାର, ଧୋବା, ମାଛଧରା ଜାଲ ବୁଣାଳୀ, କମାର, ବଣିଆ, ମାଟିପାତ୍ର ନିର୍ମାତା (କୁମ୍ଭାର) ସ୍ଥପତି (ମୂର୍ତ୍ତିକାର ), ପଥର ଖୋଦେଇକାରୀ, ପଥର ଭଙ୍ଗାଳି, ହାତୁଡି ଏବଂ ସାଜସରଞ୍ଜାମ ନିର୍ମାତା, ମୋଚି, ଜୋତା ନିର୍ମାତା, କଣ୍ଢେଇ ଏବଂ ଖେଳଣା ନିର୍ମାତା, ଅସ୍ତ୍ରଶସ୍ତ୍ର ନିର୍ମାତା, ଡଙ୍ଗା ନିର୍ମାତା, ତାଲା ନିର୍ମାତା ଇତ୍ୟାଦି ଏହି ଯୋଜନାରେ ଅନ୍ତର୍ଭୁକ୍ତ ଅଟନ୍ତି। ଅଗଷ୍ଟ ୩ ତାରିଖ ସୁଦ୍ଧା ଜିଲାରେ ୪୬,୫୪୫ ଜଣଙ୍କ ଆବେଦନ ପତ୍ର ଗ୍ରହଣ ହୋଇଛି। ତନ୍ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୧,୦୭୮ଟି ଆବେଦନ ପତ୍ରର ଯାଞ୍ଚ ହୋଇ ସରପଞ୍ଚ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହୋଇଛି । ଅଧିକାଂଶ ହିତାଧିକାରୀ ଯେଭଳି ଏହି ଯୋଜନାରେ ଉପକୃତ ହୋଇପାରିବେ ସେଥି ସକାଶେ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ମନ୍ତ୍ରୀ ମଲ୍ଲିକ ଅନୁରୋଧ କରିଥିଲେ। ଜିଲାପାଳ ପରିଡା ଏହାକୁ ଗୁରୁତର ସହ ଗ୍ରହଣ କରି ପଦକ୍ଷେପ ଗ୍ରହଣ କରିବାକୁ ଭାରପ୍ରାପ୍ତ ଜିଲା ଶିଳ୍ପ ପରିଚାଳକ ହୃଷିକେଶ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ସାତ ଦିନ ମଧ୍ୟରେ ତଦନ୍ତ କାର୍ଯ୍ୟ ଶେଷ କରି ଲକ୍ଷ୍ୟଧାର୍ଯ୍ୟ ପୂରଣ ସକାଶେ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଥିଲେ। ବୈଠକରେ ସହକାରୀ ଶିଳ୍ପ ବିକାଶ ଅଧିକାରୀ ପ୍ରିୟାଂଶୁ ପଟ୍ଟନାୟକ, ଶିଳ୍ପ ବିକାଶ ଅଧିକାରୀ ଜ୍ୟୋତି ରଞ୍ଜନ ବେହେରା, ସହରାଞ୍ଚଳ ବିକାଶ ଯୋଜନା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର ପଟେଲ, ଲିଡ ବ୍ୟାଙ୍କ ଜିଲା ପରିଚାଳକ, ହସ୍ତତନ୍ତ ବିଭାଗର ସହକାରୀ ନିର୍ଦ୍ଦେଶକ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଡୋମେନ ଏକ୍ସପର୍ଟ ରଞ୍ଜନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଖଲ୍ଲିକୋଟ,୫।୮(ପ୍ରଶାନ୍ତ କୁମାର ମିଶ୍ର) ସୋମବାର ବେଙ୍ଗାଲୁରୁରେ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଓଡ଼ିଆ ଆଲପୁର ପଞ୍ଚାୟତ ବାଲାନ୍ତର ନଳିନାକ୍ଷପୁର ଗ୍ରାମର ଭାସ୍କର ରଣାଙ୍କ ମଝିଆ ପୁଅ ନିରାକାର ରଣା (୨୨)। ନିରାକାର ଗତ ୩ ମାସ ତଳେ ବେଙ୍ଗାଲୁରୁ କାମ କରିବା ପାଇଁ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ପାଇପ ଲାଇନ କାମ କରୁଥିଲେ। ସେହି ଗାଁର ଅନ୍ୟ ଜଣେ ଶ୍ରମିକ ଓ ପାରିକୁଦର ଜଣେ ଶ୍ରମିକଙ୍କ ସହ ଗୋଟିଏ ରୁମ୍‌ରେ ରହୁଥିଲେ। ରବିବାର ଘର ଲୋକଙ୍କ ସହ ନିରାକାର ଫୋନରେ କଥା ହୋଇଥିବା ବେଳେ ହଠାତ ରାତିରେ ନିରାକାର ଆତ୍ମହତ୍ୟା କରିଥିବା ଖବର ପରିବାର ନିକଟରେ ପହଞ୍ଚିଥିଲା। ଭଉଣୀ ବାହାଘର ଋଣ ଶୁଝିବା ପାଇଁ ଯାଇଥିବା ଭାଇ ନିରାକାରର ଏଭଳି ମୃତ୍ୟୁ ଖବର ଶୁଣି ପୂରା ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି। ସେମାନେ ନିରାକାରର ମୃତଦେହ ଫେରାଇ ଆଣିବାକୁ ପ୍ରଶାସନକୁ ନିବେଦନ କରିଛନ୍ତି।

# ଛ' ଦିନ ପରେ ସ୍କୁଲକୁ ଫେରିଲେ ଛାତ୍ର

## ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆଣିଲେ



କବିସୂର୍ଯ୍ୟନଗର, ୫।୮ (କୃପାସିନ୍ଧୁ ସ୍ୱାଇଁ): ଦୀର୍ଘ ଛ' ଦିନ ପରେ ସ୍କୁଲକୁ ଫେରିଲେ ଛାତ୍ର। କବିସୂର୍ଯ୍ୟନଗର ବ୍ଲକ କବିସୂର୍ଯ୍ୟ ବିଦ୍ୟାପୀଠ ହଷ୍ଟେଲ ଛାଡିଥିଲେ ୩୯ ଜଣ ଅନ୍ତେବାସୀ ଛାତ୍ର । ସେମାନଙ୍କ ମଧ୍ୟରୁ ସୋମବାର ୨୫ରୁ ଊର୍ଦ୍ଧ୍ୱ ଛାତ୍ର ନିଜ ଅଭିଭାବକମାନଙ୍କୁ ସାଙ୍ଗରେ ନେଇ ସ୍କୁଲକୁ ଫେରିଛନ୍ତି। ସ୍କୁଲ ଫେରିବା ପରେ ଛାତ୍ରମାନେ ପ୍ରଧାନ ଶିକ୍ଷକ ସୁନିଲ ରଥଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଦିଆଯିବା ସହ ବେଳେବେଳେ ହଷ୍ଟେଲରେ ରୋଷେଇ ନ କରି ବିଭିନ୍ନ ବାହାଘର ଭୋଜି ମାନଙ୍କରେ ବଳି ଯାଇଥିବା ବାସିଖାଦ୍ୟକୁ ଆଣି ଛାତ୍ରମାନଙ୍କୁ ଦିଆଯାଉଛି। ତା'ସହ କୋଭିଡ ସମୟରେ ଛାତ୍ରମାନଙ୍କୁ ଷ୍ଟାଇପେଣ୍ଡ ଟଙ୍କା ମଧ୍ୟ ହଡ଼ପ ନେଇ ଅଭିଯୋଗ କରିଛନ୍ତି। ସେହିପରି ରୋଷେଇ କାର୍ଯ୍ୟରେ ଛାତ୍ରଙ୍କୁ ନିୟୋଜିତ କରିବା ଓ ରୋଷେଇ ପାଇଁ କାଠ ସଂଗ୍ରହ କରିବାକୁ ମଧ୍ୟ ପିଲାମାନଙ୍କୁ ହିଁ କାମରେ ଲଗାଉଥିଲେ ପ୍ରଧାନ ଶିକ୍ଷକ । ପିଲାଙ୍କ ନବମ ଶ୍ରେଣୀ ପାଇଁ ସରକାର ଦେଉଥିବା ସାଇକେଲ ଟଙ୍କା ପିଲାଙ୍କ ବ୍ୟାଙ୍କ ଖାତାକୁ ନ ଆସିବା ନେଇ ଅଭିଯୋଗ ଆଣିଥିଲେ। ତେବେ ଛାତ୍ରମାନେ ସ୍କୁଲକୁ ଫେରିଥିବା ବେଳେ ଅଭିଭାବକମାନେ କବିସୂର୍ଯ୍ୟନଗର ବିଡିଓ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲାପାଳ ଓ ଥାନାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ଶିଆଳି ରୂପାନ୍ତରିତ ହାଇସ୍କୁଲରେ ଅବ୍ୟବସ୍ଥା

କାଶୀନଗର,୫।୮(ଟି. କ୍ରିଷ୍ଣାରାଓ): ଗଜପତି ଜିଲା କାଶୀନଗର ବ୍ଲକ୍ ଶିଆଳି ପଞ୍ଚାୟତ ଅନ୍ତର୍ଗତ ଶିଆଳି ରୂପାନ୍ତରିତ ହାଇସ୍କୁଲ ଅବ୍ୟବସ୍ଥା ଘେରରେ ରହିଛି। ଉକ୍ତ ହାଇସ୍କୁଲରେ ୩୧୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୧୧ଜଣ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି । କିନ୍ତୁ କେହି କଳା ଶିକ୍ଷକ ନାହାନ୍ତି ବୋଲି ସରପଞ୍ଚ ରାମପ୍ରସାଦ ପଟ୍ଟନାୟକ କହିଛନ୍ତି। ପ୍ରାୟ ୧୦ ବର୍ଷ ଆଗରୁ ଛାତ୍ରାବାସ ନିର୍ମାଣ ସରିଥିଲେ ବି ଏ ପର୍ଯ୍ୟନ୍ତ ତାହା କାମରେ ଲାଗି ପାରିନାହିଁ। ସେହିପରି ଛାତ୍ରୀନିବାସରେ ରନ୍ଧନଶାଳ କି ଭଣ୍ଡାର ଘର ନାହିଁ। ଏ ସବୁ ସୁବିଧା ଉପଲବ୍ଧ କରାଇବା ସକାଶେ କର୍ତ୍ତୃପକ୍ଷଙ୍କୁ ଏକାଧିକବାର ଅବଗତ କରାଯାଇଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଇନହିଁ।




ପଞ୍ଚାୟତ ଅନ୍ତର୍ଗତ ହରିପୁର ଉପ୍ରା ବିଦ୍ୟାଳୟରେ ବି ସମସ୍ୟା ରହିଛି। ଉକ୍ତ ବିଦ୍ୟାଳୟରେ ବହୁ କିଶୋରୀ ବାଳିକା ଅଧ୍ୟୟନ କରୁଥିବା ସତ୍ତ୍ୱେ ଜଣେ ମଧ୍ୟ ଶିକ୍ଷୟିତ୍ରୀ ନାହାନ୍ତି। ପଞ୍ଚାୟତ ସମିତି ବୈଠକରେ ବାରମ୍ବାର ଏହି ପ୍ରସଙ୍ଗ ଉଠାଯାଇଛି।ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ଅନୁକୂଳ ପଦକ୍ଷେପ ନିଆ ଯାଇନାହିଁ। ଯଦି ଏଭଳି ସ୍ଥିତି ଲାଗି ରହେ, ତେବେ ଭବିଷ୍ୟତରେ କିଛି ଅପ୍ରୀତିକର ଘଟଣା ଘଟିବା ଓ ଅଭିଭାବକ ମହଲରେ ଅସନ୍ତୋଷ ବଢିବା ସମ୍ଭାବନାକୁ ଏଡାଇ ଦେଇ ହେବନାହିଁ ବୋଲି ସରପଞ୍ଚ କହିଛନ୍ତି।

### ଖଲ୍ଲିକୋଟ ରାଣୀଙ୍କ ଜନ୍ମ ଦିବସରେ ରକ୍ତଦାନ ଶିବିର

ଖଲ୍ଲିକୋଟ,୫।୮(ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ରାଣୀ ତଥା ପୂର୍ବତନ ବିଧାୟିକା ସ୍ୱର୍ଗତା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ୮୭ତମ ଜନ୍ମ ଦିବସରେ ସୋମବାର ସ୍ଥାନୀୟ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ଆର୍‌ସିଏମ୍ କଲେଜର ବହୁ ଛାତ୍ରୀଛାତ୍ର ଉପସ୍ଥିତ ରହି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଶିବିରରୁ ମୋଟ ୫୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବ୍ରହ୍ମପୁରରୁ ରକ୍ତ ଭଣ୍ଡାର କର୍ମଚାରୀମାନେ ଆସି ରକ୍ତ ସଂଗ୍ରହ କରିଥିଲେ। ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସମ୍ପାଦକ ସୁଧାଂଶୁ ଶେଖର ସାହୁ, ଖଲ୍ଲିକୋଟ ପୂର୍ବତନ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦଇତାରୀ ବେହେରା, ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ରଥ, ଚନ୍ଦ୍ରଶେଖର ପଟ୍ଟନାୟକ, ରତ୍ନାକର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ପ୍ରସନ୍ନ ଆଚାର୍ଯ୍ୟ, ବନମାଳୀ ବାଲା, ସିକ ପାଣ୍ଡି, ରମେଶ ଚନ୍ଦ୍ର ସାହୁ, ବ୍ରଜ କିଶୋର ସ୍ୱାଇଁ ରାଣୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ବିଲରୁ ଯୁବକଙ୍କ ମୃତଦେହ ଜବତ

ହିଞ୍ଜିଳିକାଟୁ ୫।୮ (ଦ୍ୱିତୀକୃଷ୍ଣ ପଣ୍ଡା): ଗଞ୍ଜାମ ଜିଲା ହିଞ୍ଜିଳି ଥାନା ସମରଝୋଳ ଛକ ନିକଟ ଗହିର ବିଲରୁ ସୋମବାର ସନ୍ଧ୍ୟାରେ ହିଞ୍ଜିଳି ପୁଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ଜଣକ ହେଉଛନ୍ତି ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ୱାର୍ଡ ନଂ ୧୫ କେଉଟସାହିର ବିପ୍ରଚରଣ ବେହେରାଙ୍କ ପୁଅ ଟିକି ବେହେରା। ବିଲରେ ଏକ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଯୁବକଙ୍କୁ ଉଦ୍ଧାର କରି ପହଞ୍ଚି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ପାଇବେ ୨ ଛାତ୍ରୀ



ପାରଳାଖେମୁଣ୍ଡି, ୫।୮ (ଗିରିଧାରୀ ପରିଛା): ୪୪ତମ ତମ ଜାତୀୟ ଶିଶୁ ଓ ମହିଳା ମହୋତ୍ସବ 'ସ୍ୱାଗତିକା' ପକ୍ଷରୁ ଜୟଦେବ ଭବନଠାରେ କଳା, ସଂସ୍କୃତି ଏବଂ ସାହିତ୍ୟର ପ୍ରୋତ୍ସାହନ ପାଇଁ ସାଂସ୍କୃତିକ ସଙ୍ଗଠନ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ ପାରଳାଖେମୁଣ୍ଡି ମିରାକେଲ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ୧୧ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ଅନ୍ୟ ରାଜ୍ୟ ଓ ଓଡ଼ିଶାରୁ ମିଶି ପ୍ରାୟ ୭୦୦ ପିଲା ନୃତ୍ୟ ଓ ସୁନ୍ଦରୀ ପ୍ରତିଯୋଗିତାରେ ଭାଗନେଇଥିଲେ। ପାରଳାଖେମୁଣ୍ଡିର ଦୁଇ ପ୍ରତିଯୋଗୀ ସଲୋନୀ ପଣ୍ଡା ସୁନ୍ଦରୀ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିଲେ। ସେହିପରି ଅନନ୍ୟା ପ୍ରଧାନ ନୃତ୍ୟ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଛନ୍ତି। ଏହି ଦୁଇ ଛାତ୍ରୀଙ୍କୁ ଆସନ୍ତା ସେପ୍ଟେମ୍ବର ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସମ୍ବର୍ଦ୍ଧିତ କରିବା ସହ ପୁରସ୍କାର ପ୍ରଦାନ କରିବେ ବୋଲି ମିରାକେଲ ଡ୍ୟାନ୍ସର ନୃତ୍ୟ ଗୁରୁ ଶୁଭେନ୍ଦୁ ସେନାପତି କହିଛନ୍ତି।

# ପୋଲିସର ସଚେତନତା କାର୍ଯ୍ୟକ୍ରମ

ଆର.ଉଦୟଗିରି,୫।୮(ମନୋଜ ପାଢୀ) ଆର.ଉଦୟଗିରି ପୋଲିସ ପକ୍ଷରୁ ଗଡର ଗ୍ରାମରେ ସାଇବର ଅପରାଧ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆର.ଉଦୟଗିରି ଥାନା ସବଇନ୍ସପେକ୍ଟର ସୁନିଲ କୁମାର ସେଠୀ,ବାବୁଲା ରାଉଳ, ଏଏସଆଇ ତାରିଣୀ ପାଢ଼ୀ, ଆଇନଜୀବୀ ଦୁର୍ଯ୍ୟୋଧନ କରାଡ, ମୋହନା ପ୍ରେସ କ୍ଲବ ସଭାପତି ପଞ୍ଚାନନ ଦାସ ଏବଂ ଖବରଦାତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସାଇବର ଅପରାଧୀମାନଙ୍କଠାରୁ କିଭଳି ବର୍ଞ୍ଚି ହେବ ସେ ନେଇ ଏସଆଇ ସୁନିଲ ସେଠୀ ଲୋକମାନଙ୍କୁ ବୁଝାଇଥିଲେ। ସେହିପରି ଆଇନଜୀବୀ କରାଡ଼ ମଧ୍ୟ ସାଇବର ଠକାମୀର ଶିକାର ହେଲେ କ'ଣ କରିବେ, କି ଆଇନ ଅଛି ସେ ସମ୍ପର୍କରେ କହିଥିଲେ। ଶେଷରେ କୁନି ବୈଜ୍ଞାନିକ ସମୀର ଉଦ୍ଭାବନ କରିଥିବା ଜିନିଷ ଗୁଡ଼ିକ ଲୋକମାନଙ୍କ ଲାଗି କିପରି କାମରେ ଆସିବ ତାହା ବର୍ଣ୍ଣନା କରିଥିଲେ। ୱାର୍ଡ ସଭ୍ୟ ମୋହନ ବଡ଼ନାୟକ ଓ ଦଣ୍ଡପାଣି ମାଝୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ଚିକିଟି ମହାବିଦ୍ୟାଳୟରେ ବାଣିଜ୍ୟ ଦିବସ

ଚିକିଟି,୫।୮(ପ୍ରକାଶ ଚନ୍ଦ୍ର ସାହୁ) ଚିକିଟିଗଡ଼ ସ୍ଥିତ ମହାବିଦ୍ୟାଳୟ ପରିସରରେ ସୋମବାର ବାଣିଜ୍ୟ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ ଭବାନୀ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଆର୍‌ପିଏମ୍ ବିଭାଗ ମୁଖ୍ୟ ସନାତନ ଗୌଡ଼ ଓ ଅର୍ଥନୀତି ବିଭାଗ ମୁଖ୍ୟ ଏମ୍ ସନାତନ ରାଓ ଅତିଥି ଭାବେ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ପବିତ୍ର କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେ ଏକ ପିପିଟି ମାଧ୍ୟମରେ ଆର୍ଥିକ ଉନ୍ନତି ସକାଶେ ପୁଞ୍ଜି ସଂଗ୍ରହ ଓ ବିନିଯୋଗର ମାଧ୍ୟମ ବିଷୟରେ ବିଶଦ୍ ଭାବେ ଆଲୋଚନା କରିଥିଲେ। ଆଇଆର୍‌ପିଏମ୍ ବିଭାଗ ମୁଖ୍ୟ ସନାତନ .ବାଣିଜ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

# ବିଜ୍ଞାନ କଲେଜରେ ବିଶ୍ୱ ବାଣିଜ୍ୟ ଦିବସ ପାଳିତ




ଛତ୍ରପୁର, ୫।୮ (ଦିଲୀପ ସାମଲ): ଛତ୍ରପୁର ସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଆନୁକୂଲ୍ୟରେ 'ବିଶ୍ୱ ବାଣିଜ୍ୟ ଦିବସ' ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅଜୟ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ. ପ୍ରକାଶ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଶ୍ୱ ବାଣିଜ୍ୟ ଦିବସର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧିବାର ମୁଖ୍ୟ ମାଧ୍ୟମ ବାଣିଜ୍ୟ ଏବଂ ଏହା ଦେଶର ବାଣିଜ୍ୟିକ ପ୍ରଗତିରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିବା ସହିତ ବର୍ତ୍ତମାନ ସମୟରେ ପ୍ରଚଳିତ ବିଭିନ୍ନ ବାଣିଜ୍ୟିକ କାର୍ଯ୍ୟକଳାପ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ମାର୍ଗଦର୍ଶନ କରିଥିଲେ। ବିଶ୍ୱ ବାଣିଜ୍ୟ ଦିବସ ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ତ୍ରିପାଠୀ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ତଥା ଗଞ୍ଜାମ ସ୍ଥିତ ପୋତାଗଡ଼ ଏବଂ ପାଲୁର ଅଞ୍ଚଳରେ ଥିବା ତତ୍କାଳୀନ ବାଣିଜ୍ୟିକ ପେଣ୍ଠସ୍ଥଳୀ ବିଷୟରେ ବିଶେଷ ଦୃଷ୍ଟିପାତ କରିଥିଲେ। ଏ ଅବସରରେ ବାଣିଜ୍ୟ ବିଭାଗର ମୁଖ୍ୟ ଡକ୍ଟର ପିଙ୍କିରାଣୀ ଦେଈ ଭାରତୀୟ ବଜାର ଓ ବାଣିଜ୍ୟିକ କାରବାର ଉପରେ ଗୁରୁତ୍ୱାରୋପ କରିବା ସହିତ ଏ ଦିଗରେ ଛାତ୍ରଛାତ୍ରୀମାନଙ୍କ ବିଶେଷ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ଆଇକ୍ୟୁଏସି ସଂଯୋଜିକା ଅଧ୍ୟାପିକା ଡଃ. ଶୁଚିସ୍ମିତା ବେହେରା ବାଣିଜ୍ୟ ଓ ଅର୍ଥନୀତି ସଂପର୍କୀୟ ତୁଳନାତ୍ମକ ତଥ୍ୟ ପ୍ରଦାନ କରିଥିଲେ। ସଭା କାର୍ଯ୍ୟର ପ୍ରାରମ୍ଭରେ ବାଣିଜ୍ୟ ବିଭାଗର ଅଧ୍ୟାପିକା ଶୁଭ୍ରା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସୌମ୍ୟାଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ତଥା ସମସ୍ତ ଛାତ୍ରଛାତ୍ରୀ ଏହି ସଭାରେ ଉପସ୍ଥିତ ରହିଥିଲେ।

# ପ୍ରାଥମିକତା ଭିତ୍ତିରେ ରାସ୍ତା, ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ କରାଯିବ

## ଅଭିଯୋଗ ଶୁଣିଲେ ମନ୍ତ୍ରୀ ଗୋକୁଳାନନ୍ଦ



ବୁଗୁଡ଼ାରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ମନ୍ତ୍ରୀ ।

ବୁଗୁଡା/ବାଲିପଦର,୫।୮ (କାଳିଚରଣ ଦାଶ/ବିଶିକେଷନ ସ୍ୱାଇଁ): ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜର ପୋଲସରା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଗ୍ରାମକୁ ଯାଇ ଲୋକେ ତାଙ୍କୁ ବିଜୟୀ କରିଥିବାରୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ସେ ବାଲିପଦର ମଣ୍ଡଳର ୪ ପଞ୍ଚାୟତ ଗସ୍ତ କରି ଧନ୍ୟବାଦ ଜଣାଇବା ସହ ଲୋକଙ୍କ ଅଭିଯୋଗକୁ ଶୁଣି ସମାଧାନ ପାଇଁ ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ମନ୍ତ୍ରୀ ପ୍ରଥମେ ବାଲିପଦର ଠାରେ ପହଞ୍ଚିବା ପରେ କର୍ମୀଙ୍କ ଗହଣରେ ଗ୍ରାମ ପରିକ୍ରମା କରି ଆୟୋଜିତ ଜନ ଶୁଣାଣି ଶିବିରରେ ଯୋଗ ଦେଇଥିଲେ। ସେଠାରୁ କାର୍ଯ୍ୟକ୍ରମ ସରିବା ପରେ ସଦାଶିବପୁର ଶାସନ, କଲମ୍ବ ପଞ୍ଚାୟତର ସୁନକେରା କାଳୀ ମନ୍ଦିର ପଡିଆ, ପୋଚାଲୁଣ୍ଡି ପଞ୍ଚାୟତର ପୋଚାଲୁଣ୍ଡି ଗ୍ରାମର କାଳୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ପଞ୍ଚାୟତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ଆଶ୍ରମ କରଡ଼ାବାଡ଼ି ପଞ୍ଚାୟତରେ ଆୟୋଜିତ ଜନ ଶୁଣାଣି ଶିବିରରେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଦଳମତ ନିର୍ବିଶେଷରେ ସମସ୍ତ ବର୍ଗର ଲୋକଙ୍କୁ ସରକାରୀ ସୁବିଧା ସହଜରେ ଯୋଗାଇଦେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାଥମିକତା ଭିତ୍ତିରେ ରାସ୍ତା ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ କରାଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ବରିଷ୍ଠ ନେତା ଗଙ୍ଗାଧର ନାୟକ, ହରେକୃଷ୍ଣ ସାହୁ, ଦିଲୀପ ପ୍ରଧାନ, ବାଲିପଦର ମଣ୍ଡଳ ସଭାପତି ଭଗବାନ ଜେନା, ବୁଗୁଡ଼ା ନଗର ସଭାପତି କେଦାରନାଥ ମହାରଣା, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରକାଶ ମହରଥା, ରବୀନ୍ଦ୍ର ପରିଡ଼ା, ମହେନ୍ଦ୍ର ପଣ୍ଡା, ରବୀନ୍ଦ୍ର ପ୍ରଧାନ, ପ୍ରବୀଣ ପ୍ରଧାନ ପ୍ରମୁଖଙ୍କ ସହ ବହୁ ସଂଖ୍ୟକ ଭାଜପାର କର୍ମକର୍ତ୍ତାଗଣ ଓ ଗ୍ରାମବାସୀ ଯୋଗ ଦେଇଥିଲେ।

**ସଂକ୍ଷେପରେ**

## ନାବାଳିକା ବଳାତ୍କାର ଉଦ୍ୟମକାରୀଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ, ୫।୮ (ରାକେଶ କୁମାର ରାଉତ): ଏକ ନାବାଳିକା ବଳାତ୍କାର ଉଦ୍ୟମ ମାମଲାର ରାୟ ସୋମବାର ପ୍ରକାଶ ପାଇଛି । ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଦୋଷୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ସହ ୯୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ୯ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କ.ନୂଆଗାଁ ଥାନା ଅଞ୍ଚଳର ରୂପକ ଦିଗାଲ ।

ପ୍ରକାଶ ଯେ, ୨୦୨୧ ମାର୍ଚ୍ଚ ୨୫ ତାରିଖରେ ନାବାଳିକା(୧୩) ଜଣକ ତାଙ୍କ ବାପା, ମା', ଭାଇ ଭଉଣୀଙ୍କ ସହ ଗାଁରେ ହେଉଥିବା ଯାତ୍ରା ଦେଖିବାକୁ ଯାଇଥିଲେ। ରାତି ୧୦ଟା ବେଳେ ଘରକୁ ଫେରି ପୁନର୍ବାର ନାବାଳିକା ଯାତ୍ରା ଦେଖିବାକୁ ଯାଇଥିଲେ। ଯିବା ସମୟରେ ଅଭିଯୁକ୍ତ ରୂପକ ନାବାଳିକାଙ୍କୁ ଟାଣି ଜଙ୍ଗଲ ଭିତରକୁ ନେଇଯାଇଥିଲେ । ସେଠାରେ ବଳାତ୍କାର କରିବାକୁ ଚେଷ୍ଟା କରିଥିଲେ। ପୀଡ଼ିତା କୌଣସି ପ୍ରକାରେ ଅଭିଯୁକ୍ତଙ୍କ ପାଖରୁ ଖସିଯାଇ ଜେଜେମା'ଙ୍କ ଘରକୁ ଦୌଡ଼ି ପଳାଇଥିଲେ ଏବଂ ଭୟରେ କିଛି କହି ନ ଥିଲେ। କାରଣ ଅଭିଯୁକ୍ତ ଏ କଥା କାହାରିକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଘରେ ଥିବା ବେଳେ ମଧ୍ୟ ଅଭିଯୁକ୍ତ ଅନେକ ଥର ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। କିଛିଦିନ ପରେ ପୀଡ଼ିତା ଘଟଣା ବିଷୟରେ ମା'ଙ୍କୁ ସବୁ କଥା କହିଥିଲେ। ମା'ଙ୍କ ପରାମର୍ଶକ୍ରମେ ନାବାଳିକା କ.ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୦/୨୧ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୭ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## କୌଳିକ ବୃତ୍ତିଧାରୀ ଚିହ୍ନଟ କର୍ମଶାଳା

ଆସିକା, ୫।୮ (ସୁରେନ୍ଦ୍ର ନାଥ ସାହୁ): କୌଳିକ ବୃତ୍ତିକୁ ଆଶ୍ରା କରି ପରିବାର ପୋଷଣ କରୁଥିବା ଲୋକଙ୍କ ଚିହ୍ନଟ ଲାଗି ସୋମବାର ଆସିକା ବ୍ଲକ ସଭା ଗୃହରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଡିଓ ଫକୀର ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ରାଜଶ୍ରୀ ସାହୁ, ସହକାରୀ ଶିଳ୍ପ ଅଧିକାରୀ ପ୍ରିୟାଂଶୁ ପଟ୍ଟନାୟକ, କମ୍ପ୍ୟୁଟର ପ୍ରୋଗ୍ରାମର ଦେବେନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବ୍ଲକର ୨୭ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ଡାଟା ଏଣ୍ଟ୍ରି ଅପରେଟର ସାମିଲ ଥିଲେ । ଏହି ଅବସରରେ ପୂର୍ବରୁ ଅନଲାଇନରେ ବିଭିନ୍ନ ପଞ୍ଚାୟତର ପଞ୍ଜୀକରଣ କରିଥିବା କୌଳିକ ବୃତ୍ତିଧାରୀଙ୍କୁ ଚିହ୍ନଟ ସହ ଯେଉଁମାନେ କରିନାହାନ୍ତି ସେମାନଙ୍କୁ ମଧ୍ୟ ଚିହ୍ନଟ କରି ତୁରନ୍ତ ପଞ୍ଜୀକରଣ ପୂର୍ବକ ସମ୍ପୂର୍ଣ୍ଣ ତଥ୍ୟ ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିବାକୁ ପରାମର୍ଶ ଦିଆଯାଇଥିଲା । ସୂଚନାଯୋଗ୍ୟ, ପିଏମ ବିଶ୍ୱକର୍ମା ଯୋଜନାରେ ବଢେଇ, କମାର, କୁମ୍ଭାର, ଚପଲ କାରିଗର, ବଣିଆ, ରାଜମିସ୍ତ୍ରୀ, ଭଣ୍ଡାରୀ, ମାଳି, ଧୋବା, ଦରଜି ଆଦି ବୃତ୍ତିଧାରୀଙ୍କୁ ସାମିଲ ପରେ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଓ ଋଣ ପ୍ରଦାନ ଲାଗି ମଧ୍ୟ ବ୍ୟବସ୍ଥା ରହିଛି ।

# ସ୍କୁଲରେ ୬ ଶିକ୍ଷକଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

ଦାରିଙ୍ଗବାଡ଼ି, ୫।୮ (ଅରୁଣ ସାହୁ) କନ୍ଧମାଳ ଜିଲା ଦୁର୍ଗମ ଗୁମୁକିଆ ପଞ୍ଚାୟତ ଅଲିମାହା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସୋମବାର ଶିକ୍ଷକ ଅନୁସ୍ଥିତିକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ପ୍ରଧାନ ଶିକ୍ଷକ ଛୁଟିରେ ଯାଇଥିବା ବେଳେ ଅନ୍ୟ ୬ ଶିକ୍ଷକ ଅନୁସ୍ଥିତ ରହିଛନ୍ତି। ଫଳରେ ପାଠପଢ଼ାରେ ବାଧା ସୃଷ୍ଟି ହୋଇଛି। ପ୍ରତିଦିନ ଛାତ୍ରୀଛାତ୍ରମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ କରାଯାଉଥିବା ବେଳେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଲାଗି ସ୍ୱତନ୍ତ୍ର ତରକାରୀ ପ୍ରସ୍ତୁତ କରାଯାଉଛି। ଏ ନେଇ ମଧ୍ୟ ତୀବ୍ର ଅସନ୍ତୋଷ ଦେଖାଯାଇଛି।




ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଦାୟିତ୍ୱ ନେଇଥିବାରୁ ସେମାନେ ଶିକ୍ଷକମାନଙ୍କ କଥାକୁ ଟାଳିପାରୁ ନ ଥିବା କହିଛନ୍ତି। ଦାରିଙ୍ଗବାଡ଼ି ବିଇଓ ହାଡ଼ିବନ୍ଧୁ ବେହେରା ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି। ବିଦ୍ୟାଳୟର ସଭାପତି ଡାଇକା ପ୍ରଧାନ କହିଛନ୍ତି, ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଜିଲା ପ୍ରଶାସନଙ୍କୁ ଅବଗତ କରାଯାଇଛି। ହେଲେ ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବିଳମ୍ବ ହେଉଥିବା ସେ କହିଛନ୍ତି। ଗୁମିକିଆ ସରପଞ୍ଚ ତ୍ରିନାଥ ପ୍ରଧାନ ମଧ୍ୟ ବିଦ୍ୟାଳୟର ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଜିଲା ପ୍ରଶାସନ ଓ ସ୍ଥାନୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ସେପଟେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷାଦାନ କରିବାକୁ ଆସିବେ ବୋଲି ସୋମବାର ଛାତ୍ରୀଛାତ୍ର ଚାହିଁ ବସିଥିବା ବେଳେ ନିରାଶ ହୋଇଛନ୍ତି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବା ବେଳେ ୩ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ନବମ ଓ ଦଶମ ପିଲାଙ୍କୁ ପଢ଼େଇବା ପାଇଁ ୮ ଜଣ ଶିକ୍ଷୟିତ୍ରୀଶିକ୍ଷକ ରହିଥିବା ବେଳେ ପ୍ରଧାନ ଶିକ୍ଷକଙ୍କ ସମେତ ୩ ଜଣ ଅନୁପସ୍ଥିତ ରହିଥିଲେ।

## ଛତ୍ରପୁରରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଛତ୍ରପୁର, ୫।୮ (ଦିଲୀପ ସାମଲ): ସ୍ଥାନୀୟ ଜଉଗଡ ସମ୍ମିଳନୀ କକ୍ଷଠାରେ ଗଞ୍ଜାମ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣ ସେମାନଙ୍କ ଅଭିଯୋଗଗୁଡ଼ିକ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଭେଟି ଅବଗତ କରାଇଛନ୍ତି। ମୁଖ୍ୟତଃ ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ସମସ୍ୟା, ଆବାସ ଗୃହ ଯୋଗାଇବା, ରାସନ କାର୍ଡ ଭଳି ବିଭିନ୍ନ ସାମୁହିକ ଅଭିଯୋଗଗୁଡ଼ିକ ଦେଖିବାକୁ ମିଳିଛି। ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଏସପି ଜଗମୋହନ ମୀନା, ଡୁଡା ପିଡି ରବିନ୍ଦ୍ର କୁମାର ପଟେଲ, ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ୨୧୩ଟି ଅଭିଯୋଗର ଶୁଣାଣି କରିଥିଲେ।



ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

୨୦୪ ଟି ବ୍ୟକ୍ତିଗତ ହୋଇଥିବା ବେଳେ ୯ ଟି ସାମୂହିକ ଅଭିଯୋଗ ରହିଛି । କେତେକ ଅଭିଯୋଗଗୁଡ଼ିକର ଆଶୁ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗଗୁଡ଼ିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ୧୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧ ଲକ୍ଷ ୫୩ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣିରେ ଛତ୍ରପୁର ଏସଡିପିଓ ଗୌରହରି ସାହୁ, ଥାନା ଅଧିକାରୀ ନିରୋଦ କୁମାର ଦାଶ, ବିଇଓ ସୀତାରାମ ପାତ୍ର, ଡେପୁଟି କଲେକ୍ଟର ଭବତୋଷ ମଲ୍ଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି. ପଦ୍ମାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭାଜପାର ଏନ୍‌ଏସି, ଟିପିଏସ୍‌ଓଡିଏଲ୍ କାର୍ଯ୍ୟାଳୟ ଘେରାଉ

ବେଲଗୁଣ୍ଠା, ୫।୮ (କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ସହରରେ ବିଭିନ୍ନ କାର୍ଯ୍ୟାଳୟରେ ପୂର୍ବରୁ ଚାଲିଥିବା ବିଭିନ୍ନ ବେଆଇନ କାର୍ଯ୍ୟ ଓ ଅନିୟମିତା ଅଭିଯୋଗ କରି ସୋମବାର ଭାଜପା ତରଫରୁ ଏନ୍‌ଏସି, ଟାଟା ପାୱାର କାର୍ଯ୍ୟାଳୟ ଘେରାଉ କରାଯାଇଛି। ବେଲଗୁଣ୍ଠା ଭାଜପା ସଙ୍ଗଠକ ଲିଙ୍ଗରାଜ ପାତ୍ର, ଏନ୍‌ଏସି ଉପାଧ୍ୟକ୍ଷା ଟି ବବିତା କୁମାରୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏନ୍‌ଏସି କାର୍ଯ୍ୟାଳୟ ଘେରାଉ କରିଥିଲେ। ଏନଏସିରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟରେ ଦୁର୍ନୀତି ହେଉଥିବା ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଉପାଧ୍ୟକ୍ଷା ଟି.ବବିତା କୁମାରୀଙ୍କୁ ତାଙ୍କ ପଦମର୍ଯ୍ୟାଦାର ସମ୍ମାନ ଦିଆଯାଉ ନ ଥିବାରୁ ଭାଜପା କର୍ମୀ ଓ ନେତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ବିଦ୍ୟୁତ କାଟକୁ ନେଇ କିଛି ଦିନ ହେଲା କୁହୁଳୁଥିବା ଜନ ଅସନ୍ତୋଷକୁ ଭାଜପା ସମର୍ଥନ ଜଣାଇ ଟିପିଏସ୍‌ଓ ଡିଏଲ୍ କାର୍ଯ୍ୟାଳୟ ଘେରାଉ କରିଥିଲା। ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ମରାମତି ନାମରେ ସବୁ ଦିନ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟି ସହରବାସୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ କରାଯାଇଥିଲା। ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ ତରଫରୁ ଆଗାମୀ ଦିନରେ ସମସ୍ୟା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ସେହିପରି ବଡନଦୀରୁ ସବୁବେଳେ ରାତିରେ ବାଲି ଚୋରା ଚାଲାଣ ହେଉଥିବା ବେଲଗୁଣ୍ଠା ଥାନାରେ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। ଲଘୁ ଖଣିଜ ଦ୍ରବ୍ୟର ସୁରକ୍ଷା ଓ ଆଇନ୍ ଅନୁଯାୟୀ ଯୋଗାଣକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଥାନାଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ଲିଙ୍ଗରାଜ ପାତ୍ରଙ୍କ ସମେତ ନିର୍ବାଚନ ମଣ୍ଡଳୀ ଯୁବ ନେତା ଜିତେନ୍ଦ୍ର କୁମାର ନାୟକ, ପୂର୍ବତନ କାଉନସିଲର ତଥା ଯୁବ ନେତା ଯତୀନ କୁମାର ପାତ୍ର, ବରିଷ୍ଠ ନେତା ସଂଜୀବ ରେଡ଼ି, ପୂର୍ବତନ କାଉନସିଲର ରାଧାକୃଷ୍ଣ ସ୍ୱାଇଁଙ୍କ ସମେତ ଶତାଧିକ ଭାଜପା କର୍ମୀ ଯୋଗ ଦେଇଥିଲେ।

## ବାଇକ୍-ବୋଲେରୋ ମୁହାଁମୁହିଁ: ୧ ମୃତ

ଖଜୁରିପଡ଼ା, ୫।୮ (ବିଦୁର ବେହେରା)

ଖଜୁରିପଡ଼ା ଥାନା ଅନ୍ତର୍ଗତ ଲମ୍ବାଗୁଡ଼ି ନାଳ ନିକଟରେ ସୋମବାର ଏକ ବାଇକ୍ ସହ ବୋଲେରୋ ମୁହାଁମୁହିଁ ଧକ୍କାହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଲମ୍ବାଗୁଡ଼ି ଗ୍ରାମର ଆଶିଷ ଜାନି। ଗୁରୁତର ମୋହିତ ମଲ୍ଲିକଙ୍କୁ ଫୁଲବାଣୀ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ବୋଲେରୋ ଚାଳକ ଫେରାର ହୋଇଯାଇଥିବାରୁ ଉତ୍ୟକ୍ତ ଲୋକେ ଫୁଲବାଣୀଠାରୁ ଭୁବନେଶରକୁ ସଂଯୋଗ କରୁଥିବା ୫୭ ନଂ. ଜାତୀୟ ରାଜପଥର ବାରପୁଲିଆ ନିକଟସ୍ଥ ସମ୍ବରଡେଗାଠାରେ ୨ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପ୍ରକାଶ ଯେ, ଆଶିଷ ଜାନି ଏବଂ ମୋହିତ ମଲ୍ଲିକ କୌଣସି ଏକ କାମରେ ବାଇକ୍(ଓଆର୍ ୧୨ ବି ୨୨୮୭)ରେ ଦୃତିମେଣ୍ଡି ଯାଉଥିବା ବେଳେ ବିପରୀତ ଦିଗରୁ

**ଉତ୍ତେଜିତ ଲୋକଙ୍କ ରାସ୍ତାରୋକୋ**



ଆସୁଥିବା ବୋଲେରୋ(ଓଡି ୧୨ ୧୩୯୮) ସହ ଲମ୍ବାଗୁଡ଼ି ନାଳ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଆଶିଷଙ୍କ ମୃତ୍ୟୁ ଘଟିଥିଲା। ମୋହିତଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ବଡ଼ ମେଡିକାଲରେ ଭର୍ତ୍ତିକରାଯାଇଛି। ଅନ୍ୟପଟେ ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ଏହାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଉତ୍ୟକ୍ତ ଲୋକେ ୫୭ ନଂ. ଜାତୀୟ ରାଜପଥର ବାରପୁଲିଆ ନିକଟସ୍ଥ ସମ୍ବରଡେଗାଠାରେ ରାସ୍ତା ଅବରୋଧ କରିଥିଲେ। ତହସିଲଦାର ସୌମ୍ୟରଞ୍ଜନ ପାତ୍ର, ଅତିରିକ୍ତ ତହସିଲଦାର ବ୍ରହ୍ମାନନ୍ଦ ଥାଟି, ରାଜସ୍ୱ ନିରୀକ୍ଷକ ଅଧିକାରୀ ମାନସ ସାହୁଙ୍କ ସମେତ ଥାନାଧିକାରୀ ଚାପଧାରୀ ପ୍ରଧାନ ସଦଳବଳ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

## ୭ ଆନ୍ତଃ ରାଜ୍ୟ ଚୋରା ଗଞ୍ଜେଇ ଚାଲାଣକାରୀ ଗିରଫ

ଫୁଲବାଣୀ/ଗୋଛାପଡ଼ା, ୫।୮ (ରାକେଶ କୁମାର ରାଉତ/ରୋହିତ କହଁର) ଫିରିଙ୍ଗିଆ ବ୍ଲକ୍ ଗୋଛାପଡ଼ା ଥାନା ପୋଲିସ ଏକ ଆନ୍ତଃ ରାଜ୍ୟ ୭ ଚୋରା ଗଞ୍ଜେଇ ଚାଲାଣକାରୀଙ୍କୁ ଧରିଛି। ସେମାନେ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ବଡ଼ଚାପାପଲି ଗ୍ରାମର ସ୍ୱାଧୀନ ଖଗୁଆ ଓ ସୁବୁଦ୍ଧି ସାହୁ, ଟିକିରିପଡା ଗ୍ରାମର ଅରୁଣ କୁମାର ରଣା, ରୁଣ୍ଡିମହଲ ଗ୍ରାମର ସଦାଶନ ବାରିକ ଓ ରେଙ୍ଗାଲି ଗ୍ରାମର ଟିଡୁ ବାରିକ, ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଡିଣ୍ଡିପାଲି ଗ୍ରାମର ଆଲୋକ କୁମାର ପାତ୍ର, ଗୋଛାପଡ଼ା ଥାନା କୁମେଲସିଂ ଗ୍ରାମର ସମୀର ସାହୁ । ଅନ୍ୟ ଜଣେ ଏହି ଘଟଣାରେ ଫେରାର ହୋଇଯାଇଛନ୍ତି। ସେମାନଙ୍କ ପାଖରୁ ୧୬ଟି ଅଖାରେ ଭର୍ତ୍ତି ୪ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ଏକ କ୍ରେଟା କାର୍, ୭ଟି ବାଇକ୍, ୧୦ ମୋବାଇଲ, ୪୬ ହଜାର ଟଙ୍କା, ଗୋଟିଏ ବନ୍ଧୁକ ସହ ୬ଟି ଗୁଳି, ହକି ଏବଂ ବେସ୍ ବଲ ଷ୍ଟିକ୍ ଜବତ ହୋଇଛି। ଏକ କାର୍‌ରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ଗୋଛାପଡ଼ା ପୋଲିସ ଖବର ପାଇବା ପରେ ଥାନାଧିକାରୀ ଏକ ଟିମ୍ ଗଠନକରି ଚୋରା ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବାକୁ ବାହାରିଥିଲେ। ଚାଲାଣକାରୀମାନେ ସୁତାଣୀ ଘାଟି ପାର ହେଉଥିବା ବେଳେ ପୋଲିସ ସେମାନଙ୍କୁ ପିଛାକରି ଧରିଥିଲା। ଗଞ୍ଜେଇ ବଲାଙ୍ଗୀର ଚାଲାଣ ହେଉଥିଲା। ଏ ନେଇ ନଂ. ୧୩୪/୨୪ରେ ମାମଲା ରୁଜୁହୋଇଛି ବୋଲି ପୋଲିସ ପ୍ରକାଶ କରିଛି।

## ସ୍ୱାସ୍ଥ୍ୟ ବୀମା, ପ୍ରମାଣ ପତ୍ର ଦାବି
### ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଭଞ୍ଜନଗର, ୫।୮ (ବାବୁଲା ପ୍ରଧାନ): ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ରବିବାର ସ୍ଥାନୀୟ ବନ ବିଭାଗ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ସୋମନାଥ ନାୟକ ଅଧ୍ୟକ୍ଷତା କରିଥିଲେ। ସଭା ପ୍ରାରମ୍ଭରେ କେରଳରେ ମାଟି ଅତଡ଼ା ଖସି ମୃତ୍ୟୁବରଣ କରିଥିବା ଶତାଧିକ ଲୋକଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟର ବିଭିନ୍ନ ବର୍ଗର ଲୋକେ ସ୍ୱାସ୍ଥ୍ୟ ବୀମା ସୁବିଧା ପାଉଛନ୍ତି। କିନ୍ତୁ ବରିଷ୍ଠ ନାଗରିକଙ୍କୁ ଏହି ସୁବିଧା ମିଳୁନାହିଁ। ତେଣୁ ବୈଠକରେ ଏନେଇ କ୍ଷୋଭ ପ୍ରକାଶ କରାଯିବା ସହ ତୁରନ୍ତ ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହୋଇଥିଲା। ଏଥିସହ ବରିଷ୍ଠ ନାଗରିକମାନଙ୍କୁ ପୋଲିସ ପକ୍ଷରୁ ବରିଷ୍ଠ ନାଗରିକ ପ୍ରମାଣ ପତ୍ର ପ୍ରଦାନ କରାଯିବା କଥା କିନ୍ତୁ ତାହା ୩ ବର୍ଷ ହେବ ବନ୍ଦ ଅଛି। ତେଣୁ ତୁରନ୍ତ ବରିଷ୍ଠ ନାଗରିକଙ୍କୁ ପ୍ରମାଣ ପତ୍ର ଦେବା ପାଇଁ ବୈଠକରେ ଦାବି ହୋଇଥିଲା। ସମ୍ପାଦକ ଆଚାର୍ଯ୍ୟ ରବି ନାରାୟଣ ସାମନ୍ତ ଗତ ବୈଠକର ବିବରଣୀ ପାଠ କରିଥିଲେ। ସଂଗଠକ ସନ୍ତୋଷ କୁମାର ଡିଆଡ଼ିଙ୍କୁ ଅନ୍ୟତମ ଉପସଭାପତି ଭାବେ ମନୋନୀତ କରାଗଲା। ସର୍ବଶ୍ରୀ ଶିବରାମ ପଣ୍ଡା, ରବୀନ୍ଦ୍ର ଆଚାର୍ଯ୍ୟ, ଲଡୁକେଶ୍ୱର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ଲିଙ୍ଗରାଜ ଜେନା, ପଣ୍ଡିତ ବିପ୍ର ଚରଣ ସାହୁ, ବାଳକୃଷ୍ଣ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ୧୧୮ ଅଭିଯୋଗର ଶୁଣାଣି



ପାରଳାଖେମୁଣ୍ଡି, ୫।୮ (ଗିରିଧାରୀ ପରିଛା): ଗଜପତି ଜିଲା ସଦମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲାପାଳଙ୍କ କାର୍ଯ୍ୟଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ. କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଗଜପତି ଡ.ଗୁଣନିଧି ନାୟକ ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା, ବାଘଶାଳ, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ମୋଟ ୧୧୮ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ୯୦ଟି, ଗ୍ରାମ ଭିତ୍ତିକ ସମସ୍ୟା ୨୮ଟି ଓ ୧୧ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା। ୩ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୪୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା ସମସ୍ୟା ନେଇ ଅଭିଯୋଗ ଆସିଥିଲା।

## ଜି.ଉଦୟଗିରିରେ ଏମ୍‌ପିଙ୍କ ସମୀକ୍ଷା ବୈଠକ



ଜି.ଉଦୟଗିରି, ୫।୮ (ଶିଶିର ପଟ୍ଟନାୟକ) ଜି.ଉଦୟଗିରି ଏନ୍‌ଏସି ସଭାଗୃହଠାରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ରବିବାର ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ପ୍ରଥମେ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ଏମ୍‌ପିଙ୍କୁ ସ୍ୱାଗତ କରିଥିଲେ। ଏହି ଏନ୍‌ଏସିରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଏମ୍‌ପିଙ୍କୁ ଅବଗତ କରିଥିଲେ। ସମୀକ୍ଷା ବୈଠକରେ ବରିଷ୍ଠ ସହାୟକ ସତ୍ୟପ୍ରକାଶ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ, ହିସାବରକ୍ଷକ ପଙ୍କଜ କୁମାର ବେହେରା, ଏମ୍‌ଆଇ ଏସ୍. ମୁକେଶ ରଞ୍ଜନ ନାୟକ, ସିଏମ୍‌ଏମ୍ ଭବାନୀ ପ୍ରସାଦ ବେହେରା, କମ୍ୟୁନିଟି ଅର୍ଗାନାଇଜର କେ. ଜୀବନ ଜ୍ୟୋତି ପାତ୍ର, କନିଷ୍ଠ ସହାୟକ ସୁନ୍ଦରା ସୋରେନ, କନିଷ୍ଠ ସହାୟକ ପ୍ରଦୀପ କୁମାର ଶତପଥୀ, ଟ୍ୟାକ୍ସ କଲେକ୍ଟର ଗଣେଶ ଜେନା, ଟ୍ୟାକ୍ସ କଲେକ୍ଟର ବିଜୟ କୁମାର ପାତ୍ର, ଟ୍ୟାକ୍ସ କଲେକ୍ଟର ଶ୍ୱେତ ରଞ୍ଜନ ନାୟକ, ମୁକ୍ତା ହିସାବରକ୍ଷକ ଯୋଗେଶ୍ୱର ପାଣ୍ଡୁରେଙ୍ଗୀ, ସାନିଟେ ସନ ଏକ୍ସପର୍ଟ ଝଲକ ଦାସ୍, ଚିନ୍ମୟ ଜେନା, ନସିବ ଦିଗାଲ, ଦିପାରାଣି ପଟ୍ଟନାୟକ ଏବଂ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଚାନ୍ଦାକରି ପୋଲ ନିର୍ମାଣ କଲେ ଗ୍ରାମବାସୀ

ଗଞ୍ଜାମ, ୫।୮ (ବିଦ୍ୟାଧର ସାହୁ)



ଗଞ୍ଜାମ ବ୍ଲକ ପାଳିବନ୍ଧ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୀଳାଦ୍ରିପୁର ଗ୍ରାମର ଗାଁ ଏବଂ ବାଲି ସାହିକୁ ସଂଯୋଗ କରୁଥିବା କାଠ ପୋଲ ଦୀର୍ଘଦିନ ହେଲା ଭାଙ୍ଗି ଯାଇଥିଲା। ଏହାଦ୍ୱାରା ଲୋକଙ୍କ ଗମନାଗମନ, ପିଲାଙ୍କୁ ସ୍କୁଲ ଯିବାକୁ ଏବଂ ଜରୁରୀ ସାମଗ୍ରୀ ନେବା ଆଣିବାରେ ଅସୁବିଧା ହେଉଥିଲା।

ଏ ନେଇ ଗ୍ରାମବାସୀ ବାରମ୍ବାର ଉଭୟ ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଏଥିସହ କୌଣସି ପ୍ରକାରର ସହଯୋଗ ମଧ୍ୟ ମିଳିଲା ନାହିଁ। ବାଧ୍ୟ ହୋଇ ଗ୍ରାମବାସୀ ନିଜେ

**ଶୁଣିଲାନି ପ୍ରଶାସନ**

ଚାନ୍ଦା ଆଦାୟ କରି ଆନୁମାନିକ ପ୍ରାୟ ୨ଲକ୍ଷ ଟଙ୍କା ଖର୍ଚ୍ଚ କରି ଏକ ନୂତନ କାଠ ପୋଲ ନିର୍ମାଣ କରାଗଲା ବୋଲି ପୂର୍ବତନ ସରପଞ୍ଚ ଦିଲୀପ କୁମାର ଛୋଟରାଏ କହିଛନ୍ତି। ସେପଟେ ୫୦ ଘର ଏବଂ ନୀଳାଦ୍ରିପୁର ଗ୍ରାମର ୨୫୦ ପରିବାର ଉକ୍ତ କାଠ ପୋଲ ଉପରେ ନିର୍ଭର କରିଥାନ୍ତି। ବର୍ଷାଦିନେ କାଠ ପୋଲଟି ଭାଙ୍ଗି ଯିବା ଫଳରେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା ବୋଲି ସେ କହିଛନ୍ତି। ସରକାରୀ ଡିପୋରୁ କାଠ କିଣାଯାଇ ଗ୍ରାମର ଅଧିକାଂଶ ଲୋକଙ୍କ ସହାୟତାରେ ଏହି ପୋଲ ରବିବାର ନିର୍ମାଣ କରାଯାଇଥିଲା।

## ମରଣଯନ୍ତା ପାଲଟିଛି ତୁମୁଡ଼ିବନ୍ଧଠାରୁ ମୁନିଗୁଡ଼ା ରାସ୍ତା

ତୁମୁଡ଼ିବନ୍ଧ, ୫।୮ (ଦୀପକ କୁମାର ପରସେଠ) ତୁମୁଡ଼ିବନ୍ଧ ପୂର୍ତ୍ତବିଭାଗ ରାସ୍ତା ପାଲଟିଛି ମରଣ ଯନ୍ତା, ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା। ରାସ୍ତା କାର୍ଯ୍ୟ ବର୍ଷେ ନ ପୂରୁଣୁ ଖାଲଖମା ହୋଇଯାଇଛି ତୁମୁଡ଼ିବନ୍ଧଠାରୁ ମୁନିଗୁଡ଼ାକୁ ସଂଯୋଗ କରୁଥିବା ୫ନମ୍ବର ରାଜ୍ୟ ରାଜପଥ; ଯାହାକୁ ନେଇ ତୁମୁଡ଼ିବନ୍ଧ ଅଞ୍ଚଳରେ ଚାପା ଉତ୍ତେଜନା ହେବାରେ ଲାଗିଥିବା ଦେଖିବାକୁ ମିଳିଛି। ୫୯ ନମ୍ବର ଜାତୀୟ ରାଜପଥ ତୁମୁଡ଼ିବନ୍ଧ ଆମ୍ବେଡକର ଛକଠାରୁ ମୁନିଗୁଡ଼ାକୁ ୫ନମ୍ବର ରାଜ୍ୟ ରାଜ୍ୟପଥ ସଂଯୋଗ କରୁଛି। ସେଥି ମଧ୍ୟରୁ ତୁମୁଡ଼ିବନ୍ଧ ଛକଠାରୁ ମାତ୍ର ୧ କି.ମି. ତୁମୁଡ଼ିବନ୍ଧ ସେକ୍ସନର ହୋଇଥିବା ବେଳେ




ବିପର୍ଯ୍ୟସ୍ତ ରାସ୍ତା।

ଅବଶିଷ୍ଟ ରାସ୍ତା କୋଟଗଡ଼ ସେକ୍ସନର। ଏହି ରାସ୍ତାରେ ଦୁଇ ଚକିଆଯାନଠାରୁ ଆରମ୍ଭ କରି ଶହଶହ ଭାରିଯାନ ଦିନରାତି ଯାତାୟାତ କରୁଛି। ଫଳରେ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ଭର୍ତ୍ତି ହୋଇଯାଇଛି। ଭାରିଯାନଗୁଡ଼ିକ ଦ୍ରୁତଗତିରେ ଯିବା ଆସିବା କରିବା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ବିଶେଷକରି ଛୋଟ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ସ୍କୁଲ କଲେଜକୁ ଯାଉଥିବା ପିଲାମାନେ ଯାତାୟାତରେ ଅନେକ ସମୟରେ ଦୁର୍ଘଟଣାକୁ ଆପଣେଇ ଯାତାୟାତ କରୁଥିବା ମଣୁଛନ୍ତି। ତୁମୁଡ଼ିବନ୍ଧ ଅଞ୍ଚଳରୁ ପୂର୍ତ୍ତବିଭାଗ ଯାନ୍ତ୍ରୀଙ୍କୁ ଏହି ରାସ୍ତାର ଅଭିଯୋଗ ପାଇଁ ବାରମ୍ବାର ଫୋନ କରିଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ କୌଣସି ପ୍ରକାର ଫୋନ ଉଠାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟରେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହିଭଳି ଅସ୍ଥା ଭୋଗିବାକୁ ପଡୁଛି ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ କେବେ ଏହି ରାସ୍ତା ସମସ୍ୟାର ସମାଧାନ ହେବ ମରଣଯନ୍ତା କବଳରୁ ଅଞ୍ଚଳବାସୀ ମୁକ୍ତି ପାଇବେ ତାହା ସନ୍ଦେହ ଘେରରେ।

# ସମନ୍ୱୟର ଅଭାବ, ବିକାଶକୁ ନେଇ ଦ୍ୱନ୍ଦ୍ୱ

ବ୍ରହ୍ମପୁର,୫।୮(ସୁବାସ ଚନ୍ଦ୍ର ପାଢ଼ୀ)

ଦୀର୍ଘ ବର୍ଷ ହେଲା ବିଜେଡି ହାତରେ ଓଡ଼ିଶାର ଶାସନ ଭାର ଥିଲା। ରାଜ୍ୟବାସୀ ଏବେ ଶାସନ ଭାର ଭାଜପା ହାତରେ ଦେଇଛନ୍ତି। କିନ୍ତୁ ପଞ୍ଚାୟତ ଓ ଜିଲାସ୍ତରରେ ଅଧିକାଂଶ ଜନପ୍ରତିନିଧି ବିଜେଡିରେ ଅଛନ୍ତି। ଉଭୟ ଦଳ ଭିତରେ ସମନ୍ୱୟ ଅଭାବରୁ ବିକାଶକୁ ନେଇ ଦ୍ୱନ୍ଦ୍ୱ ଉଠୁଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଗତ ଶନିବାର କୁକୁଡାଖଣ୍ଡି ପଞ୍ଚାୟତ ସମିତି ବୈଠକରୁ ଏହା ସ୍ପଷ୍ଟ ହୋଇଯାଇଛି। ଜିଲାର ଅଧିକାଂଶ ଜିଲା ପରିଷଦ ଜୋନ୍ ବିଜେଡି ହାତରେ ରହିଛି। ୮,୯ ଓ ୧୦ ନମ୍ବର ଜୋନରେ ରହିଛି କୁକୁଡାଖଣ୍ଡି ବ୍ଲକ। ଉକ୍ତ ୩ ଜୋନରେ ସମସ୍ତ ଜିଲା ପରିଷଦ ସଭ୍ୟ ବିଜେଡିର। ସେହିପରି ବ୍ଲକରେ ଥିବା ୨୨ ପଞ୍ଚାୟତ ମଧ୍ୟରୁ ଅଧିକାଂଶ ସରପଞ୍ଚ ଓ ସମିତିସଭ୍ୟ ବିଜେଡି ସମର୍ଥନରେ ଜିତିଛନ୍ତି। ଶନିବାର ବୈଠକରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ରଙ୍କ ସମେତ ୪ ବିଜେଡି ସମର୍ଥିତ ଓ ଜଣେ ଭାଜପା ସମର୍ଥିତ ସରପଞ୍ଚ, ୪ ଭାଜପା ଓ ୩ ବିଜେଡି ସମର୍ଥିତ ସମିତିସଭ୍ୟ ଏବଂ ରୋହିଗାଁର ପୂର୍ବତନ ସରପଞ୍ଚ ସନାତନ ସଂଗ୍ରାମ ସିଂ ଉପସ୍ଥିତ ଥିଲେ। ସମସ୍ତ ଜନପ୍ରତିନିଧି ବୈଠକରେ ଉପସ୍ଥିତ ରହିବା ନିୟମ ଥିଲେ ବି ଅଧିକାଂଶ ସମିତି ସଭ୍ୟ ଓ ସରପଞ୍ଚ ଆସି ନ ଥିବାରୁ ମନ୍ତ୍ରୀ ଓ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ବୈଠକରେ ମନ୍ତ୍ରୀ ପରୋକ୍ଷରେ ସେମାନଙ୍କୁ ଚେତାଇଥିଲେ ଯେ, ସେମାନଙ୍କ ଅନୁପସ୍ଥିତିରେ ବିକାଶମୂଳକ କାର୍ଯ୍ୟ ଅଟକିବନି। କିନ୍ତୁ ରାଜନୈତିକ ସମୀକ୍ଷକ କହିଛନ୍ତି, ଗ୍ରାମାଞ୍ଚଳର ବିକାଶ ହେଲେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ଭାଜପା କହି ଆସୁଛି। ସେହି ଅନୁସାରେ ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ଏଠି କହିବାର କଥା ହେଲା ଯେ, ଗ୍ରାମାଞ୍ଚଳର ବିକାଶ ଜନପ୍ରତିନିଧିଙ୍କ ହାତରେ ରହିଛି। ପ୍ରତ୍ୟେକ ଗ୍ରାମର ଲୋକ ସେମାନଙ୍କ ଜନପ୍ରତିନିଧିଙ୍କୁ ପ୍ରଥମେ ଚିହ୍ନନ୍ତି। ବିକାଶର ବାର୍ତ୍ତା ସରପଞ୍ଚ ଓ ସମିତିସଭ୍ୟଙ୍କ ଜରିଆରେ ଗ୍ରାମାଞ୍ଚଳରେ ପହଞ୍ଚି ପାରିବ। ଏପରିସ୍ଥଳେ ଅଧିକାଂଶ ଗ୍ରାମରେ ବିଜେଡିର ଜନପ୍ରତିନିଧିମାନେ ଥିବାରୁ ଯାହା ବି ବିକାଶ ହେବ ସେମାନଙ୍କ ଜରିଆରେ ହେବା ନିୟମ ରହିଛି। ରାଜ୍ୟ ବିକାଶର ମଙ୍ଗ ଭାଜପା ହାତରେ ଥିବାରୁ ତୃଣମୂଳସ୍ତରରେ ଥିବା ବିଜେଡି ସମର୍ଥିତ ଜନ ପ୍ରତିନିଧିମାନେ କେତେଦୂର ଏହାକୁ ଗ୍ରହଣ କରିବେ ତାକୁ ନେଇ ଏବେ ବିଭିନ୍ନ ପଞ୍ଚାୟତରେ ଦ୍ୱନ୍ଦ୍ୱ ଦେଖାଦେଇଛି। ଦୀର୍ଘଦିନ ଧରି ଅନ୍ୟ ସରକାର ହାତରେ ଶାସନ ଭାର ଥିବାରୁ ଗ୍ରାମାଞ୍ଚଳ ବିକାଶକୁ ଅଣଦେଖା କରାଯାଇଥିବା ନେଇ ଉକ୍ତ ବୈଠକରେ ଅଭିଯୋଗ ଉଠିଥିଲା। ଦୀର୍ଘ ବର୍ଷ ଧରି ଗୋଟିଏଦଳ ହାତରେ ଶାସନ ଭାର ରହିବା ଏବଂ ଅନ୍ୟ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ଶାସନ ପରିଚାଳନା ହେବା ଅସହ୍ୟ ହେବାରୁ ଲୋକେ ସରକାର ପରବର୍ତ୍ତନ କରିଥିବା କୁହାଯାଉଥିଲା। ଏପରିସ୍ଥଳେ ଉଭୟ ଦଳର ତୃଣମୂଳସ୍ତରରୁ ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବିକାଶ କିଭଳି ହେବ ତାକୁ ନେଇ ବ୍ଲକବାସୀଙ୍କ ଆଶା ମଉଳୁଛି। ତେଣୁ ଏଥିପାଇଁ ଭିନ୍ନ ରଣକୌଶଳ ସହ ଯୋଜନାଭିତ୍ତିକ କାର୍ଯ୍ୟ କରିବା ଭାଜପା ପାଇଁ ବଡ ଆହ୍ୱାନ ରହିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

## ସଂକ୍ଷେପରେ

### ୭.୨୦ ଲକ୍ଷ ଟଙ୍କା ଘରଭଡ଼ା ହେରଫେର

ବ୍ରହ୍ମପୁର,୫।୮(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱେକ୍ସୁମ ଅର୍ଗାନାଇଜେଶନରେ ୭.୨୦ ଲକ୍ଷ ଟଙ୍କାର ଘର ଭଡ଼ା ହେରଫେର ହୋଇଛି। ଜଣେ ମହିଳା ଆକାଉଣ୍ଟସ ଆସିଷ୍ଟାଣ୍ଟଙ୍କ ବିରୋଧରେ ଆକାଉଣ୍ଟସ ମ୍ୟାନେଜର ମଧୁସୂଦନ ସେନାପତି ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସଂପୃକ୍ତ ମହିଳା ଆକାଉଣ୍ଟସ ଆସିଷ୍ଟାଣ୍ଟ ଜଣକ ୪ବର୍ଷ ହେଲା ଉକ୍ତ ସଂସ୍ଥାରେ କାମ କରୁଥିଲେ । ସ୍ୱେକ୍ସୁମର କେତେକ ଦୋକାନ ଘରୁ ଭଡ଼ା ବାବଦକୁ ଟଙ୍କା ମଧ ସଂଗ୍ରହ କରୁଥିଲେ ବି ତାହା ସଂସ୍ଥାରେ ଜମା କରି ନ ଥିଲେ। ସେ ୨୦୨୩ ଅଗଷ୍ଟ ୧୨ତାରିଖରୁ ସଂସ୍ଥାରେ ଚାକିରିରେ ନାହାନ୍ତି। ସଂସ୍ଥାର ଆକାଉଣ୍ଟସ ଯାଞ୍ଚ ବେଳେ ହେରଫେର ସମ୍ପର୍କରେ ଜଣାପଡିଥିଲା। ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ଯୋଗାଯୋଗ ଚେଷ୍ଟା କରାଯାଇଥିଲେ ବି ହୋଇ ନ ଥିଲା।

### ଅତିଥି ଭବନରେ ମଦ ବାର ବନ୍ଦ ନେଇ ହାଇକୋର୍ଟଙ୍କ ରହିତାଦେଶ

ବ୍ରହ୍ମପୁର,୫।୮(ସ୍ମୃତି ରଞ୍ଜନ ମହାଲିକ)

ବିଏମସି ଅତିଥି ଭବନରେ ବେଆଇନ ଗୃହ ନିର୍ମାଣ ଓ ମଦ ବାର ବନ୍ଦ ନେଇ ସଂପୃକ୍ତ ଲିଜଧାରୀଙ୍କ ବିରୋଧରେ ନିଗମ ପକ୍ଷରୁ ଗତ ଜୁଲାଇ ୨୪ ତାରିଖରେ ୧୫ ଦିନିଆ ନୋଟିସ ଜାରି କରାଯାଇଥିଲା। ତେବେ ଲିଜଧାରୀ ନୋଟିସକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ପିଟିସନ ଦାଖଲ କରିଛନ୍ତି। ହାଇକୋର୍ଟ ଉକ୍ତ ମାମଲାରେ ରହିତାଦେଶ ଜାରି କରିଛନ୍ତି। ମଦ ଦୋକାନ ବନ୍ଦ ନେଇ ବିଏମସି କୌଣସି ନୋଟିସ ଦେଇପାରିବ ନାହିଁ ବୋଲି ରହିତାଦେଶରେ ଉଲେଖ ରହିଛି। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ହିଁ ବାର ବନ୍ଦ କରାଯିବ ବୋଲି କୁହାଯାଇଛି। ଆସନ୍ତା ଶୁଣାଣୀ ଯାଏଁ ହାଇକୋର୍ଟ ଏହି ମାମଲାରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି।

### ପୂର୍ବତନ ରଣଜୀ ଖେଳାଳିଙ୍କ ଦେହାନ୍ତ



ବ୍ରହ୍ମପୁର,୫।୮(ସ୍ୱାଧୀନ ଶେଖର ପାଢୀ):

ଗଞ୍ଜାମ ଜିଲା କ୍ରିକେଟ ସଂଘ ଉପ ସଭାପତି ତଥା ବ୍ରହ୍ମପୁର ପୂର୍ବତନ ରଣଜୀ ଖେଳାଳି ଇଂ. ସୁରେଶ ଚନ୍ଦ୍ର ମହାପାତ୍ର(୯୦)ଙ୍କ ଦେହାନ୍ତ ହୋଇଛି। ରବିବାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମରଶରୀରକୁ ବ୍ରହ୍ମପୁର ଆର.ସି. ଦାଶ ଲେନସ୍ଥିତ ତାଙ୍କ ବାସଭବନକୁ ଅଣାଯାଇ ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତ୍ୟେଷ୍ଟିକ୍ରିୟା ହୋଇଥିଲା। ମହାପାତ୍ର ଗଞ୍ଜାମ ଓ ଓଡିଶା କ୍ରିକେଟ ଦଳରେ ପ୍ରତିନିଧିତ୍ୱ କରିଥିଲେ। ଜିଲା କ୍ରିକେଟ ସଂଘର ବରିଷ୍ଠ ସଦସ୍ୟ ବିଜୟ ପଟ୍ଟନାୟକ, ଜିଲା କ୍ରୀଡା ସଂଘର ସମ୍ପାଦକ ଅଶୋକ ସାହୁ, ସଦସ୍ୟ ଦେବବ୍ରତ ଦେବ, ବିଜୟ ଭାସ୍କର ସିଂସାମନ୍ତ ଓ ରମଣି ରଂଜନ ମହାନ୍ତିଙ୍କ ସମେତ ବହୁ କ୍ରିକେଟ ଖେଳାଳି ଓ କ୍ରିକେଟ ପ୍ରେମୀ ସ୍ୱର୍ଗତ ମହାପାତ୍ରଙ୍କ ଶେଷ ଦର୍ଶନ କରି ଅମର ଆତ୍ମାର ସଦଗତି କାମନା କରିଥିଲେ।

## ଶିକ୍ଷା ବିଭାଗର ନୂତନ କୋଠା ଉଦ୍‌ଘାଟିତ



କୋଠା ଉଦ୍‌ଘାଟନ ଅବସରରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୫।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ ଏଜୁକେଶନ ତଥା ଶିକ୍ଷା ବିଭାଗର ଏକ ନୂତନ କୋଠା ସୋମବାର ଉଦଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଏହି କୋଠାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ବିପିସିସି ଡାଇରେକ୍ଟର ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା, ସଂଯୋଜକ ଡ.ବିଭୂତି ଭୂଷଣ ପରିଡା, ପ୍ରିନ୍ସପାଲ ଡ. ସଂଜିତ କୁମାର ସାହୁ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀ ଏବଂ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଶେଷରେ ବିଭାଗ ପରିସରରେ ଚାରାରୋପଣ କରାଯାଇଥିଲା।

## ବୃକ୍ଷକୁ ଉତ୍ତରାଧିକାରୀ ମନେକରି ଚାରାରୋପଣ ଆହ୍ୱାନ



ଚାରା ରୋପଣ ଅବସରରେ ଇନର ହ୍ୱିଲ କ୍ଲବର ସଦସ୍ୟାମାନେ।

ବ୍ରହ୍ମପୁର,୫।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ଉପକଣ୍ଠ ସୁକୁଣ୍ଡା ଗ୍ରାମ ହଜରେ ବ୍ରହ୍ମପୁର ସବୁଜ ବାହିନୀ ଏବଂ ଇନର ହ୍ୱିଲ କ୍ଲବ ପକ୍ଷରୁ ସୋମବାର 'ଆଡପ୍ଟ ଏ ଟ୍ରି' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ହଜର ଚାରିପାଖରେ ଫଳନ୍ତି ଏବଂ ବିଭିନ୍ନ ଔଷଧୀୟ ବୃକ୍ଷ ରୋପଣ କରାଯାଇଛି। ଇନର ହ୍ୱିଲ ସଂଗଠନର ନୂତନ କର୍ମକର୍ତ୍ତା ଚୟନ ଅବସରରେ ସଂଗଠନର ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ନିଜ ପାଇଁ ଏବଂ ନିଜ ଆତ୍ମୀୟଙ୍କ ଉଦ୍ଦେଶ୍ୟରେ ବୃକ୍ଷରୋପଣ କରି ବୃକ୍ଷକୁ ପୋଷ୍ୟ ଭାବେ ଗ୍ରହଣ କରି ବୃକ୍ଷକୁ ଉତ୍ତରାଧିକାରୀ ମନେକରି ଚାରା ରୋପଣ କରିବାକୁ ଆହ୍ୱାନ ଦିଆଯାଇଛି। ପୁତ୍ର ସନ୍ତାନ ଜନ୍ମ ଦେବା,ଭଲ ବହିଟିଏ ଲେଖିବା ଏବଂ ଅନ୍ୟୂନ ୫ ବୃକ୍ଷ ରୋପଣ କରିବା ଏହି ୩ କାର୍ଯ୍ୟ ବ୍ୟକ୍ତିର ଉତ୍ତରାଧିକାରୀ ଭାବେ ବଞ୍ଚିପାରିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷକୁ ପୋଷ୍ୟ ଭାବେ ଗ୍ରହଣ କରି ଯତ୍ନ ନେବାକୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏ.ପ୍ରକାଶ,ରବୀନ୍ଦ୍ର ସାହାଣୀ, ପ୍ରସନ୍ନ ସ୍ୱାଇଁ,ବାଲାଜୀ ବେହେରା,ବନମାଳୀ ପ୍ରଧାନ ଏବଂ ଇନର ହ୍ୱିଲ କ୍ଲବର ସଭାପତି ସୁଧା ରାଣୀ,ସମ୍ପାଦିକା ଏସ .ସିରିଶାଙ୍କ ସମେତ ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ।

## ଯୁକ୍ତ ୨ ନାମଲେଖା: ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ପ୍ରକାଶ

ବ୍ରହ୍ମପୁର,୫।୮(ସ୍ୱାଧୀନ ଶେଖର ପାଢୀ): ଚଳିତ ବର୍ଷର ଯୁକ୍ତ ୨ ନାମଲେଖା ପାଇଁ ଦ୍ୱିତୀୟ କଟଅଫ ମାର୍କ ସୋମବାର ପ୍ରକାଶ ପାଇଛି। ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଶଶିଭୂଷଣ ରଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ କଟଅଫ ମାର୍କ ସର୍ବାଧିକ ରହିଛି। ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ କଟଅଫ ମାର୍କ ୭୦.୬୭ ରହିଥିବା ବେଳେ ବାଣିଜ୍ୟରେ ୬୦ ଏବଂ କଳାରେ ୬୧.୫୦ ପ୍ରତିଶତ ରହିଛି। ଶଶିଭୂଷଣ ରଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ କଟଅଫ ମାର୍କ ୭୦.୬୭ ରହିଥିବାବେଳେ ବାଣିଜ୍ୟରେ ୬୦ ଏବଂ କଳାରେ ୬୬.୫୦ ପ୍ରତିଶତ ରହିଛି। ଜିଲାର ୧୫୩ ହାଏର ସେକେଣ୍ଡେରୀ ସ୍କୁଲରେ କଳା, ବାଣିଜ୍ୟ, ବିଜ୍ଞାନ, ସଂସ୍କୃତ, ଧନ୍ଦାମୂଳକ ଶିକ୍ଷାରେ ମୋଟ ୪୪୧୨୮ ସିଟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୭,୭୮୪ ନାମଲେଖା ପରେ ୧୬,୩୪୪ ସିଟ ଖାଲି ପଡିଥିବା ଷ୍ଟୁଡେଣ୍ଟ ଏକାଡେମିକ ମ୍ୟାନେଜମେଣ୍ଟ ସିଷ୍ଟମ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡିଛି। ଗତ ୨୦ ତାରିଖରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇଥିଲା। ଦ୍ୱିତୀୟ ମେଧା ତାଲିକାରେ ମନୋନୀତ ବିଦ୍ୟାର୍ଥୀ ଆସନ୍ତା ୭ ରୁ ୧୦ ତାରିଖ ପର୍ଯ୍ୟନ୍ତ ନାମ ଲେଖାଇବେ।

## ଡ. ବାବୁଜୀ ସାମଲ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଯୁଗ୍ମ କୁଳସଚିବ

ବ୍ରହ୍ମପୁର ୫।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ଦାୟିତ୍ୱରେ ଥିବା ଉପ କୁଳସଚିବ ଡ଼. ବାବୁଜୀ ସାମଲଙ୍କୁ ଯୁଗ୍ମ କୁଳସଚିବ ଦାୟିତ୍ୱ ମିଳିଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଥିବା ଉପ କୁଳସଚିବଙ୍କୁ ଯୁଗ୍ମ କୁଳସଚିବ ଦାୟିତ୍ୱ ଦେବା ପାଇଁ ଚିଠି ହୋଇଛି। ସେହି ଅନୁସାରେ ଡ଼. ବାବୁଜୀ ସାମଲଙ୍କୁ ଏହି ଦାୟିତ୍ୱ ମିଳିଥିବା ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳ ସଚିବ ସଚ୍ଚିଦାନନ୍ଦ ନାୟକ କହିଛନ୍ତି। ଏ ନେଇ ଡ଼. ସାମଲଙ୍କ ସହ ଯୋଗାଯୋଗ ବେଳେ ନୂଆ ଦାୟିତ୍ୱ ମିଳିଥିବାରୁ କୁଳପତି, କୁଳ ସଚିବ, ଉଚ୍ଚ ଶିକ୍ଷା ବିଭାଗକୁ କୃତଜ୍ଞତା ଜଣାଇଥିବା ସେ କହିଛନ୍ତି।

## ଜମା ଟଙ୍କା ଦୁଇଗୁଣା କରିବାକୁ କହି ୨.୮୦ ଲକ୍ଷ ଠକେଇ

ବ୍ରହ୍ମପୁର, ୫।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଏକ ଅର୍ଥ ଲଗାଣକାରୀ ସଂସ୍ଥା ଜମାରାଶିର ଦ୍ୱିଗୁଣ ଟଙ୍କା ଫେରସ୍ତ ପ୍ରତିଶ୍ରୁତି ଦେଇ ଜଣେ ବ୍ୟକ୍ତିଙ୍କ ଠାରୁ ୨ଲକ୍ଷ ୮୦ହଜାର ଟଙ୍କା ଠକି ନେଇଛି। କ୍ଷତିଗ୍ରସ୍ତ ଜମାକାରୀ ଜଣକ ଏ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ବଡ଼ବଜାର ଥାନା ରଙ୍ଗୁଣିବନ୍ଧ ସାହିର ମନୋଜ କୁମାର ମହାପାତ୍ର ୨୦୨୪ ଏପ୍ରିଲରେ ତାଙ୍କର ପରିଚିତ ପ୍ରଶାନ୍ତ କୁମାର ନାୟକଙ୍କ ଜରିଆରେ ଡିଏଏଆଇ ଆପ୍ଲିକେସନର ବ୍ରହ୍ମପୁର ମୁଖ୍ୟ ସୁଧୀର କୁମାର ପ୍ରଧାନଙ୍କ ସହ ପରିଚିତ ହୋଇଥିଲେ। ଡିଏଏଆଇ ଇନଭେଷ୍ଟମେଣ୍ଟ ଓ ଗ୍ରୁପ ମାଧ୍ୟମରେ ସେ ୨ଲକ୍ଷ ୮୦ହଜାର ଟଙ୍କା ପୁଞ୍ଜି ନିବେଶ କରିଥିଲେ। ତାଙ୍କୁ ଦୁଇଗୁଣ ଟଙ୍କା ଫେରସ୍ତ ପାଇଁ ସଂସ୍ଥା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଜୁନ ୨୧ ତାରିଖରେ ବୈଠକ କରି ସଂସ୍ଥାର ନିୟମ ବଦଳିପାରେ ବୋଲି କୁହାଯାଇଥିଲା। ହେଲେ ଜୁଲାଇରେ ଉକ୍ତ ସଂସ୍ଥା ବନ୍ଦ ହୋଇଯାଇଥିଲା। ସଂସ୍ଥାରେ କାର୍ଯ୍ୟରତ ପ୍ରଶାନ୍ତ ଓ ସୁଧୀରଙ୍କୁ ଜମାକାରୀ ମନୋଜ ଯୋଗାଯୋଗ କରିବାରୁ ସେମାନେ ଫୋନ ଉଠାଇ ନ ଥିଲେ। ସଂସ୍ଥାର ମୁଖ୍ୟ ମୁମ୍ବାଇରେ ରହୁଥିବା ବେଳେ ସେମାନେ ୨.୮୦ଲକ୍ଷ ଟଙ୍କା ଠକି ନେଇଛନ୍ତି। ସମସ୍ତଙ୍କୁ ଗିରଫ କରିବା ସହ ଟଙ୍କା ଫେରସ୍ତ ପାଇଁ ସେ ପୋଲିସକୁ ନିବେଦନ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ନଂ.୨୧୮ /୨୪ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

## ସିପିଆଇ(ଏମ୍) ଜିଲା ସମ୍ମିଳନୀ ଉଦ୍‌ଯାପିତ

ବ୍ରହ୍ମପୁର,୫।୮(ନରସିଂହ ସାହୁ)

ବ୍ରହ୍ମପୁରରେ ଅନୁଷ୍ଠିତ ସିପିଆଇ (ଏମ)ର ଦୁଇଦିନିଆ ଗଞ୍ଜାମ ଜିଲା ସମ୍ମିଳନୀ ସୋମବାର ଉଦଯାପିତ ହୋଇଯାଇଛି। ସମ୍ମିଳନୀରେ ଭାଜପା, ବିଜେଡି, କଂଗ୍ରେସକୁ ସମାଲୋଚନା କରାଯାଇଛି। କେନ୍ଦ୍ର ମେଣ୍ଟ ସରକାରରେ ଆନ୍ଧ୍ର ଓ ବିହାର ନେତା ପ୍ରଧାନମନ୍ତ୍ରୀଙ୍କୁ ବିଭିନ୍ନ ଭାବରେ ନଚାଇବା ଆରମ୍ଭ କରିଛନ୍ତ, ଯାହାକି ଗତ ବଜେଟରେ ପ୍ରତିଫଳନ ହୋଇଥିବା ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଚିଠା ପ୍ରସ୍ତାବରେ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ପାର୍ଲାମେଣ୍ଟରେ ଶକ୍ତିଶାଳୀ ବିରୋଧୀ ମେଣ୍ଟ ଓ ସ୍ୱୀକୃତିପ୍ରାପ୍ତ ବିରୋଧୀ ଦଳ ନେତା ଥିବାରୁ ପ୍ରତି କ୍ଷେତ୍ରରେ ଭିନ୍ନତା ପରିଲକ୍ଷିତ ହେବ ଏବଂ ମୋଦୀ, ଶାହଙ୍କ ଏକଛତ୍ରବାଦ ନୀତିର ଅବସାନ ଘଟିବ ବୋଲି କୁହାଯାଇଛି।

ସେହିପରି ଓଡ଼ିଶା ରାଜନୀତିକୁ ତର୍ଜମା କରି ଚିଠା ପ୍ରସ୍ତାବରେ କୁହାଯାଇଛି ଜନ ଅସନ୍ତୋଷ ଯୋଗୁ ୨୪ ବର୍ଷର ବିଜେଡି ଶାସନ ହଟିଯାଇଛି। ବିଭିନ୍ନ କ୍ଷେତ୍ରରେ ମୋଦୀ ସରକାରକୁ ବିଜେଡି ଅକୁଣ୍ଠିତ ସମର୍ଥନ ଦେବା ମହଙ୍ଗା ପଡ଼ିଛି। ସେହିପରି ଅଣ ଓଡ଼ିଆଙ୍କୁ ଭରସା କରି ସଙ୍ଗଠନ ଓ ଶାସନ ପରିଚାଳନା ଟେକି ଦେବା ମଧ୍ୟ ଅଡୁଆ ହେଲା। ଅନ୍ୟପକ୍ଷରେ ଅସ୍ମିତାକୁ ପ୍ରସଙ୍ଗ କରି ଭାଜପା ଫାଇଦା ନେଇଥିବା ଏହି ବାମପନ୍ଥୀ ଦଳ କଟାକ୍ଷ କରିଛି। ରାଜ୍ୟ କଂଗ୍ରେସ ନେତୃତ୍ୱକୁ ମଧ୍ୟ ସିପିଏମ ଟାର୍ଗେଟ କରିଛି। ଇଣ୍ଡିଆ ମେଣ୍ଟ ଭଲ ପ୍ରଦର୍ଶନ କରିବାର ଆଶା କରାଯାଇଥିଲା। ହେଲେ କଂଗ୍ରେସ ନେତୃତ୍ୱ ନିଜ ସ୍ୱାର୍ଥରେ ବୁଡ଼ି ସୁଯୋଗ ହାତଛଡ଼ା କରିଥିବା ସମାଲୋଚନା କରାଯାଇଛି। ଅତୀତରେ ସିପିଆଇ ଦୁର୍ଗ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଦଳର ପ୍ରାର୍ଥୀ ମାତ୍ର ୩ ହଜାରରୁ ଅଧିକ ଭୋଟ ପାଇ ଅମାନତ ହରାଇଛନ୍ତି। ଏଥିପାଇଁ ଜିଲା ନେତୃତ୍ୱର ଅପାରଗତାକୁ ଦଳ ଦାୟୀ କରିଛି।

## ଘରୁ ସୁନା ହାର ଚୋରି

ବ୍ରହ୍ମପୁର,୫।୮(ସୁବାସ ଚନ୍ଦ୍ର ପାଢ଼ୀ): ଗୋଷାଣିନୂଆଗାଁ ଥାନା ହାଉସିଂ ବୋର୍ଡରେ ରହୁଥିବା ଅର୍ଚ୍ଚନା ନାୟକଙ୍କ ଘରୁ ଏକ ସୁନା ହାର ଚୋରି ହୋଇଛି। ସେ ଥାନାରେ ଅଭିଯୋଗ କରିଛନ୍ତି। ଗତ ୧ ତାରିଖରେ ଅର୍ଚ୍ଚନାଙ୍କ ଝିଅ ଜନ୍ମଦିନ ପାଇଁ ଭୋଜି ହୋଇଥିଲା । ତେବେ ଘର ଭିତରେ ଥିବା ଆଲମୀରା ଖୋଲା ଥିବା ବେଳେ ସେଥିରେ ଥିବା ସୁନାହାରଟି ଗାଏବ ହୋଇଯାଇଥିଲା ।

## ସାର୍ଟିଫିକେଟ ପାଇଁ ଟଙ୍କା ଦାବି ଅଭିଯୋଗ

ବ୍ରହ୍ମପୁର,୫।୮(ସ୍ୱାଧୀନ ଶେଖର ପାଢୀ): ବ୍ରହ୍ମପୁର ଖୋଡ଼ାସିଙ୍ଗି ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଟ୍ରାନ୍ସଫର ସାର୍ଟିଫିକେଟ ଓ ସ୍କୁଲ ଲିଭିଂ ସାର୍ଟିଫିକେଟ ପାଇଁ ଅଧିକା ଟଙ୍କା ମାଗିବା ନେଇ ସୋମବାର ଦୁଇ ବିଦ୍ୟାର୍ଥୀ ଅଭିଯୋଗ ଆଣିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ କଲେଜ ଫି ପରେ ବି ଅନୁଷ୍ଠାନର ପ୍ରିନ୍ସପାଲ ଅଧିକ ଟଙ୍କା ମାଗୁଛନ୍ତି। ଫଳରେ ତାଙ୍କର ଅନ୍ୟ କଲେଜରେ ନାମଲେଖା ହୋଇପାରୁ ନାହିଁ। ଅନ୍ୟପଟେ ସେହି ବିଦ୍ୟାର୍ଥୀମାନେ ବିଜ୍ଞାନ ଯୁକ୍ତ ୨ ପାସ କରିଛନ୍ତି। କଲେଜ ଫି ସେମାନଙ୍କ ବାକି ଥିଲା ସେ ବିଷୟରେ ପଇସା ମାଗିବାରୁ ଏଭଳି ମିଥ୍ୟା ଅଭିଯୋଗ ଅଭିଯୋଗ କରିଛନ୍ତି ବୋଲି କଲେଜ କର୍ତ୍ତୃପକ୍ଷ କହିଛନ୍ତି। ସେମାନେ ବଳକା ଫି' ଦେବା ପାଇଁ ମନା କରିବାରୁ କଲେଜ ସବୁ ଫି' ଛାଡ଼ କରିଥିଲା। ମଙ୍ଗଳବାର ସୁଦ୍ଧା ସେମାନେ ସାର୍ଟିଫିକେଟ ପାଇ ଯିବେ ବୋଲି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ କହିଛନ୍ତି।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବିଶ୍ୱ ବାଣିଜ୍ୟ ଦିବସ

ବ୍ରହ୍ମପୁର,୫।୮(ସ୍ୱାଧୀନ ଶେଖର ପାଢୀ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ବାଣଜ୍ୟବିଭାଗ ଆନୁକୁଲ୍ୟରେ ବିଶ୍ୱ ବାଣିଜ୍ୟ ଦିବସ ସମୋମବାର ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟା ଡ. ଅନ୍ନପୂର୍ଣ୍ଣା ସାହୁଙ୍କ ଅଧ୍ୟକ୍ଷତାରେ ଏହି ଅବସରରେ ଏକ ପାଠଚକ୍ର ହୋଇଥିଲା । ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ କେ. ସି .ରାଉତ ଯୋଗଦେଇ ବର୍ତ୍ତମାନର ବାଣିଜ୍ୟ ଶିକ୍ଷାର ପରିବର୍ତ୍ତିତ ଓ ଆଧୁନିକ ଦିଗ ଉପରେ କହିଥିଲେ। ଚାର୍ଟାଡ ଆକାଉଣ୍ଟାଣ୍ଟ ଭଗବାନ ପାଢୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଣିଜ୍ୟ ଶିକ୍ଷାର ମହତ୍ତ୍ୱ ଓ ଏହାର ବୃତ୍ତିଗତ ସମ୍ଭାବନା ଉପରେ କହିଥିଲେ ।

## ରାସ୍ତା ଉପରେ ମହିଳାଙ୍କ ହାଇଡ୍ରାମା



ବ୍ରହ୍ମପୁର,୫।୮(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଚର୍ଚ୍ଚରୋଡରେ ସୋମବାର ଅପରାହ୍ନରେ ରାସ୍ତା ମଝିରେ ଜଣେ ବଙ୍ଗୀୟ ମହିଳା ହାଇଡ୍ରାମା କରିଛନ୍ତି। ମହିଳା ଜଣକ ଜଣେ ଯୁବକଙ୍କୁ କାଠ ଫାଳିଆରେ ମାଡ଼ ମାରୁଥିବା ଦେଖାଯାଇଥିଲା। ଏଥିପାଇଁ ଚର୍ଚ୍ଚ ରୋଡ଼ ରିଲାନ୍ସ ଟ୍ରେଣ୍ଡ୍ସ ଆଗରେ ଦେଖଣାହାରୀଙ୍କ ପ୍ରବଳ ଭିଡ଼ ହୋଇଥିଲ। କିଛି ସମୟ ପାଇଁ ସେଠାରେ ଟ୍ରାଫିକ୍ ଜାମ୍ ହୋଇଥିଲା। କେତେଜଣ ବ୍ୟକ୍ତି ମହିଳାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେ ଗାଳିଗୁଲଜ କରିଥିଲେ। ପରେ ଲୋକ ତାଙ୍କୁ ଘେରି ଯାଇ ଯଦି କିଛି ସମସ୍ୟା ଅଛି ଥାନାକୁ ଯିବାକୁ କହିଥିଲେ। ମହିଳା ଜଣକ ଏଥିରେ ରାଜି ହୋଇ ନ ଥିଲେ। ସମ୍ପୃକ୍ତ ଯୁବକ ହାଇଦ୍ରାବାଦରେ ହୋଟେଲରେ କାମ କରୁଥିବା ବେଳେ ତାଙ୍କଠାରୁ ୪୦ହଜାର ଟଙ୍କା ଧାର ନେଇ ଆଉ ଧରାଛୁଆଁ ଦେଉ ନ ଥିଲେ ବୋଲି କହି ତାଙ୍କୁ ଆହୁରି ପିଟିଥିଲେ। ଯୁବକ ଜଣକ ଏହି ଅଭିଯୋଗକୁ ଖଣ୍ଡନ କରି ସେ ଟଙ୍କା ଫେରାଇ ଦେଇଛନ୍ତି ବୋଲି କହିଥିଲେ। ଯୁବକ ଜଣକ ୧୧୨ରେ ଫୋନ୍ କରି ପୋଲିସରେ ଅଭିଯୋଗ କରିଥିଲେ। ପ୍ରାୟ ଅଧଘଣ୍ଟା ପରେ ପୋଲିସ ସେଠାରେ ପହଞ୍ଚି ମହିଳା, ତାଙ୍କ ସ୍ୱାମୀ ଓ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ସ୍ଥାନୀୟ ଲୋକେ ଅଭିଯୋଗ କରିବାରୁ ପୋଲିସ ଉକ୍ତ ମହିଳାଙ୍କୁ ତାଗିଦ୍ କରି ଥାନାରୁ ଛାଡିଛି।

## ଶିଶୁ ଶଲ୍ୟ ଚିକିତ୍ସା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଡାକ୍ତର।

ବ୍ରହ୍ମପୁର,୫।୮(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଶିଶୁ ଶଲ୍ୟ ଚିକିତ୍ସା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ଶଲ୍ୟ ଚିକିତ୍ସା ସଂଘ ଓଡ଼ିଶା ଶାଖା ପକ୍ଷରୁ ଏମ୍‌କେସିଜିର ଶିଶୁ ଶଲ୍ୟ ବିଭାଗ ମୁଖ୍ୟ ତଥା ଶାଖାର ସାଙ୍ଗଠନିକ ସମ୍ପାଦକ ଆସୋସିଏଟ ପ୍ରଫେସର ଡା. ମାନସରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମକେସିଜିର ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ, ଶାଖାର ଅଧ୍ୟକ୍ଷ ପ୍ରଫେସର ଡା. ପ୍ରଶାନ୍ତ କୁମାର ତ୍ରିପାଠୀ, ମନୋନୀତ ଅଧ୍ୟକ୍ଷ ପ୍ରଫେସର ଡା. ମନୋଜ କୁମାର ମହାନ୍ତି, କୋଷାଧ୍ୟକ୍ଷ ପ୍ରଫେସର ଡା. ବିକାଶ ବିହାରୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଏମକେସିଜିର ଶଲ୍ୟ ଚିକିତ୍ସା ବିଭାଗର ପ୍ରଫେସର ଡା. ଶିବପ୍ରସାଦ ପଟ୍ଟନାୟକ, ଶିଶୁବିଭାଗ ଆସୋସିଏଟ ପ୍ରଫେସର ଡା. ମାନସରଞ୍ଜନ ମଲ୍ଲିକ, କଟକ ସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ ଅଫ ପେଡିଆଟ୍ରିକର ଡା. ଶ୍ରୀବସ୍ତ ନାୟକ, ଭୁବନେଶ୍ୱର ଏମ୍ସର ପ୍ରଫେସର ଡା. କ୍ରିଷ୍ଣା ଦାସ, ଅତିରିକ୍ତ ପ୍ରଫେସର ଡା. ଆକାଶବିହାରୀ ପତି, ସିନିୟର ରେସିଡେଣ୍ଟ ଡା. ମନିତା ତମାଙ୍ଗ, ସମ ହସ୍ପିଟାଲର ଡା. ସୁବାଷଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଯୋଗଦେଇ ନବଜାତ ଶିଶୁର ଶରୀରରେ ଦେଖାଦେଉଥିବା ଜଟିଳତା, ଶିଶୁଙ୍କ ଲାପ୍ରୋସ୍କୋପିକ ସର୍ଜରୀ, ଶିଶୁ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଥିବା ସୁଯୋଗ ଏବଂ ଗବେଷଣା ବିଷୟରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଶିଶୁ ବିଭାଗରେ ପିଜି ପଢୁଥିବା ତଥା ସିନିୟର ରେସିଡେଣ୍ଟ ଭାବେ କାର୍ଯ୍ୟ କରୁଥିବା ଯୁବ ଡାକ୍ତରଙ୍କୁ ଶିଶୁ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଅଗ୍ରସର ହେବାକୁ ଉତ୍ସାହିତ କରାଯାଇଥିଲା ।

## ଖୁବ୍‌ଶୀଘ୍ର ବିଏମ୍‌ସିର ଶୌଚାଳୟ ମରାମତି

ବ୍ରହ୍ମପୁର,୫।୮(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ବିଭିନ୍ନ ୱାର୍ଡରେ ଉଭୟ ପୁରୁଷ ଓ ମହିଳା ଶୌଚାଳୟ ରହିଛି। ଶୌଚାଳୟ ଗୁଡିକରେ ବିଦ୍ୟୁତ ଓ ଆଲୋକୀକରଣ ସୁବିଧା ରହିଛି। କିନ୍ତୁ ଅନେକ ଶୌଚାଳୟ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଅବ୍ୟବହୃତ ହୋଇପଡ଼ିଥିବା ସ୍ଥାନୀୟ ବାସିନ୍ଦା କର୍ପୋରେଟଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ। କର୍ପୋରେଟରମାନେ ମଧ୍ୟ ଗତ କାଉନସିଲ ବୈଠକରେ ଶୌଚାଳୟ ମରାମତି ଦାବି ଉଠାଇଥିଲେ। ବୈଠକର ନିଷ୍ପତ୍ତି ପ୍ରକାରେ ବିଏମସି ଯନ୍ତ୍ରୀ ଓ କର୍ପୋରେଟରଙ୍କ ଦ୍ୱାରା ଶୌଚାଳୟ ଗୁଡିକର ସ୍ଥିତି ଅନୁଧାନ କରାଯାଇଥିଲା। ବିଏମସିର ୪୨ ୱାର୍ଡ ମଧ୍ୟରେ ହରିଡାଖଣ୍ଡି ହରିଜନ ବସ୍ତି, ଗ୍ରାମଦେବତୀ ସାହି, ଆସିକା ରୋଡ, ଧୋବା ବନ୍ଧ ହୁଡା, ଶ୍ରୀରାମ ନଗର ଶ୍ମଶାନ, ଫୁଲ ସୁନ୍ଦରୀ ସାହି, ଗଣେଶ ନଗର, ପୁରୁଣା ବ୍ରହ୍ମପୁର ଆଇନାବନ୍ଧ ସାହି, ଝରଣାନଗର, ପାଣ୍ଡବ ନଗର, କ୍ରୀଷ୍ଟାପେଟା ସାହି, ପୂର୍ଣ୍ଣବାସୀ କଲୋନୀ, ନୀଳକଣ୍ଠେଶ୍ୱର, ଦୟା ମହାନ୍ତି ଟ୍ୟାଙ୍କ, ଠାକୁରାଣୀ ମନ୍ଦିର ନିକଟ, ଗେଟ ବଜାର, ଧାନମେରା ସାହି, ବାଲାଜୀପେଣ୍ଠ ସାହି, ଖଲାସି ସାହି, କର୍ପୋରେସନ ରୋଡ, ଗୋଲିଲା ସାହି, ମୋଚି ସାହି ଓ ବୈକୁଣ୍ଠନଗର ଭଳି ୪୦ ସ୍ଥାନରେ ଶୌଚାଳୟ ରହିଛି। ସମସ୍ତ ଶୌଚାଳୟର ରକ୍ଷଣାବେକ୍ଷଣ ଦାୟିତ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି)ଙ୍କୁ ଦିଆଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ତାହା ବ୍ୟବହୃତ ହୋଇପାରୁ ନ ଥିଲା। ଶୌଚାଳୟର ନାମ ଫଳକ, ସୌନ୍ଦର୍ଯ୍ୟକରଣ, ଫାଟକ ମରାମତି, ପାଇପ ଲାଇନ ମରାମତି, ୱାସ ବେସିନ ମରାମତି, କର୍ମଚାରୀଙ୍କ ଗୃହ ମରାମତି, ନୂତନ କୋଠା ନିର୍ମାଣ, ବିଦ୍ୟୁତ ସାମଗ୍ରୀ ମରାମତି, ଆଲୋକୀକରଣ, ପାଣି ନିଷ୍କାସନ ଭଳି ମରାମତି କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ବିଏମସି ପକ୍ଷରୁ ୧ ନଂ. ୱାର୍ଡ ଅନ୍ତର୍ଗତ ଗୋଲା ରଘୁନାଥପୁର, ୩୮ ନଂ. ୱାର୍ଡ ଅନ୍ତର୍ଗତ ଆଙ୍କୁଲି ଓଭରବ୍ରିଜ ନିକଟସ୍ଥ ଓ ୨୭ ନଂ. ୱାର୍ଡ ଉତ୍ତରେଶ୍ୱର ପୋଖରୀ ନିକଟରେ ନୂତନ ଶୌଚାଳୟ ନିର୍ମାଣ କରାଯାଇଛି। ଗୋଲା ରଘୁନାଥପୁର ଓ ଉତ୍ତରେଶ୍ୱର ପୋଖରୀ ନିକଟ ଶୌଚାଳୟର ରକ୍ଷଣାବେକ୍ଷଣ ଦାୟିତ୍ୱ ଏସଏଚଜିକୁ ଦିଆଯାଇଛି। ଏ ନେଇ ବିଏମସି ମେୟର ସଂଘମିତ୍ରା ଦଳେଇ କହିଛନ୍ତି ଯେ, ଷ୍ଟାଣ୍ଡିଂ କମିଟି ବୈଠକରେ ଆଲୋଚନା ପରେ ଟେଣ୍ଡର କରାଯାଇ ମରାମତି ଆରମ୍ଭ ହେବ।

## ସଂକ୍ଷେପରେ

### ସେପ୍ଟେମ୍ବରରେ କଶ୍ମୀର ନିର୍ବାଚନ

ଜମ୍ମୁ, ୫।୮

ଆସନ୍ତା ସେପ୍ଟେମ୍ବରରେ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହେବ ବୋଲି କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ୍ ରେଡ୍ଡୀ କହିଛନ୍ତି। ସୋମବାର ଜମ୍ମୁ-କଶ୍ମୀରରେ ଧାରା ୩୭୦ ଉଚ୍ଛେଦର ପଞ୍ଚମ ବର୍ଷ ପୂର୍ତ୍ତି ଅବସରରେ ଜମ୍ମୁସ୍ଥିତ ବାନା ସିଂ ଷ୍ଟାଡିୟମରେ ଏକାତ୍ମ ମହୋତ୍ସବ ରାଲିକୁ ସମ୍ବୋଧନ କରି ସେ ଏହି ଘୋଷଣା କରିଛନ୍ତି। ଜମ୍ମୁ-କଶ୍ମୀରରେ ବିକାଶର ଗତିକୁ ବଜାୟ ରଖିବା ସହ ଆତଙ୍କବାଦକୁ ମୂଳୋତ୍ପାଟନ କରିବା ପାଇଁ ଭାଜପାକୁ ଭୋଟ ଦେବାକୁ ସେ ସ୍ଥାନୀୟ ଅଧିବାସୀଙ୍କୁ ଅନୁରୋଧ କରିଛନ୍ତି। ଧାରା ୩୭୦ ହଟିବା ପରେ ଜମ୍ମୁ-କଶ୍ମୀରରେ ପାକିସ୍ତାନର ଗୋଇନ୍ଦା ଗିରି ଗତିବିଧି ବହୁମାତ୍ରାରେ ହ୍ରାସ ପାଇଛି ବୋଲି କେନ୍ଦ୍ର ମନ୍ତ୍ରୀ କିଷନ୍ କହିଛନ୍ତି।

### ରୋଜଭ୍ୟାଲି ଜମାକାରୀଙ୍କୁ ୧୨ କୋଟି ଫେରାଇବାକୁ କୋର୍ଟ ନିର୍ଦ୍ଦେଶ

କୋଲକାତା, ୫।୮

ରୋଜଭ୍ୟାଲି ଗ୍ରୁପ୍ ଦ୍ୱାରା ଚିଟ୍‌ଫଣ୍ଡ ଠକେଇର ସମ୍ମୁଖୀନ ହୋଇଥିବା ଜମାକାରୀମାନଙ୍କୁ ୧୨ କୋଟି ଟଙ୍କାର ସମ୍ପତ୍ତି ଫେରାଇବା ପାଇଁ କୋଲକାତାର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରୋଜଭ୍ୟାଲିରେ ୧୪ଟି ସ୍ଥାୟୀ ଜମାରେ ଜମାକାରୀମାନେ ୧୧,୯୯,୩୫,୩୮୫.୬୦ କୋଟି ଟଙ୍କା ରଖିଥିଲେ। ଉକ୍ତ ଅର୍ଥକୁ କୋଲକାତା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଦିଲୀପ କୁମାର ସେଠ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଆସେଟ୍ସ ଡିସ୍‌ପୋଜାଲ କମିଟି(ଏଡିସି)କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କମିଟି ଏହି ଅର୍ଥକୁ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ପୈଠ କରିବ। ୨୦୧୪ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରୋଜଭ୍ୟାଲି ଗ୍ରୁପ୍ ଓ ଏହାର ଅଧ୍ୟକ୍ଷ ଗୌତମ କୁଣ୍ଡୁଙ୍କ ନାଁରେ ମାମଲା ରୁଜୁ କରିବା ପରେ ଉପରୋକ୍ତ ସ୍ଥାୟୀ ଜମାକୁ ବାଜ୍ୟାପ୍ତ କରିଥିଲା।

# ଦଣ୍ଡ ଭୋଗିବେ ଦଙ୍ଗାକାରୀ

## ବ୍ରିଟେନରେ ବଢୁଛି ହିଂସା
## କଠୋର ହେଲେ ଷ୍ଟାର୍ମର

ଲଣ୍ଡନ, ୫।୮



ଇଂଲଣ୍ଡର ଦକ୍ଷିଣପଶ୍ଚିମ ଉପକୂଳରେ ଥିବା ୱେମାଉଥ୍‌ଠାରେ ବିକ୍ଷୋଭବେଳେ ଫାର୍ ରାଇଟ ଆକ୍ଟିଭିଷ୍ଟ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

ବ୍ରିଟେନରେ ପ୍ରବାସୀ ବିରୋଧୀ କଠୋର ଜାତୀୟତାବାଦୀ ସଂଗଠନଗୁଡ଼ିକ ପକ୍ଷରୁ ହିଂସାତ୍ମକ ସଂଘର୍ଷ ଉଗ୍ର ରୂପ ଧାରଣ କରିଥିବାବେଳେ ତୁରନ୍ତ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ନିର୍ଦ୍ଦେଶ ଦେଇଛନ୍ତି। ମୁସଲମାନ ସମ୍ପ୍ରଦାୟଙ୍କୁ ଟାର୍ଗେଟ କରୁଥିବା ଦଙ୍ଗାକାରୀମାନଙ୍କୁ କଠୋର ଶାସ୍ତି ଭୋଗିବାକୁ ପଡ଼ିବ। ପୋଲିସ ମୁଖ୍ୟ ଓ ଜେଲ୍ ମୁଖ୍ୟମାନଙ୍କ ସହ ବୈଠକ ପରେ ପ୍ରଧାନମନ୍ତ୍ରୀ ଷ୍ଟାର୍ମର କହିଛନ୍ତି, ଆନ୍ଦୋଳନ ପଛର ଉଦ୍ଦେଶ୍ୟ ଯାହା ଥାଉ ନା କାହିଁକି ଏହା ସମ୍ପୂର୍ଣ୍ଣ ହିଂସା। ମସ୍‌ଜିଦ ଏବଂ ମୁସଲମାନ ସମ୍ପ୍ରଦାୟଙ୍କ ଉପରେ ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ।

ସାଉଥ୍‌ପୋର୍ଟରେ ହୋଇଥିବା ଆକ୍ରମଣରେ ୩ ଜଣ ସ୍କୁଲ୍ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣକାରୀ ଯୁବକ ଜଣେ କଟ୍ଟରପନ୍ଥୀ ଇସ୍‌ଲାମିଷ୍ଟ ବୋଲି ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ଗତ ମଙ୍ଗଳବାର ହିଂସାକାଣ୍ଡ ଆରମ୍ଭ ହୋଇ ଏହା ବିଭିନ୍ନ ସହରକୁ ବ୍ୟାପିଥିଲା। ତେବେ ଉକ୍ତ ୧୭ ବର୍ଷୀୟ ଯୁବକ ଜଣକ ବ୍ରିଟେନ ଜନ୍ମିତ ଏବଂ ସେ ସମ୍ପୃକ୍ତ ଥିବା ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟ ଭାବେ ନିଆଯାଇପାରିବ ନାହିଁ ବୋଲି ପୋଲିସ କହିଥିଲା।

ଶରଣାର୍ଥୀମାନେ ଆଶ୍ରୟ ନେଇଥିବା ଏକ ହୋଟେଲରେ ବିକ୍ଷୋଭକାରୀ ରବିବାର ଭଙ୍ଗାରୁଜା କରିବା ସହ କେତେକ ଦୋକାନରେ ନିଆଁ ଲଗାଇଦେଇଥିଲେ। ଲିଭରପୁଲ୍, ହୁଲ୍, ବ୍ରିଷ୍ଟଲ, ଲିଡ୍ସ, ବ୍ଲାକପୁଲ୍, ଷ୍ଟୋକ୍-ଅନ୍-ଟ୍ରେଣ୍ଟ, ବେଲ୍‌ଫାଷ୍ଟ, ନଟିଙ୍ଗ୍‌ହାମ ଏବଂ ମଞ୍ଚେଷ୍ଟରରେ ଶନିବାର ପୋଲିସ ଏବଂ ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଭଳି ଆପରାଧିକ ବିଶୃଙ୍ଖଳା ଓ ହିଂସା ପାଇଁ ବିକ୍ଷୋଭକାରୀଙ୍କୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ବ୍ରିଟେନ୍ ଗୃହ ସଚିବ ୟବେଟେ କୁପର ଚେତାବନୀ ଦେଇଛନ୍ତି। ପୋଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ପ୍ରତି ସରକାରଙ୍କ ପୂର୍ଣ୍ଣ ସମର୍ଥନ ରହିଥିବା ପ୍ରଧାନମନ୍ତ୍ରୀ କହିଥିଲେ।

ରୋଥରହାମ୍, ବୋଲଟନ ଓ ଅନ୍ୟ ଭାଗରେ ହିଂସା ଲାଗିରହିଥିବାବେଳେ ବ୍ରିଟେନ ପୋଲିସ ଇତିମଧ୍ୟରେ ଶତାଧିକ ଦଙ୍ଗାକାରୀଙ୍କୁ ଗିରଫ କଲାଣି। ହିଂସାକାଣ୍ଡ ପାଇଁ ପୋଲିସ ଇଂଲିଶ ଡିଫେନ୍ସ ଲିଗ୍‌କୁ ଦାୟୀ କରିଛି। ଏହି ଲିଗ୍ ହେଉଛି ଇସ୍‌ଲାମ ବିରୋଧୀ ସଂଗଠନ ଯାହା ୧୫ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିଲା।

## ସିବିଆଇ ମାମଲାରେ କେଜ୍‌ରିୱାଲଙ୍କ ଆବେଦନ ଖାରଜ



ନୂଆଦିଲ୍ଲୀ, ୫।୮

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସୋମବାର ବଡ଼ ଝଟକା ଲାଗିଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଗିରଫଦାରିକୁ ଚ୍ୟାଲେଞ୍ଜ କରି କେଜ୍‌ରିୱାଲ କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଛନ୍ତି। ଏହାସହ ତାଙ୍କୁ ଜାମିନ ପ୍ରଦାନ ନେଇ ହୋଇଥିବା ଆବେଦନ ମଧ୍ୟ ଖାରଜ ହୋଇଛି। ମାମଲାର ଶୁଣାଣି କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଗିରଫଦାରିକୁ ବେଆଇନ କହିବା ଭୁଲ ହେବ ବୋଲି ଉଚ୍ଚ ଅଦାଲତ କହିଛନ୍ତି। ତେବେ ଟ୍ରାଏଲ କୋର୍ଟରେ ଜାମିନ ଆବେଦନ ଦାଖଲ କରିବାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଚ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ଦିଲ୍ଲୀର ତଥାକଥିତ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇର ଗିରଫଦାରିକୁ ବିରୋଧ କରି କେଜ୍‌ରିୱାଲଙ୍କ ପକ୍ଷରୁ ହୋଇଥିବା ଆବେଦନର ଶୁଣାଣି କରି ଗତ ଜୁଲାଇ ୧୭ରେ ଉଚ୍ଚ ଅଦାଲତ ରାୟ ସଂରକ୍ଷିତ କରିଥିଲେ। ସେହିପରି ତାଙ୍କୁ ଜାମିନ ପ୍ରଦାନ ନେଇ ଉଭୟ କେଜ୍‌ରିୱାଲ ଓ ସିବିଆଇ ଓକିଲଙ୍କ ଯୁକ୍ତି ଶୁଣିବା ପରେ ଗତ ଜୁଲାଇ ୨୯ରେ ଦିଲ୍ଲୀ ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଉକ୍ତ ମାମଲାରେ ଗତ ଜୁନ୍ ୨୬ରେ କେଜ୍‌ରିୱାଲଙ୍କୁ ସିବିଆଇ ଗିରଫ କରିଥିଲା। ପୂର୍ବରୁ ଇଡି ମଧ୍ୟ ସମାନ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିଥିଲା। ତେବେ ଇଡି ଦ୍ୱାରା ଦାଏର ହୋଇଥିବା ମାମଲାରେ ସୁପ୍ରିମକୋର୍ଟ ଗତ ଜୁଲାଇ ୧୨ରେ କେଜ୍‌ରିୱାଲଙ୍କୁ ଜାମିନ ପ୍ରଦାନ କରିଥିଲେ।

## ଏମ୍‌ସିଡିରେ ୧୦ ମନୋନୀତ ସଦସ୍ୟଙ୍କୁ ନିଯୁକ୍ତ କରିପାରିବେ ଉପରାଜ୍ୟପାଳ

ନୂଆଦିଲ୍ଲୀ, ୫।୮

### ଦିଲ୍ଲୀ ସରକାରଙ୍କୁ ଝଟକା

ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି)ରେ ୧୦ ମନୋନୀତ ସଦସ୍ୟ(ଅଲ୍ଡରମେନ୍)ଙ୍କୁ ନିଯୁକ୍ତ କରିବା ଅଧିକାର ଉପରାଜ୍ୟପାଳଙ୍କର ରହିଛି। ଏହି ମାମଲାରେ ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି(ଆପ୍) ସରକାର କରିଥିବା ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଛନ୍ତି। ୨୦୨୩ ଜାନୁଆରୀରେ ଏମ୍‌ସିଡି ପାଇଁ ଉପରାଜ୍ୟପାଳ ଯେଉଁ ୧୦ ଅଲ୍ଡରମେନ୍‌ଙ୍କୁ ମନୋନୀତ କରିଥିଲେ, ତାହାକୁ ସର୍ବୋଚ୍ଚ ଅଦାଲତ ବୈଧ ଦର୍ଶାଇଛନ୍ତି। ଦିଲ୍ଲୀ ମ୍ୟୁନିସିପାଲିଟି କର୍ପୋରେଶନ ଆକ୍ଟରୁ ଏମ୍‌ସିଡିରେ ମନୋନୀତ ସଦସ୍ୟଙ୍କୁ ନିଯୁକ୍ତ କରିବାର କ୍ଷମତା ଉପରାଜ୍ୟପାଳଙ୍କୁ ମିଳିଛି ବୋଲି ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଉକ୍ତ ଆକ୍ଟ ଅନୁଯାୟୀ ଅଲ୍ଡରମେନ୍‌ଙ୍କ ନିଯୁକ୍ତି ନିମନ୍ତେ ଦିଲ୍ଲୀ ସରକାରଙ୍କ ପରାମର୍ଶର ଆବଶ୍ୟକତା ଦରକାର ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏମ୍‌ସିଡିର ମନୋନୀତ ସଦସ୍ୟଙ୍କୁ ନିଯୁକ୍ତ କରିବା ପାଇଁ ଉପରାଜ୍ୟପାଳଙ୍କ ନିକଟରେ ଆଇନଗତ କ୍ଷମତା ରହିଛି, ଯାହାକୁ ସେ ନିଜ ବିବେକ ଅନୁଯାୟୀ ବ୍ୟବହାର କରିପାରିବେ।

## ବିଦ୍ୟୁତ୍ ଆଘାତରେ ୯ କାଉଡ଼ିଆ ମୃତ

ହାଜିପୁର, ୫।୮

ବିହାର ହାଜିପୁର ଜିଲା ସୁଲତାନପୁର ଗ୍ରାମ ନିକଟରେ ଏକ ହାଇ-ଟେନ୍‌ସନ୍ ବିଦ୍ୟୁତ ଲାଇନ୍ ସଂସ୍ପର୍ଶରେ ଆସି ରବିବାର ବିଳମ୍ବିତ ରାତିରେ ୯ ଜଣ କାଉଡ଼ିଆଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ପହଲେଜା ଘାଟରୁ ଜଳ ଆଣି ଏହି କାଉଡ଼ିଆ ଦଳ ଏକ ମିନିଟ୍ରକ୍ ଯୋଗେ ଶ୍ରାବଣ ସୋମବାର ଅବସରରେ ବାବା ହରିହରନାଥ ମନ୍ଦିରରେ ଜଳଲାଗି କରିବାକୁ ଯାଉଥିଲେ। ତେବେ ଉକ୍ତ ମିନି ଟ୍ରକ୍‌ରେ ଏକ ଉଚ୍ଚ ଡିଜେ ଥିବାଯୋଗୁ ଏହା ହାଇ-ଟେନ୍‌ସନ୍ ବିଦ୍ୟୁତ ଲାଇନ୍ ସଂସ୍ପର୍ଶରେ ଆସିଥିଲା, ଫଳରେ ଦୁର୍ଘଟଣା ଘଟିଥିବା ନେଇ ସ୍ଥାନୀୟ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଦୁର୍ଘଟଣାରେ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ସେମାନଙ୍କୁ ହାଜିପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ବିଜୁଳି ବିଭାଗର ଅବହେଳା ଯୋଗୁ ଏହି ଅଘଟଣ ଘଟିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସମସ୍ତ ମୃତକଙ୍କ ପରିବାରକୁ ବିହାର ସରକାର ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି।

## ଡେଥ୍ ଚ୍ୟାମ୍ବର ପାଲଟିଛି କୋଚିଂ ସେଣ୍ଟର

ନୂଆଦିଲ୍ଲୀ, ୫।୮

### କେନ୍ଦ୍ର, ଦିଲ୍ଲୀ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ୍

ଦିଲ୍ଲୀର ଓଲ୍ଡ ରାଜେନ୍ଦ୍ର ନଗର ଅଞ୍ଚଳରେ କୋଚିଂ ସେଣ୍ଟର ବେସ୍‌ମେଣ୍ଟରେ ପାଣି ପଶିଯିବାରୁ ୩ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ମାମଲାରେ ହାଇକୋର୍ଟଙ୍କ ଏକ ରାୟକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନକୁ ନେଇ ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ମାମଲାରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଛନ୍ତି, ରାଜଧାନୀ ଦିଲ୍ଲୀରେ କୋଚିଂ ସେଣ୍ଟରଗୁଡ଼ିକ ଛାତ୍ରୀଛାତ୍ରଙ୍କ ପାଇଁ ଡେଥ୍ ଚ୍ୟାମ୍ବରରେ ପରିଣତ ହୋଇଛନ୍ତି। ଯଦି କୋଚିଂ ସେଣ୍ଟରଗୁଡ଼ିକ ସୁରକ୍ଷା ମାନଦଣ୍ଡକୁ ପୂରଣ କରିପାରୁ ନାହାନ୍ତି, ତେବେ ସେମାନେ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ଶିକ୍ଷାଦାନ ଯୋଗାଇବା ଉଚିତ ହେବ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏହି ମାମଲାର ଶୁଣାଣି କରି ସମସ୍ତ କୋଚିଂ ସେଣ୍ଟରକୁ ଅଗ୍ନି ନିରାପତ୍ତା ନିୟମ ପାଳନ କରିବାକୁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଯେଉଁ କୋଚିଂ ସେଣ୍ଟର ଏହି ନିୟମ ପାଳନ କରୁନାହାନ୍ତି, ସେଗୁଡ଼ିକୁ ବନ୍ଦ କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ବିରୋଧରେ 'କୋଚିଂ ଫେଡେରେଶନ୍ ଅଫ୍ ଇଣ୍ଡିଆ' ନାମକ ଏକ ସଙ୍ଗଠନ ସୁପ୍ରିମକୋର୍ଟଙ୍କ ନିକଟରେ ଆବେଦନ ଦାଖଲ କରିଥିଲା। ତେବେ ହାଇକୋର୍ଟଙ୍କ ଆଦେଶକୁ ପାଳନ କରିବା ବଦଳରେ ଏହାକୁ ସୁପ୍ରିମକୋର୍ଟଙ୍କ ନିକଟରେ ଚ୍ୟାଲେଞ୍ଜ କରିବାକୁ ସର୍ବୋଚ୍ଚ ଅଦାଲତ ସମାଲୋଚନା କରିଛନ୍ତି।

## ୩୭୦ ଉଚ୍ଛେଦକୁ ୫ ବର୍ଷ: କଳାଦିବସ ପାଳିଲେ ବିରୋଧୀ

ଜମ୍ମୁ, ୫।୮

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦର ୫ମ ବର୍ଷ ପୂର୍ତ୍ତିକୁ ଜମ୍ମୁରେ ବିରୋଧୀ କଂଗ୍ରେସ ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) କଳାଦିବସ ଭାବେ ପାଳନ କରିଛନ୍ତି। ଏହି ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ ରାଲି କରାଯିବା ସହ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ପାଇଁ ଦାବି ହୋଇଛି। ୨୦୧୯ ଅଗଷ୍ଟ ୫ରେ ନରେନ୍ଦ୍ର ମୋଦିଙ୍କ ସରକାର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲା। ଏହା ପରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସେଠାରେ ବଢୁଥିବା ଆତଙ୍କବାଦୀ ଆକ୍ରମଣକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭିକାର ରସୁଲ୍ ୱାନି କହିଛନ୍ତି। ୱାନିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କଳାପତାକା ଧରି ରାଲି କରିଥିଲେ। ସେହିପରି ପିଡିପି ପକ୍ଷରୁ ଗାନ୍ଧୀନଗରଠାରେ ବିକ୍ଷୋଭ ରାଲି କରାଯାଇଥିଲା। ଦଳର ସାଧାରଣ ସମ୍ପାଦକ ଅମ୍ରିକ୍ ସିଂ ଏବଂ ମୁଖପାତ୍ର ବୀରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ କଳାବ୍ୟାଜ୍ ପିନ୍ଧି ଓ ଭାଜପା ବିରୋଧୀ ସ୍ଲୋଗାନ ଦେଇ ରାଲିରେ ବାହାରିଥିଲେ। ଜମ୍ମୁ-କଶ୍ମୀରକୁ ସମ୍ପୂର୍ଣ୍ଣ ରାଜ୍ୟ ମାନ୍ୟତା ଓ ସ୍ୱତନ୍ତ୍ର ମାନ୍ୟତା ଫେରାଇଦେବା ଲାଗି ସେମାନେ ଦାବି କରିଥିଲେ। ପୋଲିସ ସେମାନଙ୍କୁ ଜାତୀୟ ରାଜପଥକୁ ଯିବାକୁ ନ ଦେବାରୁ ସେମାନେ ଧାରଣାରେ ବସିରହିଥିଲେ।


ଜମ୍ମୁରେ କଂଗ୍ରେସ ପକ୍ଷରୁ କଳାଦିବସ ପାଳନ କରାଯାଇଛି।

## ଫୁର୍‌ସତ୍

## ପରମାଣୁ ଯୁଦ୍ଧର ଭୟାବହତାକୁ ସ୍ମରଣ କରାଏ

### ହିରୋସିମା ଡେ'



ପ୍ରତିବର୍ଷ ଅଗଷ୍ଟ ୬ରେ ପାଳନ କରାଯାଇଥାଏ ହିରୋସିମା ଡେ'। ୧୯୪୫ମସିହାରେ ଆମେରିକା ଯେତେବେଳେ ଜାପାନର ହିରୋସିମା ସହର ଉପରେ ପରମାଣୁ ବୋମା ପକାଇଥିଲା ସେତେବେଳେ ଏହା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ଏହି ଦୁଃଖଦ ଦିନକୁ ସ୍ମରଣ କରିବା ପାଇଁ ହିରୋସିମା ଦିବସ ପାଳନ କରାଯାଇଥାଏ। ତିନି ଦିନ ପରେ ନାଗାସାକିରେ ହୋଇଥିବା ବୋମା ବିସ୍ଫୋରଣ ସହିତ ଏହି ଘଟଣା ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତ ଘଟାଇଥିଲା, କିନ୍ତୁ ପରମାଣୁ ଯୁଗର ଆରମ୍ଭକୁ ମଧ୍ୟ ଏହା ଚିହ୍ନିତ କରିଥିଲା। ହିରୋସିମା ଦିବସ ପରମାଣୁ ଯୁଦ୍ଧର ଭୟଙ୍କର ପ୍ରଭାବକୁ ସ୍ମରଣ କରିଥାଏ ଏବଂ ବିଶ୍ୱ ଶାନ୍ତି ଏବଂ ନିରସ୍ତ୍ରୀକରଣ ପାଇଁ ପ୍ରୟାସର ଗୁରୁତ୍ୱକୁ ଦର୍ଶାଏ। ଚଳିତ ବର୍ଷ ଅଗଷ୍ଟ ୬ ମଙ୍ଗଳବାର ମଧ୍ୟ ପାଳନ କରାଯାଉଛି ଏହି ହିରୋସିମା ଦିବସ। ଅଗଷ୍ଟ ୬, ୧୯୪୫ ପୂର୍ବାହ୍ନ ୮ଟା ୧୫ରେ, ବି -୨୯ ବିସ୍ଫୋରଣକାରୀ ଏନୋଲା ଗେ ହିରୋସିମା ଉପରେ ପରମାଣୁ ବୋମା ପକାଇଲେ। ଏହି ବୋମାଟି ଏକ ଅପ୍ରତ୍ୟାଶିତ ଶକ୍ତି ସହିତ ବିସ୍ଫୋରଣ ହୋଇଥିଲା, ତତକ୍ଷଣାତ୍ ଏଥିରେ ପ୍ରାୟ ୭୦,୦୦୦ରୁ ୮୦,୦୦୦ ଲୋକ ପ୍ରାଣ ହରାଇଥିଲେ। ପରବର୍ତ୍ତୀ ସପ୍ତାହ, ମାସ, ଏବଂ ବର୍ଷରେ ହଜାର ହଜାର ଲୋକ ଏହାର ଆଘାତ ଏବଂ ବିକିରଣ ଏକ୍ସପୋଜରରେ ଆକ୍ରାନ୍ତ ହୋଇଥିଲେ। ସହରଟି ଅଳିଆ ଗଦାରେ ପରିଣତ ହେଲା ଏବଂ ହିବାକୁଶା ନାମରେ ଜଣାଶୁଣା ବଞ୍ଚିଥିବା ବ୍ୟକ୍ତିମାନେ ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟ ସମସ୍ୟା ତଥା ସାମାଜିକ କଳଙ୍କର ସମ୍ମୁଖୀନ ହୋଇଥିଲେ। ସେ ଦିନର ସେହି ଭୟଙ୍କର ଘଟଣା ଏବେବି ତାଜା ହୋଇ ରହିଛି ଅନେକଙ୍କ ମନରେ। ଚଳିତ ବର୍ଷ ଏହି ଦିବସପାଳନ ଅବସରରେ ଏହାର ଥିମ ରଖାଯାଇଛି, ଅତୀତକୁ ମନେ ରଖିବା, ଶାନ୍ତି ଗ୍ରହଣ କରିବା।

## ରାଗିଗଲେ ଅଙ୍କିତା



**ମୁମ୍ବାଇ:** ଛୋଟ ପରଦାର ଲୋକପ୍ରିୟ ଅଭିନେତ୍ରୀମାନଙ୍କ ମଧ୍ୟରୁ ଅଙ୍କିତା ଲୋଖଣ୍ଡେ ଅନ୍ୟତମ। ଟିଭି ଇଣ୍ଡଷ୍ଟ୍ରିରେ ସେ ବହୁ ସଫଳତା ହାସଲ କରିଛନ୍ତି। ୨୦୨୧ ଡିସେମ୍ବରରେ ଅଙ୍କିତା ଉଦ୍ୟୋଗୀ ଭିକି ଜୈନଙ୍କୁ ବିବାହ କରିଥିଲେ। ଭିକି ଏବଂ ଅଙ୍କିତାଙ୍କ ଯୋଡ଼ିକୁ ଟିଭି ଇଣ୍ଡଷ୍ଟ୍ରିରେ ଲୋକପ୍ରିୟ ଯୋଡ଼ି ଭାବେ ଧରାଯାଇଥାଏ। ବିଭିନ୍ନ ପ୍ରସଙ୍ଗରେ ଉଭୟେ ଏକାଠି ନଜର ଆସିଥାନ୍ତି। ଭିକିଙ୍କ ଜନ୍ମଦିନ ପାର୍ଟିରେ ଏହି ଦମ୍ପତି ଏକ ବିଶେଷ ଆୟୋଜନ କରିଥିଲେ। ଉକ୍ତ ପାର୍ଟିରେ ଏହି ଦମ୍ପତି ସେମାନଙ୍କର ଅନେକ ବନ୍ଧୁଙ୍କୁ ନିମନ୍ତ୍ରଣ କରିଥିଲେ। ଚଳଚ୍ଚିତ୍ର ନିର୍ମାତା ସନ୍ଦିପ ସିଂ ଭିକିଙ୍କ ଏହି ଜନ୍ମଦିନ ସେଲିବ୍ରେଶନ୍‌ରେ ଯୋଗ ଦେଇଥିଲେ। ଉକ୍ତ ପାର୍ଟିରେ ଅଙ୍କିତା ଗଣମାଧ୍ୟମ ସମ୍ମୁଖରେ ପୋଜ୍ ଦେଉଥିବାବେଳେ ସନ୍ଦିପ ମଜାରେ ତାଙ୍କ ପୋଷାକର କ୍ୟାପ୍‌କୁ ପଛରୁ ଟାଣି ଦେଇଥିଲେ। ମୁଣ୍ଡରୁ କ୍ୟାପ୍ ହଠାତ କାଢ଼ି ହୋଇଯିବା ପରେ ଅଙ୍କିତା କ୍ରୋଧିତ ହୋଇଯାଇଥିଲେ। ସେ ସଙ୍ଗେ ସଙ୍ଗେ ନିଜ ପୋଷାକର କ୍ୟାପ୍‌କୁ ପୁଣି ପିନ୍ଧି ଦେଇଥିଲେ। ସନ୍ଦିପଙ୍କ ଏପରି କାର୍ଯ୍ୟରେ ଅଙ୍କିତା ଆଶ୍ଚର୍ଯ୍ୟ ହୋଇଥିଲେ। ତେବେ ଅଙ୍କିତାଙ୍କ ରାଗକୁ ଦେଖି ସ୍ୱାମୀ ଭିକି ଓ ସନ୍ଦିପ ହସିବାକୁ ଲାଗିଥିଲେ। ସନ୍ଦିପ ମଜାରେ ଏପରି କରିଥିବା ନେଇ ଅଙ୍କିତାଙ୍କୁ ଭିକି ବୁଝାଇଥିଲେ। ଅଙ୍କିତାଙ୍କୁ ଶାନ୍ତ ହେବାକୁ ଉଭୟ ଭିକି ଓ ସନ୍ଦିପ ଅନୁରୋଧ କରିଥିଲେ। ପରେ ଅଙ୍କିତା ଶାନ୍ତ ହୋଇଥିଲେ ଏବଂ ଉଭୟ ଭିକି ଓ ସନ୍ଦିପଙ୍କ ସହ ମିଶି ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ପୋଜ୍ ଦେଇଥିଲେ।

## ସେଲ୍‌ଫି ନିଶା: ୧୦୦ ଫୁଟ୍ ଗଭୀର ଖାଇକୁ ଖସିଲେ ମହିଳା

ପୁଣେ



ମହାରାଷ୍ଟ୍ରର ସାତାରା ଜିଲାରେ ଜଣେ ଯୁବତୀଙ୍କୁ ସେଲ୍‌ଫି ନେବା ଭାରି ପଡ଼ିଛି। ରବିବାର ସ୍ଥାନୀୟ ଉନ୍‌ଘର ଅଞ୍ଚଳର ବୋର୍‌ଣେ ଘାଟ ନିକଟରେ ସମ୍ପୃକ୍ତ ଯୁବତୀ ସେଲ୍‌ଫି ନେଉଥିବା ବେଳେ ତାଙ୍କ ପାଦ ଖସି ଯାଇଥିଲା ଓ ସେ ୧୦୦ ଫୁଟ୍ ଗଭୀର ଖାଇ ମଧ୍ୟରେ ପଡ଼ି ଯାଇଥିଲେ। ତେବେ ଭାଗ୍ୟବଶତଃ ଯୁବତୀଙ୍କ ଜୀବନ ବଞ୍ଚି ଯାଇଛି ଓ ତାଙ୍କୁ ଉଦ୍ଧାର କରାଯାଉଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଉଦ୍ଧାରକାରୀ ଦଳ ଦଉଡ଼ି ସାହାଯ୍ୟରେ ଗଭୀର ଖାଇ ମଧ୍ୟରୁ ଯୁବତୀଙ୍କୁ ଉଦ୍ଧାର କରୁଥିବା ନଜର ଆସିଛନ୍ତି। ଲଗାଣ ବର୍ଷା ଯୋଗୁ ସେଲ୍‌ଫି ନେବା ସମୟରେ ଯୁବତୀଙ୍କ ଗୋଡ଼ ଖସି ଯାଇଥିବା ଅନୁମାନ କରାଯାଉଛି। ଉଦ୍ଧାର କାର୍ଯ୍ୟ ସମୟରେ ଯୁବତୀଜଣକ ଯନ୍ତ୍ରଣାରେ କାନ୍ଦୁଥିବା ଦେଖିବାକୁ ମିଳିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାଧାକୃଷ୍ଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ସରିବ ନ୍ୟୁ ରାଜସ୍ଥାନ କଟନ୍ ଫାବ୍

**ଭୁବନେଶ୍ୱର,୫।୮**

ଦୀର୍ଘ ୬୬ ଦିନର ସଫଳ କାରବାର ଓ ଉତ୍ସାହଜନକ ଭିଡ ପରେ ମଧ୍ୟ ନ୍ୟୁ ରାଜସ୍ଥାନ କଟନ ଫାବ ପ୍ରଦର୍ଶନୀ ଆଜି (ମଙ୍ଗଳବାର) ଶେଷ ହେବାକୁ ଯାଉଛି ବୋଲି ମେଳାର ଆୟୋଜକ ହରିୟାଣାର କାମଧେନୁ ଖଦୀ ଉଲ ପାନିପଥ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ 'ନ୍ୟୁ ରାଜସ୍ଥାନ କଟନ ଫାବ-୨୦୨୪ ପ୍ରଦର୍ଶନୀ'ର କାରବାର ବେଶ୍ ଉତ୍ସାହଜନକ ରହିଥିଲା। ଏପରିକି ୨୦୨୪ ଜୁନ ୧ରୁ ଆରମ୍ଭ ହୋଇଥିବା ଏହି ମେଳା ଏହାରି ମଧ୍ୟର ୬୬ଦିନ ଅତିକ୍ରମ କରିସାରିଥିବାବେଳେ ମେଳାର ଉତ୍ସାହକୁ ଦେଖି ଆୟୋଜକ ମେଳାର ଅବଧିକୁ ମଧ୍ୟ ନିକଟରେ ବୃଦ୍ଧି କରିଥିଲେ।


**GAYATRI**
**COLLEGE OF ENGINEERING**
Near Income Tax Office, Ambapua, Brahmapur
**B.TECH.** (4 Yrs./ LE) **100%** PLACEMENT ASSISTANCE
Computer Sc. Engineering, Artificial Intelligence, Civil, Mechanical, EEE
**MCA, MBA**
Approved by AICTE, Affiliated to BPUT
**BCA, BBA**
Approved by AICTE
**B.Sc. Biotech., M.Sc. Biotech. & M.Sc. Computer Sc.**
Affiliated to Brahmapur University
**Contact : 9437579479, 9437962526, 8144898953**


# ଶେୟାର ବଜାର କାରବାରରେ ହ୍ରାସ

**ନୂଆଦିଲ୍ଲୀ,୫।୮**

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନ(କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୨୨୨୩(୨୨୨୨.୫୫) ପଏଣ୍ଟ କମି ୭୮,୭୫୯ (୭୮,୭୫୯.୪୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୬୬୨(୬୬୨.୧୦) ପଏଣ୍ଟ ହ୍ରାସ ଘଟି ୨୪,୦୫୬ (୨୪,୦୫୫.୬୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଜୁଲାଇରେ ବଢ଼ିଲା ଯାତ୍ରୀବାହୀ ଯାନ ବିକ୍ରି

**ଭୁବନେଶ୍ୱର,୫।୮ (ଅନୁରାଧା ମହାରଣା)**




ଭାରତରେ କାର୍ ଗ୍ରାହକଙ୍କ ସଂଖ୍ୟା ବର୍ଷକୁ ବର୍ଷ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଅଟୋ ଇଣ୍ଡଷ୍ଟ୍ରିର ଏକ ସଂଗଠନ ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଏଫ୍ଏଡିଏ) ଜୁଲାଇରେ ଖୁଚୁରା ବିକ୍ରୟ ରିପୋର୍ଟ ପ୍ରକାଶ କରିଛି । ଏହି ରିପୋର୍ଟରେ କୁହାଯାଇଛି ଯେ, ଗତ ବର୍ଷ ଜୁଲାଇ ତୁଳନାରେ ଚଳିତ ବର୍ଷ ଜୁଲାଇରେ କାର୍ ବିକ୍ରି ସଂଖ୍ୟା ବୃଦ୍ଧି ପାଇଛି। ରିପୋର୍ଟରେ କୁହାଯାଇଛି ଯେ, କମ୍ପାନୀଗୁଡ଼ିକ ବିଭିନ୍ନ ଯାନବାହନର ନୂତନ ମଡେଲ ଏବଂ ବୃହତ ରିହାତି ପ୍ରଦାନ କରିବା ପରେ ଲୋକମାନେ ବହୁ ସଂଖ୍ୟାରେ ଗାଡି କିଣିଛନ୍ତି। ନୂତନ ମଡେଲ ଲଞ୍ଚ ଏବଂ ରିହାତି ବୃଦ୍ଧି ହେତୁ ଜୁଲାଇରେ ଭାରତରେ ଯାତ୍ରୀବାହୀ ଯାନଗୁଡ଼ିକର ଖୁଚୁରା ବିକ୍ରି ବର୍ଷ ତୁଳନାରେ ୧୦ ପ୍ରତିଶତ ବୃଦ୍ଧି ପାଇଛି। ସୋମବାର ପ୍ରକାଶିତ ଏହି ରିପୋର୍ଟରେ ଏଫ୍ଏଡିଏ ଦର୍ଶାଇଛି ଯେ, ଜୁଲାଇରେ ମୋଟ ଯାତ୍ରୀବାହୀ ଯାନ ଖୁଚୁରା ବିକ୍ରି ୩,୨୦,୧୨୯ ୟୁନିଟକୁ ବୃଦ୍ଧି ପାଇଥିବାବେଳେ ଜୁଲାଇ ୨୦୨୩ରେ ଏହା ୨,୯୦,୫୬୪ ୟୁନିଟ ଥିଲା। ଭଲ ଉତ୍ପାଦ ଉପଲବ୍ଧତା, ଆକର୍ଷଣୀୟ ଯୋଜନା ଏବଂ ବିଭିନ୍ନ ପ୍ରକାରର ଉତ୍ପାଦରୁ ଡିଲରମାନେ ଉପକୃତ ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପଟେ ବାଇକ୍, ସ୍କୁଟି ଆଦି ଦୁଇ ଚକିଆ ଯାନର ଖୁଚୁରା ବିକ୍ରି ଜୁଲାଇରେ ୧୭ ପ୍ରତିଶତ ବୃଦ୍ଧି ହୋଇ ୧୪,୪୩,୪୬୩ ୟୁନିଟରେ ପହଞ୍ଚିଛି। ଏହା ଜୁଲାଇ ୨୦୨୩ରେ ୧୨,୩୧,୯୩୦ ୟୁନିଟ ଥିଲା। ବାଣିଜ୍ୟିକ ଯାନଗୁଡ଼ିକର ଖୁଚୁରା ବିକ୍ରି ଗତ ବର୍ଷ ତୁଳନାରେ ୭% ବୃଦ୍ଧି ପାଇ ଜୁଲାଇରେ ୮୦,୦୫୭ ୟୁନିଟରେ ପହଞ୍ଚିଛି। ତେବେ ଟ୍ରାକ୍ଟର ବିକ୍ରି ଗତ ବର୍ଷ ତୁଳନାରେ ୧୨ ପ୍ରତିଶତ ହ୍ରାସ ପାଇ ଜୁଲାଇରେ ୭୯,୯୭୦ ୟୁନିଟରେ ପହଞ୍ଚିଛି। ଜୁଲାଇ ମାସ ପାଇଁ ରିପୋର୍ଟ ପ୍ରସ୍ତୁତ କରିବାକୁ ଏଫ୍ଏଡିଏ ଦେଶର ୧,୬୪୫ ଆରଟିଓ ମଧ୍ୟରୁ ୧,୫୬୮ରୁ ଗାଡି ପଞ୍ଜୀକରଣ ତଥ୍ୟ ସଂଗ୍ରହ କରିଛି।

# ସହାୟତାର ହାତ ବଢ଼ାଇଲା ଏଲ୍ଆଇସି


**MARUTI PHARMACY COLLEGE**
**BARGARH, ODISHA**
(APPROVED BY GOVT. OF ODISSA & PCI & ODISSA UNIVERSITY OF HEALTH SCIENCES)
**MANAGEMENT SEATS**
COURSES: **B. PHARM** (4YRS.)
**D. PHARM** (2YRS.)
**DMLT** (2YRS.)
ELIGIBLE: +2 SC. PASS
**Contact- 9438066954, 7605930501**

**HAPPY BIRTH DAY**



Radhakrishna Dash
Khodasingi, Berhampur
ଆଜିର ଏ ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୂଜ୍ୟ ବାବା ଦୀର୍ଘାୟୁ, ନୀରୋଗ ଏବଂ ସୁସର୍ବଦା ଖୁସି ରୁହନ୍ତୁ ।
Thank you for all the love, care & guidance Baba, you're the best father! Happy Birthday Baba, Bapa, Aja
Yours loving family – Mamali, Kanha, Shobhit, Sradha, Chandan, Shree, Guchi, Rishu and our family
ଧ-୯୪୩


**ନୂଆଦିଲ୍ଲୀ,୫।୮**

ଭାରତୀୟ ଜୀବନ ବୀମା ନିଗମ (ଲାଇଫ ଇନ୍ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ବା ଏଲ୍ଆଇସି)ର ଏମ୍ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କେରଳର ୱାୟନାଡରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ପାଇଁ ବିଶେଷ ରିହାତି ସମ୍ପର୍କରେ ଘୋଷଣା କରିଛନ୍ତି। ଏପରିକି ଏହି ବିପର୍ଯ୍ୟୟର ଶିକାର ହୋଇଥିବା ବ୍ୟକ୍ତିବିଶେଷଙ୍କ ପାଇଁ ନିଗମ ପକ୍ଷରୁ ରିହାତି ସୁବିଧା ଯୋଗାଇ ଦିଆଯିବ ବୋଲି ମହାନ୍ତି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଏଲ୍ଆଇସି ବୀମାଧାରୀ ଏବଂ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାର ହିତାଧିକାରୀଙ୍କ ପାଇଁ ମଧ୍ୟ ଆବଶ୍ୟକ ସହଯୋଗ ଓ ଅଭିଯୋଗର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ଲାଗି ଡିଭିଜନଙ୍କୁ ମଧ୍ୟ କୁହାଯାଇଛି। ସେହିଭଳି କେରଳ ରାଜ୍ୟ ୱାୟନାଡଠାରେ ଘଟିଯାଇଥିବା ପ୍ରାକୃତିକ ବିପର୍ଯ୍ୟୟ ଓ ଏହାଦ୍ୱାରା ପ୍ରଭାବିତ ଓ କ୍ଷତିଗ୍ରସ୍ତଙ୍କ ଉଦ୍ଦେଶ୍ୟରେ ନିଗମର କର୍ମଚାରୀ, କର୍ମଚାରୀଙ୍କ ପରିବାର ଏବଂ ଏଜେଣ୍ଟମାନେ ସମଗ୍ର ଏଲ୍ଆଇସି ପରିବାର ସଦସ୍ୟ ହଜିଯାଇଥିବା ଜୀବନ ଓ ପୀଡ଼ିତଙ୍କ ପରିବାର ସଦସ୍ୟଙ୍କ ସହିତ ଦୃଢ଼ ଭାବେ ଛିଡ଼ା ହୋଇଥିବାବେଳେ ସମବେଦନା ମଧ୍ୟ ଜଣାଇଛନ୍ତି।


# Classified Everyday
**0674-2580101, 2549949**



**REAL ESTATE**

**SALE**

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9348871895, 9937787418.** D-936

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226.** D-756

ଭୁବନେଶ୍ୱର ନଖରା Sum-2, Grandbazar ନିକଟରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। Contact- 9178660666. D-900

ଖୋର୍ଦ୍ଧାରେ ପିଚୁରୋଡ୍‌କୁ ଲାଗି ମାତ୍ର ୪୦୦ ଟଙ୍କାରେ ପ୍ଲଟ୍ ମିଳୁଛି। Near Bajpur Market, Near GIET Engineering College. Contact- 9090811926. D-894

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital, Grand Bazar (NH-16) ରୁ ଅଳ୍ପ ଦୂରତାରେ ୩୦ ଫୁଟ ରାସ୍ତା ଥାଇ ଘରବାରି plot କିଣନ୍ତୁ। 9658562429. D-75983

**Gharabari converted plots available near Hi-Tech Square Sundarpada Bhubaneswar. For more details Contact- 9437040045, 9040307584.** D-937



Healthcare

Newly open health benefits spa by expert therapist. Contact: 6371861658. D-76139

**Relax, Refresh your body, mind at Saikrupa Spa with best therapies. 8984068077.** D-883

Kerala body Massage best Therapist Bhubaneswar. 9337672475. D-935

Newly open Jyoti SPA positively health benefits (Expert therapist). 8458067955. D-76141

Newly open health benefits SPA special Offer @ 799 Bapujinagar. 8018429809. D-76140

**LOST**

I, Anima Patel have lost my Sale Deed bearing No.- 10861002445 at Railway Station, Jharsuguda on dated 30.10.2024, I want to apply House Loan from SBI, Jharsuguda Branch (00238) against mortgage as per said land . If anybody has got, kindly inform at +918895097086. D-940

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

**AFFIDAVIT**

I, Basumati Jena, W/o- Chitta Ranjan Jena, resident of Village- Gamu, P.O.-Gamu, Via-Indupur, P.S.- Bari Ramachandrapur, Dist.- Jajpur, Odisha, PIN-754214 declare by the affidavit No.126 dtd. 16.7.2019 that now onwards I shall be known as Basumati Nayak for all future purposes. D-941

By virtue of affidavit before Executive Magistrate, Dhenkanal I, Purnamasi Nanda, W/o- Surjya Swarup Mishra, At-Chandan Bazar, P.S.-Town, P.O./ Dist.-Dhenkanal. As per documents my name is Purnamasi Nanda. But my name Purnima Mishra is wrongly mentioned in my husband's Passport. Purnamasi Nanda and Purnima Mishra is same and one person. I shall be known as **Purnamasi Nanda** for all purposes.
**Purnamasi Nanda.**
D-75444

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**୩୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ ଗୋବିନ୍ଦ ଚନ୍ଦ୍ର ମହାନ୍ତି**
ଗ୍ରାମ: ମଧୁଶାସନ, ପାଟକୁରା, କେନ୍ଦ୍ରାପଡା
ତିରୋଧାନ : ୨୭.୦୭.୧୯୮୭
ତୁମର ଏ ୩୭ତମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ ।
-: ଶୋକ ସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ
ଧ-୯୩୯

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**୰ଶ୍ରୀ ଧରଣୀଧର ଜେନା**
ଆଡ୍‌ଭୋକେଟ୍
ଆବିର୍ଭାବ: ୦୯।୦୪।୧୯୫୭
ତିରୋଧାନ: ୨୨।୦୭।୨୦୨୦
ସମୟର ସୁଅ ଅବାରିତ ଗତିରେ ଗଡ଼ି ଚାଲିଛି। ଆମେମାନେ ଆପଣଙ୍କୁ ଭୁଲିପାରି ନାହୁଁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଶୀର୍ବାଦ ଆମକୁ ସର୍ବଦା ପ୍ରେରଣା ଦେଉଥାଉ । ଶ୍ରୀଜଗନ୍ନାଥଙ୍କ ଚରଣରେ ଆପଣଙ୍କର ସ୍ଥାନ ରହିଥାଉ, ଏହାହିଁ ବିନମ୍ର ପ୍ରାର୍ଥନା ।
ପୁତ୍ର: ତାନୁ, ପୁତ୍ରବଧୂ: ସ୍ୱାଗତିକା ଏବଂ ପରିବାରବର୍ଗ ।
ଧ-୯୩୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶତ୍ରୁଘ୍ନ ତରାଇ**
(ପୂର୍ବତନ ମୁଖ୍ୟଯନ୍ତ୍ରୀ, ଜଳସଂପଦ ବିଭାଗ)
ଆବିର୍ଭାବ: ୦୭.୦୧.୧୯୫୭
ତିରୋଧାନ : ୧୪.୦୮.୨୦୦୭
ଆଜି ତିଥିରେ ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବାର ୧୭ ବର୍ଷ ବିତିଗଲା । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ ସର୍ବଦା ଆମର ଆଦର୍ଶ ହୋଇ ରହିବ । ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରାର୍ଥନା । ଆପଣଙ୍କ ଅଦୃଶ୍ୟ ପବିତ୍ର ଆତ୍ମା ଆମ୍ଭମାନଙ୍କୁ ସର୍ବଦା ଆର୍ଶୀବାଦ ପ୍ରଦାନ କରୁଥାଉ । ଏହି ଶ୍ରାଦ୍ଧବାର୍ଷିକରେ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।
**ଶୋକସନ୍ତପ୍ତ:**
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୯୩୮

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ ।


# ଆଇଜିକେସିରେ ଜାତୀୟ ବୋନ୍ ଆଣ୍ଡ୍ ଜଏଣ୍ଟ ଦିବସ




**ଭୁବନେଶ୍ୱର,୫।୮**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆଇଜିକେସି ମଲଟିସ୍ପେଶାଲିଟି ହସ୍ପିଟାଲ ପରିସରରେ ଜାତୀୟ ବୋନ୍ ଆଣ୍ଡ୍ ଜଏଣ୍ଟ ଦିବସ ନିକଟରେ ପାଳିତ ହୋଇଯାଇଛି। ଏପରିକି ସାଧାରଣ ଲୋକଙ୍କୁ ବିଭିନ୍ନ ପ୍ରକାର ଅସ୍ଥିଶଲ୍ୟ ରୋଗ ସମ୍ପର୍କରେ ସଚେତନ କରାଇବା ପାଇଁ ଅଗଷ୍ଟ ୪କୁ ଜାତୀୟ ବୋନ୍ ଆଣ୍ଡ୍ ଜଏଣ୍ଟ ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ସାଧାରଣ ଲୋକଙ୍କୁ କିଭଳି ନିଜର ହାଡ଼ ଓ ଗଣ୍ଠିକୁ ସୁସ୍ଥ ଓ ନୀରୋଗ ରଖିହେବ ସେ ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରିବା ପାଇଁ ଆଇଜିକେସି ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ବିଭିନ୍ନ ପ୍ରକାରର ଜନସେଚତନା ମୂଳକ କାର୍ଯ୍ୟକ୍ରମ ସାଙ୍ଗକୁ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସୌରଭ ନାରାୟଣ ନନ୍ଦ, ଡା. ଅଶୋକ ଗୋଚ୍ଛାୟତ, ପ୍ରବନ୍ଧ ନିର୍ଦ୍ଦେଶକ ଡା. ପି. ସି. ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ହସ୍ପିଟାଲଠାରେ ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମାଗଣାରେ ବିଏମଡି, ନ୍ୟୁରୋପାଥି ପରୀକ୍ଷା ଆଦି କରାଯାଇଥିଲା। ଏହା ବ୍ୟତୀତ ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞମାନେ ମାଗଣାରେ ରୋଗୀଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇଜିକେସି ହସ୍ପିଟାଲର ଅଧ୍ୟକ୍ଷ ଡା. ସୁବୋଧ ଦାଶ, ନିର୍ଦ୍ଦେଶକ ଡା ବୃନ୍ଦାବନ ନାହାକ ଓ ଡା. ମନୋରଞ୍ଜନ ମହାପାତ୍ର, ଡିଏମ୍ଏସ୍ ପ୍ରଶାସନ ଓ ଅର୍ଥ ବିଭାଗର ଏଜିଏମ୍ ସୁବ୍ରତ ଦାଶ, ଅପରେଶନ୍ ଏଜିଏମ୍ କୈଳାସ ଚନ୍ଦ୍ର ଦଳେଇ, ମାର୍କେଟିଂ ମୁଖ୍ୟ ଅତୁଲ୍ୟ ରଥଙ୍କ ସମେତ ହସ୍ପିଟାଲର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସେବି ନିକଟରେ ହିରୋ ଫିନ୍‌କର୍ପର ଡିଆର୍ଏଚ୍‌ପି ଦାଖଲ

**ନୂଆଦିଲ୍ଲୀ,୫।୮**

ହିରୋ ଫିନକର୍ପ ଲିମିଟେଡର ଇନିସିଆଲ ପବ୍ଲିକ ଅଫର ବା ଆଇପିଓ ଘୋଷଣା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏପରିକି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ କମ୍ପାନୀ ପକ୍ଷରୁ ଡ୍ରାଫ୍ଟ ରେଡ୍ ହାୟରିଂ ପ୍ରସପେକ୍ଟସ (ଡିଆରଏଚ୍‌ପି) ଦାଖଲ କରାଯାଇଛି। ସେହିଭଳି କମ୍ପାନୀ ଆଇପିଓ ଜରିଆରେ ଇକ୍ୱିଟି ଶେୟାର ଜାରି କରି ୩୬୬୮.୧୩ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରହିଛି। ଏଥିରୁ କମ୍ପାନୀ ୨୧୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରିବ ଏବଂ ଅଫର ଫର ସେଲରେ ଅଂଶଧନକାରୀମାନେ ୧୫୬୮.୧୩ କୋଟି ଟଙ୍କାର ଇକ୍ୱିଟି ଶେୟାର ବିକ୍ରି କରିବେ। ଉଲ୍ଲେଖଯୋଗ୍ୟ, ହିରୋ ଫିନକର୍ପ ହେଉଛି ଏକ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ଯାହା ମୁଖ୍ୟତଃ ଭାରତର ଖୁଚୁରା ବର୍ଗର ଗ୍ରାହକ ଏବଂ ଦ୍ରୁତ ଗତିରେ ସଂଗଠିତ ହେଉଥିବା ଏମ୍ଏସ୍ଏମ୍ଇ ଗ୍ରାହକ ବର୍ଗଙ୍କ ବିବିଧ ଆର୍ଥିକ ଆବଶ୍ୟକତାକୁ ପୂରଣ କରୁଛି। କମ୍ପାନୀ ଏମଏସଏମଇ ଓ ସିଆଇଏଫ ଋଣ ପ୍ରଦାନ କରୁଛି। ଏହାର ଖୁଚୁରା ଋଣରେ ଗାଡ଼ି, ବ୍ୟକ୍ତିଗତ ଓ ବନ୍ଧକ ଋଣ ଆଦି ସାମିଲ ରହିଛି। ସେହିଭଳି କମ୍ପାନୀ ଦୀର୍ଘସ୍ଥାୟୀ ହିରୋ ବ୍ରାଣ୍ଡ ଅଧୀନରେ ପରିଚାଳିତ ହେଉଛି ଏବଂ ଏହାର ପ୍ରମୋଟର ହିରୋ ମୋଟୋକର୍ପ ଲିମିଟେଡର ଦୀର୍ଘସ୍ଥାୟୀ କର୍ପୋରେଟ ଐତିହ୍ୟର ଲାଭ ପାଉଛି। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, କମ୍ପାନୀ ତାହାକୁ ଭବିଷ୍ୟତରେ କମ୍ପାନୀର ବ୍ୟବସାୟ ଅଭିବୃଦ୍ଧିରୁ ଋଣ ପାଇଁ ହେବାକୁ ଥିବା ଚାହିଦା ଲାଗି ପୁଞ୍ଜି ଆବଶ୍ୟକତା ପୂରଣ କରିବା ନିମନ୍ତେ ଟାୟାର-୧ କ୍ୟାପିଟାଲ ଆଧାର ବଢ଼ାଇବାରେ ବ୍ୟବହାର କରିବ। ନିୟମିତ ବ୍ୟବଧାନରେ ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରୁଥିବା ପୁଞ୍ଜି ସ୍ୱଚ୍ଛଳତା ହାର ନିୟମକୁ ପାଳନ କରିବାକୁ ପଡ଼ିଥାଏ। କମ୍ପାନୀର ଇକ୍ୱିଟି ଶେୟାରକୁ ବିଏସଇ ଲିମିଟେଡ ଓ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କରିବାର ପ୍ରସ୍ତାବ ରହିଛି।

# ଓଏଲ୍‌ଆଇସି ଆକାଉଣ୍ଟରୁ ୧.୧୯ କୋଟି ଆତ୍ମସାତ୍

■ସହକାରୀ ହିସାବରକ୍ଷକ ଫେରାର

■ଭିଜିଲାନ୍ସ ବିଭାଗର ତନାଘନା

ସୋନପୁର,୫।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଉଠା ଜଳସେଚନ ନିଗମ(ଓଏଲ୍‌ଆଇସି) ଆକାଉଣ୍ଟରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ହୋଇଛି। କାର୍ଯ୍ୟାଳୟର ସହକାରୀ ହିସାବରକ୍ଷକ ବଳରାମ ମେହେର ଏହି ଟଙ୍କା ଆତ୍ମସାତ୍ କରିଛନ୍ତି। ଏ ସମ୍ପର୍କରେ ଜଣାପଡିବା ପରେ ଓଏଲ୍‌ଆଇସିର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ଟିମ୍ ଦ୍ୱାରା ତଦନ୍ତ ଜାରି ରହିଛି। ସେହିପରି ଭିଜିଲାନ୍ସ ବିଭାଗ ପକ୍ଷରୁ ସୋମବାର ପ୍ରାରମ୍ଭିକ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷେ କାର୍ଯ୍ୟାଳୟର ସହକାରୀ ହିସାବରକ୍ଷକ ଫେରାର ହୋଇଯାଇଥିବାରୁ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ସୁବର୍ଣ୍ଣପୁର ଜିଲାରେ ଗଭୀର ନଳକୂପ ଖନନ ଓ ବିଭିନ୍ନ ଯୋଜନାରେ ସରକାରଙ୍କ ପକ୍ଷରୁ ଆସୁଥିବା ଅର୍ଥ ନିଗମର ନିର୍ବାହୀ ଯନ୍ତ୍ରୀଙ୍କ ନାମରେ ୟୁନିୟନ ବ୍ୟାଙ୍କ ସୋନପୁର ଶାଖାରେ ଜମାଥିଲା। ଏହି ଅର୍ଥକୁ ଜାଲିଆତି କରି କାର୍ଯ୍ୟାଳୟର ହିସାବ ରକ୍ଷକ ମେହେର ନିଜ ଆକାଉଣ୍ଟକୁ ସ୍ଥାନାନ୍ତର କରି ନେଇଛନ୍ତି। ନିର୍ବାହୀ ଯନ୍ତ୍ରୀଙ୍କ ଆଇଡି, ପାସୱାର୍ଡ, ଚେକ୍ ଓ ସିଲ୍ ବ୍ୟବହାର କରି ସେ ଏକାଧିକ ଥର ନିଜ ଆକାଉଣ୍ଟକୁ ବିପୁଳ ପରିମାଣର ଟଙ୍କା ଟ୍ରାନ୍ସଫର କରିଥିବା ଜଣାପଡିଛି। ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା ବିଳମ୍ବରେ ଏ ସମ୍ପର୍କରେ ଜାଣିବା ପରେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟର ହିସାବରକ୍ଷକ ଜାଲିଆତି କରି ୧ କୋଟି ୧୯ ଲକ୍ଷ ୭୧ ହଜାର ଟଙ୍କା ନିଜ ଫାର୍ମ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ ଘଟଣାର ତଦନ୍ତ ଭିଜିଲାନ୍ସ କିମ୍ବା ଅର୍ଥନୈତିକ ଅପରାଧ ଶାଖା କରିପାରିବ। ତେଣୁ ସେଠାରେ ଅଭିଯୋଗ କରିବାକୁ ଥାନା ଅଧିକାରୀ ରମେଶ ମାହାନା ପରାମର୍ଶ ଦେଇଛନ୍ତି। ସୂଚନା ପାଇବା ପରେ ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସ୍‌ପି ରୀତାଞ୍ଜଳି ପଧାନ ସୋମବାର ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ତଦନ୍ତ କରିଛନ୍ତି। ସେହିପରି ନିଗମର ଭୁବନେଶ୍ୱର ମୁଖ୍ୟାଳୟରୁ ଚିଫ୍ ଆକାଉଣ୍ଟସ୍ ଅଫିସର ତଥା ଅର୍ଥ ପରାମର୍ଶଦାତା ନିର୍ଝରିଣୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଆକାଉଣ୍ଟସ୍ ଅଫିସର ସାଧନା ବେହେରା ଓ ଡେପୁଟି ଚିଫ୍ ଆକାଉଣ୍ଟସ୍ ଅଫିସର ଅଜୟ ନାୟକ ସୁବର୍ଣ୍ଣପୁର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆକଉଣ୍ଟସ୍ ନଥିପତ୍ର ଯାଞ୍ଚ କରୁଛନ୍ତି।



ସୁବର୍ଣ୍ଣପୁର ଉଠାଜଳସେଚନ ନିଗମ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ।

ପ୍ରକାଶ ଯେ, ସହକାରୀ ହିସାବ ରକ୍ଷକ ବଳରାମ ଜଣେ ଆଉଟ ସୋର୍ସିଂ କର୍ମଚାରୀ। ସେ ୨୦୧୪ ମସିହାରୁ ଏହି କାର୍ଯ୍ୟାଳୟରେ କାମ କରି ଆସୁଛନ୍ତି। ପୂର୍ବରୁ ସେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାମ କରୁଥିଲେ। ପରେ ସହକାରୀ ହିସାବରକ୍ଷକ(ବାଣିଜ୍ୟ) ଭାବେ ନିଯୁକ୍ତ ହୋଇଛନ୍ତି। ନିର୍ବାହୀ ଯନ୍ତ୍ରୀ ବେହେରା ବିଶ୍ୱାସ କରି ବଳରାମଙ୍କୁ ନିଜର ଆଇଡି ଓ ପାସୱାର୍ଡ ଦେଇଥିଲେ। ସେ ଆରଟିଜିଏସ୍ କରିବା ପାଇଁ ବଳରାମଙ୍କୁ ହିଁ ବ୍ୟାଙ୍କକୁ ପଠାଉଥିଲେ। ବଳରାମ ତାଙ୍କୁ ଠକି ଦେଇଥିବା ନିର୍ବାହୀଯନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷେ ବଳରାମଙ୍କ ଆକାଉଣ୍ଟସ୍‌କୁ ଫ୍ରିଜ୍ କରିବା ପାଇଁ ସମ୍ପୃକ୍ତ ବ୍ୟାଙ୍କକୁ ଚିଠି ଲେଖା ଯାଇଥିବା ଜଣାପଡିଛି।

# ସ୍ତ୍ରୀଙ୍କୁ ବାଲ୍‌ଟିରେ ପିଟି ମାରିଦେଲେ ସ୍ୱାମୀ

## ପାରିବାରିକ କଳହର କରୁଣ ପରିଣତି

ଜଳେଶ୍ୱର, ୫।୮
(ରବିନରାୟଣ ପାତ୍ର/ନବୀନ ସାହୁ)

ସାମାନ୍ୟ ପାରିବାରିକ କଳହରୁ ନୃଶଂସ ପାଲଟିଗଲେ ସ୍ୱାମୀ। ବାଲ୍‌ଟିରେ ପିଟି ସ୍ତ୍ରୀଙ୍କୁ ହତ୍ୟା କଲେ। ଏଭଳି ଘଟଣା ଘଟିଛି ସୋମବାର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ବାଣିଦା ଗ୍ରାମରେ।

ଜଳେଶ୍ୱର ଥାନା ଅଧୀନ ବାଣିଦା ଗ୍ରାମର ସଞ୍ଜୟ ମହାନ୍ତି(୩୮) ୧୫ବର୍ଷ ପୂର୍ବେ ପଶ୍ଚିମବଙ୍ଗର ଦାନ୍ତୁନ ଥାନା ଜାମଗାଦି ଗ୍ରାମର ନବୀନ କୁମାର ଦାସଙ୍କ ଝିଅ କବିତା ମହାନ୍ତିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ୪/୫ ବର୍ଷ ପରଠାରୁ ଉଭୟଙ୍କ ମଧ୍ୟରେ କଳହ ଲାଗିରହୁଥିଲା। ସଞ୍ଜୟ ହାଇଦ୍ରାବାଦରେ ରହି କାମ କରୁଥିବା ବେଳେ ପ୍ରାୟ ୧୫ଦିନ ତଳେ ଘରକୁ ଆସିଥିଲେ। ସୋମବାର ସକାଳେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସଞ୍ଜୟ ଏକ ଷ୍ଟିଲ ବାଲ୍‌ଟିରେ କବିତାଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରିଚାଲିଥିଲେ। କବିତା ଚିତ୍କାର କରିବାରୁ ଶାଶୁ ଶାନ୍ତିଲତା ମହାନ୍ତି ଉପାୟ ନ ପାଇ ପଡ଼ୋଶୀଙ୍କୁ ଡାକିଥିଲେ। ଖବରପାଇ ପଡ଼ୋଶୀମାନେ ପହଞ୍ଚି ସଞ୍ଜୟଙ୍କୁ କାବୁ କରିବା ସହିତ ୧୦୮ ଆମ୍ବୁଲାନ୍ସ ଡାକିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ କବିତାଙ୍କୁ ଜଳେଶ୍ୱର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କବିତାଙ୍କର ୧୨ବର୍ଷର ଝିଅ ସୁଜାତା ଓ ୬ବର୍ଷର ପୁଅ କୌଶିକ ବେସାହାରା ହୋଇଯାଇଛନ୍ତି। ଖବରପାଇ ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠୀ, ଏଏସ୍‌ଆଇ ଚିରଞ୍ଜୀବ ରାଉତ, ନାମ୍ପୋ ଫାଣ୍ଡି ଅଧିକାରୀ ଫକୀରଚରଣ ପ୍ରଧାନ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ତଦନ୍ତ ଜାରି ରଖିଛନ୍ତି। ଫରେନସିକ ଟିମ୍ ପହଞ୍ଚି ଘଟଣାର ଅଧିକ ତଦନ୍ତ କରିଥିବା ଜଣାଯାଇଛି।



ମୃତ କବିତା ମହାନ୍ତି।

# ବୋହୂଙ୍କ ନାକ କାଟିଲେ ଶ୍ୱଶୁର

ଖୁଣ୍ଟୁଣୀ, ୫।୮ (ସଚ୍ଚିଦାନନ୍ଦ ପଣ୍ଡା)

ସାମାନ୍ୟ ପାରିବାରିକ କଳହକୁ ନେଇ ଜଣେ ଶ୍ୱଶୁର ଏକ ଛୁରିରେ ବୋହୂଙ୍କ ନାକ କାଟି ଦେଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ସୋମବାର ଦେଖିବାକୁ ମିଳିଛି କଟକ ଜିଲା ଗୁରୁଡିଝାଟିଆ ଥାନା ଅଧୀନ ଗୋବରା ଗ୍ରାମରେ।

ମିଳିଥିବା ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟାରେ ଗୋବରା ଗ୍ରାମର ଅମରେନ୍ଦ୍ର ନାୟକଙ୍କ ଘରେ ତାଙ୍କ ନାତୁଣୀ ଏକ ଛୁରି ଧରି ଖେଳୁଥିଲେ। ଏହା ଦେଖିବା ପରେ ନାତୁଣୀଠାରୁ ଅମରେନ୍ଦ୍ର ଛୁରି ଛଡ଼ାଇବାକୁ ଉଦ୍ୟମ କରିଥିଲେ। ହେଲେ ନାତୁଣୀ ଛୁରି ନ ଦେବାରୁ ଅମରେନ୍ଦ୍ର ତାଙ୍କୁ ୨ ଚାପୁଡ଼ା ମାରିଥିଲେ। ଏହି ସମୟରେ ବୋହୂ ପହଞ୍ଚି ଝିଅକୁ କାହିଁକି ଏତେ ଜୋରରେ ମାଡ଼ ମାରିଲ ବୋଲି ପଚାରିଥିଲେ। ଏହାକୁ ନେଇ ବୋହୂ-ଶ୍ୱଶୁରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅମରେନ୍ଦ୍ର ରାଗି ଯାଇ ଉକ୍ତ ଛୁରିରେ ବୋହୂଙ୍କ ନାକ କାଟି ଦେଇଥିଲେ। ଫଳରେ ବୋହୂ ଘରୁ ବାହାରି ଗୁରୁଡିଝାଟିଆ ଥାନା ଅଭିମୁଖେ ଯାଇଥିଲେ। ଏହି ସମୟରେ ଅମରେନ୍ଦ୍ର ତାଙ୍କ ପଛେ ପଛେ ଆସି ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ବୋହୂ ଥାନାରେ ପହଞ୍ଚି ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏସ୍‌ଆଇ ସଂଯୁକ୍ତା ଖିଲାର ଏ ସମ୍ପର୍କରେ ଜାଣିବା ପରେ ସମ୍ପୃକ୍ତା ମହିଳାଙ୍କୁ ଗୁରୁଡିଝାଟିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଏଥିସହ ଅମରେନ୍ଦ୍ରଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ପରେ ମହିଳାଙ୍କ ସ୍ୱାମୀ, ଶାଶୁ ଓ ପରିବାରର ଅନ୍ୟ ସଦସ୍ୟ ଥାନାରେ ପହଞ୍ଚିଥିଲେ। ସେମାନେ ତାଙ୍କୁ ବୁଝାଶୁଝା କରି ଘରକୁ ନେଇଯାଇଥିଲେ। ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଥାନାଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

# କଳରାପତରିଆ ବାଘଛାଲ ଜବତ, ଯୁବକ ଗିରଫ

କଳିଙ୍ଗନଗର,୫।୮ (ଶୁଭାଶିଷ ରାଉତ)

ଯାଜପୁର ଜିଲା ଟମ୍‌କା ବନ ବିଭାଗ ବାଘଛାଲ ଚୋରା କାରବାରରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଟମକା ଥାନା ଚମ୍ପାଝର ଗ୍ରାମର ପ୍ରସନ୍ନ ଚାମ୍ପିଆ (୩୦)। ଜବତ ଛାଲଟି ପ୍ରାୟ ୧୦ ବର୍ଷ ବୟସ୍କ କଲରାପତରିଆ ବାଘର ବୋଲି ବନବିଭାଗ ପକ୍ଷରୁ କୁହାଯାଉଛି। ବାଘ ଛାଲର ଲମ୍ବ ୧୪୭ ସେଣ୍ଟିମିଟର ଓ ପ୍ରସ୍ଥ ୪୨ ସେଣ୍ଟିମିଟର ରହିଛି। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ଟମ୍‌କା ଅଞ୍ଚଳରେ ଏକ ର୍‍ୟାକେଟ୍ ବିଭିନ୍ନ ପ୍ରକାର ବନ୍ୟଜନ୍ତୁଙ୍କ ସମେତ ବାଘ ଛାଲ ଚୋରା ଚାଲାଣ ଚଳାଇ ଆସୁଥିବା ଖବର ପାଇ ବନ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା। ସୋମବାର ପୂର୍ବାହ୍ନରେ ବନ କର୍ମଚାରୀମାନେ ଡୁବୁରୀ-ନରଣପୁର ପୂର୍ତ୍ତ ବିଭାଗ ରାସ୍ତାର ଆମ୍ବଡିହ ନିକଟରେ ଗାଡ଼ିମୋଟର ଯାଞ୍ଚ କରୁଥିବା ବେଳେ ପ୍ରସନ୍ନ ଏବଂ ତାଙ୍କ ଅନ୍ୟ ଦୁଇ ସାଥୀ ଧରାପଡିଥିଲେ। ପ୍ରସନ୍ନଙ୍କ ଗାଡ଼ିରେ ଥିବା ବାଘଛାଲକୁ ବନ କର୍ମଚାରୀମାନ ଜବତ କରିଥିଲେ। ଏହି ସୁଯୋଗରେ ପ୍ରସନ୍ନଙ୍କ ଦୁଇ ସହଯୋଗୀ ଖସି ଯାଇଥିଲେ। ଟମ୍‌କା ବନାଞ୍ଚଳ ଭାରପ୍ରାପ୍ତ ଅଧିକାରୀ ଅଜିତ ଦଳେଇ, ଯାଜପୁର ରୋଡ଼ ବନାଞ୍ଚଳ ଅଧିକାରୀ ଜ୍ୟୋତି ରଞ୍ଜନ ମହାପାତ୍ର, ଡୁବୁରୀ ବନପାଳ ଲକ୍ଷ୍ମୀଧର ନାୟକ ଓ ବନପାଳ ମାଣିକ ମୁଣ୍ଡା, ଟମ୍‌କା ବନପାଳ ଚିତ୍ତରଞ୍ଜନ ବିଶ୍ୱାଳ ଏସିଏଫ୍ ଅନିଲ କୁମାର ରାୟ ଓ ସନ୍ତୋଷ ପତି ପ୍ରମୁଖ ଧରପଗଡ଼ରେ ସାମିଲ ଥିଲେ। ଗୋବର୍ଦ୍ଧନପୁର କ୍ଷେତ୍ରପାଳିକା ମାଲା ରୁଜୁ ସରକାରୀ ସାକ୍ଷୀ ଭାବେ ଉପସ୍ଥିତ ଥିଲେ। ଏହି ର୍‍ୟାକେଟ୍‌ରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି,ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ରେଞ୍ଜର ମହାପାତ୍ର କହିଛନ୍ତି।




ଜବତ ହୋଇଥିବା ବାଘ ଛାଲ, ଗିରଫ ଅଭିଯୁକ୍ତ।

# ଓଲଟିଲା ଗାଡ଼ି, ୯ କାଉଡ଼ିଆ ଗୁରୁତର

ଭୁବନ,୫।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ନିକଟସ୍ଥ ୫୩ନଂ. ଜାତୀୟ ରାଜପଥରେ ସୋମବାର ସକାଳେ କାଉଡ଼ିଆଙ୍କୁ ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୯ ଜଣ ଗୁରୁତର ଓ ୩ ଜଣ ଆହତ ହୋଇଛନ୍ତି। ଗୁରୁତରମାନେ ହେଲେ ଭୁବନ ସୁରପ୍ରତାପପୁର ଗ୍ରାମର ଆକାଶ ସାଇଁ (୨୪), କୁଲୁ ସାହୁ(୩୫), ଦିବ୍ୟଜ୍ୟୋତି କନର (୧୫), ଉଦୟନାଥ ସାହୁ (୩୫), କୈଳାଶ ଚନ୍ଦ୍ର ସାମଲ (୩୫), ଶୁଭେନ୍ଦୁ କନର (୪୫), ଅମର ସ୍ୱାଇଁ (୩୦), ସନ୍ତୋଷ ସ୍ୱାଇଁ ଓ ନିଶାକର ସ୍ୱାଇଁ। ଖବରପାଇ ଭୁବନ ପୋଲିସ ଓ ଦମକଳ ବାହିନୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ୯ ଜଣଙ୍କୁ କଟକ ଓ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଭୁବନ ଥାନା ସୁରପ୍ରତାପପୁର ଗ୍ରାମର ୨୦ରୁ ଅଧିକ କାଉଡ଼ିଆ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି୦୬ଏଲ-୩୫୨୪ )ରେ ଗନ୍ଦିଆ ଥାନା କରମୁଳ ଗ୍ରାମ ନିକଟସ୍ଥ ଦୌଡଶ୍ୱର ମନ୍ଦିରକୁ ପାଣି ଢାଳିବା ପାଇଁ ଯାଉଥିଲେ। ତେବେ କୌଣସି କାରଣରୁ ଗାଡ଼ିଟି ରାଜପଥ ଉପରେ ଓଲଟି ପଡ଼ିଲା। ଦୁର୍ଘଟଣା ସମ୍ପର୍କରେ ଜାଣିବା ପରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଓ ଭୁବନ ଏନ୍‌ଏସି ନଗରପାଳ ମେଡିକାଲରେ ପହଞ୍ଚି ଆଖପାଖ ଅଞ୍ଚଳର ୧୦୮ ଆମ୍ବୁଲାନ୍ସ ଓ ଡାକ୍ତରଖାନାରେ ଥିବା ଆମ୍ବୁଲାନ୍ସ ଯୋଗେ ଗୁରୁତରମାନଙ୍କୁ ଢେଙ୍କାନାଳ ସ୍ଥାନାନ୍ତର କରିଥିଲେ। ଭୁବନ ଡାକ୍ତରଖାନା ମୁଖ୍ୟ ଚିକିତ୍ସା ଅଧିକାରୀ ରମେଶ ଚନ୍ଦ୍ର ସାହୁ କହିଛନ୍ତି, ୯ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଛି। ତେବେ ଦୁର୍ଘଟଣା ପରେ ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି।



କାଉଡ଼ିଆଙ୍କୁ ନେଇ ଯାଉଥିବା ଗାଡ଼ି ରାଜପଥ ଉପରେ ଓଲଟି ପଡ଼ିଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନଳ ନଳ,**
**ଓଦା କଞ୍ଚା ସବୁ ଜଳ।**

ନିଆଁ ସବୁକିଛି ପୋଡ଼ିଜାଳି ଦେଇଥାଏ। ନିଆଁ ଯେପରି ଓଦା କଞ୍ଚା କିଛି ମାନି ନ ଥାଏ, ସହିଷ୍ଣୁ ଲୋକଙ୍କ ପକ୍ଷେ କଷ୍ଟ ଏବଂ ସହଜ ମଧ୍ୟରେ ଥିବା ପ୍ରଭେଦର ଗୁରୁତ୍ୱ କିଛି ରହି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅକର୍ମା ଯେଣେ ଯାଏ,**
**ଗମ୍ଭୀରାରୁ ଲିଙ୍ଗ ଛାଡ଼ି ପଳାଏ।**

କର୍ମ ହିଁ ଭଗବାନ। କର୍ମ ନ କଲେ ଫଳ ମିଳି ନ ଥାଏ। କର୍ମରହିତ ଜୀବନ ପ୍ରାଣ ନ ଥିବା ଶରୀର ଭଳି ହୋଇଥାଏ। ସେହିପରି କିଛି କାମଦାମ ନ କରି ଘରେ ବସି ରହୁଥିବା ବ୍ୟକ୍ତି ଜୀବନରେ କେବେ ଉନ୍ନତି କରିପାରି ନ ଥାନ୍ତି। ଯେଉଁଠି ଥିଲେ ବା ଯୁଆଡ଼େ ଗଲେ ମଧ୍ୟ ଅକର୍ମା ବା ନିକମା ବ୍ୟକ୍ତି ପ୍ରତି ଭାଗ୍ୟଦେବୀ ମୋଟେ ପ୍ରସନ୍ନ ହୋଇ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।


ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚୌଦ୍ୱାର ଜେଲରେ କଏଦୀ ମୃତ

ଚୌଦ୍ୱାର,୫।୮ (ଆଶୁତୋଷ ଦାସ)

ଚୌଦ୍ୱାର ଜେଲରେ ଆଜୀବନ ସଜା ଭୋଗୁଥିବା ଜଣେ କଏଦୀଙ୍କ ସୋମବାର ମୃତ୍ୟୁ ଘଟିଛି। ସେହେଲେ ଯାଜପୁର ଜିଲା ବରୀ ଅଞ୍ଚଳର ମହେନ୍ଦ୍ର ଦାସ(୫୫)। କଏଦୀ ମହେନ୍ଦ୍ର ଆତ୍ମହତ୍ୟା କରିଥିବା ନେଇ ଜେଲ କର୍ତ୍ତୃପକ୍ଷ କହୁଥିବାବେଳେ ମୃତକଙ୍କ ପରିବାର ଲୋକ ଏହାକୁ ହତ୍ୟା ବୋଲି କହିଛନ୍ତି। ଜେଲ ମଧ୍ୟରେ ମହେନ୍ଦ୍ରଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଛି ବୋଲି ସମ୍ପର୍କୀୟ କହିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଏକ ହତ୍ୟା ଘଟଣାରେ ମହେନ୍ଦ୍ର ଦୋଷୀ ସାବ୍ୟସ୍ତ ହୋଇ ପ୍ରଥମେ ଯାଜପୁର ଜେଲରେ ସଜା କାଟୁଥିବାବେଳେ ୨୦୧୭ରେ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର ହୋଇଥିଲେ। ସେ ଜଣେ ମାନସିକ ରୋଗୀ ହୋଇଥିବା ହେତୁ ତାଙ୍କର ଚିକିତ୍ସା କଟକ ବଡ଼ ଡାକ୍ତରଖାନାରେ ଜାରି ରହିଥିଲା। ସୋମବାର ଭୋର ସମୟରେ ସେ ପାଇଖାନା କୁଶୌଚ ହେବାପାଇଁ ଯାଇ ସେଠାରେ ବେକରେ ଗାମୁଛା ବାନ୍ଧି ଝୁଲି ପଡିଥିଲେ। ଜେଲ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହିତ କଟକ ବଡ଼ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜେଲର ବିଭେନ୍ଦୁ ଭୂୟାଁ ସୂଚନା ଦେଇଛନ୍ତି। ଏନେଇ ଜେଲ କର୍ତ୍ତୃପକ୍ଷ ତୁରନ୍ତ ମହେନ୍ଦ୍ରଙ୍କ ପରିବାର ଲୋକଙ୍କୁ ଖବର ଜଣାଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମହେନ୍ଦ୍ରଙ୍କ ମୃତ ଶରୀର ଦେଖିବାପରେ ଏହା ଆତ୍ମହତ୍ୟା ହୋଇ ନ ପାରେ ବୋଲି ସନ୍ଦେହ କରିଛନ୍ତି। ଏଥିପାଇଁ ପରିବାର ତରଫରୁ ଜେଲ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କରାଯାଇ ଘଟଣାର ବିଧିବଦ୍ଧ ତଦନ୍ତ କରିବାପାଇଁ ଲିଖିତ ଅଭିଯୋଗ କରାଯିବ ବୋଲି ମହେନ୍ଦ୍ରଙ୍କ ପୁଅ ସୌମ୍ୟରଞ୍ଜନ କହିଛନ୍ତି। ବ୍ୟବଚ୍ଛେଦ ପରେ ମଙ୍ଗଳାବାଗ ପୋଲିସ ଶବକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ଜେଲ୍ ଅଧୀକ୍ଷକଙ୍କ ଅଭିଯୋଗକୁ ଭିତ୍ତି କରି ଚୌଦ୍ୱାର ଥାନାରେ ନଂ. ୧୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସୋଲାର ବିଦ୍ୟୁତ୍ ଆଘାତରେ ହାତୀ ଛୁଆ ମୃତ

ଢେଙ୍କାନାଳ,୫।୮ (ରତନ ନାୟାର)/ ରାସୋଳ (ସରୋଜ ମିଶ୍ର)- ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ରାସୋଳ ସେକ୍ସନ ଆମ୍ବଲୁଣ୍ଡି ଗ୍ରାମର ଏକ ଚାଷ ଜମିରୁ ୪ ବର୍ଷର ମାଖନା ହାତୀ ଛୁଆର ମୃତଦେହକୁ ସୋମବାର ବନ ବିଭାଗ ଜବତ କରିଛି। ବିଲ ନିକଟରେ ଥିବା ସୋଲାର ତାର ସଂସ୍ପର୍ଶରେ ଆସି ହାତୀ ଛୁଆଟିର ମୃତ୍ୟୁ ହୋଇଥିବା ଜଣାପଡିଛି। ଖବରପାଇ ଅନୁଗୋଳସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଧାଂଶୁ ଖୋରା, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ହିନ୍ଦୋଳ ଦାୟିତ୍ୱରେ ଥିବା ଢେଙ୍କାନାଳ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର, ପ୍ରାଣୀ ଚିକିତ୍ସକମାନଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ହାତୀ ଛୁଆଟିର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା କାହାକୁ ଗିରଫ କରାଯାଇନାହିଁ।

# ନୂଆପଡ଼ା ବିଧାୟକଙ୍କ ନାମରେ ଥାନାରେ ଏତଲା

## ବୈଠକରେ ଜିଲା ପରିଷଦ ସଦସ୍ୟ-ବିଧାୟକ କଥା କଟାକଟି ପ୍ରସଙ୍ଗ

ନୂଆପଡ଼ା,୫।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା ପରିଷଦ ବୈଠକରେ ନୂଆପଡ଼ା ବିଧାୟକ ଓ ଜିଲା ପରିଷଦ ସଦସ୍ୟଙ୍କ କଥା କଟାକଟି ପ୍ରସଙ୍ଗ ଭିନ୍ନ ମୋଡ଼ ନେଇଛି। ନୂଆପଡ଼ା ଜିଲା ପରିଷଦ ଜୋନ୍ ୮ର ସଦସ୍ୟ ଭାନୁପ୍ରତାପ ସିଂ ମାଝି ସୋମବାର ଜିଲା ଆଦିବାସୀ କଲ୍ୟାଣ ସଂଘ କର୍ମକର୍ତ୍ତାଙ୍କ ସହ ନୂଆପଡ଼ା ସଦର ଥାନାକୁ ଆସି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକ୍ରମେ ଜୁଲାଇ ୧୯ରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ନୂଆପଡ଼ା ଜିଲା ପରିଷଦର ନବମ ସାଧାରଣ ବୈଠକ ଚାଲିଥିଲା। ଉକ୍ତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା, ଜିଲାପାଳ, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଖଡ଼ିଆଳ ବିଧାୟକ, ଜିଲାସ୍ତରୀୟ ଅଧିକାରୀ ଓ ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଜିଲା ପରିଷଦ ଭାବରେ ସେ ନୂଆପଡ଼ା ଜିଲା ମଙ୍ଗଳ ଅଧିକାରୀଙ୍କୁ ଜିଲାରେ ଚାଲିଥିବା ଅନ୍ୱେଷା ଯୋଜନାରେ ନିମ୍ନମାନର ଖାଦ୍ୟ ଯୋଗାଇଦେଉଥିବା ନେଇ କୈଫିୟତ ତଲବ କରିଥିଲେ। ଏଥିରେ ବିଧାୟକ ଢୋଲକିଆ ହଠାତ୍ ନିଜ ଆସନରୁ ଉଠି ସେ ଜୈନ ଧର୍ମର ଲୋକ, ତାଙ୍କ ସ୍କୁଲରେ ମାଛ, ମାଂସ, ଅଣ୍ଡା ଚଳେ ନାହିଁ ବୋଲି କହିଥିଲେ। ଜିଲା ପରିଷଦ ସଦସ୍ୟ ଭାନୁପ୍ରତାପ ବିଧାୟକଙ୍କୁ ଆପଣ ଉତ୍ତର ଦେବାକୁ କିଏ, ସେ ଜିଲାପାଳ ଓ ଜିଲା ମଙ୍ଗଳ ଅଧିକାରୀଙ୍କୁ ପଚାରୁଛନ୍ତି ବୋଲି କହିଥିଲେ। ଏହା ପରେ ବିଧାୟକ ରାଗିଯାଇ ନିଜ ଆସନରୁ ଉଠି ତାଙ୍କ ଆଡ଼କୁ ଅଙ୍ଗୁଳି ଦେଖାଇ ଆଦିବାସୀ ହୋଇ ଆଦିବାସୀମାନଙ୍କୁ ଲୁଟୁଛ ବୋଲି କହିଥିଲେ। ଏହା ତାଙ୍କ ସାମାଜିକ ସମ୍ମାନ ପ୍ରତି ଆଞ୍ଚ ଆଣିବା ସହ ମାନସିକ ଯନ୍ତ୍ରଣା ପାଇଥିଲେ ବୋଲି ଭାନୁପ୍ରତାପ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଜି.ଆର୍. ରାଘବେନ୍ଦ୍ର ନୂଆପଡ଼ା ଡିଏସ୍‌ପିଙ୍କୁ ମାମଲାର ତଦନ୍ତ ଭାର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ଢୋଲକିଆଙ୍କୁ ଫୋନ ଯୋଗେ ପଚାରିବାରୁ ସେଦିନ ଯାହା ହେଲା ତାହା ସମସ୍ତେ ଦେଖିଛନ୍ତି। ଏଣୁ ତାଙ୍କର ବିଶେଷ କିଛି କହିବାର ନାହିଁ। ଯଦି ତାଙ୍କର ଭୁଲ୍ ତେବେ ଜିଲା ପରିଷଦ ବୈଠକରେ ଭାନୁବାବୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସାର୍ବଜନୀନ ଭାବରେ ତାଙ୍କୁ କାହିଁକି କ୍ଷମା ମାଗୁଥିଲେ ବୋଲି ଓଲଟା ପ୍ରଶ୍ନ କରିଛନ୍ତି।



ଥାନାରେ ଏତଲା ଦେଉଛନ୍ତି ଜିଲା ପରିଷଦ ସଦସ୍ୟ।

# ଶିଶୁର ସୁରକ୍ଷା କବଚ

ମା' କ୍ଷୀର ଶିଶୁ ପାଇଁ ଈଶ୍ୱରଙ୍କ ବରଦାନ । କାରଣ ଏହା ଶିଶୁ ପାଇଁ ସର୍ବୋତ୍ତମ ଖାଦ୍ୟ। ଏହା ଶିଶୁ ମୃତ୍ୟୁହାର କମାଇବା ସହ ମା' ଓ ଶିଶୁକୁ ଅନେକ ରୋଗରୁ ରକ୍ଷା କରିଥାଏ। ସ୍ତନ୍ୟପାନ ନିମନ୍ତେ ସଚେତନତା ସୃଷ୍ଟିକରିବା ପାଇଁ ତଥା ଶିଶୁ ମୃତ୍ୟୁହାର କମାଇବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ୟୁନିସେଫ୍ ଓ ଗ୍ଲୋବାଲ ବ୍ରେଷ୍ଟ ଫିଡିଂର ମିଳିତ ଆନୁକୂଲ୍ୟରେ ସାରା ବିଶ୍ୱରେ ଅଗଷ୍ଟ ୧ରୁ ୭ ତାରିଖ ଯାଏଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ଏହି ଉପଲକ୍ଷେ ବିଶେଷ ଉପସ୍ଥାପନା...

–ପୌର୍ଣ୍ଣମାସୀ



## ଏବର୍ଷର ବାର୍ତ୍ତା ସ୍ତନ୍ୟପାନ ପ୍ରତିବନ୍ଧକ ଦୂରକରିବା



–ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ

ପ୍ରତ୍ୟେକ ନାରୀ ମାତୃତ୍ୱ ଲାଭ କରିବାକୁ ଏକ ଈଶ୍ୱରଙ୍କର ବରଦାନ ହିସାବରେ ଗ୍ରହଣ କରିଥାଏ । ଏହି ସମୟରେ ସେ ଅନାବିଳ ମାତୃତ୍ୱର ଅମୃତଧାରା ଶିଶୁକୁ ସ୍ତନ୍ୟପାନ କରାଇ ଚରମ ତୃପ୍ତି ଲାଭକରେ ।

ଶିଶୁର ଜନ୍ମ ପରେ ମା' ମନ ଆଶା ଓ ଆଶଙ୍କାରେ ପୂର୍ଣ୍ଣ ହୋଇଯାଏ । ସନ୍ତାନ ପାଇଁ ତା'ର ସ୍ତନ୍ୟରୁ ଖାଦ୍ୟ ଉପଯୁକ୍ତ ପରିମାଣର ହେଉଛି କି ନାହିଁ, ଏହି ଖାଦ୍ୟ ଖାଇ ସେ ସୁସ୍ଥ ଶିଶୁଟିଏ ହୋଇପାରିବ ତ ଇତ୍ୟାଦି ସନ୍ଦେହରେ ଥାଏ । ସେଥିପାଇଁ ମା' ସମସ୍ତଙ୍କ ଉପଦେଶ ଆଗ୍ରହ ସହକାରେ ଶୁଣିଥାଏ । ବିଶେଷକରି ଡାକ୍ତର, ନର୍ସ, ଆଶାକର୍ମୀ ତଥା ନିଜର ମା' ଓ ଶାଶୁ ହେଲେ ପ୍ରଥମ ଉପଦେଷ୍ଟା । ଶିଶୁଟି ଜୀବନର ପ୍ରଥମ ୨୭୦ଦିନ ମାତୃଗର୍ଭରେ ଓ ପରବର୍ତ୍ତୀ ୧୮୦ ଦିନ ମାତାର କ୍ରୋଡ଼ରେ ସ୍ତନ୍ୟପାନ କରି ଆଗେଇଚାଲେ ।

ଏନ୍ଏଫ୍ଏସ୍ଏଚ୍–୫ର ପରିସଂଖ୍ୟାନ ଅନୁଯାୟୀ ଆମ ଦେଶରେ ୪୪.୬% ମାତା ପ୍ରଥମ ୬ମାସ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇଥାନ୍ତି । ୨୦୨୫ ସୁଦ୍ଧା ୟୁନିସେଫ୍ ଓ ଡବ୍ଲ୍ୟୁଏଚ୍ଓ ଏହାକୁ ୫୦% କରିବାକୁ ଲକ୍ଷ୍ୟ ରଖିଛନ୍ତି ।

ଶିଶୁର ଜନ୍ମ ପରେ ବହଳ ରଙ୍ଗ ଈଷତ୍ ହଳଦିଆ କ୍ଷୀର ସ୍ତନରୁ ନିର୍ଗତ ହୋଇଥାଏ , ଯାହାକୁ କଷକ୍ଷୀର ବା କୋଲୋଷ୍ଟ୍ରମ୍ କହିଥାଉ । ଏଥିରେ ପ୍ରଚୁର ଇମ୍ୟୁନୋ ଗ୍ଲୋବୁଲିନ୍ ଥାଏ ; ଯାହାକି ଶିଶୁ ପାଇଁ ପ୍ରଥମ ପ୍ରତିଷେଧକ ଟିକା ଯାହା ଶିଶୁକୁ ରୋଗରୁ ପ୍ରତିରୋଧ କରିଥାଏ । କିନ୍ତୁ ପ୍ରଥମ ଦିନେ ୨ ଦିନ ଏହା ୨୪ ଘଣ୍ଟାରେ ମାତ୍ର ୫ ମି.ଲି. ବାହାରୁଥିବାରୁ ମା' ଚିନ୍ତାରେ ପଡ଼ିଯାଏ । ଏତେ କମ୍ ପରିମାଣର କ୍ଷୀର ଶିଶୁକୁ ଉପଯୁକ୍ତ ଶକ୍ତି ଯୋଗାଇପାରିବ କି ନାହିଁ ଶିଶୁ ପାଇଁ ଅଧିକ ଖାଦ୍ୟ ଦରକାର ହେବ କି! ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ଡବାକ୍ଷୀର ଆଡ଼କୁ ଆକର୍ଷିତ ହୋଇଥାଏ । ମା' ଭାବେ ଏବେ ଅଳ୍ପ ଅଳ୍ପ ଖାଉ ଖାଉ ପରେ ଭଲଭାବେ କ୍ଷୀର ହେଲେ ବନ୍ଦ କରିଦେବ । କିନ୍ତୁ ଫଳ ଓଲଟା ହୁଏ । ଶିଶୁଟି ମିଠାକ୍ଷୀର ବୋତଲରୁ ଖାଇ ସେ ମା'ର ସ୍ତନକୁ ଆଉ ଛୁଏଁ ନାହିଁ । ସ୍ତନ ପାଖକୁ ଆଣିଲେ ମୁହଁ ବୁଲାଇଦିଏ । ଶିଶୁ ଜୀବନ ପ୍ରତି ବିପଦ ଏଠାରୁ ଆରମ୍ଭ ହୁଏ ।

ଏହି ସମୟଟି ଗୁରୁତ୍ୱପୂର୍ଣ୍ଣ ସମୟ ଯାହାକି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ସମସ୍ତଙ୍କର ଦାୟିତ୍ୱ ରହିଛି କଷକ୍ଷୀର ଉପକାରିତା ପାଇଁ ଶିଶୁକୁ ଡବାକ୍ଷୀରଠାରୁ ଦୂରେଇ ରଖିବା । ସମାଜରେ ଏହି କଷକ୍ଷୀର ଶିଶୁ ପାଇଁ ଖରାପ ବୋଲି ଥିବା ଭୁଲ୍ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବାକୁ ପଡ଼ିବ । ତା'ଛଡ଼ା ଅନେକ ପରିବାରେ ଗର୍ଭ ଥିବା ସମୟରେ ଗର୍ଭବତୀଙ୍କୁ ଉତ୍ତମ ଖାଦ୍ୟ, ପିଠାପଣା, ଫଳମୂଳ ଦେଇଥାନ୍ତି, ଗର୍ଭର ମଧ୍ୟ ଡାକ୍ତର ଦେଖାଇ ଯତ୍ନ ନେଇଥାନ୍ତି । କିନ୍ତୁ ପ୍ରସବ ପରେ ମା'ର ଖାଦ୍ୟ ଉପରେ ପ୍ରତିବନ୍ଧକ ଲଗାଇଥାନ୍ତି , ଯେପରି ପ୍ରସୂତି ଅଧିକ ପାଣି ପିଇବା ମନା । ଡାଲି, ମାଛ, ମାଂସ, ଆମ୍ବ, ପଣସ ଫଳ, ପୋଇ, ସଜନା ଇତ୍ୟାଦି ଶାଗ, କ୍ଷୀର, ଦହି, ଖଟା ଏହିସବୁ ବାରଣ କରାଯାଏ । କାରଣ ପିଲାର ପତଳା ଝାଡ଼ା ହେବ, ବାନ୍ତି ହେବ, ପେଟ କାଟିବ, ପେଟରେ ବାୟୁ ହେବ ଇତ୍ୟାଦି । ଅନଭିଜ୍ଞ ମା'ଟି ତା'ର ଗୁରୁଜନମାନଙ୍କ କଥା ମାନିବାକୁ ବାଧ୍ୟ ହୁଏ ଓ ମା'ର କ୍ଷୀର ଧୀରେ ଧୀରେ ହ୍ରାସ ପାଏ ଏବଂ ମା' ଡବାକ୍ଷୀର ଆଡ଼କୁ ଆକୃଷ୍ଟ ହୋଇଥାଏ । ଆକଳନ କରାଯାଇଛି ପ୍ରଥମ ୬ମାସ ଶିଶୁକୁ ସ୍ତନ୍ୟପାନ କରାଇପାରିଲେ ପୃଥିବୀରେ ୮ଲକ୍ଷ ୨୦ ହଜାର ଶିଶୁଙ୍କ ଜୀବନ ରକ୍ଷା କରାଯାଇପାରିବ ।

ଅନ୍ୟ ଏକ ସମସ୍ୟା ହେଲା କର୍ମଜୀବୀ ମହିଳା । ସେମାନେ ସହଜରେ ଡବାକ୍ଷୀର ଆଡ଼କୁ ଆକର୍ଷିତ ହୋଇଥାନ୍ତି । ତେଣୁ କର୍ମଜୀବୀ ମା'ଙ୍କୁ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ୬ମାସ ପର୍ଯ୍ୟନ୍ତ ସବୈତନିକ ପ୍ରସବୋତ୍ତର ଛୁଟି କିମ୍ବା ୩ ମାସ ଛୁଟି ପରେ ଅଫିସ୍ ମଧ୍ୟରେ ସ୍ତନ୍ୟପାନ ଗୃହ ବ୍ୟବସ୍ଥା କରାଯିବା ଆବଶ୍ୟକ । ପ୍ରସବ ପୂର୍ବ ଓ ପ୍ରସବୋତ୍ତର ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ମା'କୁ ସ୍ତନ୍ୟପାନ ଉପକାରିତା ବିଷୟ ଅବଗତ କରାଇବା ଦରକାର । ସ୍କୁଲ ପାଠ୍ୟକ୍ରମରେ ମାତୃ ସ୍ତନ୍ୟପାନର ଉପକାରିତା ବିଷୟରେ ଶିକ୍ଷାଦେବା ଉଚିତ । ତେଣୁ ପ୍ରତି ସ୍ତରରେ ସ୍ତନ୍ୟପାନର ପ୍ରଚାର, ସମର୍ଥନ ଓ ଗୁଣ୍ଡକ୍ଷୀର ପ୍ରସ୍ତୁତକାରୀ ସଂସ୍ଥା କବଳରୁ ମା'ମାନଙ୍କୁ ସୁରକ୍ଷା ଦେବାର ସମୟ ଆସିଛି ।



ଏହି ସମସ୍ତ ଦିଗ ପ୍ରତି ଦୃଷ୍ଟିଦେଲେ ଆଜିର ସ୍ଲୋଗାନ 'ପ୍ରତିବନ୍ଧକକୁ ଦୂରକରିବା ସମସ୍ତେ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା'ର ପ୍ରକୃତ ଉଦ୍ଦେଶ୍ୟ ସାର୍ଥକ ହୋଇପାରିବ ।

*–ଶିଶୁରୋଗ ବିଶେଷଜ୍ଞ*
*ଲିଙ୍ଗରାଜ ବିହାର*
*ପୋଖରୀପୁଟ, ଭୁବନେଶ୍ୱର*

## କର୍ମଜୀବୀ ଓ ସ୍ତନ୍ୟପାନ...



ସବୁ କର୍ମଜୀବୀ ମା'ଙ୍କୁ ୬ ମାସ ପ୍ରସବୋତ୍ତର ଛୁଟି ମିଳିପାରୁନାହିଁ । ତେଣୁ ସେମାନଙ୍କୁ ୬ ମାସ ପର୍ଯ୍ୟନ୍ତ କେବଳ ମା'କ୍ଷୀର ଖୁଆଇବାରେ ଅସୁବିଧା ହୋଇଥାଏ । ଏମିତିରେ ଡବାକ୍ଷୀର ଉପରେ ନିର୍ଭର ନ କରି ଶିଶୁର ମସ୍ତିଷ୍କ ଓ ଶରୀର ବୃଦ୍ଧି ଓ ବିକାଶ ନିମନ୍ତେ ନିଜ କ୍ଷୀର କାଢ଼ି(ଏକ୍ସପ୍ରେସ୍ଡ ମଦର୍ସ ମିଲ୍କ ବା ଇଏମ୍ଏମ୍) ଶିଶୁ ପାଇଁ ସଞ୍ଚୟକରି ଫ୍ରିଜ୍‌ରେ ରଖି ଶିଶୁକୁ ମଝିରେ ମଝିରେ ଖୁଆଇପାରିବେ । ସକାଳେ ଶିଶୁକୁ ଖୁଆଇସାରିବା ପରେ ହାତରେ ବା ହସ୍ତଚାଳିତ ବ୍ରେଷ୍ଟ୍ ପମ୍ପ୍, ଇଲେକ୍ଟ୍ରିକ୍ ବା ବ୍ୟାଟେରିଚାଳିତ ବ୍ରେଷ୍ଟ୍ ପମ୍ପ୍ ସାହାଯ୍ୟରେ କ୍ଷୀର କାଢ଼ି ରଖିପାରିବେ । ଏହାକୁ ଫ୍ରିଜ୍‌ରେ ୭–୮ ଦିନ ପର୍ଯ୍ୟନ୍ତ ରଖି ମଧ୍ୟ ଶିଶୁକୁ ଖୁଆଇ ପାରିବେ । ଏପରିକି ଡିପ୍ ଫ୍ରିଜ୍‌ରେ ୧ମାସ ପର୍ଯ୍ୟନ୍ତ ଷ୍ଟୋର କରିପାରିବେ । ତେବେ ଏଥିପାଇଁ ସଂକ୍ରମଣର ଆଶଙ୍କା ଥିବାରୁ ପ୍ରତିଦିନ ନିଜର ତଟକା କ୍ଷୀର କାଢ଼ି ଶିଶୁକୁ ଖୁଆଇବା ଭଲ । ଦିନକୁ ୭ ରୁ ୮ ଥର କ୍ଷୀର କାଢ଼ିବା ଦ୍ୱାରା ସ୍ତନରେ କ୍ଷୀର କମିବା କିମ୍ବା ସ୍ତନ ଦରଜ ହେବା ଭଳି ସମସ୍ୟା ଦେଖାଦେଇ ନ ଥାଏ । ପ୍ରତିଥର କ୍ଷୀର କାଢ଼ିଲା ବେଳେ ତା' ପାଇଁ ସଫା କିମ୍ବା ଅଲଗା ପାତ୍ର ବ୍ୟବହାର କରିବା ନିରାପଦ । କ୍ଷୀର କଢ଼ାହେବାର ୧ ଘଣ୍ଟା ମଧ୍ୟରେ ଫ୍ରିଜ୍‌ରେ ରଖି ଶିଶୁକୁ ଖୁଆଇପାରିବେ । ଯଦି ଶିଶୁ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଖାଇବ, ତେବେ ସଙ୍ଗେ ସଙ୍ଗେ ମା' କ୍ଷୀର ଫ୍ରିଜ୍‌ରେ ରଖିବେ କିମ୍ବା ଥଣ୍ଡା ପାଣି ପାତ୍ରରେ ରଖି ଘୋଡ଼ାଇ ଦେବେ । ଫ୍ରିଜ୍‌ରୁ କାଢ଼ିବା ପରେ କ୍ଷୀର ରୁମ୍ ଟେମ୍ପରେଚରକୁ ଆସିବା ପରେ ଶିଶୁକୁ ଖୁଆନ୍ତୁ ଏବଂ ସଂକ୍ରମଣ ନ ହେବା ଲାଗି ବଳକା କ୍ଷୀରକୁ ଫିଙ୍ଗିଦିଅନ୍ତୁ ।

# ଶିଶୁ ଓ ମା'କୁ ସୁସ୍ଥ ରଖେ ସ୍ତନ୍ୟପାନ

ଅମୃତ ସମ ମା'କ୍ଷୀର ଯେ, ଶିଶୁକୁ ସୁସ୍ଥ, ନୀରୋଗ ରଖିବା ଲାଗି ବେଶ୍ ଜରୁରୀ, ଏକଥା ପ୍ରାୟ ସମସ୍ତେ ଜାଣିସାରିଲେଣି । ତେଣୁ ଅନେକ ମହିଳା ସ୍ତନ୍ୟପାନ କରାଇବା ପାଇଁ ଆଗଭର ହେଲେଣି। ତଥାପି କେତେଜଣ ସୌନ୍ଦର୍ଯ୍ୟ ହାନି ଭୟରେ ଶିଶୁକୁ ସ୍ତନ୍ୟପାନ କରାଇବାକୁ ପଛଘୁଞ୍ଚା ଦେଉଛନ୍ତି। ହେଲେ ଏହା ଉଭୟ ଶିଶୁ ଓ ମା'କୁ ସୁସ୍ଥ ରଖିଥାଏ, ଏ ଦିଗରେ ସେମାନେ ଅବଗତ ହେବା ଆବଶ୍ୟକ...

**ଡା. ସରୋଜିନୀ ଷଡ଼ଙ୍ଗୀ**

ମାତୃତ୍ୱ ନାରୀଟିକୁ ଏକ ସୁକୋମଳ ଲାଳିତ୍ୟରେ ସୌନ୍ଦର୍ଯ୍ୟମୟୀ କରିଦିଏ । ତେବେ ମୁହଁର ଏ ଉଜ୍ଜ୍ୱଳତା, ଚର୍ମର ଏ ଚିକ୍କଣତା ତଥା ଦେହର ଏ ଅଖଣ୍ଡ ଲାବଣ୍ୟର ରହସ୍ୟ କ'ଣ ? କେଉଁଠୁ ଆରମ୍ଭ ହୁଏ ଏ ଅଖଣ୍ଡ ଆଭାର ଉତ୍ସ ? ଏହା ହେଉଛି ଗର୍ଭାବସ୍ଥାରେ ଝରୁଥିବା କରିତ୍‌କର୍ମା ହର୍‌ମୋନ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍‌ର କରାମତି । ଶିଶୁଜନ୍ମ ପରେ ପରେ ମା' ସ୍ତନରେ ଏକ ଅମୃତର ଉତ୍ସ ଠାକୁର ଖଞ୍ଜିଦେଇଥାନ୍ତି, ଯାହା ଶିଶୁର ଶାରୀରିକ ତଥା ମାନସିକ ବର୍ଦ୍ଧନ ପାଇଁ ସମସ୍ତ ପ୍ରକାର ପୋଷଣ ଶିଶୁ ଦେହରେ ପହଞ୍ଚାଇଥାଏ ।

ମା'କ୍ଷୀର ଯେ ଶିଶୁ ପାଇଁ ଅମୃତ, ଯାହାକି ଶିଶୁକୁ ସୁସ୍ଥ, ନୀରୋଗ ରଖିବା ଲାଗି ବେଶ୍ ଜରୁରୀ, ଏକଥା ପ୍ରାୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ମହିଳାମାନେ ଜାଣିସାରିଲେଣି ଓ ଏଥିପାଇଁ ଆଗଭର ହେଲେଣି। ତେବେ ଏବେ ମଧ୍ୟ ମଡର୍ନ ମା' ଏବଂ କର୍ମଜୀବୀ ମହିଳାମାନେ ସୌନ୍ଦର୍ଯ୍ୟ ହାନି ଭୟରେ ଶିଶୁକୁ ସ୍ତନ୍ୟପାନ କରାଇବାକୁ ପଛଘୁଞ୍ଚା ଦେଉଛନ୍ତି। ସେମାନଙ୍କର ଧାରଣା ଶିଶୁକୁ ସ୍ତନ୍ୟପାନ କରାଇଲେ ଫିଗର ଖରାପ ହୋଇଯିବ, ସ୍ତନ ଢିଲାହୋଇ ଓହଳିପଡ଼ିବ। ସ୍ତନ୍ୟପାନ ସମୟରେ ବେଶି କ୍ୟାଲୋରିର ଖାଦ୍ୟ ଖାଇବା ଦ୍ୱାରା ମୋଟା ହୋଇଯିବା ଆଶଙ୍କା ମଧ୍ୟ ଅନେକଙ୍କୁ ଶିଶୁକୁ ସ୍ତନ୍ୟପାନ କରାଇବାରୁ ବଞ୍ଚିତ କରିଥାଏ। କିନ୍ତୁ ଏହା ଭୁଲ୍ ଧାରଣା। କାରଣ ସ୍ତନ୍ୟପାନ କରାଇବା ଦ୍ୱାରା ଉଭୟ ଶିଶୁ ଓ ମା' ସୁସ୍ଥ ରହିଥାନ୍ତି।

**ସ୍ତନ୍ୟପାନ ମା'କୁ ରଖେ ସୁସ୍ଥ:** ମା'କ୍ଷୀର ଯେମିତି ଶିଶୁ ପାଇଁ ଉପକାରୀ ସେମିତି ସ୍ତନ୍ୟପାନ ମା'କୁ ମଧ୍ୟ ଅନେକ ରୋଗରୁ ରକ୍ଷା କରିଥାଏ। ସେଥିପାଇଁ ପାଶ୍ଚାତ୍ୟ ତଥା ବିକଶିତ ରାଷ୍ଟ୍ରଗୁଡ଼ିକରେ ମଧ୍ୟ ଉଚ୍ଚ ଶିକ୍ଷିତା ମହିଳାମାନେ ନିଜ ଶିଶୁକୁ ସାଙ୍ଗରେ ଧରି କାର୍ଯ୍ୟକ୍ଷେତ୍ରକୁ ଯାଉଛନ୍ତି ଏବଂ ସମସ୍ତଙ୍କ ସାମ୍ନାରେ (ପବ୍ଲିକ୍ ପ୍ଲେସ୍)ରେ ନିଜ ସ୍ତନ୍ୟପାନ କରାଇବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି। ଏମିତିକି ସିନେଟ୍ ଓ ପାର୍ଲାମେଣ୍ଟରେ ମହିଳା ରାଜନୀତିଜ୍ଞ, ଚିତ୍ରତାରକାମାନେ ମଧ୍ୟ ନିଜ ଶିଶୁକୁ କ୍ଷୀର ଖୁଆଇବାକୁ ପଛାଉନାହାନ୍ତି। ଏହାଦ୍ୱାରା ମା'ଦେହରେ ଥିବା ସମସ୍ତ ଗଚ୍ଛିତ ଚର୍ବି ଅଂଶ, ପୁଷ୍ଟିସାର ଓ ଶ୍ୱେତସାର ଅଂଶ କମିଯାଏ। ମସ୍ତିଷ୍କରୁ ଅକ୍ସିଟୋସିନ୍ ହର୍‌ମୋନର କ୍ଷରଣ ହେବାଦ୍ୱାରା ଜରାୟୁ ସଙ୍କୁଚିତ ହୋଇଥାଏ, ଏହାର ଆକାର କମିଯାଇଥାଏ ଏବଂ ପ୍ରସବ ପରେ ରକ୍ତ କ୍ଷରଣ ମଧ୍ୟ କମ୍ ହୋଇଥାଏ। ଏଥିରେ ସମ୍ପ୍ରସାରିତ ପାକସ୍ଥଳୀ ଓ ଅନ୍ତନଳୀ ସଙ୍କୁଚିତ ହୋଇ ଶୀଘ୍ର ସାଧାରଣ ଅବସ୍ଥାକୁ ଫେରିଆସିଥାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା'ର ମାସିକ



### ଶିଶୁ ପାଇଁ ଅମୃତ

ମା' କ୍ଷୀରରେ ସବୁ ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଛି ଯାହା ଶିଶୁକୁ ସୁସ୍ଥ ରଖିଥାଏ । ବିଶେଷକରି ଜନ୍ମ ପରର ପ୍ରଥମ କଷକ୍ଷୀର ଶିଶୁ ପାଇଁ ପ୍ରଥମ ପ୍ରତିଷେଧକ ଟିକା ଭଳି କାମ କରିଥାଏ । ମା' କ୍ଷୀର ନ ଖାଇ ଡବାକ୍ଷୀର ଖାଉଥିବା ଶିଶୁମାନେ ବେଶି ମୋଟା ହୋଇଯାନ୍ତି ଓ ତାଙ୍କ ଦେହରେ ଚର୍ବି ଜମିଯାଏ, କିନ୍ତୁ ମା' କ୍ଷୀର ଖାଇଲେ ଶିଶୁମାନେ ସୁସ୍ଥ ରୁହନ୍ତି । ପାଟିରେ ସ୍ତନ୍ୟପାନ କଲେ ଶିଶୁମାନଙ୍କୁ ମଧ୍ୟ ପରିଶ୍ରମ କରିବାକୁ ପଡ଼ିଥାଏ ଏବଂ ଏହା ଶିଶୁକୁ ମୋଟା ହେବାକୁ ଦିଏ ନାହିଁ । ଡବାକ୍ଷୀର ଖାଉଥିବା ଶିଶୁ ଭଳି ଏମାନେ ବେଶି ମୋଟା ହୁଅନ୍ତି ନାହିଁ କି ତାଙ୍କ ଦେହରେ ଚର୍ବି ଜମେ ନାହିଁ । ତେଣୁ ସେମାନେ ସୁସ୍ଥ ଓ ସୁନ୍ଦର ହୁଅନ୍ତି । ପ୍ରଥମ ୬ମାସ କେବଳ ମା' କ୍ଷୀର ଖାଉଥିବା ଶିଶୁ ଅନ୍ୟ ଶିଶୁଙ୍କ ତୁଳନାରେ ଅଧିକ ସୁସ୍ଥ ଓ ବଳବାନ୍ ହୋଇଥାନ୍ତି।

ଋତୁସ୍ରାବ ବିଳମ୍ବରେ ହୋଇଥାଏ (ଲାକ୍ଟେସନାଲ ଆମିନୋରିଆ) ଏବଂ ଗର୍ଭଧାରଣରେ ଡେରି ହୋଇଥାଏ (ଟେମ୍ପୋରାରି କଣ୍ଟ୍ରାସେପ୍‌ସନ୍)।

**ଜାଣନ୍ତୁ , ଏହାବ୍ୟତୀତ ସ୍ତନ୍ୟପାନ ମା'କୁ କେଉଁ ସବୁ ରୋଗରୁ ସୁରକ୍ଷା ଦେଇଥାଏ**

**କର୍କଟ:** ଶିଶୁକୁ ୬ ମାସ ପର୍ଯ୍ୟନ୍ତ କେବଳ ମା'କ୍ଷୀର ଖାଇବାକୁ ଦିଆଯାଇଥାଏ। ଏହାଛଡ଼ା ଶିଶୁକୁ ୨ବର୍ଷ ଯାଏ ସ୍ତନ୍ୟପାନ କରାଇଥିଲେ ମାସିକ ଋତୁସ୍ରାବର ବିରତି ପୂର୍ବରୁ ଶତକଡ଼ା ୪୦ଭାଗ, ୬ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇଥିବା ମା'ର ମେନୋପଜ୍ ଆଗରୁ ସ୍ତନ କର୍କଟ ରୋଗ ହେବା ଆଶଙ୍କା ଶତକଡ଼ା ୬୬ ଭାଗ କମିଯାଇଥାଏ । ସେହିପରି ୭ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇଥିବା ମା'ର ସ୍ତନ କର୍କଟ ରୋଗ ହେବା ସମ୍ଭାବନା ପ୍ରାୟ ନ ଥାଏ କହିଲେ ଚଳେ । ସେହିପରି ଏହା ଜରାୟୁଗ୍ରୀବା କର୍କଟ ରୋଗର ଆଶଙ୍କା ବହୁମାତ୍ରାରେ ହ୍ରାସ କରିଥାଏ ।

**ମେଦବହୁଳତା:** ଯେଉଁ ମା'ମାନେ କେବଳ ଶିଶୁକୁ ନିଜ କ୍ଷୀର ଖୁଆଇଥାନ୍ତି ସେମାନଙ୍କର ଚର୍ବି ଅଂଶ ଓ କ୍ୟାଲୋରି ଅଧିକ ଖର୍ଚ୍ଚ ହେଉଥିବାରୁ ମେଦବହୁଳତା ଦେଖାଦେଇ ନ ଥାଏ । ଏହାଛଡ଼ା ସ୍ତନ୍ୟପାନ କରାଉଥିବା ମା'ର ରକ୍ତରେ କୋଲେଷ୍ଟେରଲ୍ ଓ ଟ୍ରାଇଗ୍ଲିସେରାଇଡ୍ (ରକ୍ତରେ ଚର୍ବି ଅଂଶ) କମ୍ ପରିମାଣରେ ଥାଏ ଯାହାକି ହୃଦ୍‌ରୋଗ ଆଶଙ୍କା କମାଇଥାଏ ।

**ହାଡ଼ପୋରିଆ ରୋଗ–** ମା'ସ୍ତନରେ କ୍ଷୀର ପ୍ରସ୍ତୁତି ଆରମ୍ଭ ହେବାବେଳେ କ୍ୟାଲ୍‌ସିୟମ୍ ସିଧାସଳଖ ମା'ଦେହରୁ କ୍ଷୀର ଦ୍ୱାରା ଶିଶୁ ଦେହକୁ ଯାଇଥାଏ । ଅନେକଙ୍କର ଧାରଣା ଯେ, ଏଥିପାଇଁ ମା'ମାନଙ୍କ ହାଡ଼ପୋରିଆ ରୋଗ ବା ଓଷ୍ଟିଓପୋରୋସିସ୍ ରୋଗ ହୋଇଥାଏ । କିନ୍ତୁ ପ୍ରକୃତରେ ଅନୁସନ୍ଧାନରୁ ଜଣାଯାଇଛି ଯେ, ସ୍ତନ୍ୟପାନ କଲେ, ହାଡ଼ରେ ପୁଣି ରିମିନେରାଇଲାଜେଶନ ପ୍ରକ୍ରିୟା ଆରମ୍ଭ ହୁଏ ଏବଂ ମାସିକ ଋତୁସ୍ରାବ ପରେ ହାଡ଼ ଭାଙ୍ଗିବା କମିଯାଇ ହାଡ଼ର ସାନ୍ଦ୍ରତା ବଢ଼ିଥାଏ ।


**ଷ୍ଟ୍ରୋକ୍:** ଆମେରିକାନ୍ ହାର୍ଟ ଆସୋସିଏସନର ଜର୍ନାଲରେ ପ୍ରକାଶିତ ତଥ୍ୟରୁ ଜଣାଯାଇଛି ଯେ, ସ୍ତନ୍ୟପାନ କରିବା ଦ୍ୱାରା ମା'ମାନଙ୍କର ହୃଦ୍‌ଘାତ ଓ ମସ୍ତିଷ୍କାଘାତ ଆଶଙ୍କା କମିଯାଏ । ଶିଶୁଜନ୍ମର ୧୦ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ମା'କୁ ଏଭଳି ସୁରକ୍ଷା ଦେଇଥାଏ । କାରଣ ଶିଶୁ ଜନ୍ମ ପରେ ମା' ଶରୀରର ମେଟାବୋଲିଜମ୍‌ର ପରିବର୍ତ୍ତନ ଘଟେ ଏବଂ ଅତ୍ୟଧିକ ଚର୍ବି କ୍ଷୟ ମଧ୍ୟ ହୋଇଥାଏ । କେବଳ ମା' ସ୍ତନ୍ୟପାନ କରାଇଲେ, ଷ୍ଟ୍ରେସ୍ କମିଯିବା ସାଙ୍ଗକୁ ମସ୍ତିଷ୍କ ସହ ହୃତ୍‌ପିଣ୍ଡକୁ ମଧ୍ୟ ସୁରକ୍ଷା ଯୋଗାଇଥାଏ ।

**ସ୍ମୃତିଭ୍ରମ ରୋଗ–** ଗର୍ଭାବସ୍ଥାରେ ଗ୍ଲୁକୋଜ ଟଲସେନ୍ସ ଓ ଇନ୍‌ସୁଲିନ୍ ସେନ୍ସିଟିଭିଟି କମିଯାଇଥାଏ । ସ୍ତନ୍ୟପାନ ଦ୍ୱାରା ଏହା ପୁଣି କାର୍ଯ୍ୟକ୍ଷମ ହୋଇଯାଏ । ଫଳରେ ସ୍ତନ୍ୟପାନ କରାଇଥିବା ମା'ଙ୍କଠାରେ ବେଶି ବୟସରେ ହେଉଥିବା ସ୍ମୃତିଭ୍ରମ ବା ଆଲ୍‌ଝିମର୍ସ ରୋଗ ହେବା ବିପଦ କମିଯାଇଥାଏ ।

**ଡିପ୍ରେଶନ:** ସ୍ତନ୍ୟପାନ ସମୟରେ ମା' ଅନ୍ୟ କଥା ଯଥା ବାହାର ପରିବେଶ ବା ପାରିବାରିକ ପରିବେଶ କଥା ଚିନ୍ତା ନ କରି କେବଳ ଶିଶୁକୁ ସ୍ତନ୍ୟପାନ କରାଇବାରେ ନିଜର ସମସ୍ତ ସମୟ ବିନିଯୋଗ କରିଥାଏ । ଏଥିପାଇଁ ମାନସିକ ଅବସାଦ ବା ଡିପ୍ରେଶନ ମଧ୍ୟ କମିଯାଏ । ଫଳରେ ନିଦର ଗୁଣାତ୍ମକ ଓ ସଂଖ୍ୟାତ୍ମକ ମାନ ବଢ଼ାଇଦିଏ । ଯଦ୍ୱାରା ସେମାନେ ନିଜକୁ ଖୁବ୍ ସୁସ୍ଥ ମନେକରନ୍ତି ।

ସ୍ତନ୍ୟପାନ ମା'କୁ ଅନେକ ରୋଗରୁ ରକ୍ଷାକରିବା ସହ ମାନସିକ, ଶାରୀରିକ, ସୁସ୍ଥତା ସାଙ୍ଗକୁ ସୁନିଦ୍ରା ଦେଇଥାଏ । ଏହାଦ୍ୱାରା ଶିଶୁ ସୁସ୍ଥ ଓ ସୁନ୍ଦର ହେବା ସହ ମା' ମଧ୍ୟ ଏକ ଉଜ୍ଜ୍ୱଳ ଆଭା ଓ ଅପରୂପ ସୌନ୍ଦର୍ଯ୍ୟର ଅଧିକାରିଣୀ ହୋଇଥାଏ ।

– ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ
ଲିଙ୍କ୍‌ରୋଡ୍, କଟକ,
ମୋ–୯୪୩୭୦୫୫୦୦୭





ପ୍ୟାରିସ ଅଲିମ୍ପିକ୍ସରେ ସୋମବାର ମହିଳା ଫ୍ରିଷ୍ଟାଇଲ ୬୮ କେଜି କୁସ୍ତିରେ ୟୁକ୍ରେନର ଟେଟିଆନା ଶୋଭା ରିଝକୋ ଓ ଭାରତର ନିଶା (ଉପରେ)ଙ୍କ ମଧ୍ୟରେ ଲଢ଼େଇ।

# ବ୍ରୋଞ୍ଜ ପ୍ଲେ ଅଫ୍‌ରେ ଝୁଣ୍ଟିଲେ ଲକ୍ଷ୍ୟ, ସ୍କିଟ୍ ଦଳ

ପ୍ୟାରିସ୍, ୫।୮ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ସୋମବାର ଭାରତ ପାଇଁ ଅତ୍ୟନ୍ତ ନିରାଶାଜନକ ରହିଛି। ଭାରତର ପଦକ ଆଶା ଲକ୍ଷ୍ୟ ସେନ୍ ଓ ମିକ୍ସଡ ସ୍କିଟ୍ ଶୁଟିଂ ଦଳ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ପରାଜିତ ହୋଇଛନ୍ତି। ମାଲେସିଆର ଲି ଜି ଜିଆଙ୍କ ବିପକ୍ଷରେ ଖେଳୁଥିବା ଲକ୍ଷ୍ୟ ସେନ୍ ୨୧-୧୨, ୧୬-୨୧ ଓ ୧୧-୨୧ରେ ପରାଜିତ ହୋଇଥିଲେ। ଲକ୍ଷ୍ୟ ସେନ୍‌ଙ୍କ ଷ୍ଟ୍ରାଇକିଂ ହାତରେ ଯନ୍ତ୍ରଣା ସତ୍ତ୍ୱେ ମେଡିକାଲ ସହାୟତା ନେଇ ସେ ଖେଳିଥିଲେ। ତେବେ ବିଶ୍ୱର ୫ ନମ୍ବର ଖେଳାଳିଙ୍କ ବିପକ୍ଷରେ ଏହା ଯଥେଷ୍ଟ ନ ଥିଲା। ପ୍ରଥମ ସେଟ୍‌କୁ ପ୍ରଭାବ ବିସ୍ତାର କରି ଲକ୍ଷ୍ୟ ୨୧-୧୨ରେ ଜିତି ନେଇଥିଲେ। ତେବେ ପରବର୍ତ୍ତୀ ୨ ସେଟ୍‌କୁ ଜିଆ ଜିତିବା ସହ ବ୍ରୋଞ୍ଜ ପଦକ ହାତେଇଥିଲେ। ଦ୍ୱିତୀୟ ସେଟ୍‌ର ଅଧାରୁ ଲକ୍ଷ୍ୟଙ୍କ ହାତର କହୁଣିରେ ସମସ୍ୟା ବଢ଼ିବାରେ ଲାଗିଥିଲା। ହାତରେ ଟେପିଂ କରି ଖେଳିଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ନ ଥିଲା। ଲକ୍ଷ୍ୟ ପରାଜିତ ହେବା ସହିତ ବ୍ୟାଡ୍‌ମିଣ୍ଟନରେ ଭାରତର ଅଭିଯାନ ଶେଷ ହୋଇଛି।

## ସ୍କିଟ୍ ଦଳ ପରାସ୍ତ

ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ମ୍ୟାଚ୍‌ରେ ଚାଇନା ନିକଟରୁ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ପରାଜିତ ହୋଇଛି ଭାରତ। ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୪୪-୪୩ରେ ହାରିଥିଲା। ପ୍ଲେ ଅଫ୍‌ରେ ଅନନ୍ତ ଜିତ୍ ସିଂ ନାରୁକା ମାତ୍ର ୨ଟି ଶଟ୍ ମିସ୍ କରିଥିବା ବେଳେ ମହେଶ୍ୱରୀ ଚୌହାନ୍ ୩ଟି ଶଟ୍ ମିସ୍ କରିଥିଲେ। ଅନ୍ୟପକ୍ଷରେ ଚାଇନାର ଲୁ ଜିଆନଲିନ୍ ସମ୍ପୂର୍ଣ୍ଣ ପର୍ଫେକ୍ଟ ସ୍କୋର କରିଥିଲେ। ଭାରତୀୟ ଯୋଡି କ୍ୱାଲିଫିକେଶନରେ ୧୪୬ ପଏଣ୍ଟ ସ୍କୋର କରିବା ସହ ଚାଇନା ସହ ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ସ୍ଥିର କରିଥିଲେ। ଅନନ୍ତ-ମହେଶ୍ୱରୀ ଯୋଡି ପ୍ରଥମ ପ୍ରୟାସରେ ୪୯ ପଏଣ୍ଟ ସ୍କୋର କରି ଯୁଗ୍ମ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନନ୍ତଜିତ୍ ୨୫ରୁ ୨୫ ସ୍କୋର କରିଥିବା ବେଳେ ମହେଶ୍ୱରୀ ୨୫ରୁ ୨୪ଟି ଶୁଟ୍ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଭାରତ ୪୮ ପଏଣ୍ଟ ସ୍କୋର କରିଥିଲା। ମହେଶ୍ୱରୀ ପର୍ଫେକ୍ଟ ୨୫ ସ୍କୋର କରିଥିବା ବେଳେ ଅନନ୍ତଜିତ୍ ୨୩ଟି ଶଟ୍‌ରେ ସ୍କୋର କରିଥିଲେ। ତୃତୀୟ ରାଉଣ୍ଡରେ ଭାରତ ପାଇଁ ୪୯ ପଏଣ୍ଟ ସ୍କୋର କରିଥିଲେ ଅନନ୍ତ-ମହେଶ୍ୱରୀ। ଅନନ୍ତ ଏହି ରାଉଣ୍ଡରେ ମାତ୍ର ୨୪ ପଏଣ୍ଟ ସ୍କୋର କରିଥିବା ବେଳେ ମହେଶ୍ୱରୀ ଆଉ ଏକ ପର୍ଫେକ୍ଟ ସ୍କୋର ହାସଲ କରିଥିଲେ।

## ମହିଳା ଟି.ଟି. ଦଳ କ୍ୱାର୍ଟରରେ

ମନିକା ବାତ୍ରାଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଟେବୁଲ ଟେନିସ୍ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ରୋମାନିଆକୁ ୩-୨ରେ ପରାସ୍ତ କରି ଭାରତ ବିଜୟ ହାସଲ କରିଛି। ଆରମ୍ଭରୁ ଭାରତ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ରୋମାନିଆ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍‌କୁ ୨-୨ ସ୍ଥିତିକୁ ଆଣିଥିବା ବେଳେ ନିର୍ଣ୍ଣାୟକ ମ୍ୟାଚ୍‌ରେ ମନିକା ଭାରତକୁ ଜିତାଇଥିଲେ। ଶ୍ରୀଜା ଆକୁଲା ଓ ଅର୍ଚ୍ଚନା କାମଥ୍‌ଙ୍କ ଯୋଡି ପ୍ରଥମ ମ୍ୟାଚ୍‌ରେ ୧୧-୯, ୧୨-୧୦ ଓ ୧୧-୭ ସେଟରେ ବିଜୟୀ ହୋଇଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ମନିକା ଉଚ୍ଚ ମାନ୍ୟତାପ୍ରାପ୍ତ ବର୍ନାଡେଟ୍ ସଜ୍‌ସଙ୍କୁ ୧୧-୫, ୧୧-୭ ଓ ୧୧-୭ରେ ହରାଇ ବିଜୟ ହାସଲ କରିଥିଲେ। ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ଶ୍ରୀଜା ଆକୁଲା ଓ ଅର୍ଚ୍ଚନା କାମଥ୍ ପରାଜିତ ହୋଇଥିବା ବେଳେ ଅନ୍ତିମ ମ୍ୟାଚ୍‌କୁ ମନିକା ଜିତି ନେଇଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଆମେରିକା ଓ ଜର୍ମାନୀର ବିଜେତାକୁ ଭେଟିବ।

## ରିପିଚେଜ୍‌ରେ କିରଣ

ଭାରତୀୟ ମହିଳା ଧାବିକା କିରଣ ପହଲ ୪୦୦ ମିଟର ରେସ୍‌ର ହିଟ୍‌ରେ ସପ୍ତମ ସ୍ଥାନରେ ଥିବା ବେଳେ ରିପିଚେଜ୍ ରାଉଣ୍ଡରେ ଅଂଶଗ୍ରହଣ କରିବେ। ସୋମବାର ୨୪ ବର୍ଷରେ ପଦାର୍ପଣ କରିଥିବା କିରଣ ୫୨.୨୧ ସେକେଣ୍ଡର ଟାଇମିଂ ସହ ସପ୍ତମ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ କିରଣଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୫୦.୯୨କୁ ସେ ଛୁଇଁ ପାରି ନ ଥିଲେ। ଡୋମିନିକାର ମେରିଲିଡି ପଲିନୋ ପ୍ରଥମ ସ୍ଥାନରେ ରହିଥିଲେ।

## କ୍ୱାର୍ଟରରେ ହାରିଲେ ନିଶା

ଭାରତୀୟ ମହିଳା ରେସ୍‌ଲର ନିଶା ଦହିୟା କଟଟିରେ ଆଘାତ କାରଣରୁ ମହିଳା ୬୮ କିଗ୍ରା ଓଜନ ବର୍ଗରେ ପରାଜିତ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ନିଶା ୟୁକ୍ରେନ୍‌ର ସୋଭା ରିଝକୋଟଙ୍କୁ ୬-୪ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ନିଶା କ୍ୱାର୍ଟର ଫାଇନାଲର ପ୍ରଥମ ୫ ମିନିଟ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ୮-୧ରେ ଆଗୁଆ ରହିଥିବା ବେଳେ ଆଘାତ କାରଣରୁ ଫଳରେ ଅନ୍ତିମ ୨୬ ସେକେଣ୍ଡରେ ୯ ପଏଣ୍ଟ ହରାଇ ସେ ପରାଜିତ ହୋଇଥିଲେ।



ମାଲେସିଆର ଲି ଜି ଜିଆଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ଭାରତର ଲକ୍ଷ୍ୟ ସେନ୍।

# ଉଦ୍‌ଯାପନୀ ସମାରୋହରେ ମନୁ ପତାକା ବାହକ

ପ୍ୟାରିସ୍,୫।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଉଦ୍‌ଯାପନୀ ସମାରୋହ ପାଇଁ ଶୁଟିଂ ସେନ୍‌ସେସନ ମନୁ ଭାକର ଭାରତର ପତାକା ବାହକ ହେବାକୁ ଯାଉଛନ୍ତି। ରବିବାର ହେବାକୁ ଥିବା ଉଦ୍‌ଯାପନୀ ସମାରୋହ ପାଇଁ ମନୁ ଭାରତୀୟ ଦଳର ନେତୃତ୍ୱ ନେବେ ବୋଲି ସୋମବାର ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ(ଆଇଓଏ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚଳିତ ଅଲିମ୍ପିକ୍ସରେ ମନୁ ପ୍ରଥମ ଭାରତୀୟ ମହିଳା ଭାବରେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହାପରେ ସରବଜୋତ୍ ସିଂଙ୍କ ସହ ମିଶି ମିକ୍ସଡ ଟିମ୍ ଇଭେଣ୍ଟରେ ମଧ୍ୟ ସେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୨ ବର୍ଷୀୟା ମନୁ ଚତୁର୍ଥ ଭାରତୀୟ ଭାବରେ ଦୁଇଟି ଅଲିମ୍ପିକ୍ସ ପଦକ ଓ ସ୍ୱାଧୀନ ଭାରତର ପ୍ରଥମ ଆଥଲେଟ ଭାବରେ ଗୋଟିଏ ସଂସ୍କରଣରେ ଦୁଇଟି ପଦକ ହାସଲ କରିଥିଲେ। ଚଳିତ ଅଲିମ୍ପିକ୍ସରେ ମନୁଙ୍କ ସଫଳତାକୁ ଦୃଷ୍ଟିରେ ରଖି ଆଇଓଏ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ସେହିପରି ଉଦ୍‌ଯାପନୀ ସମାରୋହ ପାଇଁ ମନୋନୀତ ହେବା ତାଙ୍କ ପାଇଁ ସମ୍ମାନର ବିଷୟ ବୋଲି କହିଛନ୍ତି ମନୁ ଭାକର। ମନୁଙ୍କ ବ୍ୟତୀତ ରାଇଫଲ ଶୁଟର ସ୍ୱପ୍ନିଲ କୁସାଲେ ଭାରତ ପାଇଁ ଅନ୍ୟ ପଦକ ଜିତିଛନ୍ତି।



ତ୍ରିରଙ୍ଗା ଓ ପଦକ ସହ ମନୁ ଭାକର।

# ବିମ୍‌ରୁ ଖସି ପଡ଼ିଲେ ବାଇଲ୍ସ

ପ୍ୟାରିସ୍,୫।୮(ପି.ଟି.): ଅଲିମ୍ପିକ୍ସକୁ ପ୍ରତ୍ୟାବର୍ତ୍ତନ କରିଥିବା ଆମେରିକାର ମହିଳା ଜିମ୍ନାଷ୍ଟ ସିମୋନ୍ ବାଇଲ୍ସ ବିମ୍ ଇଭେଣ୍ଟର ଫାଇନାଲରେ ଅଳ୍ପକେ ପଦକରୁ ବଞ୍ଚିତ ହୋଇଛନ୍ତି। ବିମ୍ ଇଭେଣ୍ଟ ଫାଇନାଲରେ ବାଇଲ୍ସ ବିମ୍‌ରୁ ଖସି ପଡିଥିବା ବେଳେ ପଞ୍ଚମ ସ୍ଥାନରେ ରହିଥିଲେ। ସେହିପରି ଫ୍ଲୋର ଇଭେଣ୍ଟରେ ବାଇଲ୍ସ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ବ୍ରାଜିଲର ରେବେକା ଆଣ୍ଡ୍ରାଡେ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରେବେକା ୧୪.୧୬୬ ପଏଣ୍ଟ ଓ ବାଇଲ୍ସ ୧୪.୧୩୩ ପଏଣ୍ଟ ହାସଲ କରିଥିଲେ। ଏହା ବାଇଲ୍ସଙ୍କ ପାଇଁ ୧୧ ତମ ଅଲିମ୍ପିକ୍ସ ପଦକ ହୋଇଥିବା ବେଳେ ପ୍ରଥମ ଥର ପାଇଁ ସେ ଫ୍ଲୋର ଏକ୍ସରସାଇଜରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଆମେରକୀୟ ଖେଳାଳି ଜୋର୍ଡାନ ଚାଇଲ୍ସ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ବାଇଲ୍ସ ୩ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ପୁରୀରୁ ପ୍ୟାରିସ

## କିଶୋରଙ୍କ ଜାଭେଲିନ ଯାତ୍ରା



ଭୁବନେଶ୍ୱର, ୫।୮

(ତପନ ସ୍ୱାଇଁ)

ପ୍ୟାରିସ ଅଲିମ୍ପିକ୍ସରେ ମଙ୍ଗଳବାର ଆକ୍ସନରେ ଦେଖିବାକୁ ମିଳିବେ ଓଡ଼ିଶାର କିଶୋର ଜେନା। ଓଡ଼ିଶାରୁ ଏଥର ମାତ୍ର ୨ ଜଣ ଖେଳାଳି ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବାବେଳେ ଅମିତ ରୋହିଦାସ ପୁରୁଷ ହକି ଦଳ ସହ ମ୍ୟାଚ ଖେଳି ଆସୁଛନ୍ତି। ଗ୍ରେଟବ୍ରିଟେନ ବିପକ୍ଷ କ୍ୱାର୍ଟର ଫାଇନାଲ ଅବସରରେ ରେଡ୍‌କାର୍ଡ ପାଇ ଗୋଟିଏ ମ୍ୟାଚରୁ ସସ୍‌ପେଣ୍ଡ ହୋଇଥିବା ଅମିତଙ୍କ ପାଇଁ ଏହା ଦ୍ୱିତୀୟ ଅଲିମ୍ପିକ୍ସ। ମାତ୍ର କିଶୋର ଏଥର ପ୍ରଥମଥର ପାଇଁ ଅଲିମ୍ପିକ୍ସର ଅଭିଜ୍ଞତା ହାସଲ କରିବେ। ଅଲିମ୍ପିକ୍ସର ପୁରୁଷ ଜାଭେଲିନ୍ ଥ୍ରୋ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଅପରାହ୍ନ ୧ଟା ୫୦ରେ ଆରମ୍ଭ ହେବ। କିଶୋର ଏହି ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। କିଶୋରଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ହେଉଛି ୮୭.୫୪ ଓ ସିଜନ ଶ୍ରେଷ୍ଠ ହେଉଛି ୮୦.୮୪ ମିଟର। ଗ୍ରୁପ୍ 'ଏ'ରେ କେନିୟାର ଜୁଲିଅସ ୟେଗୋ (୯୨.୭୨ ମିଟର), ବିଶ୍ୱର ନମ୍ବର ୱାନ ଖେଳାଳି ଚେକ୍ ରିପବ୍ଲିକର ଜାକୁବ ଭାଡଲେଚ (୯୦.୮୮), ତ୍ରିନିଦାଦ ଆଣ୍ଡ ଟବାଗୋର କେଶୋର୍ନ ୱାଲକଟ (୯୦.୧୬), ଫିନ୍‌ଲାଣ୍ଡର ଓଲିଭର ହେଲାଣ୍ଡର (୮୯.୮୩), ଇଜିପ୍ଟର ଇହାବ ଆବଡେଲ ରହମନ (୮୯.୨୧), ଜର୍ମାନୀର ଜୁଲିଆନ ୱେବର (୮୯.୫୪) ପ୍ରମୁଖ ମୋଟ ୧୬ ଜଣ ଆଥଲେଟ୍ ରହିଛନ୍ତି। ତେଣୁ କିଶୋରଙ୍କୁ ଯୋଗ୍ୟତା ପର୍ଯ୍ୟାୟରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ଅନ୍ୟପକ୍ଷରେ ଗ୍ରୁପ୍ 'ବି'ରେ ଗତଥରର ସ୍ୱର୍ଣ୍ଣ ପଦକ ବିଜେତା ଭାରତର ନୀରଜ ଚୋପ୍ରା (୮୯.୯୪)ଙ୍କ ସମେତ ୧୬ ଆଥଲେଟ୍ ରହିଛନ୍ତି।

୧୯୯୫ ସେପ୍ଟେମ୍ବର ୬ରେ ପୁରୀ ଜିଲା ବ୍ରହ୍ମଗିରିସ୍ଥିତ କୋଠସାହିରେ କିଶୋରଙ୍କ ଜନ୍ମ। ତାଙ୍କ ମା'ଙ୍କ ନାମ ହରପ୍ରିୟା ଓ ବାପା କେଶବ ଜେନା। ବାପା ଜଣେ କୃଷକ। ସମ୍ପ୍ରତି ମଧ୍ୟପ୍ରଦେଶର ଭୋପାଳସ୍ଥିତ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍)ରେ କାର୍ଯ୍ୟରତ କିଶୋର ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରୁ ହିଁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ନୀଳମାଧବ ଦେଓ ଓ ରୂପାନ୍ୱିତା ପଣ୍ଡାଙ୍କଠାରୁ ପ୍ରଶିକ୍ଷଣ ପାଇ ଆଗକୁ ବଢ଼ିଥିବା ଏହି ତାରକା ଆଥଲେଟ୍ ସମ୍ପ୍ରତି ସମରଜିତ ସିଂ ମାଲ୍‌ହିଙ୍କଠାରୁ ଟ୍ରେନିଂ ନେଉଛନ୍ତି। ତାଙ୍କର ଶ୍ରେଷ୍ଠ ଥ୍ରୋ ହେଉଛି ୮୭.୫୪ ମିଟର। ୨୦୨୩ ଅକ୍ଟୋବର ୪ରେ ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ୧୯ଶ ଏସିଆନ ଗେମ୍ସରେ କିଶୋର ଏହି ସଫଳତା ଲାଭ କରିଥିଲେ। ୨୦୧୫ରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରେ ଭର୍ତ୍ତି ହେବାବେଳେ ସେ ଭଲିବଲ ଖେଳୁଥିଲେ। ୨୦୧୯ରେ ପାଖାପାଖି ୨୨ ବର୍ଷ ବୟସରେ ସେ ଜାଭେଲିନ୍ ଥ୍ରୋକୁ ଆପଣେଇ ନେଇଥିଲେ। ତା' ପରଠାରୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି ଏହି ସାହସୀ ଯୁବକ। ଅଲିମ୍ପିକ୍ସ ବ୍ୟତୀତ ସେ ଓଡ଼ିଶାର ପ୍ରଥମ ଆଥ୍‌ଲେଟ୍‌ଭାବେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ରାଜ୍ୟ, ଜୋନାଲ ଏବଂ ଜାତୀୟ ସ୍ତରରେ ଅନେକ ସଫଳତା ଲାଭ କରିଥିବା କିଶୋର ୨୦୨୩ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଏହିବର୍ଷ ଜୁଲାଇ ୨୧ରେ ଲେବାନନର ବେରୁଟରେ ଅନୁଷ୍ଠିତ ଲେବାନନ ନ୍ୟାଶନାଲ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସେ ୭୮.୯୬ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

> ପୁରୀ ଜିଲା ବ୍ରହ୍ମଗିରିସ୍ଥିତ କୋଠସାହିରେ ଜନ୍ମିତ କିଶୋର ଜେନା ମଙ୍ଗଳବାର ପ୍ୟାରିସ ଅଲିମ୍ପିକ୍ସରେ ପଦାର୍ପଣ କରିବେ। ଅଲିମ୍ପିକ୍ସ ପରି କ୍ରୀଡ଼ାର ମହାମଞ୍ଚରେ କିଶୋର ଶ୍ରେଷ୍ଠ ପ୍ରଦର୍ଶନ କରି ଓଡ଼ିଶାକୁ ଗୌରବାନ୍ୱିତ କରିବା ଆଶା...

ସେହିପରି ୨୦୨୩ ଜୁଲାଇ ୨୮ରେ କଲମ୍ବୋରେ ଆୟୋଜିତ ଶ୍ରୀଲଙ୍କା ନ୍ୟାଶନାଲ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ବ୍ୟକ୍ତିଗତ ଶ୍ରେଷ୍ଠ ୮୪.୩୮ ମିଟର ଥ୍ରୋ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ୨୦୨୩ ଅଗଷ୍ଟ ୨୭ରେ ହଙ୍ଗେରିର ବୁଦାପେଷ୍ଟରେ ଅନୁଷ୍ଠିତ ୧୯ଶ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୮୪.୭୭ ମିଟର ଥ୍ରୋ କରି ନିଜ ରେକର୍ଡରେ ଉନ୍ନତି ଆଣିଥିଲେ ହେଁ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ୨୦୨୩ ଅକ୍ଟୋବର ୪ରେ ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ୧୯ଶ ଏସିଆନ ଗେମ୍ସରେ ୮୭.୫୪ ମିଟର ଜାଭେଲିନ୍ ଥ୍ରୋ କରି ଇତିହାସ ରଚିଥିଲେ। କାରଣ ଏହାଥିଲା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। କେବଳ ସେତିକି ନୁହେଁ ଏସିଆନ ଗେମ୍ସରେ ରୌପ୍ୟ ପଦକ ଜିତିବା ସହ ସେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଚଳିତ ବର୍ଷ ମେ' ୧୦ରେ ୟୁଏଇର ଦୋହାଠାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍‌ରେ ସେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୭୬.୩୧ ମିଟର ଥ୍ରୋ କରିବାରୁ ୯ମ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ।

ଦିଲୀପ ତିର୍କୀ (୧୯୯୬ ଆଟଲାଣ୍ଟା, ୨୦୦୦ ସିଡ୍‌ନୀ, ୨୦୦୪ ଏଥେନ୍ସ), ଲାଜରୁସ ବାର୍ଲା (୨୦୦୦ ସିଡ୍‌ନୀ), ରଚିତା ପଣ୍ଡା ମିସ୍ତ୍ରୀ (୨୦୦୦ ସିଡ୍‌ନୀ), ଅନୁରାଧା ବିଶ୍ୱାଳ(୨୦୦୦ ସିଡ୍‌ନୀ), ଇଗ୍ନେସ ତିର୍କୀ (୨୦୦୪ ଏଥେନ୍ସ, ୨୦୧୨ ଲଣ୍ଡନ), ୱିଲିୟମ ଖାଲ୍‌କୋ (୨୦୦୪ ଏଥେନ୍ସ), ବୀରେନ୍ଦ୍ର ଲାକ୍ରା (୨୦୧୨ ଲଣ୍ଡନ, ୨୦୨୦ ଟୋକିଓ), କେ. ରବିକୁମାର (୨୦୧୨ ଲଣ୍ଡନ), ଦୂତୀ ଚାନ୍ଦ (୨୦୧୬ ରିଓ ଡି ଜେନିରୋ, ୨୦୨୦ ଟୋକିଓ), ଶ୍ରାବଣୀ ନନ୍ଦ (୨୦୧୬ ରିଓ ଡି ଜେନିରୋ), ଦୀପ୍ ଗ୍ରେସ୍ ଏକ୍କା (୨୦୧୬ ରିଓ ଡି ଜେନିରୋ, ୨୦୨୦ ଟୋକିଓ), ସୁନୀତା ଲାକ୍ରା (୨୦୧୬ ରିଓ ଡି ଜେନିରୋ), ଲିଲିମା ମିଞ୍ଜ (୨୦୧୬ ରିଓ ଡି ଜେନିରୋ), ନମିତା ଟପ୍ପୋ (୨୦୧୬ ରିଓ ଡି ଜେନିରୋ), ଅମିତ ରୋହିଦାସ (୨୦୨୦ ଟୋକିଓ, ୨୦୨୪ ପ୍ୟାରିସ)ଙ୍କ ପରେ ଓଡ଼ିଶାର ୧୬ଶ କ୍ରୀଡ଼ାବିତ୍‌ଭାବେ କିଶୋର ଅଲିମ୍ପିକ୍ସରେ ପଦାର୍ପଣ କରିବାକୁ ଯାଉଛନ୍ତି।

### ଭାରତର କାର୍ଯ୍ୟସୂଚୀ (ମଙ୍ଗଳବାର)

**ଆଥଲେଟିକ୍ସ:**
ପୁରୁଷ ଜାଭେଲିନ୍ ଥ୍ରୋ ଯୋଗ୍ୟତା ପର୍ଯ୍ୟାୟ
ନୀରଜ ଚୋପ୍ରା (ଗ୍ରୁପ୍-ବି)(ସମୟ ଅପରାହ୍ନ ୩.୨୦)।
କିଶୋର ଜେନା(ଗ୍ରୁପ୍-ଏ) (ଅପରାହ୍ନ ୧.୫୦)।
ମହିଳା ୪୦୦ ମିଟର ରିପିଚେଜ୍ ରାଉଣ୍ଡ
କିରଣ ପହଲ (ଅପରାହ୍ନ ୨.୫୦)।
**ହକି** :ପୁରୁଷ ସେମି ଫାଇନାଲ
ଭାରତ ବନାମ ଜର୍ମାନୀ (ରାତି ୧୦.୩୦)।
**ଟେବୁଲ ଟେନିସ:** ପୁରୁଷ ଦଳଗତ ଇଭେଣ୍ଟ
ଭାରତ ବନାମ ଚାଇନା (ସମୟ ଅପରାହ୍ନ ୧.୩୦)।



ବେର୍ସି ଆରେନାରେ ସୋମବାର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବ୍ୟକ୍ତିଗତ ବାଲାନ୍ସ ବିମ୍ ଫାଇନାଲ୍ସ ଅବସରରେ ଇଟାଲୀର ମାନିଲା ଇସ୍ପୋସିଟୋ।



ପ୍ୟାରିସ ଅଲିମ୍ପିକ୍ସର ପୁରୁଷ ୪୦୦ ମିଟର ରେସ୍ ଅବସରରେ ପ୍ରତିଯୋଗୀମାନେ।

# ଆଜିଠାରୁ କଳିଙ୍ଗରେ ଜାତୀୟ ଜୁନିୟର ସନ୍ତରଣ

**ଭୁବନେଶ୍ୱର, ୫।୮ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମସ୍ଥିତ ଇନଡୋର୍ ଜଳକ୍ରୀଡା କେନ୍ଦ୍ରରେ ୪୦ତମ ସବ-ଜୁନିୟର ଓ ୫୦ ତମ ଜୁନିୟର ସନ୍ତରଣ ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହେବ। ଏହା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ସନ୍ତରଣ ମହାସଂଘ, ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ଏବଂ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେବେ। ଓଡିଶାରୁ ବାଳିକା ବର୍ଗରେ ୧୮ ଓ ବାଳକ ବର୍ଗରେ ୨୧ ଏହିପରି ମୋଟ ୩୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। କ୍ରୀଡା କ୍ଷେତ୍ରରେ ବିକାଶ ଆଣିବା, କ୍ରୀଡ଼ାବିତ୍ ମାନଙ୍କୁ ଉଚ୍ଚକୋଟିର ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ଓଡ଼ିଶାରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାମାନ ଆୟୋଜନ କରି କ୍ରୀଡାବିତ୍‌ଙ୍କର ଉତ୍ସାହ ବର୍ଦ୍ଧନ କରିବା ମୁଖ୍ୟ ଲକ୍ଷ୍ୟ। ତୃତୀୟ ଥର ପାଇଁ ଜାତୀୟ ସନ୍ତରଣ ପ୍ରତିଯୋଗିତା ଆୟୋଜନ ହେବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ।

ଜାତୀୟ ସନ୍ତରଣ ପ୍ରତିଯୋଗିତା ସମ୍ପର୍କରେ ମତ ଦେବାକୁ ଯାଇ ଭାରତୀୟ ସନ୍ତରଣ ମହାସଂଘର ସାଧାରଣ ସମ୍ପାଦକ ମୋନଲ ଚୋକ୍ସି କହିଛନ୍ତି ଯେ, ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ସବ୍-ଜୁନିୟର ଏବଂ ଜୁନିୟର ସନ୍ତରଣ ପ୍ରତିଯୋଗିତା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ନିଜ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ଏହା ଏକ ବଡ଼ ପ୍ଲାଟଫର୍ମ। ଜାତୀୟ ସନ୍ତରଣ କାର୍ଯ୍ୟକ୍ରମକୁ ବିଶ୍ୱ ସ୍ତରରେ ମାନ୍ୟତା ଦେବା ତଥା ପ୍ରତିଯୋଗିତା ନିମନ୍ତେ ଏକ ସୁଦୃଢ ଭିତ୍ତିଭୂମି ପ୍ରଦାନ କରିବାରେ ଓଡ଼ିଶାର ପ୍ରତିବଦ୍ଧତା ପ୍ରଶଂସନୀୟ। ପ୍ରକାଶଯୋଗ୍ୟ ଯେ, ଏଥର ସନ୍ତରଣ ପ୍ରତିଯୋଗିତାରେ ଫ୍ରି ଷ୍ଟାଇଲ୍‌ଠାରୁ ଆରମ୍ଭ କରି ବଟରଫ୍ଲାଏ ଆଦି ୭ଟି ବିଭାଗର ଇଭେଣ୍ଟ ଅନୁଷ୍ଠିତ ହେବ। ଓଡିଶାର ବାଳିକା ବର୍ଗରେ ମନ୍ନତା ମିଶ୍ର, ଅଂଶିକା ସାହୁ, ଧାନବୀ ଭୌମିକ୍ ଏବଂ ବାଳକ ବର୍ଗରେ ଅରିତ୍ରୋ ମଲ୍ଲିକ ଓ ଜଗଜିତ ପ୍ରଧାନଙ୍କ ଠାରୁ ପଦକ ଜିତିବାର ଆଶା ରଖାଯାଇଛି। ଅତ୍ୟାଧୁନିକ ପ୍ରଯୁକ୍ତି ଏବଂ ଭିତ୍ତିଭୂମି ସହିତ ସଜ୍ଜିତ, କଳିଙ୍ଗ ଷ୍ଟାଡିୟମ୍‌ର ଜଳକ୍ରୀଡା କେନ୍ଦ୍ରରେ ହେବାକୁ ଥିବା ଏହି ପ୍ରତିଯୋଗିତା କ୍ରୀଡ଼ାବିତ୍‌ମାନଙ୍କୁ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏକ ଆଦର୍ଶ ପରିବେଶ ସୃଷ୍ଟି କରୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଭାରତ-ଜର୍ମାନୀ ସେମିଫାଇନାଲ ଆଜି

**ପ୍ୟାରିସ, ୫।୮ (ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସର ପୁରୁଷ ହକିରେ ମଙ୍ଗଳବାର ଭାରତ ଓ ଜର୍ମାନୀ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ। ଗତ ଟୋକିଓ ଅଲିମ୍ପିକ୍ସରେ ଭାରତ ବ୍ରୋଞ୍ଜ ପଦକ ଜିତିଥିଲା। ତେଣୁ ଆଗାମୀ ମ୍ୟାଚରେ ଜର୍ମାନୀକୁ ହରାଇ ଫାଇନାଲରେ ପ୍ରବେଶ ସହ କ୍ରମାଗତ ଅଲିମ୍ପିକ୍ସରେ ପଦକ ନିଶ୍ଚିତ କରିବା ଲକ୍ଷ୍ୟରେ ରହିଛି ଭାରତ। ହକିରୁ ରୌପ୍ୟ ପଦକ ଜିତିଥିଲା। ପ୍ୟାରିସ ଅଲିମ୍ପିକ୍ସର ଅନ୍ୟ ଏକ ସେମିଫାଇନାଲ ନେଦରଲାଣ୍ଡ୍ସ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ହେବ।

ଗ୍ରେଟ୍ ବ୍ରିଟେନ ବିପକ୍ଷ କ୍ୱାର୍ଟର ଫାଇନାଲରେ ଅମିତ ରୋହିଦାସ ରେଡ୍ କାର୍ଡ ପାଇବାପରେ ଭାରତ ୪୦ ମିନିଟରୁ ଊର୍ଦ୍ଧ୍ୱ ୧୦ ଜଣରେ ଖେଳିଥିଲେ ମଧ୍ୟ ଉତ୍ସାହୀ ପ୍ରଦର୍ଶନ ଦେଇଥିଲା।



ବ୍ରିଟେନ ବିପକ୍ଷ ଶୁଟ୍ ଆଉଟ ପର୍ଯ୍ୟାୟରେ ଭାରତର ପି.ଆର. ଶ୍ରୀଜେଶ।

୮ ଥର ଅଲିମ୍ପିକ୍ସ ଚାମ୍ପିୟନ ଭାରତ ଶେଷଥର ପାଇଁ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏବେ ପ୍ୟାରିସରେ ସେହି ଗୌରବ ଫେରିପାଇବା ପାଇଁ ଭାରତ ନିକଟରେ ସୁଯୋଗ ରହିଛି। ସେମିଫାଇନାଲରେ ବିଜୟୀ ହେଲେ ଅତିକମ୍‌ରେ ରୌପ୍ୟ ପଦକ ହାସଲ ନିଶ୍ଚିତ ହୋଇଯିବ। ଶେଷଥର ପାଇଁ ଭାରତ ୧୯୬୦ ରୋମ୍ ଅଲିମ୍ପିକ୍ସରେ ପୁରୁଷ ହରମନପ୍ରୀତ୍ ସିଂଙ୍କ ନେତୃତ୍ୱାଧୀନ ଦଳ ବ୍ରିଟେନ ବିପକ୍ଷ ମ୍ୟାଚକୁ ନିର୍ଦ୍ଧାରିତ ସମୟରେ ୧-୧ରେ ରଖିବାପରେ ଶୁଟ୍‌ଆଉଟରେ ଭେଟେରାନ ଗୋଲକିପର ପି.ଆର. ଶ୍ରୀଜେଶଙ୍କ ଚମତ୍କାରିତା ବଳରେ ୪-୨ ଗୋଲରେ ବିଜୟୀ ହୋଇଥିଲା। କ୍ୟାରିୟରର ଶେଷ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳୁଥିବା ଶ୍ରୀଜେଶ ସମ୍ଭବତଃ ନିଜର ଶ୍ରେଷ୍ଠ ପ୍ରଦର୍ଶନ ସଞ୍ଚୟ କରି ରଖିଥିଲେ। ଶୁଟ୍‌ଆଉଟ ପର୍ଯ୍ୟାୟରେ ସେ ବୀରୋଚିତ ପ୍ରଦର୍ଶନ କରି ଭାରତକୁ କ୍ରମାଗତ ଦ୍ୱିତୀୟ ଥର ଅଲିମ୍ପିକ୍ସର ସେମିଫାଇନାଲରେ ପହଞ୍ଚାଇଲେ। ଜର୍ମାନୀ ବିପକ୍ଷ ମ୍ୟାଚରେ ବିଜୟ ଭାରତ ପାଇଁ କେବଳ ପଦକର ରଙ୍ଗ ପରିବର୍ତ୍ତନରେ ସହାୟକ ହେବନାହିଁ ଶ୍ରୀଜେଶଙ୍କୁ ଉପଯୁକ୍ତ ବିଦାୟକାଳୀନ ଭେଟିପାଇଁ ମଧ୍ୟ କ୍ଷେତ୍ର ପ୍ରସ୍ତୁତ ହେବ। 'ଦି ଗ୍ରେଟ୍ ୱାଲ୍ ଅଫ୍ ଇଣ୍ଡିଆନ ହକି' ଭାବେ ପରିଚିତ ଶ୍ରୀଜେଶ ଭାରତୀୟ ଗୋଲପୋଷ୍ଟ ସମ୍ମୁଖରେ ଜଣେ ସାହସୀ ଯୋଦ୍ଧାଭାବେ ଦଣ୍ଡାୟମାନ। ଶେଷ ଟୁର୍ନାମେଣ୍ଟ ହୋଇଥିବାରୁ ଅଲିମ୍ପିକ୍ସର ପ୍ରତ୍ୟେକ ମ୍ୟାଚକୁ ସେ ମନଭରି ଉପଭୋଗ କରୁଛନ୍ତି। ବ୍ରିଟେନ ବିପକ୍ଷ ମ୍ୟାଚରେ ଶ୍ରୀଜେଶ ୧୦ରୁ ଊର୍ଦ୍ଧ୍ୱ ଫିଲ୍ଡ ଶୁଟ୍‌କୁ ସେଭ୍ କରିଥିଲେ। କେବଳ ସେତିକି ନୁହେଁ ୧୦ ପେନାଲ୍ଟି କର୍ନର ଶୁଟ୍‌କୁ ମଧ୍ୟ ଦକ୍ଷତାର ସହ ପ୍ରତିହତ କରିଥିଲେ।

ସେମିଫାଇନାଲରେ ଅମିତ ରୋହିଦାସଙ୍କ ଅନୁପସ୍ଥିତି ଭାରତୀୟ ରକ୍ଷଣଭାଗ ଦୁର୍ବଳ ରହିବ। ପେନାଲ୍ଟି କର୍ନର ପାଇଁ ପର୍ଯ୍ୟାପ୍ତ ବିକଳ୍ପ ମଧ୍ୟ ନାହିଁ। ଏ କ୍ଷେତ୍ରରେ ଅଧିନାୟକ ହରମନପ୍ରୀତ୍ ସିଂଙ୍କ ଉପରେ ସମସ୍ତ ଭାର ନ୍ୟସ୍ତ ରହିବ। ବିଶ୍ୱ ର୍‌ୟାଙ୍କିଂ ଏବଂ ନିକଟ ଅତୀତର ପ୍ରଦର୍ଶନକୁ ଦେଖିଲେ ଭାରତ ଓ ଜର୍ମାନୀ ମଧ୍ୟରେ ସେମିତି କିଛି ବଡ଼ ଧରଣର ଫରକ ନାହିଁ। ଜର୍ମାନୀ ଏବେ ବିଶ୍ୱ ର୍‌ୟାଙ୍କିଂର ୨ୟ ଏବଂ ଭାରତ ୫ମ ସ୍ଥାନରେ ରହିଛି। କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନାକୁ ୩-୨ରେ ହରାଇଥିବା ଜର୍ମାନୀ ସେମିଫାଇନାଲରେ ଭାରତର କଷ୍ଟସାଧ ପ୍ରତିଦ୍ୱନ୍ଦ୍ୱୀ। ଟୋକିଓ ଅଲିମ୍ପିକ୍ସରେ ଏହି ଜର୍ମାନୀକୁ ୫-୪ରେ ହରାଇ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା।

## ଅମିତ ଗୋଟିଏ ମ୍ୟାଚ୍‌ରୁ ସସ୍‌ପେଣ୍ଡ

ଭାରତର ପ୍ରମୁଖ ଡିଫେଣ୍ଡର ତଥା ପ୍ରଥମ ରଣର ଅମିତ ରୋହିଦାସ ଗୋଟିଏ ମ୍ୟାଚରୁ ସସ୍‌ପେଣ୍ଡ ହୋଇଛନ୍ତି। ଫଳରେ ସେ ଚଳିତ ଅଲିମ୍ପିକ୍ସର ଜର୍ମାନୀ ବିପକ୍ଷ ପୁରୁଷ ହକି ସେମିଫାଇନାଲ ଖେଳିପାରିବେ ନାହିଁ। ଗ୍ରେଟ୍ ବ୍ରିଟେନ ବିପକ୍ଷ କ୍ୱାର୍ଟର ଫାଇନାଲର ୧୭ଶ ମିନିଟରେ ବିପକ୍ଷ ଦଳର ଖେଳାଳିଙ୍କୁ ଆଘାତ ପହଞ୍ଚାଇବା ଅଭିଯୋଗରେ ତାଙ୍କୁ ରେଡ୍‌କାର୍ଡ ମିଳିଥିଲା। ସସ୍‌ପେଣ୍ଡ ବିରୋଧରେ ହକି ଇଣ୍ଡିଆ ପକ୍ଷରୁ ଆବେଦନ କରାଯାଇଥିଲେ ହେଁ ତାହା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍)ର ଜୁରି ବେଞ୍ଚ ଖାରଜ କରି ଦେଇଛି। ତେଣୁ ୮ ଥର ଅଲିମ୍ପିକ୍ ଚାମ୍ପିୟନ ଭାରତ



ପାଇଁ ସେମିଫାଇନାଲ ପରି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ କେବଳ ୧୫ ଜଣିଆ ଖେଳାଳି ଉପଲବ୍ଧ ରହିବେ। ଅମିତଙ୍କୁ ଗୋଟିଏ ମ୍ୟାଚରୁ ସସ୍‌ପେଣ୍ଡ କରାଯାଇଥିବା ଏଫ୍ଆଇଏଚ୍ ପକ୍ଷରୁ ଏକ ବିବୃତିରେ ସ୍ପଷ୍ଟ କରାଯାଇଛି। ଗତ ରବିବାର ଅନୁଷ୍ଠିତ ମ୍ୟାଚରେ ପଡ଼ିଆ ମଝିରେ ବଲ୍ ପାଇଁ ସଂଘର୍ଷ ସମୟରେ ଅମିତଙ୍କ ଷ୍ଟିକ୍ ଅଜାଣତରେ ବ୍ରିଟେନର ୱିଲ୍ କାଲନାନଙ୍କ ମୁହଁରେ ବାଜିଥିଲା। ଫଳରେ ତାଙ୍କୁ ମାର୍ଚିଂ ଅର୍ଡର ମିଳିଥିଲା ଏବଂ ପାଖାପାଖି ୪୦ ମିନିଟ ଭାରତ ୧୦ ଜଣିଆରେ ଖେଳିଥିଲା। ଅନ୍-ଫିଲ୍ଡ ଅମ୍ପାୟର ଏହାକୁ ବିଶେଷ ଗୁରୁତ୍ୱର ସହ ନେଇ ନ ଥିଲେ ହେଁ ଭିଡିଓ ରେଫରାଲ ପରେ ଟିଭି ଅମ୍ପାୟର ନିଷ୍ପତ୍ତିରେ ପରିବର୍ତ୍ତନ କରି ରେଡ୍‌କାର୍ଡ ଦେବାକୁ ପରାମର୍ଶ ଦେଇଥିଲେ। ୧୦ ଜଣରେ ଖେଳିଥିଲେ ମଧ୍ୟ ଭାରତ ବ୍ରିଟେନକୁ କଡ଼ା ଚ୍ୟାଲେଞ୍ଜ ଦେଇ ନିର୍ଦ୍ଧାରିତ ସମୟ ଖେଳକୁ ୧-୧ରେ ବରାବର ରଖିଥିଲା ଏବଂ ଶୁଟ୍‌ଆଉଟରେ ୪-୨ରେ ବିଜୟୀ ହୋଇଥିଲା।

## ବାଂଲାଦେଶ ପରିସ୍ଥିତି ଉପରେ ନଜର ରଖିଛି ଆଇସିସି

**ନୂଆଦିଲ୍ଲୀ, ୫।୮ (ପି.ଟି.):** ବାଂଲାଦେଶରେ ଦେଖାଯାଇଥିବା ଅରାଜକତା ପରିସ୍ଥିତି ଉପରେ ନଜର ରଖିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଆସନ୍ତା ଅକ୍ଟୋବରରେ ବାଂଲାଦେଶରେ ମହିଳା ଟି୨୦ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଦେଶର ପ୍ରଧାନମନ୍ତ୍ରୀ ଶେଖ ହାସିନା ଇତିମଧ୍ୟରେ ତାଙ୍କ ପଦବୀରୁ ଇସ୍ତଫା ଦେବା ସହ ବିଦେଶ ପଳାୟନ କରିଛନ୍ତି। ମହିଳା ଟି୨୦ ବିଶ୍ୱକପ୍ ଅକ୍ଟୋବର ୩ରୁ ୨୦ ପର୍ଯ୍ୟନ୍ତ ହେବ। ବାଂଲାଦେଶରେ ଏକ କାମଚଳା ସରକାର ଦାୟିତ୍ୱ ଗ୍ରହଣ କରିବ ବୋଲି ଦେଶର ସେନାବାହିନୀ ମୁଖ୍ୟ ୱାକାର-ଉଜ୍ ଜମାନ ସୋମବାର ଢାକାରେ ଘୋଷଣା କରିଛନ୍ତି। ସଂରକ୍ଷଣକୁ ନେଇ ଦେଶରେ ହାସିନା ସରକାରଙ୍କ ବିରୋଧରେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଇତିମଧ୍ୟରେ ପ୍ରାୟ ୧୦୦ ଜଣଙ୍କର ପ୍ରାଣହାନି ଘଟିଥିବା କୁହାଯାଉଛି।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୨୧ | ୧୭ | ୧୪ | ୫୨ |
| ଆମେରିକା | ୧୯ | ୨୯ | ୨୭ | ୭୫ |
| ଅଷ୍ଟ୍ରେଲିଆ | ୧୩ | ୧୧ | ୮ | ୩୨ |
| ଫ୍ରାନ୍ସ | ୧୨ | ୧୫ | ୧୮ | ୪୫ |
| ଦ.କୋରିଆ | ୧୧ | ୮ | ୭ | ୨୬ |
| ବ୍ରିଟେନ | ୧୦ | ୧୩ | ୧୭ | ୪୦ |
| ଜାପାନ | ୧୦ | ୫ | ୧୧ | ୨୬ |
| ଇଟାଲୀ | ୯ | ୧୦ | ୬ | ୨୫ |
| ନେଦରଲାଣ୍ଡ୍ସ | ୬ | ୫ | ୪ | ୧୫ |
| ଜର୍ମାନୀ | ୬ | ୫ | ୩ | ୧୪ |
| କାନାଡା | ୫ | ୪ | ୮ | ୧୭ |
| ନ୍ୟୁଜିଲାଣ୍ଡ | ୩ | ୪ | ୧ | ୮ |
| ରୋମାନିଆ | ୩ | ୩ | ୧ | ୭ |
| ଆୟର୍ଲାଣ୍ଡ | ୩ | ୦ | ୩ | ୬ |
| ବ୍ରାଜିଲ୍ | ୨ | ୪ | ୫ | ୧୧ |
| ସୁଇଡେନ୍ | ୨ | ୩ | ୨ | ୮ |
| ୟୁକ୍ରେନ୍ | ୨ | ୨ | ୩ | ୭ |
| କ୍ରୋଏସିଆ | ୨ | ୧ | ୧ | ୪ |
| ବେଲଜିୟମ | ୨ | ୦ | ୩ | ୫ |
| ହଂକଂ | ୨ | ୦ | ୨ | ୪ |
| ଭାରତ | ୦ | ୦ | ୩ | ୩ |

(ରାତି ୧୦ଟା ସୁଦ୍ଧା)

# ସୋମେନ ଷ୍ଟ୍ରଙ୍ଗ ମ୍ୟାନ୍, ଅନୁପମା ଷ୍ଟ୍ରଙ୍ଗ ଓମ୍ୟାନ୍




ରାଜ୍ୟ କ୍ଲବ ଶକ୍ତିଉତ୍ତୋଳନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୫।୮ (ବିଜୟ ରଣା)**

**ରାଜ୍ୟ କ୍ଲବ ଶକ୍ତି ଉତ୍ତୋଳନ**

ଓଡ଼ିଶା ରାଜ୍ୟ ଦ୍ୱିତୀୟ କ୍ଲବ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ସୋମବାର ଶେଷ ହୋଇଛି। ଏଥିରେ ଉତ୍କଳ କରାଟେ ସ୍କୁଲ ଜିମ୍ ୨୦ଟି ସ୍ୱର୍ଣ୍ଣ ପଦକ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଉରକେଲାର ଡି. ଜିମ୍ ୫ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଏବଂ ଭୁବନେଶ୍ୱରର ଲିଜେଣ୍ଡ ଜିମ୍ ୩ ସ୍ୱର୍ଣ୍ଣ ସହ ୩ୟ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ବିଭାଗରେ ବାଲୁଗାଁ (ଖୋର୍ଦ୍ଧା)ର କଟୋସ ଜିମ୍‌ର ସୋମେନ ସେନାପତି ୫୬୫ କେଜି ଉଠାଇ ଷ୍ଟ୍ରଙ୍ଗମ୍ୟାନ ଏବଂ ଉତ୍କଳ କରାଟେ ସ୍କୁଲର ଅନୁପମା ସ୍ୱାଇଁ ୩୨୨.୫ କେଜି ଉଠାଇ ଷ୍ଟ୍ରଙ୍ଗ ଓମେନ ବିବେଚିତ ହୋଇଛନ୍ତି। ଉଭୟେ ପୁରସ୍କାର ବାବଦରେ ୧୦,୦୦୦ ଟଙ୍କା ଲେଖାଏ ପୁରସ୍କାର ଲାଭ କରିଛନ୍ତି। ପୁରୁଷ ବିଭାଗ ସ୍କ୍ୱାଟରେ ମ୍ୟୁନିସିପାଲ ଜିମ୍ କୋରାପୁଟର ରୋହିତ ପାତ୍ର ୨୫୦ କେଜି ଉଠାଇ ପ୍ରଥମ ହୋଇଥିଲେ। ଉତ୍କଳ କରାଟେ ଜିମ୍‌ର ଜ୍ୟୋତି ରଞ୍ଜନ ବିଶ୍ୱାଳ ଡେଡ୍‌ଲିଫ୍ଟରେ ୨୭୨.୫ କେଜି ଉଠାଇ ପ୍ରଥମ ହୋଇଥିବା ବେଳେ କଟକ କ୍ଲବ ୱାନ ପର୍ସେଣ୍ଟ ଜିମ୍‌ର ଅଭିଷେକ ମହାନ୍ତି ବ୍ରେଞ୍ଚ ପ୍ରେସ୍‌ରେ ୧୬୨.୫ କେଜି ଉଠାଇ ପ୍ରଥମ ସ୍ଥାନ ଅଧିକାର କରି ଆର୍ଥିକ ପୁରସ୍କାର ଲାଭ କରିଥିଲେ। ଅନ୍ୟପକ୍ଷରେ ମହିଳା ସ୍କ୍ୱାଟରେ ଡି. ଜିମ୍ ରାଉରକେଲାର ଆକାଂକ୍ଷା ପରିଡା (୧୭୫ କେଜି), ବ୍ରେଞ୍ଚପ୍ରେସ୍‌ରେ ଉତ୍କଳ କରାଟେ ସ୍କୁଲ ଜିମ୍‌ର ଅନୀତା ବେହେରା (୮୭.୫କେଜି), ଡେଡ୍‌ଲିଫ୍ଟରେ ଉତ୍କଳ କରାଟେ ସ୍କୁଲର ଦିବ୍ୟଲେଖା ମିଶ୍ର (୧୮୨.୫କେଜି) ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରତ୍ୟେକ ସର୍ବାଧିକ ଲିଫ୍ଟ ପାଇଁ ପ୍ରତ୍ୟେକଙ୍କୁ ୫,୦୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଏବଂ ଭୁବନେଶ୍ୱର ବିଡିଓ ସାଗର ପାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘର ସମ୍ପାଦକ ଡ.ହରିପ୍ରସାଦ ପଟ୍ଟନାୟକ,ଉପ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଏବଂ ଡ. ଗୌରହରି ମହାନ୍ତି ପ୍ରମୁଖ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଥର୍ପଙ୍କ ପରଲୋକ

**ଲଣ୍ଡନ, ୫।୮ (ପି.ଟି.):** ଇଂଲଣ୍ଡ ଓ ସରେର ପୂର୍ବତନ ବ୍ୟାଟର ଗ୍ରାହାମ ଥର୍ପଙ୍କ ୫୫ ବର୍ଷ ବୟସରେ ପରଲୋକ ଘଟିଛି। ସେ ୨୦୨୨ରୁ ଗୁରୁତର ଅସୁସ୍ଥ ଥିବା ଦେଶର କ୍ରିକେଟ ବୋର୍ଡ (ଇସିବି) ସୋମବାର ପ୍ରକାଶ କରିଛି। ଥର୍ପ ତାଙ୍କ ପିଢ଼ିର ଜଣେ ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ବିବେଚିତ ହେଉଥିଲେ। ୨୦୨୨ରେ ଆଫଗାନିସ୍ତାନର କୋଚ୍ ଭାବେ ମନୋନୀତ ହେବାର କିଛି ସମୟ ପରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ତାଙ୍କ ସ୍ତ୍ରୀ ଆମାଣ୍ଡା ଏବଂ ୪ ପିଲା ହେନ୍‌ରୀ, ଆମେଲିଆ, କିଟି ଓ ଏମାଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଥର୍ପଙ୍କ ଦେହାନ୍ତ ଖବରକୁ ଶେୟାର କରିଥିବା ଇସିବି କିନ୍ତୁ କ୍ରିକେଟରଙ୍କ ମୃତ୍ୟୁର କାରଣ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ଥର୍ପ ୧୯୯୩ରେ ଏକ ଆଶେସ ଶତକ ସହ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ୧୯୯୫ ଫେବୃଆରୀ ରିଟର୍ନ ଟୁର୍ ବେଳେ ପର୍ଥରେ ସେ ପୁନର୍ବାର ଏହି ସଫଳତା ଦୋହରାଇଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ